# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୯/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, August 9/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 255 | ମୂଲ୍ୟ ₹୭/-



DSPL-177

ଓଡ଼ିଶା ସରକାର

5T

ମୋ ଜଙ୍ଗଲ ଜମି

## ଅନ୍ତର୍ଜାତୀୟ ଦେଶଜ ଅଧିବାସୀ ଦିବସ

### ସଫଳତା

- ଭୂମି ଅଧିକାର – ୪.୫ ଲକ୍ଷ ପରିବାରଙ୍କୁ ୬.୭ ଲକ୍ଷ ଏକର ଜମି ଉପରେ ଅଧିକାର ପ୍ରଦାନ
- ଗୋଷ୍ଠୀଗତ ଜଙ୍ଗଲ ଅଧିକାର – ୭୮୧୩ ସତ୍ତ୍ୱ ଆବଣ୍ଟିତ
- ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ ସର୍ଭେ ହୋଇନଥିବା / ଜଙ୍ଗଲ ଗ୍ରାମର ସଂଖ୍ୟା – ୫୩
- ୩.୫ ଲକ୍ଷ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପାଇଥିବା ଜନଜାତି ପରିବାର ବିଭିନ୍ନ ଜୀବନ ଜୀବିକା ନିଶ୍ଚିତ ଯୋଜନାରେ ଅନ୍ତର୍ଭୁକ୍ତ
- ୩.୫ ଲକ୍ଷ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସତ୍ତ୍ୱ ସରକାରୀ ରେକର୍ଡରେ ସଂଶୋଧିତ

ଜଙ୍ଗଲ ଅଧିକାର ଆଇନକୁ ପରିଚାଳନା କରିବାରେ ଭାରତ ବର୍ଷରେ ଓଡ଼ିଶା ହେଉଛି ଏକ ଆଗଧାଡ଼ିର ରାଜ୍ୟ



# ମୋ ଜଙ୍ଗଲ ଜମି ଯୋଜନା
## ଲୋକାର୍ପଣ

ଜମି, ଜଙ୍ଗଲ ଓ ପ୍ରକୃତି ସହ ଜନଜାତିଙ୍କ ଆବେଗିକ ତଥା ସାଂସ୍କୃତିକ ସମ୍ପର୍କ ରହିଆସିଛି ।
ଜନଜାତିଙ୍କ ସାଂସ୍କୃତିକ ପରିଚୟକୁ ବଜାୟ ରଖି ଜଙ୍ଗଲ ସମ୍ପଦର ସୁରକ୍ଷା ଓ ସୁପରିଚାଳନା ମୋ ସରକାରର ପ୍ରାଥମିକ ଦାୟିତ୍ୱ

### ପ୍ରମୁଖ ଉଦ୍ଦେଶ୍ୟ

- ଜନଜାତି ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା
- ସମସ୍ତ ଯୋଗ୍ୟ ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଜଙ୍ଗଲ ଅଧିକାରକୁ ସୁନିଶ୍ଚିତ କରିବା
- ଜଙ୍ଗଲର ଜୈବ ବିବିଧତାର ସଂରକ୍ଷଣ
- ଜଳବାୟୁର ପରିବର୍ତ୍ତନ ହ୍ରାସ ନିମନ୍ତେ ପଦକ୍ଷେପ
- ଜୀବନ ଜୀବିକା ପ୍ରଣାଳୀରେ ସ୍ଥାୟିତ୍ୱ ରକ୍ଷା
- ସର୍ଭେ ହୋଇନଥିବା / ଜଙ୍ଗଲ ଗ୍ରାମଗୁଡିକକୁ ରାଜସ୍ୱ ଗ୍ରାମର ମାନ୍ୟତା

**୯ ଅଗଷ୍ଟ ୨୦୨୩, ଅପରାହ୍ନ ୫ ଟା ୩୦**
ତୃତୀୟ ମହଲା, ସମ୍ମିଳନୀ କକ୍ଷ, ଲୋକସେବା ଭବନ, ଭୁବନେଶ୍ୱର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

OIPR-26053/13/0007/2324

# उद्घाटन समारोह



# झारखण्ड आदिवासी महोत्सव 2023

समृद्ध **आदिवासी जीवन दर्शन** की झलकियां

## मुख्य आकर्षण

- **जनजातीय इतिहास, साहित्य, मानवशास्त्र आदि पर संगोष्ठियां**
  आदिवासी अर्थव्यवस्था, आदिवासी इतिहास, आदिवासी ज्ञान और मानवविज्ञान, आदिवासी साहित्य

- **सांस्कृतिक कार्यक्रम**
  आंध्र प्रदेश का कोम्मु कोया नृत्य
  ओडिशा का परोजा नृत्य
  राजस्थानी वालार नृत्य
  केरल का पालियन नृत्य
  सरायकेला का छऊ नृत्य
  नागपुरी लोक नृत्य
  पाइका नृत्य
  उरांव समुदाय का लोक नृत्य
  गोंड आदिवासी समुदाय का किहो नृत्य
  कर्नाटक का दमनी लोक नृत्य
  अरुणाचल प्रदेश का रेखम पड़ा नृत्य
  असम का का लेवा टाना एवं बिहू नृत्य
  गुजरात का सिद्धी धमाल नृत्य

- **राष्ट्रीय आदिवासी चित्रकला शिविर**
  गोंड पेंटिंग, वारली पेंटिंग, सउरा पेंटिंग और झारखण्ड की समकालीन पेंटिंग

- **आदिवासी फिल्म महोत्सव**
  कैमरा से कविताई

- **परिधान फैशन शो**
  आदिवासी परिधान का प्रदर्शन

- **खान-पान**
  आदिवासी व्यंजन

**मुख्य अतिथि**
**श्री शिबू सोरेन**
माननीय **अध्यक्ष, राज्य समन्वय समिति**
सह **सांसद, राज्यसभा**

**अध्यक्षता**
**श्री हेमन्त सोरेन**
माननीय **मुख्यमंत्री, झारखण्ड**



9 अगस्त 2023
समय: अपराह्न 12:00 बजे से
**बिरसा मुण्डा स्मृति उद्यान, रांची**

सूचना एवं जनसंपर्क विभाग, झारखण्ड सरकार

PR-304307 (IPRD) 2023-24

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୯/୨୦୨୩ | Bhubaneswar, Wednesday, August 9/2023 | ପୃଷ୍ଠା-୧




**ହର୍ମାନ ଜୁନିୟର ହକି ଦଳର କୋଚ୍**

ହର୍ମାନ କ୍ରୁଇଜ୍‌ଙ୍କୁ ଜାତୀୟ ଜୁନିୟର ପୁରୁଷ ଓ ମହିଳା ଦଳର କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି।

୧୨

୧୦

**‘ଡନ୍-୩’ରେ ରଣବୀରଙ୍କ ଏଣ୍ଟ୍ରିକୁ ନେଇ ଚର୍ଚ୍ଚା**

‘ଡନ୍-୩’ରେ ଅଭିନେତା ଶାହାରୁଖ ଖାନ୍‌ଙ୍କ ବଦଳରେ ରଣବୀର ସିଂଙ୍କୁ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି।





ଓଡ଼ିଶା ହାଇକୋର୍ଟ ପରିସରରେ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜଷ୍ଟିସ୍ ଶୁଭାଶିଷ ତାଳପତ୍ରଙ୍କୁ ମୁଖ୍ୟ ବିଚାରପତି ଭାବେ ଶପଥ ପାଠ କରାଉଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି) (ରିପୋର୍ଟ: ପୃଷ୍ଠା-୨)**

# ସ୍କୁଲରେ ଆଧାର ବାଧ୍ୟତାମୂଳକ ନୁହେଁ

**ଭୁବନେଶ୍ୱର,୮।୮(ଅନୁରାଧା ମହାରଣା)**

ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଚଳିତ ଶିକ୍ଷାବର୍ଷ ପାଇଁ ନାମଲେଖା ଜାରି ରହିଛି। କେତେକ ସ୍କୁଲରେ ନାମଲେଖା ସମୟରେ ଅଭିଭାବକଙ୍କୁ ପ୍ରଧାନଶିକ୍ଷକ ଆଧାରକାର୍ଡ ମାଗୁଥିବା ନଜରକୁ ଆସିଛି। ଏବେ ନାମଲେଖା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ। ଆଧାରକାର୍ଡ ବିନା ନାମଲେଖା ହୋଇପାରିବ ବୋଲି ବିଭାଗୀୟ ସଚିବ ଅଶ୍ୱଥି ଏସ୍ ମଙ୍ଗଳବାର ସବୁ ଜିଲାର ଶିକ୍ଷାଧିକାରୀଙ୍କୁ ଚିଠି କରିଛନ୍ତି। ନାମଲେଖା ପରେ ଛାତ୍ରୀଛାତ୍ର ଆଧାରକାର୍ଡ ପ୍ରସ୍ତୁତ କରି ଜମା କରିପାରିବେ। ଏ ସମ୍ପର୍କିତ ନିର୍ଦ୍ଦେଶ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜଣାଇ ଦେବା ସହ ଯେପରି କେହି ଏହାର ଉଲ୍ଲଂଘନ ନ କରନ୍ତି ସେନେଇ ସ୍ପଷ୍ଟ କରିବାକୁ ନିର୍ଦ୍ଦେଶ ରହିଛି।

ସଚିବ ଚିଠିରେ ଲେଖିଛନ୍ତି, ନାମଲେଖା ପାଇଁ ଆଧାରକାର୍ଡ ବାଧ୍ୟତାମୂଳକ କରାଯାଇ ପାରିବ ନାହିଁ। ପରବର୍ତ୍ତୀ ସମୟରେ ଛାତ୍ରୀଛାତ୍ର ଜିଲାର ଅଧିକାରୀଙ୍କ ସହ ଯୋଗାଯୋଗ କରି ଆଧାର କାର୍ଡ କରିପାରିବେ। ବିଦ୍ୟାଳୟରେ ସୁରୁଖୁରୁରେ ନାମଲେଖା ପାଇଁ ଏବାବଦରେ ପ୍ରଧାନଶିକ୍ଷକମାନଙ୍କୁ ଅବଗତ କରିବାକୁ ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। ଏନେଇ ଓଡ଼ିଶା ଅଭିଭାବକ ସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ କହିବାନୁସାରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଏହା ସର୍ବକାଳୀନ ଲାଗୁ ହେବା ଉଚିତ। କିଛିଦିନ କାର୍ଯ୍ୟକାରୀ ହେବା ପରେ ନିୟମ ପରିବର୍ତ୍ତନ କରାଗଲେ ଏହା ମୂଲ୍ୟହୀନ ହୋଇଯିବ। ତେବେ ନାମଲେଖା ସମୟରେ ଆଧାରକାର୍ଡ ନ ଦେଲେ ମଧ୍ୟ ପରବର୍ତ୍ତୀ ସମୟରେ ଆଧାରକାର୍ଡ ତଥ୍ୟ ଯେପରି ପିଲାମାନେ ଦେବେ ସେ ଦିଗରେ ଦୃଷ୍ଟିଦେବାର ଆବଶ୍ୟକତା ରହିଛି। ନଚେତ୍ ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ଯୋଜନାରେ ଛାତ୍ରୀଛାତ୍ରଙ୍କ ଠିକ୍ ତଥ୍ୟ ପାଇବାରେ ସମସ୍ୟା ସୃଷ୍ଟି ହୋଇପାରେ। ଭଟ୍ଟ କହିଛନ୍ତି ବର୍ତ୍ତମାନ ପ୍ରାୟ ସବୁ ପିଲାଙ୍କ ପାଖରେ ଆଧାରକାର୍ଡ ଉପଲବ୍ଧ ଅଛି। ପୂର୍ବରୁ ଏହି ନିୟମ ଲାଗୁ କରାଯାଇଥିଲେ ନାମଲେଖାରେ ☞ପୃଷ୍ଠା-୨

# ତେଜିଲା ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ ବହିଷ୍କାର ଦାବି

**ନୂଆଦିଲ୍ଲୀ,୮।୮(ପି.ଟି.)**

ଭାଜପା ଶାସିତ ମଣିପୁରରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜାତିଆଣ ଓ ଯୌନ ହିଂସା ଚାଲିଛି। ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୧୭୦ରୁ ଅଧିକ ଲୋକ ନିହତ ହେଲେଣି। ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂ ଚୁପ୍ ବସିଛନ୍ତି। ଯେତେ କହିଲେ ବି ନିଜ ଅପାରଗତା ପାଇଁ ଇସ୍ତଫା ଦେଉନାହାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମଣିପୁର ଯାଉନାହାନ୍ତି କି ଏହି ଅତି ସମ୍ବେଦନଶୀଳ ପ୍ରସଙ୍ଗ ତଥା ଜାତୀୟ ଲଜ୍ଜା ଉପରେ ମୁହଁ ଖୋଲୁନାହାନ୍ତି। ସରକାର ଦେଶବାସୀଙ୍କ ଅବିଶ୍ୱାସର ସଙ୍କଟ ଦେଇ ଗତି କରୁଥିବାବେଳେ ୨୬ ବିରୋଧୀ ଦଳକୁ ନେଇ ଗଠିତ ☞ପୃଷ୍ଠା-୨

## ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଆଲୋଚନା

- ପ୍ରଧାନମନ୍ତ୍ରୀଙ୍କ ମଉନବ୍ରତ ଭାଙ୍ଗିବା ପାଇଁ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବାଧ ହୋଇଛୁ: କଂଗ୍ରେସ
- ମୋଦି ଦେଶର ସଂଘୀୟ ବ୍ୟବସ୍ଥାକୁ ଧ୍ୱଂସ କରୁଛନ୍ତି: ଟିଏମ୍‌ସି
- ଅନାସ୍ଥା ଆଣିଥିବାରୁ ପଶ୍ଚାତାପ କରିବେ ବିରୋଧୀ: ଭାଜପା

“ବୈଷମ୍ୟ ବିରୋଧୀ ଆନ୍ଦୋଳନର ଅଗ୍ରଦୂତ ତଥା ଆମେରିକାର ପୂର୍ବତନ ମନ୍ତ୍ରୀ ମାର୍ଟିନ ଲୁଥର କିଙ୍ଗ୍ ଜୁନିୟର କହିଥିଲେ, କୌଣସି ସ୍ଥାନରେ ଅନ୍ୟାୟ ଥିଲେ ତାହା ସର୍ବତ୍ର ନ୍ୟାୟ ପ୍ରତି ବିପଦ ସାଜିଥାଏ। ଯଦି ମଣିପୁର ଜଳୁଛି ତେବେ ସାରା ଭାରତ ଜଳୁଛି। ଯଦି ମଣିପୁର ବିଭାଜିତ ତେବେ ସାରା ଦେଶ ବିଭାଜିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୌନବ୍ରତ ଭଙ୍ଗକରି ଗୃହକୁ ଆସନ୍ତୁ। ମଣିପୁର ହିଂସା ଉପରେ ମୁହଁ ଖୋଲନ୍ତୁ। ପ୍ରଧାନମନ୍ତ୍ରୀଙ୍କ ନୀରବତା ଭଙ୍ଗ ପାଇଁ ଆମେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବାଧ ହୋଇଛୁ।

**- ଗୌରବ ଗୋଗୋଇ, ଲୋକ ସଭାରେ କଂଗ୍ରେସ ଉପନେତା**

## କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଲେ ପିନାକୀ

**ନୂଆଦିଲ୍ଲୀ,୮।୮(ପି.ଟି./କୁଳଦୀପ ସିଂ)**

କଂଗ୍ରେସ ପକ୍ଷରୁ ମୋଦି ସରକାର ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ମଙ୍ଗଳବାର ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି) ବିରୋଧ କରିଛି। କଂଗ୍ରେସ ବିରୋଧରେ ବିଜେଡିର ମୂଳଦୁଆ ପଡ଼ିଥିଲା। ଏହି ଦଳ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ଆମେ ସମର୍ଥନ କରିପାରିବୁ ନାହିଁ ବୋଲି ବିଜେଡି ସ୍ପଷ୍ଟ କରିଛି। ଲୋକ ସଭାରେ ବିତର୍କ ବେଳେ ବିଜେଡି ସଦସ୍ୟ ପିନାକୀ ମିଶ୍ର କହିଥିଲେ, ଓଡ଼ିଶାରେ ☞ପୃଷ୍ଠା-୨

# ତୁଟିଲା ବନକଲାଗି ବିବାଦ

- ଦେଢ଼ ମାସ ପରେ ଆଜି ନୀତି ହେବ
- ସନ୍ଧ୍ୟା ୬ରୁ ରାତି ୧୧ଟା ଯାଏ ସର୍ବସାଧାରଣ ଦର୍ଶନ ବନ୍ଦ

**ପୁରୀ,୮।୮(ଅଜିତ ମହାନ୍ତି)**

ଦୀର୍ଘ ଦେଢ଼ ମାସ ଧରି ମହାପ୍ରଭୁଙ୍କ ବନକଲାଗି ହେବାକୁ ନେଇ ଲାଗିରହିଥିବା ବିବାଦ ଶେଷରେ ମଙ୍ଗଳବାର ସମାଧାନ ହୋଇଛି। ତେବେ ଶ୍ରୀବିଗ୍ରହମାନଙ୍କ ବୁଧବାର ବନକଲାଗି ନୀତି ହେବାକୁ ଯାଉଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଅପରପକ୍ଷେ ମହାପ୍ରଭୁଙ୍କ ବନକଲାଗି ନୀତି କରୁଥିବା ଦତ୍ତ ମହାପାତ୍ର ସେବକମାନେ ମଧ୍ୟ ପ୍ରଶାସନ ପକ୍ଷରୁ ହୋଇଥିବା ନିଷ୍ପତ୍ତିରେ ସହମତି ପ୍ରକାଶ କରି ବୁଧବାର ବନକଲାଗି କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ବନକଲାଗି ନ ହେବା କାରଣରୁ ମହାପ୍ରଭୁଙ୍କ ଶ୍ରୀମୁଖ ଆସ୍ତେ ଆସ୍ତେ ମଳିନ ପଡୁଥିବା ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଥିବା ବେଳେ ମହାପ୍ରଭୁଙ୍କ ଶ୍ରୀମୁଖକୁ ବିପଦଥିବା ସେବାୟତମାନେ ଚିନ୍ତା ପ୍ରକଟ କରିଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** କ’ଣ ମିଳିବ


କେବଳ ପ୍ରିଣ୍ଟର ନୁହେଁ, ଆପଣଙ୍କ ବ୍ୟବସାୟର ଟପ୍ ପରଫର୍ମର।

Consider it done with the HP Smart Tank 580




Print up to 12,000 pages[1] with 1 extra black ink bottle included in the box

0% Interest Free EMI[2] BAJAJ FINSERV | pine labs | HDB FINANCIAL SERVICES

Easy to set up & use with HP Smart App[3]

Get FREE 1+1 year extended warranty[4]

Call: 1800 419 4962 | To learn more about our range of HP Smart Tank Printers, visit: https://www.hp.com/in/smarttank

#Limited time offer valid till 15th August'23 on purchase of HP Smart Tank (520, 521, 580, 581, 585). Offers available at all leading retail outlets. Visit now!

Scan here to talk to an expert

T&C apply. 1. Black and composite color average per bottle (cyan/magenta/yellow) results based on HP methodology and continuous printing of ISO/IEC 24712 test pages. Not based on ISO/IEC 24711 test process. An additional black ink bottle is required to print 6,000 color test pages. Actual yield varies based on content of printed pages and other factors. Some ink from included bottles is used to start up the printer. For details, see: hp.com/go/learnaboutsupplies. 2. Subject to select stores and bank clearance 3. Mobile-guided set up is available in selected models. Requires the HP Smart App download. For details on local printing requirements see www.hp.com/go/mobileprinting. Certain features/software are available in English language only and differ between desktop and mobile applications. Subscription may be required; subscription may not be available in all countries. For details, see: www.hpsmart.com. Internet access required and must be purchased. Requires the HP Smart App download. For more information, see: hpsmart.com. 4. Includes HP's standard commercial warranty (also referred to as HP Limited Warranty) plus additional commercial warranty (as defined in product table) by HP subject to registration within 60 days after purchase and acceptance of the promotion terms and conditions - http://hp.com/go/extendedwarranty. Not available for HP Smart Tank 525/529 and HP Smart Tank 585/589 printer models. © Copyright 2023 HP Development Company, L.P.

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେପଟାନାକୀ, ଦହି ସଡ଼କୀ,**
**ଅଇଁଠା ପତରେ ଖାଏ**
**ଗୋଡ଼ରେ ଅଇଁଠା ଛିଟିକା ପଡ଼ିଲେ**
**ନଈକି ଗାଧୋଇ ଯାଏ।**

ଯିଏ ଅଇଁଠା ପତରରେ ଖାଏ, ସେହି ବ୍ୟକ୍ତି ଗୋଡ଼ରେ ଅଇଁଠା ଲାଗିଲେ ଅଶୌଚ ମନେକରି ଗାଧୋଇଯିବା ହାସ୍ୟାସ୍ପଦ ମନେହୋଇଥାଏ। ଅନାଚାରିଣୀ ନାରୀର ନିଷ୍ଠାର ଛଳନା। ପରୋକ୍ଷରେ ଅନ୍ୟାୟ ଏବଂ ଅସଙ୍ଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟତିବ୍ୟସ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚେଇଁ ଶୋଇଥିବ ଯିଏ,**
**ତାକୁ ଉଠାଇବ କିଏ ?**

ଜାଣିଶୁଣି ଛଟା ଗାଳି ପଡ଼ିବା। କଥାଟି କ'ଣ ହେଉଛି ଦେଖାଯାଉ, ଚୁପ୍‌ଚାପ୍ ନିଧଡ଼କ ରହିଗଲେ ଗଲା ବୋଲି ବିଚାର କରିବା। ଯେଉଁ ଲୋକ ଶୋଇଛି ବୋଲି ବାହାନା କରିଥାଏ, ତାକୁ ଯେତେ ଡାକିଲେ କି ହଲାହଲି କଲେ ବି ସେ ଉଠି ନ ଥାଏ। ନିଜକୁ ଅନ୍ଧ ବୋଲି ଛଳନା କରୁଥିବା ବ୍ୟକ୍ତିଙ୍କୁ ବାଟକୁ ଆଣିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଶପଥ ନେଲେ ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର

**କଟକ,୮।୮ (କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟର ୩୩ତମ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଶୁଭାଶିଷ ତାଳପତ୍ର ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ପରିସରସ୍ଥ ପୁରୁଣା ବିଲ୍ଡିଂ ପୂର୍ବପାର୍ଶ୍ୱ ଲନ୍‌ରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ମୁଖ୍ୟ ବିଚାରପତି ତାଳପତ୍ରଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଗୃହ ବିଭାଗ ସଚିବ ଦେଓରଞ୍ଜନ କୁମାର ସିଂହ, ଡିଜିପି ସୁନୀଲ କୁମାର ବଂଶଲ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଡ୍‌ଭୋକେଟ୍ ଜେନେରାଲ ଅଶୋକ ପରିଜା, ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ଧରଣୀଧର ନାୟକ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ବିଦ୍ୟାଧର ପ୍ରଧାନଙ୍କ ସମେତ ହାଇକୋର୍ଟ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, କର୍ମକର୍ତ୍ତା ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।

ହାଇକୋର୍ଟର ବରିଷ୍ଠ ବିଚାରପତି ତାଳପତ୍ରଙ୍କୁ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟଙ୍କ କଲେଜିୟମ୍ ସୁପାରିସ କରିଥିଲେ। ତାଳପତ୍ର ୧୯୬୧ ଅକ୍ଟୋବର ୪ରେ ତ୍ରିପୁରାର ଉଦୟପୁରଠାରେ ଜନ୍ମଗ୍ରହଣ କରିଥିଲେ। ସେ କୋଲକାତାରୁ ଆଇନରେ ଡିଗ୍ରୀ ହାସଲ କରିବା ପରେ ୧୯୯୦ରେ ଆଇନଜୀବୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ମେଘାଳୟ, ମଣିପୁର ଏବଂ ମିଜୋରାମ ଆଦି ରାଜ୍ୟରେ ସେ ଜଣେ ଦକ୍ଷ ଆଇନଜୀବୀ ଭାବେ ପରିଚିତ ଥିଲେ। ୨୦୦୪ରେ ତାଙ୍କୁ ସିନିୟର ଆଡ୍‌ଭୋକେଟ୍‌ର ମାନ୍ୟତା ମିଳିଥିଲା। ସେ ୨୦୧୧ ନଭେମ୍ବର ୧୫ରେ ଗୁଆହାଟୀ ହାଇକୋର୍ଟ, ୨୦୧୩ ସେପ୍ଟେମ୍ବର ୧୩ରେ ତ୍ରିପୁରା ହାଇକୋର୍ଟର ବିଚାରପତି ଭାବେ ଯୋଗ ଦେଇଥିଲେ। ୨୦୧୮ ନଭେମ୍ବର ୨ରୁ ୧୩ ତାରିଖ ଓ ୨୦୧୯ ନଭେମ୍ବର ୧୧ରୁ ୧୫ ପର୍ଯ୍ୟନ୍ତ ତ୍ରିପୁରା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି। ୨୦୨୨ ଜୁନ୍ ୧୦ରେ ସେ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇ ଆସିବା ପରେ ଅଦ୍ୟାବଧି କାର୍ଯ୍ୟ କରି ଆସୁଥିଲେ।

# ମହାନଦୀରେ ବୁଡ଼ି ୨ ଛାତ୍ର ନିଖୋଜ

**ବାରଙ୍ଗ,୮।୮ (ଲିଙ୍ଗରାଜ ରାଉତ)**

■ **ସ୍କୁଲ ନ ଯାଇ ୮ଜଣ ସାଙ୍ଗ ନରାଜ ଯାଇଥିଲେ**
■ **ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ସନ୍ଧାନ କାର୍ଯ୍ୟ ଜାରି**

ନରାଜ ପାଖ ମହାନଦୀରେ ମଙ୍ଗଳବାର ବୁଡ଼ିଯାଇ ୨ଜଣ ଛାତ୍ର ନିଖୋଜ ହୋଇଛନ୍ତି। ସେମାନେ ହେଲେ କଟକସ୍ଥିତ ମଙ୍ଗଳାବାଗ ଅଞ୍ଚଳର ଆଦିତ୍ୟ ଅଭିଷେକ ମଲ୍ଲିକ ଓ ଦେଉଳ ସାହିର ଦେବପ୍ରିୟ ଚୌଧୁରୀ। ଏମାନେ କଟକ ଷ୍ଟୁଆର୍ଟ ସ୍କୁଲରେ ପଢୁଥିବା ଯୁକ୍ତଦୁଇ ପ୍ରଥମବର୍ଷର ଛାତ୍ର। ଖବରପାଇ ବାରଙ୍ଗରୁ ଏକ ଅଗ୍ନିଶମ ବାହିନୀ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ଆସି ବୋଟ ଦ୍ୱାରା ଖୋଜାଖୋଜି ଜାରି ରଖିଛନ୍ତି। ପରେ ଗୋଡ଼ିସାହି ଫାଣ୍ଡି ଓ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସ୍କୁଲରେ ଏକ କାର୍ଯ୍ୟକ୍ରମ ଥିଲା। କିନ୍ତୁ ସ୍କୁଲର ୮ଜଣ ଛାତ୍ର ସାଙ୍ଗ ହୋଇ ସ୍କୁଲକୁ ନଯାଇ ମହାନଦୀରେ ଗାଧୋଇବାର ଯୋଜନାକରି ୪ଟି ସ୍କୁଟିରେ ନରାଜ ଆସିଥିଲେ। ସେଠାରୁ ସେମାନେ ସିଦ୍ଧେଶ୍ୱର ମନ୍ଦିର ମୁଣ୍ଡିଆତଳ ମହାନଦୀରେ ଗାଧୋଇବା ପାଇଁ ଯାଇଥିଲେ। ୮ଜଣ ସାଙ୍ଗ ଗାଧୋଇବା ପୂର୍ବରୁ ଫଟୋ ଉଠାଇ ହସମଜା କରିଥିଲେ। ପ୍ରାୟ ସାଢେ ୩ଟା ପାଖାପାଖି ୩ଜଣ ସାଙ୍ଗ ଜଳଖିଆ ଆଣିବାକୁ ଯାଇଥିବା ବେଳେ ଅନ୍ୟ ୫ଜଣ ଆଣିଥିବା ବ୍ୟାଗକୁ ନେଇ ଲୁଚାଲୁଚି ଖେଳିଥିଲେ। ଏହି ସମୟରେ ଆଦିତ୍ୟ ଓ ଦେବପ୍ରିୟ ପ୍ରଥମେ ଗାଧୋଇବାକୁ ଯାଇଥିଲେ। ହେଲେ ଅସାବଧାନତାବଶତଃ ଦୁହେଁ ମହାନଦୀରେ ବୁଡ଼ିଯାଇଥିଲେ। ଉପରେ ଖେଳରେ ବ୍ୟସ୍ତ ଥିବା ଅନ୍ୟ ୩ଜଣ ସାଙ୍ଗ ଏହାଦେଖି ପାଟି କରିବା ସହ ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ। ପାଖରେ ଥିବା ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ପାଟିଶୁଣି ପାଖକୁ ଆସିବାବେଳକୁ ବୁଡିଯାଇଥିବା ଦୁଇଜଣ ଛାତ୍ରଙ୍କୁ ଦେଖିପାରି ନ ଥିଲେ। ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଆସି ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜୁଥିବା ବେଳେ ପରେ ଏକ ଏନ୍‌ଡିଆର୍‌ଏଫ୍ ଟିମ୍ ମଧ୍ୟ ପହଞ୍ଚି ସନ୍ଧାନ ଚଳାଇଛନ୍ତି।

# ରାଜମିସ୍ତ୍ରିଙ୍କୁ ଗୁଳିକରି ହତ୍ୟା

**ଫୁଲନଖରା,୮।୮ (ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ଜିଲା ସଦର ଥାନା ଅଧୀନ ସୁଭଦ୍ରାପୁର ମୌଜାସ୍ଥିତ ସାମପୁର ସାହିରେ ମଙ୍ଗଳବାର ଅପରାହ୍ନରେ ଚିନ୍ତାମଣି ସାହୁ ନାମକ ରାଜମିସ୍ତ୍ରିଙ୍କୁ ଜଣେ ଯୁବକ ଗୁଳି କରି ହତ୍ୟା କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ହତ୍ୟାର କାରଣ ଅସ୍ପଷ୍ଟ ରହିଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

ଚିନ୍ତାମଣିଙ୍କ ଘର ବାଙ୍କୀ ଥାନା ଅଧୀନ ପଥୁରୀପଡା ଗ୍ରାମରେ ହୋଇଥିବାବେଳେ ସେ ଦୀର୍ଘବର୍ଷ ହେବ ସାମପୁର ସାହିରେ ପରିବାର ସହ ଘର ଭଡ଼ା ନେଇ ରହୁଥିଲେ। ଏଥିସହ ସେ ସ୍ଥାନୀୟ ଅଞ୍ଚଳରେ ରାଜମିସ୍ତ୍ରି ଭାବେ କାମ କରୁଥିଲେ। ଅପରପକ୍ଷରେ ହତ୍ୟା କରିଥିବା ଯୁବକ ଜଣଙ୍କ ସୁଭଦ୍ରାପୁର ଅଞ୍ଚଳରେ ରହି କୁଅନନ୍ଦ କାରିଗର ଭାବେ କାମ କରୁଥିଲେ। ତେଣୁ ସେମାନଙ୍କ ମଧ୍ୟରେ ପୂର୍ବରୁ ଘନିଷ୍ଠ ସମ୍ପର୍କ ରହିଥିଲା। କିଛିଦିନ ହେବ ଚିନ୍ତାମଣି ଅସୁସ୍ଥ ଥିବାରୁ କାମକୁ ନ ଯାଇ ଘରେ ବିଶ୍ରାମ ନେଉଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ସେ ଘରେ ଥିବାବେଳେ ସମ୍ପୃକ୍ତ ଯୁବକ ଓ ତାଙ୍କ ସହଯୋଗୀ ଏକ ବାଇକ୍‌ରେ ଆସି ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ସମ୍ପୃକ୍ତ ଯୁବକ ଉତ୍‌କ୍ଷିପ୍ତ ହୋଇ ଚିନ୍ତାମଣିଙ୍କ ମୁଣ୍ଡରେ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳିକାଣ୍ଡ ଶବ୍ଦ ଶୁଣି ଚିନ୍ତାମଣିଙ୍କ ସ୍ତ୍ରୀ ରଶ୍ମିତା ସାହୁ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯାଇଥିଲେ। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ଥାନାରେ ଏକ ହତ୍ୟା ମାମଲା(ନଂ.୪୪୬/୨୩) ରୁଜୁ ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, ଗୁଳିକାଣ୍ଡ ଘଟିଥିବା ଘରେ ତାଲା ପକାଯାଇଛି। ବୁଧବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ କରିବ। ଗୁଳି କରିଥିବା ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ହତ୍ୟାକାଣ୍ଡର କାରଣ ଜଣାପଡ଼ିବ ବୋଲି ମହାପାତ୍ର କହିଛନ୍ତି।

## ତେଜିଲା ମଣିପୁର...

ପ୍ରଥମ ପୃଷ୍ଠାରୁ...

ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ ଆଲାଏନ୍ସ (ଇଣ୍ଡିଆ) ପ୍ରଧାନମନ୍ତ୍ରୀଙ୍କ ମଉନବ୍ରତ ଭଙ୍ଗ ଉଦ୍ଦେଶ୍ୟରେ ଅନାସ୍ଥା ପ୍ରସ୍ତାବ ଆଣିଥିବା କହି ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ ଟାର୍ଗେଟ କରିଛନ୍ତି। ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କର ପ୍ରଥମ ଦିନରେ ମଣିପୁର ବିଫଳତା ପାଇଁ କଂଗ୍ରେସ ଶାସକ ଭାଜପାକୁ ଦାୟୀ କରିଛି। ଅନ୍ୟପକ୍ଷେ ମଣିପୁରରେ କଂଗ୍ରେସ ଅମଳରୁ ଅଶାନ୍ତି ଲାଗିରହିଥିବା କହି ବିରୋଧୀ ଦଳକୁ ଭାଜପା ଜବାବ ଦେଇଛି। ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ମହିଳା ବିରୋଧୀ ନିର୍ଯାତନା ବଢ଼ିଚାଲିଥିବାବେଳେ ବିପକ୍ଷର ଉଦାସୀନତା ହିଁ ଦେଖିବାକୁ ମିଳିଛି ବୋଲି ଶାସକ ଦଳ କହିଛି। ବୁଧବାର ଏହି ପ୍ରସଙ୍ଗରେ ଗୃହରେ ପୁଣି ଆଲୋଚନା ହେବ। ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର ଉତ୍ତର ରଖିବା ପରେ ଅନାସ୍ଥା ପ୍ରସ୍ତାବ ଉପରେ ମତଦାନ ହେବ।

କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ ଗୃହରେ ବିତର୍କ ଆରମ୍ଭ କରି କହିଥିଲେ, ମଣିପୁର ଉପରେ ପ୍ରଧାନମନ୍ତ୍ରୀଙ୍କୁ କୁହାଇବା ପାଇଁ 'ଇଣ୍ଡିଆ' ବ୍ଲକ୍ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବାଧ୍ୟ ହୋଇଛି। ସବୁବେଳେ 'ଏକ ଭାରତ' କଥା କହୁଥିବା କେନ୍ଦ୍ର ୨ଟି ମଣିପୁର ସୃଷ୍ଟି କରିଛି; ଗୋଟିଏ ପାର୍ବତ୍ୟାଞ୍ଚଳରେ ଓ ଅନ୍ୟଟି ଉପତ୍ୟକାରେ। ହିଂସାକୁ ୮୦ ଦିନ ବିତିଲାଣି। ମଣିପୁର ପ୍ରସଙ୍ଗରେ ମୋଦି ମୁହଁ ନ ଖୋଲିବା ପଛରେ ୩ଟି କାରଣ ରହିଛି। ସେଗୁଡ଼ିକ ହେଲା, ରାଜ୍ୟ ସରକାରଙ୍କ ବିଫଳତା, ଗୃହ ବିଭାଗ ଓ ସୁରକ୍ଷା ବ୍ୟବସ୍ଥାରେ ବିଫଳତା ଏବଂ ପ୍ରଧାନମନ୍ତ୍ରୀ ନିଜ ଭୁଲ୍ ସ୍ୱୀକାର ନ କରିବା। ମଣିପୁରକୁ ନ୍ୟାୟ ଦରକାର। ଯଦି ମଣିପୁର ଜଳୁଛି, ତେବେ ସାରା ଭାରତ ଜଳୁଛି ବୋଲି ଗୋଗୋଇ କହିଥିଲେ। ଏହି ଅବସରରେ ସେ ୨୦୦୨ ଗୁଜରାଟ ସାମ୍ପ୍ରଦାୟିକ ଦଙ୍ଗାବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ରାଜଧର୍ମ ପାଳନ କରିବାକୁ କହିଥିବା ବିଷୟ ସ୍ମରଣ କରାଇଥିଲେ। ଏଥିସହ ବୀରେନ୍ ସିଂଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ଦାବି କରିଥିଲେ। ଉତ୍ତର-ପୂର୍ବ ରାଜ୍ୟକୁ ଏକ ସର୍ବଦଳୀୟ ପ୍ରତିନିଧି ଦଳ ପଠାଯାଉ, ପ୍ରଧାନମନ୍ତ୍ରୀ ଏହାର ନେତୃତ୍ୱ ନିଅନ୍ତୁ ଏବଂ ସେଠାକାର ବିଭିନ୍ନ ସଙ୍ଗଠନକୁ ଭେଟି ଶାନ୍ତି ଫେରାଇବା ପାଇଁ ଉଦ୍ୟମ କରାଯାଉ ବୋଲି ଗୋଗୋଇ ଦାବି କରିଥିଲେ।

ସେହିପରି ତୃଣମୂଳ କଂଗ୍ରେସ ଏମ୍‌ପି ସୌଗତ ରାୟ କହିଥିଲେ, ପ୍ରଧାନମନ୍ତ୍ରୀ ଦେଶର ସଂଘୀୟ ବ୍ୟବସ୍ଥାକୁ ଧ୍ୱଂସ କରୁଛନ୍ତି। ପଶ୍ଚିମବଙ୍ଗ ଏହାର ଶିକାର ହୋଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସେଠାକୁ ଯାଇ କହୁଥିଲେ, 'ଆସନ୍ତା ଥର ୨୦୦ ପାର'। କିନ୍ତୁ ଭାଜପା ୮୦ ଆସନ ବି ପାଇଲାନାହିଁ। କାରଣ ସେମାନେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ପାଇଁ ସବୁ ପାଣ୍ଠି ବନ୍ଦ କରିଦେଇଛନ୍ତି। ପଶ୍ଚିମବଙ୍ଗକୁ ଏମ୍‌ଜିଏନ୍‌ଆର୍‌ଇଜିଏର ୭୩୦୦ କୋଟି ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୮୪୦୦ କୋଟି ଟଙ୍କା ଦିଆଯାଇ ନାହିଁ। ଏହା ଏକ ହୃଦୟହୀନ ସରକାର। ସେମାନେ ପଶ୍ଚିମବଙ୍ଗକୁ ମନଇଚ୍ଛା ପ୍ରତିନିଧି ପଠାଉଛନ୍ତି। କିନ୍ତୁ ମଣିପୁରର ଭଉଣୀ ଭାଇମାନେ ମରୁଥିବାବେଳେ କିଛି କରୁନାହାନ୍ତି। ବୀରେନ୍ ସିଂ ସରକାରଙ୍କୁ ତୁରନ୍ତ ବରଖାସ୍ତ କରି ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି କରାଯାଉ। ଜାତୀୟତାବାଦୀ କଂଗ୍ରେସ ପାର୍ଟି ଏମ୍‌ପି ସୁପ୍ରିୟା ସୁଲେ ମଧ୍ୟ ମଣିପୁର ସ୍ଥିତିକୁ ଅତ୍ୟନ୍ତ ଲଜ୍ଜାଜନକ କହି ବୀରେନ୍ ସିଂଙ୍କ ଇସ୍ତଫା ଦାବି କରିଥିଲେ। ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ) ସଦସ୍ୟ ଟି.ଆର୍. ବାଲୁ କହିଥିଲେ, ସ୍ୱର୍ଗତ ବାଜପେୟୀ ରାଜଧର୍ମ ପାଳନ କରୁଥିଲେ। କିନ୍ତୁ ମଣିପୁରରେ ମହିଳାମାନଙ୍କୁ ଉଲଗ୍ନ ପରେଡ୍ କରାଯାଉଥିବାବେଳେ ଆମେ ସେମାନଙ୍କ ସହ ଛିଡ଼ା ହୋଇପାରୁ ନାହୁଁ। ମଣିପୁରରେ ଯାହା ଚାଲିଛି, ତାକୁ ସାରା ବିଶ୍ୱ ନିନ୍ଦା କରିଛି। ୟୁରୋପୀୟ ସଂଘର ପାର୍ଲାମେଣ୍ଟ ଏହା ଉପରେ ଆଲୋଚନା କରିଥିବାବେଳେ ବ୍ରିଟିଶ୍ ପାର୍ଲାମେଣ୍ଟ ମୋଦି ଓ ତାଙ୍କ ଦଳକୁ ଦୃଢ଼ ନିନ୍ଦା କରିଛି।

ଅନ୍ୟପକ୍ଷେ କଂଗ୍ରେସ ସମେତ ବିରୋଧୀ ବ୍ଲକ୍ ପକ୍ଷରୁ ଅଣାଯାଇଥିବା ଅଭିଯୋଗକୁ ଭାଜପା ଖଣ୍ଡନ କରିଛି। କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ଅନାସ୍ଥା ପ୍ରସ୍ତାବ ଆଣିଥିବାରୁ ବିରୋଧୀ ପଶ୍ଚାତ୍ତାପ କରିବେ। କାରଣ ଏହାକୁ ଭୁଲ୍ ସମୟରେ ଓ ଭୁଲ୍ ଉପାୟରେ ଅଣାଯାଇଛି। କଂଗ୍ରେସ ଆଜି ମଣିପୁର କଥା ଉଠାଉଛି। ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପା) ସରକାର ଅମଳରୁ ଏହି ଅବସ୍ଥା ଲାଗିରହିଛି। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଉତ୍ତର-ପୂର୍ବ ଉପରେ ଦୃଷ୍ଟି ଦେବା ପାଇଁ ଆମେ ଲଗାତର ଦାବି କରୁଥିଲୁ ବୋଲି ରିଜିଜୁ କହିଛନ୍ତି। ସେହିପରି ମୁଖ୍ୟ ବକ୍ତା ଭାବେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନାମକୁ ଶେଷ ମୁହୂର୍ତ୍ତରେ କାହିଁକି ପ୍ରତ୍ୟାହାର କରାଗଲା ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ପ୍ରଶ୍ନ କରିଥିଲେ। ଭାଜପା ଏମ୍‌ପି ନିଶିକାନ୍ତ ଦୁବେ କହିଥିଲେ, ବିରୋଧୀ ଦଳଗୁଡ଼ିକ ନିଜ ସହ ଲଢ଼େଇ କରୁଛନ୍ତି। ପରସ୍ପର ଉପରେ ସେମାନଙ୍କର ଆସ୍ଥା ନାହିଁ। ଏହା ଅନାସ୍ଥା ପ୍ରକଟ କରିବା ପାଇଁ ମତଦାନ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ମଙ୍ଗଳବାର ସକାଳେ ଭାଜପା ସଂସଦୀୟ ଦଳ ବୈଠକରେ ସ୍ପଷ୍ଟ କରିଥିବା ବିଷୟ ନିଶିକାନ୍ତ କହିଥିଲେ। ଏପରି କି ବିରୋଧୀ ନେତାମାନଙ୍କୁ 'ଇଣ୍ଡିଆ'ର ଫୁଲ୍ ଫର୍ମ ପଚାରିଲେ ସେମାନେ କହିପାରିବେ ନାହିଁ ବୋଲି ସେ ତାଚ୍ଛଲ୍ୟ କରିଥିଲେ। କଂଗ୍ରେସ ସଂସଦୀୟ ଦଳ ଅଧକ୍ଷା ସୋନିଆ ଗାନ୍ଧୀ ନିଜ ପୁଅ ରାହୁଲ ଗାନ୍ଧୀଙ୍କୁ ଥଇଥାନ କରିବା ପାଇଁ ଏସବୁ କରାଉଥିବା ଉଭୟଙ୍କ ଉପସ୍ଥିତିରେ ନିଶିକାନ୍ତ ସମାଲୋଚନା କରିଥିଲେ।

## ତୁଟିଲା ବନକଲାଗି...

ପରେ ବହୁ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ଶେଷରେ ଶ୍ରୀମନ୍ଦିର ପ୍ରଶାସନର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୯ତାରିଖ (ବୁଧବାର) ବନକଲାଗି ହେବ ବୋଲି ସୂଚନା ଦିଆଯାଇଛି। ଏ ନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ମହାପ୍ରଭୁଙ୍କ ବନକଲାଗି ବୁଧବାର କରିବା ପାଇଁ ଦତ୍ତ ମହାପାତ୍ର ନିଯୋଗକୁ ସୂଚନା ଦିଆଯାଇଛି। ନିଯୋଗଠାରୁ ବନକଲାଗି ପାଇଁ ଆବଶ୍ୟକ ସାମଗ୍ରୀକୁ ଦତ୍ତମହାପାତ୍ରମାନେ ନେଇଛନ୍ତି। ଶ୍ରୀମନ୍ଦିର ପରମ୍ପରା ଅନୁସାରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ପରେ ବନକଲାଗି ଅନୁଷ୍ଠିତ ହେବ। ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ୫ଘଣ୍ଟା ନୀତି ଅନୁଷ୍ଠିତ ହେବ। ତେବେ ବନକଲାଗି ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

ସୂଚନାଯୋଗ୍ୟ, ଘୋଷଯାତ୍ରା ପରଠାରୁ ମହାପ୍ରଭୁଙ୍କ ବନକଲାଗି ନେଇ ଅନିଶ୍ଚିତତା ଦେଖିବାକୁ ମିଳିଥିଲା। କେଉଁବାରରେ ବନକଲାଗି ହେବ ତାକୁ ନେଇ ଦତ୍ତ ମହାପାତ୍ର ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ବିବାଦ ଦେଖାଦେଇଥିଲା। ଦତ୍ତମହାପାତ୍ର ସେବକମାନେ ରେକର୍ଡ ଅଫ୍ ରାଇଟସ୍ ଅନୁଯାୟୀ ବନକଲାଗି ଗୁରୁବାର କରିବାକୁ କହୁଥିବାବେଳେ ୨୦୧୮ରେ ଅନୁଷ୍ଠିତ ହୋଇଥିବା ପରିଚାଳନା କମିଟିର ନିଷ୍ପତ୍ତି ଅନୁଯାୟୀ ବୁଧବାର ବନକଲାଗି କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ କହିଥିଲା। ଫଳରେ ଉଭୟ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପ୍ରଶାସନ ପକ୍ଷରୁ ଦତ୍ତ ମହାପାତ୍ର ନିଯୋଗକୁ ନୋଟିସ୍ ଦିଆଯିବା ସହ ବିକଳ୍ପ ବ୍ୟବସ୍ଥା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏପରି କି ବନକଲାଗି ପାଇଁ ଗୁରୁବାର ଯାଇଥିବା ଦତ୍ତମହାପାତ୍ର ସେବକମାନଙ୍କୁ ପ୍ରଶାସନ ପକ୍ଷରୁ ନୀତି କରିବା ପାଇଁ ନିର୍ଦ୍ଦେଶ ନ ଥିବାରୁ ଫେରିବାକୁ ପଡ଼ିଥିଲା। ବିବାଦ ଅଧିକ ବଢ଼ିବାରୁ ନୀତି ସବ୍‌କମିଟି ବୈଠକ ବସି ଏ ନେଇ ଆଲୋଚନା କରାଯାଇଥିଲା। ମାତ୍ର ଉକ୍ତ ବୈଠକରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନ ଥିଲା। ପରେ ପ୍ରଶାସନ ଯାହା ନିର୍ଦ୍ଦେଶ ଦେବ ସେହିଦିନ ବନକଲାଗି କରିବେ ବୋଲି ଦତ୍ତମହାପାତ୍ର ସୂଚନା ଦେଇଥିଲେ। ତେବେ ଗତ ବୁଧବାର ଶ୍ରୀମନ୍ଦିରରେ ନକ୍ଷତ୍ର ବନ୍ଦାପନା ଥିବାରୁ ବନକଲାଗି ପାଇଁ ପ୍ରଶାସନ ଅନୁମତି ଦେଇ ନଥିଲା। ସେହିପରି ଗୁରୁବାର ମାଜଣା ଏବଂ ଏକାନ୍ତ ନୀତି ରହୁଥିବାରୁ ବନକଲାଗି ନୀତିରେ ବିଳମ୍ବ ପରିଲକ୍ଷିତ ହେବା ଲକ୍ଷ୍ୟ କରି ଗୁରୁବାର ମଧ୍ୟ ହୋଇ ନ ଥିଲା। ତେଣୁ ୯ ତାରିଖ ବୁଧବାର ବନକଲାଗି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୌଖିକ ଭାବେ ଜଣାଯାଇଥିଲା। ତେବେ ଗତ ୪ତାରିଖରେ ହୋଇଥିବା ପରିଚାଳନା ବୈଠକରେ ମଧ୍ୟ ବୁଧବାର ବନକଲାଗି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମାସକୁ ଦୁଇଥର ବନକଲାଗି ହେବ। ଯଦି ବୁଧବାର କୌଣସି ନୀତି ବା ସମସ୍ୟା ଥାଏ, ତେବେ ଗୁରୁବାର ବନକଲାଗି କରାଯିବ ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା କହିଥିଲେ। ନିଷ୍ପତ୍ତି ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ବନକଲାଗି ହେବ ବୋଲି ଲିଖିତ ଭାବେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଦତ୍ତ ମହାପାତ୍ର ସେବକ ସଞ୍ଜୟ ଦତ୍ତ ମହାପାତ୍ର କହିଛନ୍ତି, ଶେଷଥର ପାଇଁ ଆଡ଼ପମଣ୍ଡପରେ ହେରାପଞ୍ଚମୀ ପୂର୍ବଦିନ ବନକଲାଗି କରାଯାଇଥିଲା। ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି ବୋଲି କୁହାଯାଇଥାଏ। ବନକଲାଗି ଫଳରେ ମହାପ୍ରଭୁଙ୍କ ଶ୍ରୀମୁଖ ସୁନ୍ଦର ଦିଶିଥାଏ। ତେବେ ପ୍ରଶାସନ ପକ୍ଷରୁ ବନକଲାଗି ପାଇଁ ସମସ୍ତ ଜିନିଷ ଯୋଗାଇ ଦିଆଯାଇଛି।

## କେନ୍ଦ୍ର ସରକାରଙ୍କୁ କୃତଜ୍ଞତା...

କଂଗ୍ରେସର ଦୁର୍ନୀତିଗ୍ରସ୍ତ ଶାସନ ବିରୋଧରେ ବିଜେଡିର ଜନ୍ମ ହୋଇଥିଲା। ତେଣୁ କଂଗ୍ରେସ ପକ୍ଷରୁ ଅଣାଯାଉଥିବା କୌଣସି ପ୍ରସ୍ତାବକୁ ବିଜେଡି ସମର୍ଥନ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ପୁରୀ ଏମ୍‌ପି ସ୍ପଷ୍ଟ କରିଥିଲେ। କେନ୍ଦ୍ର-ରାଜ୍ୟ ସମ୍ପର୍କ ଉପରେ ପିନାକୀ କହିଥିଲେ, ଆମ ସମ୍ବିଧାନ ଯେପରି ଆର୍ଥିକ ବ୍ୟବସ୍ଥା ଦେଇଛି, କେନ୍ଦ୍ର ସରକାରଙ୍କ ସହ ଲଗାତର ଲଢ଼େଇ କରିବା ସମ୍ଭବ ନୁହେଁ। ଅନାବଶ୍ୟକ ଭାବେ କେନ୍ଦ୍ର ସହ ମୁହାଁମୁହିଁ ହେବାରେ ବିଜେଡି ବିଶ୍ୱାସ କରେନାହିଁ। ଓଡ଼ିଶାର ଅନେକ ଦାବିକୁ କେନ୍ଦ୍ର ପୂରଣ କରିଆସିଛି। ଓଡ଼ିଶାର ବିତ୍ତୀୟ ପରିଚାଳନାରେ ବିଶେଷ ଗୁରୁତ୍ୱ ବହନ କରୁଥିବା କୋଇଲା ଉତ୍ପାଦନ ଅଭିବୃଦ୍ଧି, ଖଣିଜ ରାଜସ୍ୱ ସମୀକ୍ଷା, ଆଇରନ୍ ଓର୍ ଓ ମାଙ୍ଗାନିଜ୍ ଓର୍‌ରୁ ରପ୍ତାନି ଟିକସ ହ୍ରାସ କରିବା ଏବଂ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଦିଗରେ ଉଦ୍ୟମ ପାଇଁ କେନ୍ଦ୍ର ସରକାରଙ୍କୁ ପିନାକୀ କୃତଜ୍ଞତା ଜଣାଇଛନ୍ତି। ମଣିପୁର ସଙ୍କଟ ଗତ ୧୦ ବର୍ଷ ଶାସନର ପରିଣାମ ନୁହେଁ, ପ୍ରାୟ ୫୦-୬୦ ବର୍ଷ ଧରି ସେଠାରେ ଅଶାନ୍ତି ଲାଗିରହିଛି। ୧୯୮୦ ଦଶକରେ ମଧ୍ୟ ମଣିପୁର ଜଳୁଥିଲା। ଏହି ସମସ୍ୟାର ସମାଧାନ ପାଇଁ ଅନାସ୍ଥା ପ୍ରସ୍ତାବ ଅଣାଯିବା ପରିବର୍ତ୍ତେ ସବୁ ଦଳ ପକ୍ଷରୁ ଏକ ସକାରାତ୍ମକ ପ୍ରସ୍ତାବ ଅଣାଯାଇଥିଲେ ଭଲ ହୋଇଥାଆନ୍ତା ବୋଲି ସେ ମତ ରଖିଛନ୍ତି। ଏଥିସହ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମହିଳା ସଂରକ୍ଷଣ ବିଲ୍‌କୁ ଗୃହୀତ କରାଇବା ଉପରେ ପିନାକୀ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ବିଜେଡିର ଏହି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

## ସ୍କୁଲରେ ଆଧାର...

ଯେଉଁମାନେ ସମସ୍ୟା ଭୋଗିଛନ୍ତି ସେପରି ହୋଇ ନ ଥା'ନ୍ତା। ସେହିପରି ଭୁବନେଶ୍ୱରର ଜଣେ ଅଭିଭାବକ ଅହଲ୍ୟା ନନ୍ଦଙ୍କ କହିବାନୁସାରେ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଅଧା ହେଲାଣି। କୌଣସି ଜରୁରୀ କାରଣରୁ ଯଦି କେହି ପିଲା ବିଦ୍ୟାଳୟ ପରିବର୍ତ୍ତନ କରି ଅନ୍ୟ ବିଦ୍ୟାଳୟରେ ନାମ ଲେଖାଇବାକୁ ଚାହୁଁଛନ୍ତି କିମ୍ବା ନୂଆ କରି ନାମ ଲେଖାଉଛନ୍ତି ସେଠାରେ ଆଧାର କାର୍ଡ ବାଧ୍ୟତାମୂଳକ ହେବା ଉଚିତ୍ ନୁହେଁ। ଆଧାରକାର୍ଡକୁ ଅପେକ୍ଷା କଲେ ଅର୍ଦ୍ଧବାର୍ଷିକ ପରୀକ୍ଷା ମଧ୍ୟ ସମାପ୍ତ ହୋଇଯିବ। ତେଣୁ ଆଧାର କାର୍ଡକୁ ବାଧ୍ୟତାମୂଳକ ନ କରି ପ୍ରଥମେ ନାମ ଲେଖାଇବା ବର୍ତ୍ତମାନ ସହଜ ହୋଇପାରିବ। ଅଭିଭାବକମାନେ ମଧ୍ୟ ନାମଲେଖା ପରେ ଏହାକୁ ଗୁରୁତର ଭାବେ ନେବା ସହ ତୁରନ୍ତ ଆଧାରକାର୍ଡ ଦାଖଲ କରିଦେବା ଉଚିତ। ଗଣଶିକ୍ଷା ସଚିବଙ୍କ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ ବୋଲି ଅହଲ୍ୟା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଘର ସାଜସଜ୍ଜାରେ ମଜିରହିପାରନ୍ତି।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତା ବଢ଼ିଯାଇପାରେ।

**ମିଥୁନ** ପଡ଼ୋଶୀ/ଆତ୍ମୀୟସ୍ୱଜନ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। ନିକଟ ସମ୍ପର୍କୀୟଙ୍କୁ ସନ୍ଦେହ କରି କୌଣସି କାମ କରିପାରିବେ ନାହିଁ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହୋଇପାରେ।

**କର୍କଟ** ସ୍ୱାସ୍ଥ୍ୟ ପରିସ୍ଥିତିରେ କୌଣସି ଉନ୍ନତି ଦେଖାଯାଇ ନ ପାରେ। କୌଣସି ଅତୀତ ଘଟଣା ପ୍ରତି ସିଂହାବଲୋକନ କରି ଅନୁତାପ କରିପାରନ୍ତି। ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଧାର୍ମିକ ସ୍ଥଳ ପରିଦର୍ଶନ କରିପାରନ୍ତି।

**ସିଂହ** ଆଜିର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିବେ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ।

**କନ୍ୟା** ଗତକାଲିର ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଇଚ୍ଛା ନ ଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା** ବିଭିନ୍ନ ଅସୁବିଧା ଲାଗିରହିଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ। ଆଜି ଦିନଟିରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ବିଛା** ସ୍ୱାସ୍ଥ୍ୟ ବିଶେଷ ଭଲ ନ ରହିବା କାରଣରୁ ମନଟା କାହିଁକି କେମିତି କେମିତି ଲାଗିପାରେ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ପ୍ରତିଯୋଗିତାରେ ସଫଳତା ପାଇବା ଯୋଗୁ ମନ ଖୁସି ରହିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧିକରି ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** ସ୍ଥଗିତ ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଆଜିର ସନ୍ଧ୍ୟା ସମୟରେ ନିକଟ ସମ୍ପର୍କୀୟଙ୍କ ସହ ସୁଖଭ୍ରମଣ ଯୋଗ ରହିଛି।

**କୁମ୍ଭ** ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ମୀନ** ପାରିବାରିକ କ୍ଷେତ୍ରରେ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା କି ବ୍ୟସ୍ତତାର କାରଣ ହୋଇପାରେ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ନବମୀ ବୁଧବାର, ଅଗଷ୍ଟ ୯ ତାରିଖ, ଅଗଷ୍ଟକ୍ରାନ୍ତି ଦିବସ, ଭାରତଛାଡ଼ ଦିବସ, ନାଗାସାକି ଦିବସ, ବିଶ୍ୱଜନଜାତି ଦିବସ, ରାଶିନକ୍ଷତ୍ର-କୃତ୍ତିକା/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୮ମି. ଗତେ ଘ.୦୭.୧୦ମି. ମଧ୍ୟେ, ଘ.୧୦.୧୬ମି. ଗତେ ଘ.୧୧.୨୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା ଏବଂ ଦିବା ଘ.୧୧.୫୨ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁକାଳ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ମିଳିବ ପୁନଃ ନିଯୁକ୍ତି

ଭୁବନେଶ୍ୱର,୮।୮(ଅନୁରାଧା ମହାରଣା): ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳିବ ପୁନଃ ନିଯୁକ୍ତି ସୁଯୋଗ। ୬୫ ବର୍ଷରୁ କମ୍ ବୟସ ଏବଂ ଶାରୀରିକ ଭାବେ ସୁସ୍ଥ ଥିବା କୌଣସି ଅବସରପ୍ରାପ୍ତ କର୍ମଚାରୀ ପୁନଃନିଯୁକ୍ତି ପାଇଁ ଇଚ୍ଛୁକ ଥିଲେ ଏଥିପାଇଁ ଆବେଦନ କରିପାରିବେ। ରାଜ୍ୟର ୫ଟି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟରେ ଖାଲି ପଡ଼ିଥିବା ଜୁନିୟର ଆସିଷ୍ଟାଣ୍ଟ ପଦବୀରେ ଏହି ନିଯୁକ୍ତି ଦିଆଯିବ। ବ୍ରହ୍ମପୁର, ସମ୍ବଲପୁର, ଭୁବନେଶ୍ୱର, ଜୟପୁରରେ ୨ଟି ଲେଖାଏ ଏବଂ ବାଲେଶ୍ୱରରେ ଗୋଟିଏ ପଦବୀ ରହିଥିବା ସୂଚନା ମିଳିଛି। ବିଭାଗୀୟ ୱେବସାଇଟରେ ଲଗ୍ ଇନ୍ କରି ଆବେଦନ କରି ଅଧିକ ତଥ୍ୟ ପାଇପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧରୁ ମୃତ୍ୟୁ

ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)

**ହୋଟେଲରୁ ଶୁଭଲକ୍ଷ୍ମୀଙ୍କ ମୃତଦେହ ମିଳିବା ଘଟଣା**



ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ଥିବା ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ର ରୁମ୍‌ରୁ ଭଦ୍ରକର ଶୁଭଲକ୍ଷ୍ମୀ ସାହୁ (୧୮)ଙ୍କ ମୃତଦେହ ମିଳିବା ଘଟଣାକୁ ମଙ୍ଗଳବାର ୪ଦିନ ବିତିଛି। ହେଲେ ଏହି ମାମଲାକୁ ନେଇ ରହସ୍ୟ ଲାଗିରହିଛି। ଏଭଳି ସ୍ଥିତିରେ ମଙ୍ଗଳବାର ଶୁଭଲକ୍ଷ୍ମୀଙ୍କ ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ଶ୍ୱାସରୁଦ୍ଧରୁ ତାଙ୍କର ମୃତ୍ୟୁ ହୋଇଥିବା ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଥିବା ଏହି ରିପୋର୍ଟରୁ ଏକପ୍ରକାର ସ୍ପଷ୍ଟ ହେଉଥିବାବେଳେ ଅନ୍ୟ ଏକ ଦିଗ ପ୍ରତି ପ୍ରଶ୍ନ ଉଠିଛି। ନିଶାସକ୍ତ କିମ୍ବା ବିଷକ୍ରିୟାରେ ଶୁଭଲକ୍ଷ୍ମୀଙ୍କର ମୃତ୍ୟୁ ଘଟିଥିବା ମଧ୍ୟ ସନ୍ଦେହ କରାଯାଉଛି। ତେଣୁ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ମୃତଦେହର ଭିସେରା ପଠାଯାଇଛି। ଅଧିକ ପ୍ରମାଣ ପାଇଁ ଏହି ରିପୋର୍ଟକୁ ଅପେକ୍ଷା କରାଯାଇଛି।

ଏପଟେ ପୋଲିସ ହୋଟେଲ ମ୍ୟାନେଜର, ପୁରୁଷବନ୍ଧୁ ସଞ୍ଜୟ ଓ ଶୁଭଲକ୍ଷ୍ମୀଙ୍କ ମା' ବାପାଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛି। ଅପରପକ୍ଷରେ ଗତ ଅଗଷ୍ଟ ୨ରେ ଶୁଭଲକ୍ଷ୍ମୀ ଭୁବନେଶ୍ୱରକୁ ଆସିଥିଲେ ବୋଲି ତାଙ୍କ ବାପା କହିଥିଲେ। ହେଲେ ପୁରୁଷବନ୍ଧୁ ସଞ୍ଜୟ ଭିନ୍ନ କଥା କହୁଛନ୍ତି। ଜୁଲାଇ ୩୦ରୁ ଶୁଭଲକ୍ଷ୍ମୀ ଭୁବନେଶ୍ୱର ଆସିଥିଲେ ବୋଲି ସଞ୍ଜୟ କହୁଛନ୍ତି। ତେଣୁ ଶୁଭଲକ୍ଷ୍ମୀଙ୍କ ରହଣୀକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆଉ ଜଣେ ବ୍ୟକ୍ତିଙ୍କ ସହ ଶୁଭଲକ୍ଷ୍ମୀ ଥିଲେ ବୋଲି ପୁରୁଷବନ୍ଧୁ କହିଛନ୍ତି। ଶୁଭଲକ୍ଷ୍ମୀ ଯଦି ଆତ୍ମହତ୍ୟା କରିଛନ୍ତି, ତେବେ କାହିଁକି ସେ ଏଭଳି ନିଷ୍ପତ୍ତି ନେଲେ ବୋଲି ପ୍ରଶ୍ନ ଉଠିଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଏପରିକି ସିଡିଆର୍ ମଧ୍ୟ ଯାଞ୍ଚ କରୁଛି ପୋଲିସ। ସୂଚନାଯୋଗ୍ୟ, ଶୁଭଲକ୍ଷ୍ମୀ ଭୁବନେଶ୍ୱର କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଯୁକ୍ତ୨ରେ ପଢୁଥିଲେ। ସେ ଶୁକ୍ରବାର ଭୋର୍ ୩ଟା ୨୦ରେ ଉକ୍ତ ହୋଟେଲକୁ ଆସି ଦ୍ୱିତୀୟ ମହଲାରେ ଥିବା ୨୦୫ ନମ୍ବର ରୁମ୍‌ରେ ରହିଥିଲେ। କିନ୍ତୁ ଶନିବାର ଦୀର୍ଘ ସମୟ ପର୍ଯ୍ୟନ୍ତ ଶୁଭଲକ୍ଷ୍ମୀ ରୁମ୍ ବାହାରକୁ ନ ଆସିବାରୁ ସନ୍ଦେହ ପ୍ରକାଶ ପାଇଥିଲା। ହୋଟେଲ ପକ୍ଷରୁ ଉକ୍ତ ରୁମ୍‌ର କବାଟ ଭଙ୍ଗାଯିବା ପରେ ଶୁଭଲକ୍ଷ୍ମୀ ଓଢଣି ଦ୍ୱାରା ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା ବୋଲି ପୋଲିସକୁ କୁହାଯାଇଥିଲା।

# ୭ ଜିଲାରେ ବର୍ଷାଭାବ, ସ୍ଥିତି ସାଂଘାତିକ

ଭୁବନେଶ୍ୱର,୮।୮(ଅନିଲ ଦାସ)

- ୨୦ ଯାଏ ବର୍ଷା ନାହିଁ
- ବଢ଼ିଲା ଚାଷୀଙ୍କ ଚିନ୍ତା

ଗତ ଜୁଲାଇ ୩୦ ତାରିଖ ଲଘୁଚାପ ବର୍ଷାରେ କିଛି ଜିଲାରେ ବର୍ଷା ହୋଇଥିଲେ ମଧ୍ୟ ରାଜ୍ୟର ଅନେକ ଜିଲାର ଚାଷୀ ଏବେ ବର୍ଷାକୁ ଚାତକ ପରି ଚାହିଁ ରହିଛନ୍ତି। ଅଗଷ୍ଟ ଅଧାମାସ ବିତିବାକୁ ବସିଲାଣି, ବିଲରେ ଧାନତଳି ରୁଆ ହୋଇପାରିଲା ନାହିଁ। ବର୍ଷ ସାରା ଖୋରାକ ଯୋଗାଡ଼ ହେବ କି ନାହିଁ ସେହି ଆଶଙ୍କା ଏବେ ଚାଷୀ ମନକୁ ଆନ୍ଦୋଳିତ କରୁଛି। ମହାନଦୀ ଓ ଶାଖାନଦୀରେ ପାଣି ଉଚ୍ଛୁଳୁଥିବାବେଳେ ଏହାର ଆଖପାଖ ବିଲ ଶୁଖିଲା ପଡ଼ିଛି।

ଆସନ୍ତା ୨୦ ତାରିଖ ଯାଏ ରାଜ୍ୟକୁ କୌଣସି ବଡ଼ ବର୍ଷାର ସୂଚନା ନ ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ଚାଷୀଙ୍କ ଚିନ୍ତା ବଢ଼ାଇଛି। ଚାଷ କେମିତି ହେବ ସେ ଚିନ୍ତା ଚାଷୀଙ୍କୁ ଘାରିଛି। ପାଣିପାଗ ବିଭାଗ ହିସାବ କହୁଛି, ରାଜ୍ୟରେ ସ୍ୱାଭାବିକ ବର୍ଷା ହୋଇଛି। ଜୁନ୍ ପହିଲାରୁ ଅଗଷ୍ଟ ୮ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୬୫୬.୮ ମିଲିମିଟର ବର୍ଷା ହେବାକୁ ଥିବାବେଳେ ୬୪୪.୯ ମିଲିମିଟର ବର୍ଷା ହୋଇଛି। ବାସ୍ତବ କ୍ଷେତ୍ରରେ ରାଜ୍ୟର ଅନେକ ବ୍ଲକ ଏବେ ଭୟଙ୍କର ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି।

ରାଜ୍ୟର ୭ ଜିଲାର ଚାଷୀ ଏବେ ପାଣି ପାଇଁ ଉହଳବିକଳ ହେଉଛନ୍ତି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୭ ଜିଲାରେ ଏବେ ବି ନିଅଣ୍ଟିଆ ବର୍ଷା ହୋଇଛି। ନବରଙ୍ଗପୁର ଜିଲାରେ ଜୁନ୍ ପହିଲାରୁ ଅଗଷ୍ଟ ୮ ମଧ୍ୟରେ ୪୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ାରେ ୩୧, ଗଞ୍ଜାମରେ ୩୨, କଳାହାଣ୍ଡିରେ ୨୭, ପୁରୀରେ ୨୪, ଯାଜପୁରରେ ୨୧ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୧ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ନବରଙ୍ଗପୁର ଜିଲାର ୧୦ ବ୍ଲକ, ଗଞ୍ଜାମର ୨୨ ବ୍ଲକ ଏବଂ କେନ୍ଦ୍ରାପଡ଼ାର ୯ ବ୍ଲକ ଗଭୀର ଭାବେ ପ୍ରଭାବିତ ହୋଇଛି। କେନାଲ ପାଣିରେ କିଛି ବ୍ଲକର ଅଳ୍ପ କେତେକ ଜମିରେ ଚାଷ କାର୍ଯ୍ୟ ହେଉଥିବା ବେଳେ ଅଧିକାଂଶ ବ୍ଲକରେ ମରୁଡ଼ି ସ୍ଥିତି ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲାର ଗରଦପୁର, ମହାକାଳପଡ଼ା, ମାର୍ଶାଘାଇ ବ୍ଲକ ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ନବରଙ୍ଗପୁର ବ୍ଲକର ପାପଡ଼ାହାଣ୍ଡି, ଚନ୍ଦାହାଣ୍ଡି, ଉମରକୋଟ, ଡାବୁଗାଁ, ତେନ୍ତୁଲୁଖୁଣ୍ଟି ଏବଂ ଗଞ୍ଜାମ ଜିଲାର ୭ରୁ ୮ଟି ବ୍ଲକରେ ବର୍ଷାଭାବରୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଗୋଟିଏ ପଟେ ବର୍ଷା ଦାଉ ସାଜିଥିବା ବେଳେ ଜଳସେଚନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଅନେକ ବ୍ଲକରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟିହୋଇଛି। ରାଜ୍ୟରେ ମୋଟ ୩୦ ପ୍ରତିଶତ ଚାଷ ଜମିକୁ ଜଳସେଚନ କରାଯାଇଥିବା ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଚାଷୀ ବାବୁଲି ଲେଙ୍କା କହିଛନ୍ତି, ଭଗବାନ ଆମ ଉପରେ ଦାଉ ସାଧୁଛନ୍ତି। ଅନ୍ୟ ଜିଲାରେ ବର୍ଷା ହେଉଥିବା ବେଳେ ଆମ ଜିଲାରେ ବର୍ଷା ନାହିଁ। ଚାଷ ପାଇଁ କେନାଲ ପାଣି ମଧ୍ୟ ନାହିଁ। ନଦୀରେ ପାଣି ଚାଲିଯାଉଛି। ଜମିରେ ମୁନ୍ଦାଏ ପାଣି ନାହିଁ। ନଦୀରେ ଯଦି କଲଭର୍ଟ କିମ୍ବା ସାଇଫନ ଭଳି କିଛି ବ୍ୟବସ୍ଥା କରାଯାଇଥାଆନ୍ତା ତେବେ ଜମିରେ ପାଣି ମାଡ଼ି ଚାଷ ହୋଇଥାଆନ୍ତା। ଚଳିତ ବର୍ଷ ଧାନ ହେବ କି ନାହିଁ ତାହା କହିହେବ ନାହିଁ। ସମୟ ଗଡ଼ିଗଲାଣି। ତଳି ନାଲି ପଡ଼ି ଆସିଲାଣି। ଭଗବାନଙ୍କୁ ଭରସା କରିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ।

ଅନ୍ୟପକ୍ଷରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁ ରାଜ୍ୟର କେତେକ ଜିଲାରେ ଅନେକ କ୍ଷୟକ୍ଷତି ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ ପ୍ରାଥମିକ ଆକଳନ ଅନୁଯାୟୀ, ରାଜ୍ୟର ୨୪ ଜିଲାର ୨୫୩ ବ୍ଲକର ୧୧୯୭୩ ଗାଁ ଓ ୨୬ଟି ପୌରାଞ୍ଚଳର ୧୦୧ଟି ୱାର୍ଡର ୬ ଲକ୍ଷ ୨୪ ହଜାର ୫୬୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବର୍ଷା ଓ ବନ୍ୟା ଯୋଗୁ ୨୮୯୩ କଚାଘର ଭାଙ୍ଗି ଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ପରିବେଶବିତ୍ ମତ ଦେଉଛନ୍ତି।

# ସମ୍ବଲପୁରରେ ୫ ଡେଙ୍ଗୁ ରୋଗୀ ଚିହ୍ନଟ

ସମ୍ବଲପୁର,୮।୮(ଶୁଭାଶିଷ ପାଢ଼ୀ)–ସମ୍ବଲପୁର ଜିଲାରେ ମଙ୍ଗଳବାର ୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏହି ରୋଗୀମାନଙ୍କୁ ଜିଲା ସଦର ଡାକ୍ତରଖାନାର ସ୍ୱତନ୍ତ୍ର ୱାର୍ଡରେ ଚିକିତ୍ସା କରାଯାଉଛି। ସମସ୍ତ ରୋଗୀ ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଅଞ୍ଚଳର। ଏହା ଜାଣିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲା ପ୍ରଶାସନ ସ୍ୱତନ୍ତ୍ର ଅଭିଯାନ କରିବାକୁ ଏସ୍‌ଏମ୍‌ସିକୁ ନିର୍ଦ୍ଦେଶ ଦେଇଛି। ଏ ସମ୍ପର୍କରେ ଏଡିଏମ୍ ଅଜାମ୍ବର ମହାନ୍ତି କହିଛନ୍ତି, ମଙ୍ଗଳବାର ୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ପୁରୁଷ ଓ ୨ଜଣ ମହିଳା ଅଛନ୍ତି। ଏମାନେ ମହାନଗର ନିଗମ ଅଞ୍ଚଳର ହୋଇଥିବାରୁ ଏସ୍‌ଏମ୍‌ସି ଅଧୀନରେ ରହୁଥିବା ଲୋକମାନଙ୍କୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ। ଘର ଚତୁଃପାର୍ଶ୍ୱ ସଫାସୁତୁରା ରଖିବା ସହ ଡ୍ରେନ୍‌ରେ ଅଳିଆ ଆବର୍ଜନା ଯେପରି ନ ଜମିବ ସେଥିପ୍ରତି ଦୃଷ୍ଟିଦେବାକୁ ହେବ। ପାଣି ଜମିରହିଲେ ମଶାବଂଶ ବୃଦ୍ଧିପାଇ ରୋଗ ହେବା ଭୟ ରହୁଛି। ଘରେ ଶୋଇବା ସମୟରେ ମଶାରି କିମ୍ବା ମଶାମରା ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଏହାର ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମହାନଗର ନିଗମ କର୍ମଚାରୀ ଓ ଅଧିକାରୀଙ୍କୁ କୁହାଯାଇଛି। ଚିହ୍ନଟ ହୋଇଥିବା ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଛି।

# ଜାଲ୍ ସାର୍ଟିଫିକେଟରେ ଚାକିରି: ଶିକ୍ଷୟିତ୍ରୀ ନିଲମ୍ବିତ

ବାସୁଦେବପୁର, ୮।୮(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କରଞ୍ଜଆଡ଼ିଆ ମଲିକାଦେଇପୁର ନୋଡାଲ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ରେବତୀ ଜେନା ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଯାଞ୍ଚ ବେଳେ ଧରାପଡ଼ିଛନ୍ତି। ଏଥିପାଇଁ ମଙ୍ଗଳବାର ବାସୁଦେବପୁର ବିଇଓ ଜଗବନ୍ଧୁ ସାହୁ ଚିଠି ନଂ. ୪୧୩୬/୮।୮।୨୩ରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସେ ୨୦୦୫ରେ ଶିକ୍ଷାସହାୟକ ଭାବେ କାର୍ଯ୍ୟ ଆରମ୍ଭ କରି ୨୦୧୧ରେ ନିୟମିତ ହୋଇଥିଲେ। ବନ୍ତ ବ୍ଲକରୁ ବାସୁଦେବପୁର ବ୍ଲକକୁ ବଦଳି ହୋଇ ଆସିବା ପରେ କରଞ୍ଜଆଡ଼ିଆ ମଲିକାଦେଇପୁର ନୋଡାଲ ହାଇସ୍କୁଲରେ କାର୍ଯ୍ୟରତ ଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କର ବିଇଡି ସାର୍ଟିଫିକେଟ୍ ନକଲି ଥିବା ଜଣାପଡ଼ିବା ପରେ ନିଲମ୍ବନ କରାଯାଇଥିବା ବିଇଓ ସାହୁ କହିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀ



ଗୁରୁକଲ୍ୟାଣ ମହାପାତ୍ର

ସରଳା ଦେବୀ ଜନ୍ମ ହୋଇଥିଲେ ୧୯୦୪, ଅଗଷ୍ଟ ୯ ତାରିଖରେ। ତାଙ୍କର ଜନ୍ମଦିବସରେ ତ ୧୯୪୨ରୁ କେବଳ ଓଡ଼ିଶା ନୁହେଁ, ସାରା ଭାରତ ବର୍ଷରେ ଅଗଷ୍ଟ କ୍ରାନ୍ତି ଦିବସ ଆରମ୍ଭ ହୋଇଥିଲା। ଦୁଃଖର କଥା ଯେ ସରଳା ଦେବୀଙ୍କର ଜନ୍ମଦିବସକୁ ନେଇ କେତେକ ଓଡ଼ିଆ ଅଯଥା ବିବାଦ ମଧ୍ୟକୁ ଚାଲିଆସୁଛନ୍ତି ଓ ସରଳା ଦେବୀ ୧୯୦୪, ଅଗଷ୍ଟ ୧୯ରେ ଜନ୍ମ ହୋଇଥିଲେ ବୋଲି ଯୁକ୍ତି କରୁଛନ୍ତି।

ଗତ ୧୯୮୬ରେ ଓଡ଼ିଶା ସାହିତ୍ୟ ଏକାଡେମୀର ମୁଖପତ୍ର 'କୋଣାର୍କ'ରେ ତତ୍କାଳୀନ ଓଡ଼ିଶା ସାହିତ୍ୟ ଏକାଡେମୀର ଉପ-ସଭାପତି, ପଦ୍ମଶ୍ରୀ ଉପାଧିପ୍ରାପ୍ତ ଓ ବିଶିଷ୍ଟ କବି ରାଧାମୋହନ ଗଡ଼ନାୟକ (ଏବେ ସ୍ୱର୍ଗରେ) ତାଙ୍କର ସମ୍ପାଦକୀୟରେ (ସେତେବେଳେ ସେ ମଧ୍ୟ 'କୋଣାର୍କ'ର ସମ୍ପାଦକ ଥିଲେ) ଉଲ୍ଲେଖ କରିଥିଲେ, 'ସ୍ୱନାମଧନ୍ୟା ସରଳା ଦେବୀ ଗତ ଅକ୍ଟୋବର ୪ ତାରିଖରେ ତାଙ୍କର କଟକ ତେଲେଙ୍ଗା ବଜାରସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସରଳା ଦେବୀ ୧୯୦୪, ଅଗଷ୍ଟ ୯ ରେ କଟକ ଜିଲା ବାଲିକୁଦାର କାନୁନ୍‌ଗୋ ପରିବାରରେ ଭୂମିଷ୍ଠ ହୋଇଥିଲେ। ତାଙ୍କର ୮୨ ବର୍ଷ ଜୀବନକାଳ ମଧ୍ୟରେ ସେ ଦେଶର ମୁକ୍ତିସଂଗ୍ରାମରେ ରାଜନୀତି କ୍ଷେତ୍ରରେ ଜାତୀୟ ସାହିତ୍ୟ ସାଧନାରେ ନିଜର କୃତିତ୍ୱର ଉଜ୍ଜ୍ୱଳ ସ୍ୱାକ୍ଷର ରଖିଯାଇଛନ୍ତି। ଆହୁରି ମଧ୍ୟ ଓଡ଼ିଶାର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜର ସମ୍ପାଦିକା, ଉପ-ସଭାନେତ୍ରୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ସେ ସିନେଟର ଥିଲେ। ସବୁ କ୍ଷେତ୍ରରେ ସେ ଥିଲେ ଦୃଷ୍ଟି ସମ୍ମୁଖରେ'।



ପ୍ରକୃତରେ ବିଭିନ୍ନ କ୍ଷେତ୍ରରେ ସେ ପ୍ରଥମ ଓଡ଼ିଆ ମହିଳା ପଦବୀରେ ଥିଲେ ମଧ୍ୟ କେବେ ଗର୍ବ ବା ଅହଂକାର ତାଙ୍କୁ ସ୍ପର୍ଶ କରି ନ ଥିଲା। ଗଞ୍ଜାମ ଜିଲାର ହୁମା ଠାରେ ୧୯୩୦ ମେ' ୩୧ରେ ଶତାଧିକ ମହିଳାଙ୍କ ଗହଣରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଓଡ଼ିଶାର ପ୍ରଥମ ମହିଳା ସତ୍ୟାଗ୍ରହୀ ଭାବେ କାରାବରଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପୂର୍ବତନ ପ୍ରଫେସର ଅତୁଲଚନ୍ଦ୍ର ପ୍ରଧାନ ତାଙ୍କ ରଚିତ ଇଂଲିଶ ପୁସ୍ତକରେ ଏହା ଉଲ୍ଲେଖ କରିଛନ୍ତି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସର ପୂର୍ବତନ ପ୍ରଫେସର ଡ. ସୋମା ଚାନ୍ଦ ତାଙ୍କର ଏକ ଇଂଲିଶ ପ୍ରବନ୍ଧରେ ଦର୍ଶାଇଛନ୍ତି ଯେ, ସେ ଓଡ଼ିଶାର ପ୍ରଥମ ମହିଳା ବିଧାୟିକା, କଟକ ସମବାୟ ବ୍ୟାଙ୍କର ପ୍ରଥମ ମହିଳା ନିର୍ଦ୍ଦେଶିକା, କରାଚୀରେ ଅନୁଷ୍ଠିତ ପ୍ରାକ୍ ସ୍ୱାଧୀନତା କାଳରେ କଂଗ୍ରେସ ଅଧିବେଶନରେ ପ୍ରଥମ ଓଡ଼ିଆ ମହିଳା ପ୍ରତିନିଧି ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ନେତୃତ୍ୱରେ ଗଠିତ ଶିକ୍ଷା କମିଶନରେ ପ୍ରଥମ ମହିଳା ସଦସ୍ୟା।

ଉତ୍କଳ ବିଶ୍ୱବିଦ୍ୟାଳୟର ଭୂତପୂର୍ବ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ତଥା ପ୍ରଫେସର ଡ. ସଙ୍ଘମିତ୍ରା ମିଶ୍ର ତାଙ୍କ ସମାଲୋଚନା ଗ୍ରନ୍ଥ 'ଓଡ଼ିଆ ଗଦ୍ୟ : ବିନ୍ଦୁରୁ ବିସ୍ତାର' ପୁସ୍ତକରେ ମହାନ୍ ବିପ୍ଳବିନୀ ତଥା ସାରସ୍ୱତ ସାଧିକା ସରଳା ଦେବୀ ଶୀର୍ଷକ ପ୍ରବନ୍ଧରେ ଲେଖିଛନ୍ତି – "୧୯୨୧ ମାର୍ଚ୍ଚ ୨୩ ରେ ଗୋପବନ୍ଧୁ ଦାସଙ୍କ ନିମନ୍ତ୍ରଣ ରକ୍ଷାକରି ଗାନ୍ଧିଜୀ ଓଡ଼ିଶା ଆସିଥିଲେ... ଗାନ୍ଧିଜୀଙ୍କ ସଭାରେ ଯୋଗଦେବାକୁ ଲୋକଙ୍କୁ ଅନୁରୋଧ କରି ସେ କଟକର ଗଳିକନ୍ଦି ବୁଲୁଥିଲେ। ସରଳାଙ୍କ ଅନୁରୋଧ ରକ୍ଷାକରି ପ୍ରାୟ ୪୦ଜଣ ମହିଳା ଗାନ୍ଧିଜୀଙ୍କ ସଭାରେ ଯୋଗଦେଇଥିଲେ। ଗାନ୍ଧିଜୀଙ୍କ ଭାବପୂର୍ଣ୍ଣ ଆହ୍ୱାନକୁ ଗ୍ରହଣ କରି ଅନେକ କୁଳୀନ ମହିଳାଙ୍କ ଭଳି ସରଳା ନିଜେ ପିନ୍ଧିଥିବା ସମସ୍ତ ଅଳଙ୍କାର ଗାନ୍ଧିଜୀଙ୍କ ସ୍ୱରାଜ୍ୟ ପାଣ୍ଠିକୁ ଅର୍ପଣ କରିଦେଇଥିଲେ। ତା'ପରେ ଜୀବନସାରା ସେ ଆଉ କେବେ ଅଳଙ୍କାର ପିନ୍ଧି ନ ଥିଲେ।"

୨୦୨୨ରେ ସରଳା ଦେବୀଙ୍କର ପବିତ୍ର ୧୧୯ତମ ଜନ୍ମଦିବସ ଉପଲକ୍ଷେ ଅଗଷ୍ଟ ୯ ରେ ଏକ ରାଜ୍ୟସ୍ତରୀୟ ଉତ୍ସବ ଭୁବନେଶ୍ୱରରେ ବିଶିଷ୍ଟ ସାମ୍ବାଦିକ ଓ ସୁଲେଖକ ପ୍ରଦୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ବହୁ ମାଣ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ଏକ ଟ୍ରଷ୍ଟ ମଧ୍ୟ ଗଠନ କରାଯାଇଛି। ଏ ଲେଖକ ଓ ଆଡ୍‌ଭୋକେଟ୍ ଶକ୍ତିକାନ୍ତ ଦାସ ଏହି ଟ୍ରଷ୍ଟ ଜରିଆରେ ଚଳିତବର୍ଷ ଜୟନ୍ତୀ ଉତ୍ସବ ପାଳନ ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି।

ଭୁବନେଶ୍ୱର
ମୋ:୯୪୩୭୦୧୨୧୨୩




ନୀରବତା ଭିତରେ ହିଁ ରହିଛି ସର୍ବଶ୍ରେଷ୍ଠ ଶକ୍ତି। ... ତୁମେ ଯଦି ନୀରବ ରହି ଶୁଣ– ତେବେ ତୁମେ ଠିକ୍ ଶୁଣି ପାରିବ ଓ ଠିକ୍ ଭାବେ ବୁଝି ପାରିବ। .. ଲୋକେ ଯଦି ନୀରବ ରହିବା ପାଇଁ ଶିଖନ୍ତେ– ତେବେ ପୃଥିବୀର କେତେ ଗୋଳମାଳିଆ ପରିସ୍ଥିତି ସୁଧୁରି ଯାଆନ୍ତା ! –ଶ୍ରୀମା



# କ'ଣ ମିଳିବ

ଭାରତର ଚନ୍ଦ୍ରୟାନ–୩ ଏବେ ଚନ୍ଦ୍ର କକ୍ଷପଥରେ ଘୂରିବା ସହ ତାହାର ନିକଟତର ହେଉଛି। ଏହା ଅଗଷ୍ଟ ୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଂ ବା ଯାନରେ କୌଣସି କ୍ଷତି ନ ଘଟି ଅବତରଣ କରିବ ବୋଲି ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ତରଫରୁ କୁହାଯାଇଛି। ଅବତରଣ ସଫଳ ହେଲେ ଦକ୍ଷିଣ ମେରୁରେ ପହଞ୍ଚିବାରେ ଭାରତ ପୃଥିବୀର ପ୍ରଥମ ଦେଶ ହେବ। ଏଠାରେ ଉଲ୍ଲେଖଯୋଗ୍ୟ, ଚନ୍ଦ୍ରୟାନ–୧ ଚନ୍ଦ୍ର ଚାରିପାଖରେ ଘୂରି ତଥ୍ୟ ଦେବା ସହ କ୍ରାସ୍ ଲାଣ୍ଡିଂ କରିଥିଲା ଏବଂ ଏଥିରେ ଆଂଶିକ ସଫଳତା ମିଳିଥିଲା। ଏହାପରେ ଚନ୍ଦ୍ରୟାନ–୨କୁ ବହୁ ଆଡ଼ମ୍ବରରେ ପଠାଯାଇଥିଲେ ମଧ୍ୟ ତାହା ସଫ୍ଟ ଲାଣ୍ଡିଂ କରିବାରେ ବିଫଳ ହୋଇଥିଲା।

ଚନ୍ଦ୍ରୟାନ–୩ର ଲକ୍ଷ୍ୟ ହାସଲ ସମୟ ପାଖେଇ ଆସୁଥିବାବେଳେ ରୁଷିଆ ଅଗଷ୍ଟ ୧୧ରେ ତାହାର ଲୁନା–୨୫ ଲ୍ୟାଣ୍ଡରକୁ ଦକ୍ଷିଣ ମେରୁକୁ ପଠାଇବ ବୋଲି ଘୋଷଣା କରିଛି। ପୂର୍ବରୁ ୧୯୭୬ରେ ଶେଷଥର ଲୁନା–୨୪ ଚନ୍ଦ୍ରରୁ ମାଟି ସଂଗ୍ରହ କରି ଆଣିବା ପରେ ସୋଭିଏତ୍ ତା' ଚନ୍ଦ୍ର ମିଶନ ବନ୍ଦ ରଖିଥିଲା। ତାହାର ପାଖାପାଖି ୫୦ ବର୍ଷ ପରେ ପୁନର୍ବାର ଚନ୍ଦ୍ର ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଚନ୍ଦ୍ରୟାନ–୩ ଅବତରଣ କରିବା ପୂର୍ବରୁ କିମ୍ବା ପରେ ଲୁନା–୨୫ ଲ୍ୟାଣ୍ଡ କରିବ ଓ ଉଭୟ ଯାନର ପୃଥକ୍ ଲ୍ୟାଣ୍ଡିଂ ସ୍ଥଳ ରହିଥିବାରୁ କୌଣସି ବାଧା ଉପୁଜିବ ନାହିଁ ବୋଲି ରୁଷୀୟ ମହାକାଶ ସଂସ୍ଥା ରସ୍‌କସ୍‌ମସ୍ କହିଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ଯାନ ଅବତରଣ କରିବାରେ କେଉଁ ଦେଶ ପୃଥିବୀରେ ପ୍ରଥମ ହେଉଛି, ତାହା ଅଗଷ୍ଟ ୨୩ରେ ସ୍ପଷ୍ଟ ହୋଇଯିବ।

ସୋଭିଏତ୍ ଯୁଗର ଅବସାନ ପରେ ଆଧୁନିକ ରୁଷିଆ ଏବେ ମହାକାଶ ଦୌଡ଼ରେ ଆମେରିକା ଓ ଚାଇନା ପଛରେ ରହିଯାଇଥିବାରୁ ତା' କାର୍ଯ୍ୟକ୍ରମକୁ ଜୋରଦାର କରି ଭାରତ ସହିତ ପ୍ରତିଯୋଗିତା କଲାଭଳି ମନେହେଉଛି। କେତେ ବଡ଼ ଦେଶ କେଉଁ ସ୍ତରକୁ ଖସି ଆସିଲା ଦେଖି ମନରେ ଦୁଃଖ ସୃଷ୍ଟି ହେଉଛି। ଚଳିତବର୍ଷ ଜାପାନ, ଦକ୍ଷିଣ କୋରିଆ, ସଂଯୁକ୍ତ ଆରବ ସଂଘ ଏବଂ ଆମେରିକା ସେମାନଙ୍କ ଚନ୍ଦ୍ର ଅଭିଯାନ ଯୋଜନା ରଖିଛନ୍ତି। ଏବେ ସୁଦ୍ଧା ୧୧ଟି ଦେଶ ଚନ୍ଦ୍ରକୁ ଯାନ ପଠାଇବାରେ ସକ୍ଷମ ହୋଇପାରିଛନ୍ତି। ଆମେରିକା ୧୯୬୯ରେ ଚନ୍ଦ୍ରରେ ପ୍ରଥମେ ମଣିଷ ପହଞ୍ଚାଇ ଥିଲା ଓ ରୁଷିଆ ଏଥିପାଇଁ ବହୁ ପ୍ରୟାସ କରି ବିଫଳ ହୋଇଥିଲା। ତେବେ ୭୦ ଦଶକରୁ ଉଭୟ ଆମେରିକା ଓ ରୁଷିଆ ଅତ୍ୟଧିକ ଖର୍ଚ୍ଚ ଯୋଗୁ ସେମାନଙ୍କ ଚନ୍ଦ୍ର ଅଭିଯାନକୁ ବନ୍ଦ କରିଦେଇଥିଲେ। ସେବେଠାରୁ ୫୦ ବର୍ଷ ହେଲା ଚନ୍ଦ୍ରକୁ ମଣିଷ ପଠାଇବାର ଆଗ୍ରହ ଦେଖାଯାଇ ନାହିଁ। ଏବେ ପୁନର୍ବାର ଚନ୍ଦ୍ରକୁ ମଣିଷ ପଠାଯାଇ ବସତି ସ୍ଥାପନ କରିବା ସକାଶେ ଦକ୍ଷିଣ ମେରୁରେ ସ୍ଥିତି ପରଖିବା ଲାଗି ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି। ଚନ୍ଦ୍ରରେ ଯଦି ମଣିଷ ଘର କରି ରହେ, ତେବେ ଏହା ପୃଥିବୀରେ କି ପରିବର୍ତ୍ତନ ଆଣିବ ତାହା ବୁଝାପଡୁନାହିଁ। ପୃଥିବୀର ମେରୁ ଅଞ୍ଚଳରେ ପ୍ରତିକୂଳ ପରିସ୍ଥିତିରେ ମଣିଷ ରହିବା କଷ୍ଟକର ହେଉଥିବାବେଳେ ଜୀବ ପାଇଁ କୌଣସି ଅନୁକୂଳ ପରବେଶ ନ ଥିବା ଚନ୍ଦ୍ରରେ ମଣିଷ ବସତି ସ୍ଥାପନ କରିବା ଅସମ୍ଭବ ମନେହୁଏ। ଅନ୍ୟପକ୍ଷରେ ଚନ୍ଦ୍ରରେ ଥିବା ପ୍ରଚୁର ଶକ୍ତି ସମ୍ପନ୍ନ ଧାତବ ହିଲିୟମ–୩ ଉପରେ ଚାଇନା ଓ ଆମେରିକା ଆଖି ପକାଇଛନ୍ତି। କୁହାଯାଇପାରେ, ସେଠାରେ ମାଇନିଂ ପଦ୍ଧତିରେ ଏହି ଧାତବ ଆଣିବା ଅତ୍ୟନ୍ତ ବ୍ୟୟବହୁଳ ଓ କଠିନ ବ୍ୟାପାର। ତେବେ ଏହିସବୁ କାର୍ଯ୍ୟକ୍ରମ ପଛର ବାସ୍ତବ ଲାଭ କ୍ଷତିକୁ ହିସାବ କଲେ ଏଥିରୁ ମାନବ ଜାତିକୁ ଅତୀତରେ ମିଳିଛି କ'ଣ କିମ୍ବା ଆଗକୁ ମିଳିବ କ'ଣ ତାହା ସ୍ପଷ୍ଟ ହେଉନି। ଏବେ ଚନ୍ଦ୍ର ବିଜୟ ଲକ୍ଷ୍ୟରେ ସାମିଲ ହେଉଥିବା ଦେଶଗୁଡ଼ିକୁ ଅନେକ ବିଲିୟନ ଡଲାର ବ୍ୟୟ କରିବାକୁ ପଡୁଛି। ବିକଶିତ ଅର୍ଥ ବ୍ୟବସ୍ଥା ଥିବା ଦେଶଗୁଡ଼ିକ ଏହା କରିବାକୁ ସମର୍ଥ। କିନ୍ତୁ ସମ୍ପ୍ରତି ବିଶ୍ୱ ଖାଦ୍ୟାଭାବ, ଜଳବାୟୁ ସଙ୍କଟ ଦେଇ ଗତି କରୁଥିବା ବେଳେ ଏହା ଉପରେ ପ୍ରଶ୍ନ ଉଠିବା ବାସ୍ତବିକ। ବିଶେଷକରି ଭାରତ ଭଳି ଦେଶ ପାଇଁ ଏଭଳି ଗବେଷଣାତ୍ମକ କାର୍ଯ୍ୟକ୍ରମ ଦ୍ୱାରା ଗରିବ ଲୋକଙ୍କୁ କୌଣସି ଲାଭ ପହଞ୍ଚିବ ନାହିଁ। ଏହା ସ୍ୱୀକାର କରିବାକୁ ହେବ ଯେ,ମୌଳିକ ବୈଜ୍ଞାନିକ ଅନୁସନ୍ଧାନ କରୁଥିବା ଦେଶଗୁଡ଼ିକ ଅନେକ ଦିଗରେ ସଫଳତା ଲାଭ କରିଆସିଛନ୍ତି। ଏକବିଂଶ ଶତାବ୍ଦୀରେ ସେହି ଚିନ୍ତାଧାରାର ପରିବର୍ତ୍ତନ ଘଟିଛି। ମଣିଷର ବ୍ୟବହାର ପାଇଁ ପ୍ରସ୍ତୁତ ହେଉଥିବା ଔଷଧ, ଯାନବାହନ ଏବଂ ଶିକ୍ଷା ଭଳି ଅନେକ ବିଷୟରେ ଗବେଷଣା କରାଯାଇ ପାଟେଣ୍ଟ ନିଆଯାଇପାରନ୍ତା। ମହାକାଶ ପରିବର୍ତ୍ତେ ଭାରତ ଭଳି ଦେଶ ତାହାର ଲମ୍ବା ଉପକୂଳରେ ଥିବା ସମୁଦ୍ରକୁ ଉଚିତ ପଦ୍ଧତିରେ ଯଦି ବୈଜ୍ଞାନିକ ଅନୁସନ୍ଧାନ କରିପାରନ୍ତା, ତେବେ ସେଥିରୁ ନାଗରିକଙ୍କ ପାଇଁ ତତ୍‌କ୍ଷଣାତ ଅନେକ ଲାଭ ହାସଲ କରିହୁଅନ୍ତା। ଚନ୍ଦ୍ରରେ ପହଞ୍ଚିବା ପୂର୍ବରୁ ବଙ୍ଗୋପସାଗରର ନ୍ୟାୟିକ କ୍ଷେତ୍ର ଏବଂ ଭାରତ ମହାସାଗରର ଅନୁସନ୍ଧାନ ଓ ଗବେଷଣା କରି ଲାଭ ଉଠାଇବା ଅଧିକ ଯୁକ୍ତିଯୁକ୍ତ ହୋଇପାରନ୍ତା।

ମହାକାଶ ପରିବର୍ତ୍ତେ ଭାରତ ଭଳି ଦେଶ ତାହାର ଲମ୍ବା ଉପକୂଳରେ ଥିବା ସମୁଦ୍ରକୁ ଉଚିତ ପଦ୍ଧତିରେ ଯଦି ବୈଜ୍ଞାନିକ ଅନୁସନ୍ଧାନ କରିପାରନ୍ତା, ତେବେ ସେଥିରୁ ନାଗରିକଙ୍କ ପାଇଁ ତତ୍‌କ୍ଷଣାତ ଅନେକ ଲାଭ ହାସଲ କରିହୁଅନ୍ତା।



# ଶିକ୍ଷା ବ୍ୟବସ୍ଥାରେ 'ବାଇଚଢ଼େଇ ସାର୍ଟିଫିକେଟ'

ଡ. ଅନ୍ତର୍ଜିତା ନାୟକ

ବାଇଚଢ଼େଇ ମୋ ପିଲାଦିନର ଅତି ପ୍ରିୟ ପକ୍ଷୀ ଥିଲା। ଆଉ ଏହି ବାଇଚଢ଼େଇ ଗୀତଥିଲା ମୋ ଆଈର ଅତି ପ୍ରିୟଗୀତ। ମୁଁ ଯେତେବେଳେ ବି ମାମୁଘରକୁ ଯାଏ, ମୋ ଆଈ ମୋତେ ଏଇ ଗୀତଗାଇ ଖୁଆଇ ଦିଏ ଓ ଶୁଆଇ ଦିଏ। ମୋର ଆଜି ବି ସେଇ ସବୁକଥା ଝାପ୍ସା ମନେଅଛି। ବାଇଚଢ଼େଇ ଓ ସେଇ ବାଇଚଢ଼େଇ ଗୀତ ଜୀବନର ଅଲିଭାସ୍ମୃତି ବହିର ଏକ ପ୍ରିୟପୃଷ୍ଠା। ଆପଣମାନେ ବାଇଚଢ଼େଇକୁ ଦେଖିଛନ୍ତି କି? ଏବେ ତ ସେ ଆଉ ଦେଖା ବି ଯାଉନାହିଁ। ଉଚ୍ଚ ଅଟ୍ଟାଳିକା, ଧୂଆଁଳିଆ ପରିବେଶ, ଘେଁ–ଘାଁ, ପେଁ–ପାଁ ଶବ୍ଦରେ ନିଜ ଡେଣାଝାଡ଼ି ନ ପାରି, ଶ୍ୱାସରୁଦ୍ଧ ହୋଇ, ବସିବାକୁ କି ବସାବାନ୍ଧିବାକୁ ଜାଗାଟିଏ ନ ପାଇ ବୋଧହୁଏ ସିଏ ଆମକୁ ଓ ଆମ ସହରକୁ ଛାଡ଼ିପଳାଇଛି। ବାଇଚଢ଼େଇ ବାୟାବସା ଆପଣ ଦେଖିଛନ୍ତି ? ଏହି ବାୟାବସାକୁ ନେଇ ଏକ ସାମାଜିକ ପ୍ରଥା ଅଛି, ଯାହାକୁ ବିଶ୍ୱାସ କରିବା ବା ଅବିଶ୍ୱାସ କରିବା ଆପଣଙ୍କ ଉପରେ। ହେଲେ ସେଇ ଛୋଟ ବାଇଚଢ଼େଇ ଓ ତା'ର ବାୟାବସା ଆମ ଶିକ୍ଷାଦାନ ଓ ଶିକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି, ଯାହା ଉପରେ ଏହି ଆଲେଖ୍ୟଟି ଆଧାରିତ।

ପିଲାଦିନେ ଖରାଛୁଟିରେ ମୁଁ ମୋ ମାମୁଘରକୁ ଯାଇଥାଏ। ଖରାଦିନ ରାତିରେ ଦିନେ ବହୁତ ଜୋରରେ ଝଡ଼ ଆସିଲା। ତା'ପରଦିନ, ବାଡ଼ିରେ ଥିବା ଆମ୍ବଗଛମୂଳକୁ ମୁଁ ଧାଇଁଲି, ମିଠାମିଠା ଆମ୍ବ ଗୋଟେଇବାକୁ। ଆମ୍ବ ଗୋଟାଉ ଗୋଟାଉ, ଗୋଟେ ବାଇଚଢ଼େଇବସା ତଳେ ପଡ଼ିଥିବାର ଦେଖିଲି। ଗୋଟେଇ ଥିବା ଆମ୍ବତକ ତଳେ ରଖିଦେଇ, ସେଇ ବାୟାବସାକୁ ଧରି ଆଈପାଖକୁ ଦୌଡ଼ିଲି। 'ଦେଖ ଦେଖ ଆଈ ମୁଁ କ'ଣ ପାଇଛି।' ଆଈ ମୋ ହାତରେ ଥିବା ବାଇଚଢ଼େଇ ବସାକୁ ଦେଖି ଖୁସିହେବା ବଦଳରେ, ତାକୁ ମୋ ହାତରୁ ଛଡ଼େଇ ନେଇଗଲା ଓ କହିଲା, ''ଛୋଟପିଲାମାନେ ଏଇବସାକୁ ଧରିଲେ ପାଳିଜ୍ୱର ହେବ। ତୁ ଆଉ କେବେ ବି ଯାକୁ ଛୁଇଁବୁନି।'' ମୁଁ ଧରିଛି ତୁ ଦେଖ। ସେତେବେଳେ କିଛି ନ ବୁଝି ମୁଁ ବଡ଼ ହଁଟିଏ ମାରି ଆଈକଥା ମାନିଗଲି, ଆଉ ପଚାରିଲି, ''ଏଇଟା କ'ଣ କାଲିରାତି ଝଡ଼ରେ ଗଛରୁ ଖସିପଡ଼ିଛି ?'' ମୋ ଆଈ କହିଲା, ନା ! ଏଇ ବସାଟି ବାଇଚଢ଼େଇ ନିଜେ ଫିଙ୍ଗିଦେଇଛି। ବାଇଚଢ଼େଇ ବସା ବନାଉଥିବା ବେଳେ ଯଦି କିଛି ଭୁଲ୍ ହୋଇଯାଏ, ତେବେ ସିଏ ସେଇ ବସାକୁ ଫିଙ୍ଗି, ନୂଆବସା ତିଆରି କରେ। ଖୁବ୍ ପରିଶ୍ରମ କରି ନିଜ ଛୋଟ ଥଣ୍ଟରେ ଘାସ, ପତ୍ର ଚିରି ବସା ତିଆରି କରେ। ପରିଶ୍ରମ କରିବାକୁ ତାକୁ ଭୟ ଲାଗେନାହିଁ। ହେଲେ ଭୁଲ୍ ତିଆରି କରିଥିବା ଘରେ ରହିବାକୁ ତାକୁ ଭଲଲାଗେ ନାହିଁ। ଯେତେଥର



ଭୁଲ୍ କରିବ, ସେତେଥର ସଜାଡ଼ିବ। ଆଉ ଏମିତି ଏକ ବସା ତିଆରି କରିବ, ଯାହା ଭିତରେ ସେ ତା' ପିଲାଛୁଆଙ୍କୁ ନେଇ ଝଡ଼ବତାସରେ ବି ସୁରକ୍ଷିତ ରହିପାରିବ। ଛୋଟପକ୍ଷୀଟିଏ ହେଲେ କ'ଣ ହେବ, ତା'ର କାର୍ଯ୍ୟ ପ୍ରତି ଧୈର୍ଯ୍ୟ, ସ୍ଥିରତା, ପ୍ରତିବଦ୍ଧତା ଯୋଗୁ ସେ ନିଜ ପାଇଁ ଏକ ନିର୍ଭୁଲ୍ ବସା ତିଆରି କରିବାର କ୍ଷମତା ଓ ଦକ୍ଷତା ରଖେ। ଏହା କହି, ମୋ ଆଈ ସେଇ ବାଇଚଢ଼େଇ ବସାକୁ ବ୍ୟବହାର ହେଉ ନ ଥିବା ଏକ କୂଅକୁ ଫିଙ୍ଗିଦେଲା।

ଛୋଟପିଲାମାନେ ବାଇଚଢ଼େଇବସା ଧରିଲେ ତାଙ୍କୁ ପାଳିଜ୍ୱର ହୁଏ, ମୋ ଆଈର ଏହି କଥା ସମ୍ପୂର୍ଣ୍ଣ ମିଥ୍ୟା ହୋଇପାରେ, ହେଲେ ବାଇଚଢ଼େଇ ଓ ତା'ର ବସା ନିର୍ମାଣ କରିବାର ସାହସ, ଶକ୍ତି, ପ୍ରତିବଦ୍ଧତା ଓ ଧୈର୍ଯ୍ୟ ସମ୍ପୂର୍ଣ୍ଣ ସତ୍ୟ। ହେଲେ ବାଇଚଢ଼େଇକୁ ଏତେ କଥା କିଏ ଶିଖେଇଲା ? ସେ ତ ଆଉ ପାଠପଢ଼ିନି କି ଇଞ୍ଜିନିୟରିଂ କଲେଜ ଯାଇନାହିଁ, କି ପ୍ରତିଯୋଗିତାମୂଳକ ପରୀକ୍ଷା ତ ଦେଇନାହିଁ। ତେବେ ଜୀବନର ଏହି ପରୀକ୍ଷାରେ ସେ ପାସ୍ ହେଲା କିପରି ? କେଉଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଛୋଟ ବାଇଚଢ଼େଇ ଏତେ ଯୋଗ୍ୟତା ହାସଲ କରିପାରିଲା ? ଆମ ପିଲାମାନେ ତ କାହିଁ ଏତେ ପାଠପଢ଼ି, ଏତେ ପରୀକ୍ଷା ଦେଇ, ଜୀବନସାଙ୍ଗରେ ସଂଘର୍ଷ କରୁଛନ୍ତି ଓ ତା'ପରେ ଅଧିକାଂଶ ସମୟରେ ଫେଲ୍ ହୋଇଯାଉଛନ୍ତି! ଜୀବନରେ ଛୋଟବଡ଼ ଅସୁବିଧା ଆସିଲେ, ତାକୁ ସାହସ ଓ ଧୈର୍ଯ୍ୟ ସହ ସମ୍ମୁଖୀନ ନ କରି ଜୀବନରୁ ହାର୍ ମାନିଯାଉଛନ୍ତି! ବାଇଚଢ଼େଇ ଭଳି, ପଡିକି ଉଠିବା ବଦଳରେ ସଂସାରରୁ ଚାଲିଯିବାଟା ସହଜ ମଣୁଛନ୍ତି। ରାତା–ରାତି ସଫଳ ଓ ଧନୀହେବା ପଛରେ ଆମ ପିଲାମାନେ ନିଜର କର୍ମ କରିବା ଭୁଲି ଯାଉଛନ୍ତି, କାର୍ଯ୍ୟରେ ଧୈର୍ଯ୍ୟ ଓ ପ୍ରତିବଦ୍ଧତା ହରାଉଛନ୍ତି। ଭଲ ପାଠପଢୁଥିବା, ପରୀକ୍ଷାରେ ଭଲ ନମ୍ବର ପାଉଥିବା, ଚାକିରିରେ ଭଲ ଦରମା ରୋଜଗାର କରୁଥିବା, ସମାଜରେ ମାନ ସମ୍ମାନ ସାଉଁଟୁଥିବା ମଣିଷ ବି ନିଜକୁ ଅସଫଳ ମନେକରି ଆତ୍ମହତ୍ୟା କରିଦେଉଛି। ହେଲେ ଏମିତି କାହିଁକି ? କାରଣ ମଣିଷ ବାଇଚଢ଼େଇ ଭଳି ନୁହେଁ। ନିଜ ଭୁଲ୍ ସୁଧାରି କାମକରିବା ବା କାର୍ଯ୍ୟ ପ୍ରତି ଧୈର୍ଯ୍ୟ ଓ ପ୍ରତିବଦ୍ଧତା ଲାଗି ଆଜିକାଲି ପିଲାମାନଙ୍କ ପାଖରେ ସମୟ ନାହିଁ। ସେଥିଲାଗି ଆମ ଦେଶରେ ପାଠୁଆ ବେକାରିଙ୍କ ସଂଖ୍ୟା ଅଧିକ। ଭଲ ପାଠ ପଢୁଛନ୍ତି, ପରୀକ୍ଷାରେ ଭଲ ନମ୍ବର ରଖୁଛନ୍ତି, ହେଲେ ଜୀବନ ସଂଘର୍ଷରେ ଉତ୍ତୀର୍ଣ୍ଣ ହୋଇପାରୁ ନାହାନ୍ତି। ନିଜ ଭୁଲ୍‌କୁ ସ୍ୱୀକାର କରି ତାକୁ ସୁଧାରିବା ଆମ ପିଲାମାନଙ୍କର ସମ୍ମାନ ବିରୁଦ୍ଧରେ। ହାତକୁ ନେଇଥିବା କାମକୁ ସୁଚାରୁରୂପେ ସମ୍ପାଦନ କରିବାର ଧୈର୍ଯ୍ୟ ଓ କୌଶଳ ଆମ ପିଲାମାନଙ୍କ ପାଖରେ କମିକମି ଚାଲିଛି। ଆଜିକାଲି ଭଲ କାମକରିବା ଆମ ପିଲାଙ୍କର ଲକ୍ଷ୍ୟ ନୁହେଁ। ଲକ୍ଷ୍ୟହେଲା କେମିତି ଯାଇତାଇ କରି କାମ ସାରିଦେବା, ସୁଯୋଗ ପାଇଲେ ଟିକିଏ ଠକିଦେବା ଓ ଶୀଘ୍ର ଶୀଘ୍ର ସଫଳତାର ଶିଡ଼ି କେମିତି ଚଢ଼ିଯିବା। ସେଥିଲାଗି ବୋଧେ କେଉଁଠି ନବନିର୍ମିତ ବନ୍ଧ ଭୁଶୁଡ଼ିଲାଣି ତ କେଉଁଠି ଅପରେସନରେ ଗଜ୍‌କନା ପେଟ ଭିତରେ ରହିଗଲାଣି। କେଉଁଠି ମଣିଷ, ମଣିଷ ହୋଇ ରହିବାକୁ ଲାଞ୍ଚ ନେଲାଣି ତ କେତେବେଳେ କିଏ ମଣିଷଠାରୁ ମଣିଷପଣିଆ ଓ ମାନବିକତା ଆଶାରେ ଲାଞ୍ଚ ଦେଲାଣି। କର୍ମକ୍ଷେତ୍ରରେ ହେଉ ବା ଜୀବନ ସଂଘର୍ଷରେ ହେଉ, ଧୈର୍ଯ୍ୟ ଲାଗି ଆଉ ସମୟ ନାହିଁ। ହେଲେ ଆମେ ଭୁଲିଯାଉଛନ୍ତି ଯେ କାର୍ଯ୍ୟସିଦ୍ଧି ଲାଗି ଲୋଡ଼ା ପରିଶ୍ରମ, ଦୃଢ଼ତା, ଧୈର୍ଯ୍ୟ, ବିଶ୍ୱାସ ଓ ପ୍ରତିବଦ୍ଧତା।

ଛୋଟ ବାଇଚଢ଼େଇଟିର ଧୈର୍ଯ୍ୟ, କର୍ମ ପ୍ରତିବଦ୍ଧତା, ସ୍ଥିରତା, ଭୁଲ୍ ସୁଧାରିବାର କ୍ଷମତା, ବିଶାଳ ମାନବଜାତିଠାରୁ ଖୁବ ଉର୍ଦ୍ଧ୍ୱରେ। ହେଲେ ମଣିଷକୁ ଏଇ 'ବାଇଚଢ଼େଇ ପ୍ରମାଣପତ୍ର' ମିଳିବ କିପରି ? କେଉଁ ପରୀକ୍ଷା ଆମକୁ ବାଇଚଢ଼େଇ ଭଳି ଯୋଗ୍ୟ ବିବେଚିତ କରିପାରିବ ? ଆମ ଶିକ୍ଷା ବ୍ୟବସ୍ଥାରେ ଥିବା ପରୀକ୍ଷାଶୈଳୀ ବା ପରୀକ୍ଷା ପଦ୍ଧତି କ'ଣ ମଣିଷ ଭିତରେ ଥିବା ବାଇଚଢ଼େଇ ଗୁଣର ମୂଲ୍ୟାୟନ କରିପାରୁଛି ? ଆମେ ମଣିଷମାନେ ପାଠପଢ଼ି, ଯେଉଁ ପରୀକ୍ଷା ସବୁ ଦେଉଛନ୍ତି, ସେଇ ପରୀକ୍ଷା କେବଳ ମେଶିନ ହେବାର ପ୍ରମାଣପତ୍ର ହିଁ ଦେଇପାରୁଛି। ମେଶିନ ହେବାର ପ୍ରମାଣପତ୍ର ତ ସହଜରେ ମିଳିଯିବ, କିନ୍ତୁ ମଣିଷ ହୋଇ ଜୀବନରେ ଉତ୍ତୀର୍ଣ୍ଣ ହେବା ଲାଗି ଦରକାର 'ବାଇଚଢ଼େଇ ପ୍ରମାଣପତ୍ର', ଯାହା ବୋଧହୁଏ ଆମ ଶିକ୍ଷାଦାନ, ଶିକ୍ଷା ବ୍ୟବସ୍ଥା ଓ ପରୀକ୍ଷା ପଦ୍ଧତିର ପରିସର ବାହାରେ। ପଢୁଥିବା ପାଠ ବା ଦେଉଥିବା ପରୀକ୍ଷା ଆମକୁ ଚାକିରିଟିଏ କରି ପଇସା ରୋଜଗାର କରିବାର ପନ୍ଥା ଯୋଗାଇ ଦେଇପାରେ, କିନ୍ତୁ ବାଇଚଢ଼େଇଟିଏ ହୋଇ ଧୈର୍ଯ୍ୟ ଓ ପ୍ରତିବଦ୍ଧତାର ଜ୍ଞାନ ବା ଜ୍ଞାନର ହିସାବ ଆମ ପାଠ ଓ ଦେଉଥିବା ପରୀକ୍ଷା ବାହାରେ ରହିଗଲା ଭଳି ମନେହେଉଛି।

ମୋ: ୬୩୭୦୯୦୫୯୪୭



# ଅନୁଚିତ ଅନୁଗ୍ରହ

ଯଦୁମଣି ପାଣିଗ୍ରାହୀ

ଏ ଦୁନିଆରେ ଦୁଃସ୍ଥ, ଅସହାୟ ଓ ଅବହେଳିତ ଅବସ୍ଥାରେ ଥିବା ମଣିଷଟେ ପ୍ରତି କାହା ମନରେ ଦୟା କିମ୍ବା ଅନୁଗ୍ରହର ଭାବ ସୃଷ୍ଟି ନ ହେବ କହିଲେ। ଆଜି ଆମ ବିପର୍ଯ୍ୟୟମୁଖୀ ସାମାଜିକ ଜୀବନ ଭିତରେ ବି ଅନେକ ଲୋକ ଆଶାର ଆଲୋକ ଭଳି ସେମାନଙ୍କ ହୃଦୟ ଭିତରେ ଅନୁକମ୍ପା ଓ ଅନୁଗ୍ରହ ଭାବ ପ୍ରଦର୍ଶନର ସ୍ୱଭାବଟିକୁ ଆଜିଯାଏ ବଳବତ୍ତର ରଖିଛନ୍ତି। ସୁବିଧା ଅସୁବିଧା ଅଥବା ବିପଦ ଆପଦରେ ପଡ଼ିଥିବା ଲୋକ ସର୍ବୋପରି ସମାଜର ସକଳ ଦୁଃଖ ଦୈନ୍ୟତା ଭିତରେ ଶଢ଼ି ଶଢ଼ି ମରୁଥିବା ମଣିଷଙ୍କୁ ଦେଖିଲେ ସତରେ ଖୁବ୍ ଦୁଃଖ ଲାଗେ। ତେଣୁ ସେମାନଙ୍କ ପ୍ରତି ସାମାନ୍ୟ ଅନୁଗ୍ରହ ଓ ସମବେଦନା ପ୍ରଦର୍ଶନ କରିବାକୁ ଆମ ବିବେକ ଆମକୁ ବାଧ୍ୟ କରିଥାଏ। ଆଜି ନୁହେଁ ବରଂ ମଣିଷ ସୃଷ୍ଟିର ଆଦ୍ୟକାଳରୁ ଏ ଭାବ ଓ ଭାବନା ସଦାସର୍ବଦା ମଣିଷର ହୃଦୟରେ ରହିଆସିଛି। ଭୋକିଲା ଲୋକଟାକୁ ଖାଇବା ଲାଗି କିଛି ଖାଦ୍ୟପଦାର୍ଥ ଦେବାଠାରୁ ପୁଣି ବାଟଭିକାରୀକୁ କିଛି ଦାନ କରିବାର ସ୍ୱଭାବ ଆଜିବି ଅନେକଙ୍କ ଭିତରେ ରହିଛି। ସେହିପରି ପାଠପଢ଼ାଠାରୁ ଆରମ୍ଭକରି ରୋଗ ପାଇଁ ଚିକିତ୍ସା ଖର୍ଚ୍ଚ ଓ ବିବାହ ବ୍ରତାଦି କର୍ମ ସମ୍ପାଦନରେ ଅକ୍ଷମ ବ୍ୟକ୍ତିଙ୍କୁ ଅନେକେ ଦୟା ଓ ଅନୁଗ୍ରହ ଦେଖାଇଥାନ୍ତି। ପରିସ୍ଥିତିର ତାଡ଼ନାରେ ହେଉ କି ବିପଦ ଆପଦ କିମ୍ବା ଅଭାବ ଅସୁବିଧାରେ ପଡ଼ି ହେଉ ଯେତେବେଳେ ଜଣେ ଅନ୍ୟ ଜଣଙ୍କଠାରୁ କିଛି ସାହାଯ୍ୟ ସହଯୋଗ କାମନା କରେ, ସେତେବେଳେ ତା' ପ୍ରତି ଯଥାସମ୍ଭବ ଅନୁଗ୍ରହ ପ୍ରଦର୍ଶନ କରିବା ହେଉଛି ମଣିଷ ପଣିଆ। ବ୍ୟକ୍ତିଗତ ଜୀବନରେ କାହା ପ୍ରତି ଏମିତି ଦୟା ଓ ଅନୁଗ୍ରହ ଭାବ ପ୍ରଦର୍ଶନ କରାଯିବା ଭଲ କଥା ନିଶ୍ଚୟ। ଅନ୍ୟପକ୍ଷେ କୌଣସି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ବିଜୁଳି ଯୋଗାଣ ଆଦି ନେଇ ରହିଥିବା ସମସ୍ୟା କୌଣସି ଜନ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଅନୁଗ୍ରହରୁ ଯଦି ସମାଧାନ ହୋଇପାରୁଛି ତେବେ ତାହା ବି ଅତି ଗୌରବର ବିଷୟ। ମାତ୍ର ଅନୁଗ୍ରହ ଯେବେ କାହାର ବ୍ୟକ୍ତିଗତ ଫାଇଦା ହାସଲକୁ ପ୍ରୋତ୍ସାହିତକରେ ତଥା ମଣିଷର ସାମଗ୍ରିକ ସ୍ୱାର୍ଥର ପରିପନ୍ଥୀ ସାଜେ ତେବେ ଏଭଳି ଅନୁଚିତ ଅନୁଗ୍ରହ ପ୍ରଦର୍ଶନରୁ ସର୍ବଦା ବିରତ ରହିବା ଆବଶ୍ୟକ। ଅନୁଚିତ ଭାବେ କାହାକୁ ଅନୁଗ୍ରହ କରାଯିବା ଆଦୌ ସମୀଚୀନ ନୁହେଁ। କାରଣ ଏକ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ସମାଜର ସବୁ ବର୍ଗର ସ୍ୱାର୍ଥ ଓ ସମସ୍ୟାକୁ ଗୁରୁତ୍ୱ ଦିଆଯିବା ନିୟମ ଥିବା ସ୍ଥଳେ କାହାର ଅନୁଚିତ ଅନୁଗ୍ରହରୁ ଜଣେ କିମ୍ବା ମୁଷ୍ଟିମେୟ ଲୋକ ଫାଇଦା ହାସଲ କରିବାର ସୁଯୋଗ ପାଇଲେ ସାମାଜିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଛି। ଅନେକ ସମୟରେ ଦେଖାଯାଏ ଶାସନରେ ଥିବା ଦଳ, ନିର୍ବାଚିତ ଜନ ପ୍ରତିନିଧି କିମ୍ବା ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଲାଭ ବା ଲୋଭବଶତଃ ଯେବେ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରନ୍ତି ତେବେ ତାହା ଦ୍ୱାରା ସଂପୃକ୍ତ ବ୍ୟକ୍ତି କିମ୍ବା ଗୋଷ୍ଠୀ ଲାଭବାନ୍ ହେବେ ସତ ହେଲେ ଅନ୍ୟମାନେ ଯେ ଏହାଦ୍ୱାରା ଗୁରୁତର ପ୍ରଭାବିତ ହେବେ ଏଥିରେ ସନ୍ଦେହ ନାହିଁ। ତା'ଛଡ଼ା



ଏହାକୁ ନେଇ ଅଶାନ୍ତି ଓ ଅସନ୍ତୋଷ ବୃଦ୍ଧିପାଇବ ଏବଂ ସାମାଜିକ ଭେଦଭାବ ବି ସୃଷ୍ଟି ହେବ।

କାହା ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରିବା ପୂର୍ବରୁ ଏହାର ପ୍ରାସଙ୍ଗିକତାକୁ ବିଚାର କରାଯିବା ଆବଶ୍ୟକ। ନୀତିନିୟମ ଆଧାରରେ ତଥା ଯଥାର୍ଥ ଓ ନ୍ୟାୟସଙ୍ଗତ ଭାବେ ସର୍ବୋପରି ସମାଜର ହିତକୁ ଆଖି ଆଗରେ ରଖି ବ୍ୟକ୍ତି ବା ଗୋଷ୍ଠୀ ପ୍ରତି ଅନୁଗ୍ରହ ପ୍ରଦର୍ଶନ କରାଯିବାରେ ଅସୁବିଧା ନାହିଁ। ଦେଶ ସ୍ୱାଧୀନତା ପାଇବା ଦିନଠାରୁ ପୁଣି ଆଜି ଯାଏ ମୁଷ୍ଟିମେୟ ଲୋକଙ୍କ ସ୍ୱାର୍ଥ ଓ ସୁଖସୁବିଧାକୁ ଦୃଷ୍ଟିରେ ରଖି ସେମାନଙ୍କ ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦାନ କରାଯିବାର କୁପରିଣାମ ସମଗ୍ର ଦେଶବାସୀଙ୍କୁ ହିଁ ଭୋଗିବାକୁ ହେଉଛି। ଅନେକ ସମୟରେ ଦେଖାଯାଏ ସରକାର ଗରିବଙ୍କ ହିତ ଲାଗି ଯୋଜନା ମାନ ପ୍ରଣୟନ କରୁଥିବା ବେଳେ ସମାଜର ଥିଲାବାଲା ଶ୍ରେଣୀର ଲୋକେ ସେଥିରୁ ଫାଇଦା ଉଠାଇବାରେ ସକ୍ଷମ ହେଉଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ଜନ ପ୍ରତିନିଧିମାନେ ଏଭଳି ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରୁଥିବା ବେଳେ ସେମାନଙ୍କ ଚାପରେ ପଡ଼ି ପ୍ରଶାସନିକ ଅଧିକାରୀମାନେ ବି ଏହାକୁ ନୀରବ ସମର୍ଥନ ଯୋଗାଇ ଚାଲିଛନ୍ତି। ଏହାଦ୍ୱାରା ଯୋଗ୍ୟ ହିତାଧିକାରୀଟିଏ ଯୋଜନାରେ ସାମିଲହେବାରୁ ବଞ୍ଚିତ ହେଉଛି। ଏହା କ'ଣ ତାକୁ ନିରାଶ ଓ ନିରୁତ୍ସାହିତ କରୁନାହିଁ କି ? ଆଜିର ଭୋଟ ସର୍ବସ୍ୱ ଓ ସୁବିଧାବାଦୀ ରାଜନୀତି କ୍ଷେତ୍ରରେ ଏଭଳି ଅନୁଚିତ ଅନୁଗ୍ରହର ମାତ୍ରା ଢେ ଅଧିକ। କୌଣସି ରାଜନୈତିକ ଦଳ ଯେବେ କ୍ଷମତାକୁ ଆସୁଛି ତେବେ ସେ ଦଳର ମନ୍ତ୍ରୀ, ବିଧାୟକଙ୍କଠାରୁ ଆରମ୍ଭକରି ଦଳୀୟ ପଦପଦବୀରେ ଥିବା ନେତାମାନେ ବିଭିନ୍ନ ସମୟରେ ସେମାନଙ୍କ ଦଳର କର୍ମୀ, ସମର୍ଥକଙ୍କଠାରୁ ଆରମ୍ଭକରି ପୁଣି ନିଜ ସମ୍ପର୍କୀୟ ଓ ବନ୍ଧୁବାନ୍ଧବମାନଙ୍କ ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରୁଛନ୍ତି। ଫଳରେ ସମାଜରେ ଦୁର୍ନୀତି ଭ୍ରଷ୍ଟାଚାର ବଢୁଛି। ସମାଜରେ ଅରାଜକତା ଓ ବିଶୃଙ୍ଖଳା ଦେଖାଦେଉଛି। ଦଳର ଉପରିସ୍ଥଙ୍କ ଅଦୃଶ୍ୟ ଆଶୀର୍ବାଦ ଓ ସହଯୋଗର ହାତ ସେମାନଙ୍କ ମୁଣ୍ଡ ଉପରେ ରହୁଥିବାରୁ ସେମାନେ କଳାକୁ ଧଳା କରିବାରେ ସକ୍ଷମ ହେଉଛନ୍ତି। ବିଭିନ୍ନ ପଦପଦବୀରେ ଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ବି ସେହି ପଥର ପଥିକ ସାଜୁଛନ୍ତି। ନିର୍ବାଚନ ବେଳେ ଦଳକୁ ସହଯୋଗ କରିଥିବା ଠିକାଦାର, ବ୍ୟବସାୟୀ, ଶିଳ୍ପପତି ତଥା ପୁଞ୍ଜିପତିଙ୍କ ପ୍ରତି ମଧ୍ୟ ଜନ ପ୍ରତିନିଧି, ମନ୍ତ୍ରୀ ଓ ନେତାଙ୍କ ଅନୁଚିତ ଅନୁଗ୍ରହ ରହିଥାଏ। ଯେଉଁଥିପାଇଁ ଅନେକ ସମୟରେ ସେମାନଙ୍କୁ ସୁହାଇଲା ଭଳି ନୀତିନିୟମ ସରକାର ପ୍ରଣୟନ କରିଥାନ୍ତି। ବିଭିନ୍ନ ସରକାରୀ ଦପ୍ତରରେ କାର୍ଯ୍ୟରତ ଅଧସ୍ତନ କର୍ମଚାରୀଙ୍କ ପ୍ରତି ଉପରିସ୍ଥ ଅଧିକାରୀଙ୍କ ଅନୁଚିତ ଅନୁଗ୍ରହ ରହିଥିବା ମଧ୍ୟ ଦେଖାଯାଏ। ଏହି ଅଧସ୍ତନଙ୍କ ଦ୍ୱାରା ସେମାନେ ନାନା ଭାବେ ଉପକୃତ ହେଉଥିବା କାରଣରୁ ସେମାନେ ସେମାନଙ୍କର ରକ୍ଷାକବଚ ସାଜିଥାନ୍ତି। ସେହିପରି ଚୋରି, ଡକାୟତି, ହତ୍ୟା, ଦୁଷ୍କର୍ମଠାରୁ ପୁଣି ଦୁର୍ନୀତି ଓ ଅନିୟମିତତାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସାବାଡ କରିବା ଦାୟିତ୍ୱରେ ଥିବା କେତେଜଣ ବିଭାଗୀୟ ଅଧିକାରୀଙ୍କ ଅନୁଚିତ ଅନୁଗ୍ରହ ଯୋଗୁ ସମାଜରେ ବିଭିନ୍ନ ଅପରାଧର ମାତ୍ରା ବଢ଼ିବାରେ ଲାଗିଛି।

ଶଙ୍ଖିଡ଼ା, ତିହିଡ଼ି, ଭଦ୍ରକ
ମୋ:୯୯୩୭୫୬୫୫୨୭

## ଏଇ ଭାରତରେ

୨୩ ବର୍ଷ ବୟସରେ ଶ୍ରୀ ହର୍ଷ ଡାଇବେଟିସ, କ୍ୟାନ୍‌ସର ରୋଗୀମାନଙ୍କ ଘରେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ନେଇ ପହଞ୍ଚାଇ ଦେଉଛନ୍ତି। ଏହି କାର୍ଯ୍ୟରେ ତାଙ୍କୁ ଶରତ ଚନ୍ଦ୍ର, ନିରାଲି ପରେଖ ସହଯୋଗ କରୁଛନ୍ତି। ଏମାନେ ସମସ୍ତେ ମିଶି 'ହାଇପୋଥାଲାମସ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି ସେବା ଯୋଗାଇ ଦେଉଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବହୁ ରୋଗୀ ଅର୍ଥାଭାବରୁ ହେଉ କିମ୍ବା ମାନବସମ୍ବଳ ଅଭାବରୁ ଖାଦ୍ୟ ଖାଇପାରୁ ନ ଥିବା ଦେଖିବା ପରେ ହର୍ଷ ସେମାନଙ୍କ ଘରେ ଖାଦ୍ୟ ପହଞ୍ଚାଇବା ଆରମ୍ଭ କରିଥିଲେ। ତାଙ୍କ ସହ ଶରତ ଓ ନିରାଲି ମିଶିବା ପରେ ସେମାନେ ଏକାଠି ଏବେ ଶତାଧିକ ପୀଡ଼ିତଙ୍କୁ ଖାଦ୍ୟ ଦେଉଛନ୍ତି। ସେମାନେ ମଧ୍ୟାହ୍ନଭୋଜନ ଲାଗି ୬ ପ୍ରକାର ଖାଦ୍ୟ ପ୍ରସ୍ତୁତ କରୁଛନ୍ତି, ଏହା ସହ ସନ୍ଧ୍ୟାରେ ଡ୍ରାଏ ଫ୍ରୁଟ୍ସ ଦେଉଛନ୍ତି। ପ୍ରତିଦିନ ସେମାନେ ୫୦ ଜଣଙ୍କୁ ଖାଇବାକୁ ଦେଉଛନ୍ତି। ଖାଦ୍ୟର ମୂଲ୍ୟ ବଜାର ତୁଳନାରେ ବହୁତ କମ୍ ରଖାଯାଇଛି। ଅର୍ଥାତ୍ ଜଣେ ରୋଗୀ ପାଇଁ ବ୍ରେକ୍‌ଫାଷ୍ଟ, ମିଡ–ମିଲ୍, ଲଞ୍ଚ, ସ୍ନାକ୍ସ, ଡିନର୍ ସହ ଅଧିକ ଗୋଟିଏ ମିଲ୍ ସହ ମୋଟରେ ୬୦୦ ଟଙ୍କା ନେଉଛନ୍ତି। ସେମାନେ ୬ଟି ହସ୍ପିଟାଲ ସହ ଯୋଗାଯୋଗ ରକ୍ଷାକରି ରୋଗୀଙ୍କ ଠିକଣା ଜାଣିବା ପରେ ସେମାନଙ୍କ ସହ ଯୋଗାଯୋଗ ରକ୍ଷା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଅଗଷ୍ଟ ୧୯୯୮

- କଶ୍ମୀର ଉପତ୍ୟକାରେ ନିରାପତ୍ତାରକ୍ଷୀ ଓ ଉଗ୍ରବାଦୀଙ୍କ ମଧ୍ୟରେ ପୃଥକ ପୃଥକ ସଂଘର୍ଷ ଘଟି ୧୦ ଉଗ୍ରବାଦୀଙ୍କ ସମେତ ୧୬ ନିହତ।
- ସଶସ୍ତ୍ର ତାଲିବାନମାନେ ଆଫଗାନିସ୍ତାନର ଉତ୍ତରାଞ୍ଚଳ ସହର ମଜାର–ଇ–ଶରିଫକୁ ନିଜ ନିୟନ୍ତ୍ରଣକୁ ଆଣିବା ପରେ ସେଠାରେ ଥିବା ଇରାନୀୟ ଦୂତାବାସକୁ ଦଖଲ କରିନେଇଛନ୍ତି।
- କଲମ୍ବିଆର ନୂଆ ରାଷ୍ଟ୍ରପତି ଭାବେ ଆଣ୍ଡ୍ରେସ ପାଷ୍ଟ୍ରାନାଙ୍କ ଶପଥ ଗ୍ରହଣ।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 1 | | | | 2 | |
| | | | | | | 1 | | 4 |
| | 2 | 5 | | | 6 | 3 | | |
| | | | 6 | 1 | | | | 7 |
| | | | | | 2 | 5 | | |
| 3 | | | | | | | | |
| | 4 | 8 | | 6 | | | | |
| | | | 5 | 9 | 7 | 6 | | |
| | 9 | | 4 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 9 | 3 | 5 | 8 | 4 | 2 |
| 4 | 3 | 9 | 8 | 7 | 2 | 6 | 5 | 1 |
| 5 | 8 | 2 | 4 | 6 | 1 | 9 | 7 | 3 |
| 9 | 1 | 3 | 2 | 4 | 7 | 5 | 8 | 6 |
| 7 | 2 | 5 | 3 | 8 | 6 | 1 | 9 | 4 |
| 8 | 6 | 4 | 1 | 5 | 9 | 3 | 2 | 7 |
| 6 | 9 | 8 | 7 | 1 | 4 | 2 | 3 | 5 |
| 2 | 5 | 7 | 6 | 9 | 3 | 4 | 1 | 8 |
| 3 | 4 | 1 | 5 | 2 | 8 | 7 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତରେ ନିଯୁକ୍ତି ସଙ୍କୋଚନ

ମହାଶୟ,

ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୨୨ ମାର୍ଚ୍ଚରେ ଦେଶରେ ମୋଟ ୯,୬୪,୩୫୯ କେନ୍ଦ୍ରୀୟ ପଦବୀ ଖାଲି ପଡ଼ିଥିଲା । ଏହା ସମୁଦାୟ ମଞ୍ଜୁରୀପ୍ରାପ୍ତ ପଦବୀର ୨୫% । ୨୦୦୨ରେ ୯.୪% ଓ ୨୦୧୪ ରେ ୧୨% କେନ୍ଦ୍ରୀୟ ପଦବୀ ଖାଲି ପଡ଼ିଥିଲା । ପୂର୍ବ ସରକାରଙ୍କ ଅମଳରେ ବର୍ତ୍ତମାନ ଅନୁସାରେ କମ୍ ପ୍ରତିଶତ ପଦବୀ ଖାଲିପଡ଼ିଥିବାରୁ ସେତେବେଳେ ନିଯୁକ୍ତି ପ୍ରକ୍ରିୟା ଅଧିକ କ୍ରିୟାଶୀଳ ଓ କ୍ଷିପ୍ର ଥିବା ଏଥିରୁ ଜଣାପଡୁଛି । ପ୍ରଧାନମନ୍ତ୍ରୀ ୨୦୨୨ ଅକ୍ଟୋବର ୨୨ରୁ ଆଗାମୀ ଦେଢ଼ବର୍ଷ ମଧ୍ୟରେ ୧୦ ଲକ୍ଷ ନିଯୁକ୍ତି ଲକ୍ଷ୍ୟ ରଖି ସ୍ୱତନ୍ତ୍ର ରୋଜଗାର ମେଳାର ଶୁଭାରମ୍ଭ କରିଛନ୍ତି । ପ୍ରତିଥର ୭୦,୦୦୦ରୁ ୭୫,୦୦୦ ପର୍ଯ୍ୟନ୍ତ ନିଯୁକ୍ତିପତ୍ର ବଣ୍ଟନ କରାଯାଉଛି । ଏହି ଲକ୍ଷ୍ୟ ପୂରଣ ହେବା ପରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ଜାରି ରହିବା ଆବଶ୍ୟକ । କାରଣ ସେତେବେଳକୁ ଆହୁରି ଅବସରଜନିତ ଲକ୍ଷ ଲକ୍ଷ ପଦବୀ ଖାଲି ପଡ଼ିଥିବ ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର ବିରିଡ଼ି, ଜଗତ୍‌ସିଂହପୁର

## ଚିରନ୍ତନୀ

ରୂପ ଖୋଜି ଅରୂପରେ ପ୍ରାଣ ତା'ର ହୁଏ ନିମଗନ
ଅନ୍ତରେ ବାଜଇ କେତେ ସୃଜନର ନିବିଡ଼ ବେଦନ।
ଉଦେ ହୁଏ କେତେ ଛବି ମାନସପଟରେ
ବିଚାରେ ଲଭିବ ନିକଟରେ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଦିଲ୍ଲୀରେ ୧୦ ମିନିଟ୍‌ରେ ୩ ଡକାୟତି ଓ ହତ୍ୟା**

ଦକ୍ଷିଣ ପଶ୍ଚିମ ଦିଲ୍ଲୀ ଅଞ୍ଚଳରେ ସୋମବାର ସିରିଜ ଡକାୟତି ଘଟିଛି। ଦୁର୍ବୃତ୍ତ ମାନେ ୧୦ ମିନିଟରେ ୩ ସ୍ଥାନରେ ଡକାୟତି କରିବା ସହ ଜଣେ ବରିଷ୍ଠ ନାଗରିକଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ମୋହନ ଲାଲ ଛାବ୍ରା। ଦୁର୍ବୃତ୍ତମାନେ ମୋହନଙ୍କ ଘରେ ପଶି ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେବା ସହ ତାଙ୍କୁ ହତ୍ୟା କରିଥିଲେ। ଏଥିସହ ଅନ୍ୟ ଦୁଇ ଜଣଙ୍କୁ ଆକ୍ରମଣ କରିବାରୁ ସେମାନେ ମଧ୍ୟ ଗୁରୁତର ହୋଇଛନ୍ତି। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି।



## ସଂକ୍ଷେପରେ

### ୟୁକ୍ରେନ୍‌ରେ ରୁଷିଆର କ୍ଷେପଣାସ୍ତ୍ର ମାଡ଼: ୭ ନିହତ

**କିଭ୍‌,୮।୮:** ୟୁକ୍ରେନ୍‌ର ପୂର୍ବଭାଗରେ ଥିବା ପୋକ୍ରୋଭସ୍କ ସହରରେ ରୁଷିଆର କ୍ଷେପଣାସ୍ତ୍ର ମାଡ଼ ଯୋଗୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୮୧ ଜଣ ଆହତ ହୋଇଛନ୍ତି। ଗୋଟିଏ କ୍ଷେପଣାସ୍ତ୍ର ଏକ ଆପାର୍ଟମେଣ୍ଟରେ ମାଡ଼ ହୋଇଥିବାବେଳେ ଅନ୍ୟଟି ଏକ ବିଲ୍ଡିଂରେ ପଡ଼ିଥିଲା। କ୍ରେମ୍‌ଲିନ୍‌ ସୈନ୍ୟମାନେ ଉଦ୍ଧାରକାରୀମାନଙ୍କୁ ଟାର୍ଗେଟ କରୁଥିବା ୟୁକ୍ରେନ୍ ଅଭିଯୋଗ କରିଛି। ମୃତକଙ୍କ ମଧ୍ୟରେ ୫ ସାଧାରଣ ନାଗରିକ, ଜଣେ ଉଦ୍ଧାରକାରୀ ଏବଂ ଜଣେ ସୈନ୍ୟ ଅଛନ୍ତି। ସେହିପରି ଆହତଙ୍କ ମଧ୍ୟରେ ୨ ପିଲାଙ୍କ ସମେତ ୩୯ ସାଧାରଣ ନାଗରିକ ଥିବାବେଳେ ୩୧ ପୋଲିସ ଅଧିକାରୀ, ୭ ଜରୁରୀ ସେବା ପ୍ରଦାନକାରୀ କର୍ମଚାରୀ ଓ ୪ ସୈନ୍ୟ ରହିଛନ୍ତି। ୪୦ ମିନିଟ୍ ବ୍ୟବଧାନରେ ଦୁଇଟି ଇସ୍କାଣ୍ଡର ମିସାଇଲ ଛଡ଼ାଯାଇଥିଲା।

### ନେତାଜୀଙ୍କ ପୁତୁରା ଅର୍ଦ୍ଧେନ୍ଦୁ ବୋଷଙ୍କ ପରଲୋକ

**ମୁମ୍ବାଇ,୮।୮:** ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ପୁତୁରା ଅର୍ଦ୍ଧେନ୍ଦୁ ବୋଷଙ୍କର ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୁମ୍ବାଇସ୍ଥିତ ବାସଭବନରେ ସେ ଆଖିବୁଜିଥିବା ତାଙ୍କ ସ୍ତ୍ରୀ କେର୍ମିନ ବୋଷ ସୂଚନା ଦେଇଛନ୍ତି।



ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ଅର୍ଦ୍ଧେନ୍ଦୁ ହେଉଛନ୍ତି ସୁଭାଷ ବୋଷଙ୍କ ସାନଭାଇ ଶୈଳେଶ ଚନ୍ଦ୍ର ବୋଷଙ୍କ ପୁଅ। ସେ ପେସାରେ ଜଣେ ମଡେଲ ଥିଲେ ଓ କେତେକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ।

### ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଇଡି ସମନ



ହେମନ୍ତ ସୋରେନ୍

**ନୂଆଦିଲ୍ଲୀ,୮।୮(ପି.ଟି.):** ମନିଲଣ୍ଡରିଂ ମାମଲାରେ ଜେରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ସମନ ଜାରି କରିଛି। ଆସନ୍ତା ସପ୍ତାହରେ ରାଞ୍ଚିସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇ ମନିଲଣ୍ଡରିଂ ନିରାକରଣ ଆଇନ ଅନୁଯାୟୀ ବୟାନ ରେକର୍ଡ କରାଇବାକୁ ତାଙ୍କୁ କୁହାଯାଇଛି। ତେବେ କେଉଁ ଘଟଣାକୁ ନେଇ ତାଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ ହୋଇଛି, ତାହା ଜଣାପଡ଼ି ନାହିଁ। ପୂର୍ବରୁ ଝାଡ଼ଖଣ୍ଡର ବେଆଇନ ଖଣି ଖନନ ମାମଲାରେ ସୋରେନ୍‌ଙ୍କୁ ଇଡି ଜେରା କରିଥିଲା।

### ଉତ୍ତରାଖଣ୍ଡରେ ଭୂସ୍ଖଳନ: ୩ ମୃତ

**ରୁଦ୍ରପ୍ରୟାଗ,୮।୮:** ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଅଞ୍ଚଳରେ ଭୂସ୍ଖଳନ ଘଟିଛି। ଫଳରେ ଗୋଟିଏ ତିନି ମହଲା ହୋଟେଲ ମାଟିରେ ମିଶିବା ସହ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ୧୭ ଜଣ ଲୋକ ନିଖୋଜ ଅଛନ୍ତି। ପ୍ରବଳ ବର୍ଷା କାରଣରୁ ସହରର ରାମପୁର ମାର୍କେଟ ଅଞ୍ଚଳରେ ଭୂସ୍ଖଳନ ଘଟିଥିଲା। ଘଟଣାବେଳେ ସ୍ଥାନୀୟ ଲୋକେ ସେଠାରେ ଉପସ୍ଥିତ ଥିଲେ। ତେବେ ହୋଟେଲ ଭୁଶୁଡ଼ିବା ପରେ ଲୋକେ ଦୌଡ଼ିବାରେ ଲାଗିଥିଲେ। ଅପରପକ୍ଷେ ଭୂସ୍ଖଳନ ପୂର୍ବରୁ ଏହି ହୋଟେଲ ସହ ସ୍ଥାନୀୟ ଅଞ୍ଚଳରେ ଥିବା ଘର ଓ ରାସ୍ତାକୁ ଖାଲି କରାଯାଇଥିବାରୁ ଏକ ବଡ଼ ଧରଣର ଅଘଟଣକୁ ରୋକା ଯାଇପାରିଥିଲା।

### ତିରୁପତି ମନ୍ଦିରକୁ ଭକ୍ତଙ୍କ ୫ କୋଟି ଦାନ

**ତିରୁପତି,୮।୮:** ତାମିଲନାଡୁର ଏକ ଭକ୍ତ ଗୋଷ୍ଠୀ ତିରୁମାଲା ତିରୁପତି ମନ୍ଦିରକୁ ୫ କୋଟି ୧୧ ଲକ୍ଷ ଟଙ୍କା ଦାନ କରିଛନ୍ତି। ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଏହି ଟଙ୍କା ସେମାନେ ଦାନ କରିଥିବା କହିଛନ୍ତି। ତିରୁମାଲା ତିରୁପତି ମନ୍ଦିର ପରିଚାଳନା କମିଟି ଚେନ୍ନାଇ ଓ ପୁଡୁଚେରୀ ସଭାପତି ଏ.ଜେ. ଶେଖର ରେଡ୍ଡୀ ଏହି ଟଙ୍କା ମନ୍ଦିରର ଉନ୍ନତି କାର୍ଯ୍ୟରେ କିପରି ଲାଗିବ ସେନେଇ ଯୋଜନା କରିଛନ୍ତି।



ପର୍ତ୍ତୁଗାଲରେ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ଯୋଗୁ ଜଙ୍ଗଲଗୁଡ଼ିକରେ ନିଆଁ ଲାଗିଛି। ଏହି ବନାଗ୍ନି ୧୬,୬୦୦ ଏକର ଚାଷଜମିକୁ ମାଡ଼ିଯିବାରୁ ସୋମବାର ରାତିରେ ୧୫୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସୋମବାର ସାଣ୍ଟାରାମରେ ତାପମାତ୍ରା୪୬.୪ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ କରାଯାଇଛି। ଓଡେମିରା ପୌରପାଳିକାର ୪ଟି ସ୍ଥାନରେ ନିଆଁ ଲାଗିଛି।

## ୟୁବକଙ୍କୁ ଗୋଇଠା ମାରି ଛେପ ଚଟାଇଲେ ଭାଜପା ନେତା

ରାଞ୍ଚି, ୮।୮



ଝାଡ଼ଖଣ୍ଡର ରାଞ୍ଚି ଜିଲାରେ ନଦୀରେ ଗାଧୋଉଥିବା ମହିଳାମାନଙ୍କ ଭିଡିଓ ପ୍ରସ୍ତୁତ କରୁଥିବା ଜଣେ ୟୁବକଙ୍କୁ ଭାଜପା ନେତା ତଥା ପୂର୍ବତନ ବିଧାୟକ ଦେବେନ୍ଦ୍ର କୁନ୍‌ୱାର ଉଠ୍‌ବସ୍ କରାଇବା ସହ ଗୋଇଠା ମାରି ଛେପ ଚଟାଇଥିଲେ। ଗତ ୬ ତାରିଖରେ ଏହି ଘଟଣା ଘଟିଥିବାବେଳେ ମାଡ଼ ମାରିବା ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେବେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ପୀଡ଼ିତ ୟୁବକ ତୌସିଫଙ୍କ ଘର ଡୁମ୍‌କା ଜିଲା ସାଧୁଡିହ ଗ୍ରାମରେ। ଭାଜପା ନେତା ଗୋଇଠା ମାରିଥିବା ସ୍ୱୀକାର କରିଛନ୍ତି। ସେ ଦଣ୍ଡ ଦେଇ ନ ଥିଲେ ଉତ୍ୟକ୍ତ ଲୋକେ ମାଡ଼ ମାରିଥାନ୍ତେ ଓ ୟୁବକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାନ୍ତା ବୋଲି ଭାଜପା ନେତା କହିଛନ୍ତି।

# ଆନ୍ତଃ ସେବା ସଙ୍ଗଠନ ବିଲ୍‌କୁ ମଞ୍ଜୁରୀ

ନୂଆଦିଲ୍ଲୀ,୮।୮(ପି.ଟି.)



ଆନ୍ତଃ ସେବା ସଂଗଠନ ବିଲ୍ ମଙ୍ଗଳବାର ପାର୍ଲାମେଣ୍ଟର ମଞ୍ଜୁରୀ ଲାଭ କରିଛି। ଆନ୍ତଃ ସେବା ସଂଗଠନଗୁଡ଼ିକର କମାଣ୍ଡର-ଇନ୍-ଚିଫ୍ ଏବଂ ଅଫିସର-ଇନ୍-କମାଣ୍ଡଙ୍କୁ ଉକ୍ତ ପ୍ରତିଷ୍ଠାନ ଅଧୀନରେ ଅନ୍ୟ ସୁରକ୍ଷା ବଳରେ କାର୍ଯ୍ୟରତ କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ ଓ ପ୍ରଶାସନିକ କ୍ଷମତା ଦେବା ଏହି ବିଲ୍‌ର ଉଦ୍ଦେଶ୍ୟ। ମଙ୍ଗଳବାର ରାଜ୍ୟ ସଭାରେ ଧ୍ୱନିମତରେ ଉକ୍ତ ବିଲ୍ ଗୃହୀତ ହୋଇଛି। ଗତ ୪ ତାରିଖରେ ଲୋକ ସଭା ଏହାକୁ ଅନୁମୋଦନ କରିଥିଲା। ବିଲ୍ ଉପରେ ଆଲୋଚନାରେ ଭାଗନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ, ଯେକୌଣସି ଯୁଦ୍ଧ ଲଢ଼ିବାକୁ ଭାରତ ପୂର୍ଣ୍ଣ ପ୍ରସ୍ତୁତ। ଆବଶ୍ୟକ ପଡ଼ିଲେ ଦେଶର ପ୍ରତିରକ୍ଷା ବ୍ୟୟ ଜିଡିପିର ୫ରୁ ୬ ପ୍ରତିଶତକୁ ବୃଦ୍ଧି କରାଯିବ। ସଶସ୍ତ୍ର ବଳରେ ଖାଲି ପଦବୀ ପୂରଣ କରିବା ଏକ ନିୟମିତ ଧାରା। ଦେଶର ସାମୁଦ୍ରିକ ସ୍ୱାର୍ଥ ପୂର୍ଣ୍ଣ ସୁରକ୍ଷିତ। ଏଥିରେ ଗୃହ ବିବ୍ରତ ହେବାର କୌଣସି କାରଣ ନାହିଁ। ଦେଶର ନିରାପତ୍ତା ସମେତ ଦେଶର ଗର୍ବ ଗୌରବର ସୁରକ୍ଷାରେ କୌଣସି କମି ହେବାକୁ ଦିଆଯିବ ନାହିଁ। ଏଥିପାଇଁ ସମସ୍ତ ଉଦ୍ୟମ କରାଯାଇଥିବା ରାଜନାଥ କହିଥିଲେ। ବିଲ୍ ଆଲୋଚନା ବେଳେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଆଲୋଚନାରେ ଭାଜପାର କାମାକ୍ଷା ପ୍ରସାଦ ତାସା, ବିଜେଡିର ସୁଜାତା କୁମାର, ଟିଡିପିର କନକମେଡଲା ରବୀନ୍ଦ୍ର କୁମାର, ଏଆଇଏଡିଏମ୍‌କେର ଏମ୍ ଥମ୍ବିଦୁରାଇ, ୱାଇଏସ୍‌ଆର୍‌ସିପିର ଭି. ବିଜୟସାଇ ରେଡ୍ଡୀ, ଟିଏମ୍‌ସି(ଏମ୍)ର ଜି.କେ. ଭାସନ ପ୍ରମୁଖ ଭାଗ ନେଇଥିଲେ।

## ଓ'ବ୍ରାଏନ୍‌ଙ୍କୁ ନେଇ ରାଜ୍ୟ ସଭାରେ ହାଇଡ୍ରାମା

**ନିଲମ୍ବନ ପ୍ରସ୍ତାବ ଉପରେ ଭୋଟ ହେଲାନି**

ତୃଣମୂଳ କଂଗ୍ରେସ ସଦସ୍ୟ ଡେରେକ୍ ଓ' ବ୍ରାଏନ୍‌ଙ୍କୁ ରାଜ୍ୟ ସଭାରୁ ନିଲମ୍ବନକୁ ନେଇ ମଙ୍ଗଳବାର ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଓ'ବ୍ରାଏନ୍‌ଙ୍କୁ ଗୃହରୁ ପ୍ରତ୍ୟାହାର କରିନେବାକୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀଶ ଧନ୍‌କର ପ୍ରଥମେ ଘୋଷଣା କରିଥିଲେ। ତାଙ୍କ ବିରୋଧରେ ଆସିଥିବା ନିଲମ୍ବନ ପ୍ରସ୍ତାବ ଉପରେ ଭୋଟ ନିଆଯାଇ ନ ଥିବାରୁ ଟିଏମ୍‌ସି ସଦସ୍ୟ ଗୃହର ଆଲୋଚନାରେ ଉପସ୍ଥିତ ରହିପାରିବେ ବୋଲି ପରେ ଧନ୍‌କର କହିଥିଲେ। ଫଳରେ ତାଙ୍କୁ ଗୃହ ଆଲୋଚନାରେ ଭାଗନେବା ଲାଗି ଅନୁମତି ମିଳିଥିଲା। ଓ'ବ୍ରାଏନ୍‌ଙ୍କ ପ୍ରତି ଗୃହର ଅଧ୍ୟକ୍ଷ ଉଦାର ମନୋଭାବ ରଖିବାକୁ କଂଗ୍ରେସ ସଦସ୍ୟ ପ୍ରମୋଦ ତିୱାରୀ ନିବେଦନ କରିଥିଲେ। ଯଦି ଚଳିତ ଅଧିବେଶନ ପାଇଁ ଓ'ବ୍ରାଏନ୍‌ଙ୍କୁ ନିଲମ୍ବନ କରାଯାଏ, ସେ ପୁଣିଥରେ ଫେରିପାରିବେ କି ବୋଲି ଅଧ୍ୟକ୍ଷ ପ୍ରଶ୍ନ କରିଥିଲେ। କୌଣସି ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାଙ୍କୁ କଷ୍ଟ ଦେଇଥାଏ ବୋଲି ଧନ୍‌କର କହିଥିଲେ।



ରାଜ୍ୟ ସଭାରେ ଟିଏମ୍‌ସି ସଦସ୍ୟ ଓ'ବ୍ରାଏନ୍।

## ବଙ୍ଗଳା ଫେରିପାଇଲେ ରାହୁଲ



ନୂଆଦିଲ୍ଲୀ,୮।୮(ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦଣ୍ଡାଦେଶ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଲଗାଇବା ପରେ ତାଙ୍କର ଲୋକ ସଭା ସଦସ୍ୟତା କାଏମ ରହିଛି। ତାଙ୍କୁ ତାଙ୍କର ସରକାରୀ ବଙ୍ଗଳା ଫେରାଇଦେବାକୁ ଲୋକ ସଭାର ହାଉସ୍ କମିଟି ନିଷ୍ପତ୍ତି ନେଇଛି। 'ସବୁ ମୋଦି ଚୋର' ମନ୍ତବ୍ୟ ପାଇଁ ଗୁଜରାଟର ଏକ ଅଦାଲତ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରି ୨ ବର୍ଷ ଜେଲଦଣ୍ଡାଦେଶ ଦେବା ପରେ ମାର୍ଚ୍ଚ ୨୪ରେ ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଥିଲା। ଏହା ପରେ ତାଙ୍କୁ ସରକାରୀ ବଙ୍ଗଳା ଖାଲି କରିବାକୁ କୁହାଯାଇଥିଲା। ୧୨, ତୋଗଲକ ଲେନ୍ ବଙ୍ଗଳା ଖାଲିକରିବା ପରେ ରାହୁଲ ଏବେ ତାଙ୍କ ମାଆ ତଥା କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବାସଭବନରେ ରହୁଛନ୍ତି। ବଙ୍ଗଳା ଫେରିପାଇବା ପରେ ପୂରା ହିନ୍ଦୁସ୍ଥାନ ମୋ ଦେଶ ବୋଲି ରାହୁଲ କହିଛନ୍ତି। ଖୁବ୍‌ଶୀଘ୍ର ସେ ତାଙ୍କ ପୂର୍ବ ବଙ୍ଗଳାକୁ ଯିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

## ଗୋୟଲଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

ନୂଆଦିଲ୍ଲୀ,୮।୮

ରାଜ୍ୟ ସଭାରେ ଗୃହର ନେତା ପୀୟୂଷ ଗୋୟଲଙ୍କ ବିରୋଧରେ ବିରୋଧୀ ମେଣ୍ଟ ଇଣ୍ଡିଆର ଅନେକ ନେତା ମଙ୍ଗଳବାର ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। କେତେଜଣ ବିରୋଧୀ ନେତାଙ୍କ ବିରୋଧରେ ଗୋୟଲ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ, ଟିଏମ୍‌ସି, ଏଏପି, ଆର୍‌ଜେଡି, ଡିଏମ୍‌କେ, ଜେଡିୟୁ, ଏନ୍‌ସିପି ଓ ବାମଦଳର ନେତାମାନେ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। ମିଡିଆ ପୋର୍ଟାଲ 'ନ୍ୟୁଜ୍‌କ୍ଲିକ୍' ପ୍ରସଙ୍ଗରେ ଆଲୋଚନା ବେଳେ ଗୋୟଲ କହିଥିଲେ, ଚାଇନାର ପ୍ରଚାର ପାଇଁ ବିରୋଧୀ ନେତାମାନେ ବେଜିଂ ସହ ସମ୍ପୃକ୍ତ କମ୍ପାନୀଗୁଡ଼ିକରୁ ପାଣ୍ଠି ଗ୍ରହଣ କରିଛନ୍ତି। ନ୍ୟୁଜ୍‌କ୍ଲିକ୍ ପୋର୍ଟାଲ ସହ ବିରୋଧୀ ଦଳଗୁଡ଼ିକର ସମ୍ପର୍କ କ'ଣ ବୋଲି ସେ ପ୍ରଶ୍ନ କରିଥିଲେ।

## ଲାଲ୍‌କିଲାରେ ଆମେରିକା କଂଗ୍ରେସ ସଦସ୍ୟ ଉପସ୍ଥିତ ରହିବେ

**ସ୍ୱାଧୀନତା ଦିବସ**

ୱାଶିଂଟନ, ୮।୮(ପି.ଟି.)



ରୋ ଖାନ୍ନା



ମିଚେଲ ୱାଲ୍‌ଟଜ୍

ଦେଶର ସ୍ୱାଧୀନତା ଦିବସ ଅବସରରେ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲ୍‌କିଲାରୁ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବାବେଳେ ଆମେରିକାର ଆଇନ ପ୍ରଣେତାମାନଙ୍କର ଏକ ପ୍ରତିନିଧି ଦଳ ଉପସ୍ଥିତ ରହିବେ। ଏହି ଦ୍ୱିଦଳୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ ଭାରତୀୟ-ଆମେରିକୀୟ କଂଗ୍ରେସ ସଦସ୍ୟ ରୋ ଖାନ୍ନା ଏବଂ ମିଚେଲ ୱାଲ୍‌ଟଜ୍। ଏମାନେ ଭାରତ ଓ ଭାରତୀୟ-ଆମେରିକୀୟ ଦ୍ୱିଦଳୀୟ କଂଗ୍ରେସ ସଭାର ସହଅଧ୍ୟକ୍ଷ ରହିଛନ୍ତି। ପ୍ରତିନିଧି ଦଳର ନେତୃତ୍ୱ ନେଇ ଭାରତ ଯିବା ଓ ସ୍ୱାଧୀନତା ଦିବସରେ ସାମିଲ ହେବା ସମ୍ମାନର ବିଷୟ ବୋଲି ରୋ ଖାନ୍ନା କହିଛନ୍ତି। ତାଙ୍କ ଜେଜେ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ।

## ୟୁସିସି ବିରୋଧରେ କେରଳ ବିଧାନସଭାରେ ପ୍ରସ୍ତାବ ଗୃହୀତ

ଥିରୁଭାନନ୍ତପୁରମ୍,୮।୮

ଏକକ ଦେୱାନୀ ସଂହିତା (ୟୁସିସି) ସମ୍ବିଧାନର ଧର୍ମନିରପେକ୍ଷ ଚରିତ୍ରରେ ଶୂନ୍ୟତା ସୃଷ୍ଟି କରିବ। କେନ୍ଦ୍ର ସରକାର ଏକପାଖିଆ ଭାବେ ଏଭଳି ଆଇନ କାର୍ଯ୍ୟକାରୀ କରିବାରୁ ଦୂରେଇ ରହିବାକୁ କେରଳ ବିଧାନସଭାରେ ମଙ୍ଗଳବାର ଏକ ପ୍ରସ୍ତାବ ସର୍ବସମ୍ମତକ୍ରମେ ଗୃହୀତ ହୋଇଛି। ୟୁସିସି ବିରୋଧରେ ପ୍ରସ୍ତାବ ଗୃହୀତ କରାଇବାରେ କେରଳ ବିଧାନସଭା ଦେଶରେ ପ୍ରଥମ। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏହି ପ୍ରସ୍ତାବ ଆଣିଥିଲେ। କେନ୍ଦ୍ର ସରକାର କୌଣସି ଆଦର୍ଶଗତ ବିତର୍କ ନ କରି ୟୁସିସି ଲଦିଦେବାକୁ ଚାହୁଁଛନ୍ତି। ଏହା ବିଭିନ୍ନ ବର୍ଗଙ୍କ ପାଇଁ ଚିନ୍ତାର କାରଣ ହୋଇଥିବା ପ୍ରସ୍ତାବରେ କୁହାଯାଇଛି। ଏକକ ଦେୱାନି ସଂହିତା ଏକ ବିଭାଜନକାରୀ ପଦକ୍ଷେପ, ଯାହା ଜନସାଧାରଣଙ୍କ ଏକତା ପ୍ରତି ବିପଦ ସୃଷ୍ଟି କରିବା ସହ ରାଷ୍ଟ୍ରର ଏକଜୁଟତା ପ୍ରତି ହାନିକାରକ ହେବ ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଛି।

## କଳାରଙ୍ଗ ପାଇଁ ସ୍ୱାମୀଙ୍କୁ ଅପମାନିତ କରିବା ନିଷ୍ଠୁରତା: ହାଇକୋର୍ଟ

ବେଙ୍ଗାଲୁରୁ, ୮।୮

ସ୍ୱାମୀ କଳା ହୋଇଥିବାରୁ ସ୍ତ୍ରୀ ତାଙ୍କୁ ଅପମାନିତ କରିବା ନିଷ୍ଠୁରତା ବୋଲି କର୍ନାଟକ ହାଇକୋର୍ଟ କହିଛନ୍ତି। ଏହା ଛାଡ଼ପତ୍ର ଆବେଦନ ପାଇଁ ବଳିଷ୍ଠ କାରଣ ବୋଲି ହାଇକୋର୍ଟ କହିବା ସହ ସେମାନଙ୍କ ମଧ୍ୟରେ ବିବାହ ବିଚ୍ଛେଦକୁ ଅନୁମତି ଦେଇଛନ୍ତି। ୪୧ ବର୍ଷୀୟା ସ୍ତ୍ରୀ ଜଣକ ତାଙ୍କ ୪୪ ବର୍ଷୀୟ ସ୍ୱାମୀଙ୍କୁ କଳା ରଙ୍ଗ ପାଇଁ ଅପମାନିତ କରୁଥିଲେ। ଏଥିସହିତ କୌଣସି କାରଣ ନ ଥାଇ ସେ ସ୍ୱାମୀଙ୍କୁ ଛାଡ଼ି ଅନ୍ୟତ୍ର ରହୁଥିଲେ। ନିଜ ଭୁଲ୍‌କୁ ଘୋଡ଼ାଇବାକୁ ଯାଇ ସେ ସ୍ୱାମୀଙ୍କ ବିରୋଧରେ ଅନୈତିକ ସମ୍ପର୍କର ମିଛ ଅଭିଯୋଗ ଆଣିଥିଲେ। ଏଗୁଡ଼ିକ ନିଷ୍ଠୁରତା ବୋଲି କୋର୍ଟ କହିବା ସହ ହିନ୍ଦୁ ବିବାହ ଆଇନର ଧାରା ୧୩(ଆଇ)(ଏ) ଅନୁଯାୟୀ ବିବାହ ବିଚ୍ଛେଦ ପାଇଁ ଅନୁମତି ଦେଇଥିଲେ।

## ୭ ବିଧାନସଭା ଆସନରେ ସେପ୍ଟେମ୍ବର ୫ରେ ଉପନିର୍ବାଚନ

ନୂଆଦିଲ୍ଲୀ,୮।୮(ପି.ଟି.)

ବିଭିନ୍ନ ରାଜ୍ୟର ୭ଟି ବିଧାନସଭା ଆସନ ଲାଗି ସେପ୍ଟେମ୍ବର ୫ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୮ରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ବୋଲି ମଙ୍ଗଳବାର ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ତ୍ରିପୁରାର ଦୁଇଟି ଆସନ ସମେତ କେରଳ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡର ଗୋଟିଏ ଲେଖାଏ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ବରିଷ୍ଠ କଂଗ୍ରେସ ନେତା ଓମାନ ଚାଣ୍ଡିଙ୍କ ପରଲୋକ ଯୋଗୁ କେରଳର ପୁଥୁପାଲ୍ଲି ଆସନରେ ଉପନିର୍ବାଚନ ଆବଶ୍ୟକ ପଡ଼ିଥିବାବେଳେ ଝାଡ଼ଖଣ୍ଡରେ ବିଧାୟକ ଜଗର୍ନାଥ ମାହତୋଙ୍କ ପରଲୋକ ଲାଗି ଡୁମ୍ରି ଆସନରେ ଉପନିର୍ବାଚନ ହେବ। ସେହିପରି ତ୍ରିପୁରାର ବକ୍ସାନଗର ଆସନର ବିଧାୟକ ସାମସୁଲ ହକ୍‌ଙ୍କ ଦେହାନ୍ତ ହୋଇଥିବାବେଳେ ଧାନପୁର ବିଧାୟକ ପ୍ରତିମା ଭୌମିକ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଖାଲିପଡ଼ିଥିବା ଏହି ଦୁଇ ଆସନରେ ଉପନିର୍ବାଚନ ଜରୁରୀ ହୋଇଥିଲା। ସେହିପରି ଉତ୍ତରାଖଣ୍ଡର ବାଗେଶ୍ୱର ଆସନର ବିଧାୟକ ଚନ୍ଦନ ରାମ ଦାସଙ୍କ ପରଲୋକ ଯୋଗୁ ସେଠାରେ ଭୋଟ ହେବାକୁ ଯାଉଛି। ପଶ୍ଚିମବଙ୍ଗର ଧୂପଗୁରି ଆସନର ବିଧାୟକ ବିଷ୍ଣୁପଦ ରାୟଙ୍କ ପରଲୋକ ଯୋଗୁ ଉକ୍ତ ଆସନ ଖାଲି ଥିବାବେଳେ ଉତ୍ତରପ୍ରଦେଶର ଘୋଷି ଆସନର ଏସ୍‌ପି ବିଧାୟକ ଦାରା ସିଂ ଚୌହାନ ଇସ୍ତଫା ଦେଇ ଭାଜପାରେ ଯୋଗଦେବାରୁ ସେଠାରେ ଉପନିର୍ବାଚନ ଜରୁରୀ ହୋଇପଡ଼ିଛି।

## ଜୟସାଲମେରରେ ଥିଲେ ତୃଣଭୋଜୀ ଡାଇନୋସର

ଲକ୍ଷ୍ନୌ,୮।୮



ରାଜସ୍ଥାନର ଜୟସାଲମେରରୁ ଆଇଆଇଟି-ରୁର୍‌କୀ ଏବଂ ଭାରତର ଭୂତାତ୍ତ୍ୱିକ ସର୍ଭେ (ଜିଏସ୍‌ଆଇ)ର ବୈଜ୍ଞାନିକମାନେ ବିଶ୍ୱର ସବୁଠୁ ପୁରାତନ ନୂଆ ପ୍ରଜାତିର ଡାଇନୋସର ଜୀବାଶ୍ମ ଠାବ କରିଛନ୍ତି। ଉକ୍ତ ଡାଇକ୍ରାଓସାଉରିଡ୍ ଡାଇନୋସରର ବେକ ଲମ୍ବା ଓ ଏହା ତୃଣଭୋଜୀ ଥିଲା ବୋଲି ବୈଜ୍ଞାନିକମାନେ କହିଛନ୍ତି। ଭାରତ ଡାଇନୋସର ବିବର୍ତ୍ତନର ଏକ ବଡ଼ କେନ୍ଦ୍ର ଥିଲା ବୋଲି ଉକ୍ତ ଆବିଷ୍କାରରୁ ସ୍ପଷ୍ଟ ହୋଇଛି। 'ନେଚର'ର ଅନ୍ତର୍ଜାତୀୟ ପତ୍ରିକା 'ସାଇଣ୍ଟିଫିକ୍ ରିପୋର୍ଟ'ରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ଉକ୍ତ ଜୀବାଶ୍ମ ୧୬୭ ନିୟୁତ ବର୍ଷର ପୁରୁଣା ଓ ଏକ ନୂଆ ପ୍ରଜାତି, ଯାହା ଏପର୍ଯ୍ୟନ୍ତ ବୈଜ୍ଞାନିକମାନଙ୍କୁ ଜଣା ନ ଥିଲା। ଥର୍ ମରୁଭୂମିରୁ ଏହି ଜୀବାଶ୍ମ ମିଳିଥିବାରୁ ସେଥିରେ ଦେଶର ନାଁକୁ ଯୋଡ଼ାଯାଇ ଏହାର ନାମକରଣ 'ଥରୋସୌରସ୍ ଇଣ୍ଡିସସ୍' କରାଯାଇଛି।

ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଡାଇକ୍ରାଓସାଉରିଡ୍ ଡାଇନୋସରର ଜୀବାଶ୍ମ ପୂର୍ବରୁ ଉତ୍ତର ଓ ଦକ୍ଷିଣ ଆମେରିକା, ଆଫ୍ରିକା ଏବଂ ଚାଇନାରେ ମିଳିଥିଲା। ଏଭଳି ଫସିଲ ଭାରତରେ ଥିବା ଜଣା ନ ଥିଲା। ରାଜସ୍ଥାନର ଜୟସାଲମେର ଅଞ୍ଚଳରେ ଜିଏସ୍‌ଆଇ ପକ୍ଷରୁ ୨୦୧୮ରେ ବ୍ୟବସ୍ଥିତ ଭାବେ ଜୀବାଶ୍ମ ଆବିଷ୍କାର ଓ ଖନନ

**ସର୍ବପୁରାତନ ଜୀବାଶ୍ମ ଠାବ**

କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବୋଲି ପ୍ରଫେସର ସୁନିଲ ବାଜପାୟୀ କହିଛନ୍ତି। ସେ ଆଇଆଇଟି-ରୁର୍‌କୀରେ ଭୂବିଜ୍ଞାନ ବିଭାଗର ଭର୍ଟେବ୍ରେଟ୍ ପାଲାଓଣ୍ଟୋଲୋଜିର ମୁଖ୍ୟ ପ୍ରଫେସର ଅଛନ୍ତି। ସେ ତାଙ୍କ ସହକର୍ମୀ ଦେବଜିତ ଦତ୍ତଙ୍କ ସହ ୫ ବର୍ଷ ହେଲା ଜୀବାଶ୍ମ ଉପରେ ସବିଶେଷ ଅଧ୍ୟୟନ ଚଳାଇଥିଲେ। ଏହା ପୂର୍ବରୁ ଉକ୍ତ ପ୍ରଜାତିର ଅନ୍ୟ ଯେଉଁ ଡାଇନୋସର ଜୀବାଶ୍ମ ଠାବ ହୋଇଥିଲା, ତାହା ତୁଳନାରେ ଭାରତରୁ ମିଳିଥିବା ଜୀବାଶ୍ମ ସବୁଠୁ ପୁରୁଣା ବୋଲି କୁହାଯାଉଛି। ଚାଇନାରୁ ମିଳିଥିବା ଜୀବାଶ୍ମ ପୂର୍ବରୁ ସବୁଠୁ ପୁରାତନ କୁହାଯାଉଥିଲା, ଯାହା ୧୬୬ରୁ ୧୬୪ ନିୟୁତ ବର୍ଷ ତଳର ବୋଲି ଆକଳନ କରାଯାଇଥିଲା।

**ଜନ୍ମାଷ୍ଟମୀ, ନନ୍ଦଉତ୍ସବ ପାଇଁ ପ୍ରସ୍ତୁତି ବୈଠକ**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ଯାଦବ ସମାଜ ଖଡ଼ିଆଳ ନଗର ପକ୍ଷରୁ ଶ୍ରୀଜିଉ ମଣ୍ଡପଠାରେ ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପାଳନ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ଏଥିରେ ସଭାପତି ଭାବେ ଶୁକ୍ର ବାଗ, କାର୍ଯ୍ୟନିର୍ବାହୀ ସଭାପତି ସୁନିଲ କୁମାର ନାଗ, କୋଷାଧକ୍ଷ ହେମନ୍ତ ବନିଚୋର, ଦୁର୍ଜନ ନାଗ, ଅଶୋକ ବାଗ, ତୁକାରାମ ସାଗରିଆ, ପ୍ରହ୍ଲାଦ ପୋଡ଼, ଖୁସିରାମ ଭୋଇ, ଚିନ୍ତା ଭୋଇ ପ୍ରମୁଖ ସହ ବହୁ ସଂଖ୍ୟାରେ ଯାଦବ ବନ୍ଧୁ ଯୋଗଦେଇ ଆଗାମୀ ସେପ୍ଟେମ୍ବର ୬ ଓ ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସୁନିଲ ନାଗ ସଭାକୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ନୂତନ ବିଇଓ ସହ ୨ ସହକାରୀଙ୍କ ଯୋଗଦାନ

ଏମ୍.ରାମପୁର,୮।୮(ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ. ରାମପୁର ଶିକ୍ଷା ବିଭାଗଠାରେ ଗତ ଡିସେମ୍ବରଠାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ଖାଲି



ପଡିଥିବା ବେଳେ ମଙ୍ଗଳବାର ଏହା ପୂରଣ ହୋଇଛି। ଏହି ବିଭାଗରେ ନୂତନ ବିଇଓ ଭାବେ ସଙ୍ଗୀତା ମହାନ୍ତି କାର୍ଯ୍ୟରେ ଯୋଗଦେଇଛନ୍ତି। ଭବାନୀପାଟଣା ମାଣିକେଶରୀ ହାଇସ୍କୁଲରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ରଜ୍ୟ ଶିକ୍ଷା ବିଭାଗ ଦ୍ୱାରା ପଦୋନ୍ନତି ଦିଆଯାଇ ବିଇଓ ରୁପେ ନିଯୁକ୍ତି ଦିଆଯାଇଛି। ନୂତନ ପଦବୀରେ ଯୋଗଦେଇଥିବା ଅଧିକାରିଣୀ ବ୍ଲକର ଶିକ୍ଷା, ଶିକ୍ଷକ ଶିକ୍ଷାୟତନ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ସେହିପରି ବିଇଓ କାର୍ଯ୍ୟାଳୟରେ ବିଶ୍ୱନାଥ ନାୟକ ଏଷ୍ଟାବ୍ଲିସ୍ମେଣ୍ଟ ଅଫିସର ଭାବେ ଯୋଗଦାନ କରିଛନ୍ତି। ବିଶ୍ୱନାଥ କେସିଙ୍ଗା ତହସିଲ କାର୍ଯ୍ୟାଳୟ ମୁଖ୍ୟ ସହାୟକ ଅଧିକାରୀରୁ ପଦୋନ୍ନତି ପାଇ ଏଠାରେ ଯୋଗଦାନ କରିଛନ୍ତି। ସେହିପରି ବରିଷ୍ଠ ସହକାରୀ ଭାବେ ଜିତେନ୍ଦ୍ର ମହାନ୍ତି ଯୋଗ ଦେଇଛନ୍ତି। ସେ ନର୍ଲା ବିଇଓ କାର୍ଯ୍ୟାଳୟରେ କନିଷ୍ଠ ସହକାରୀରୁ ପଦୋନ୍ନତି ପାଇ ଏହି ବିଭାଗରେ ଯୋଗଦାନ କରିଛନ୍ତି। ୩ ଅଧିକାରୀ ସହକାରୀ ଯୋଗଦାନ ବେଳେ ଏବିଇଓ ବେଣୁଧର କୁମାର, ଏବିଇ ଓ ଜୟସେନ ନିଆଲ, ଏବିଇଓ ସି. ଖୁରା ପ୍ରମୁଖ ସ୍ୱାଗତ କରିଥିଲେ।

### ସରସ୍ୱତୀ ଶିଶୁମନ୍ଦିରରେ ବିଜ୍ଞାନ ମେଳା



ଖଡ଼ିଆଳ,୮।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକସ୍ଥିତ ଗୋଇମୁଣ୍ଡି-ଚଲାନପଡା ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଶିକ୍ଷାବର୍ଷ ୨୦୨୩-୨୪ର ବିଜ୍ଞାନମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳା ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ କ୍ଷୀରୋଦ ରଣାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟ ପ୍ରାରମ୍ଭ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯ଟି ଶ୍ରେଣୀର ଭାଇଭଉଣୀଙ୍କ ଦ୍ୱାରା ମୋଟ ୧୫୦ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ବିଦ୍ୟାଳୟ ବିଜ୍ଞାନ ପ୍ରମୁଖ ସଞ୍ଜୟ ଚଲାନ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୂଲ୍ୟାଙ୍କନ ଭାବେ ହିରଣ୍ମୟୀ ଚଲାନ, ଯୋଗନନ୍ଦୀତା ବାରିକ, ତୁଷାରକାନ୍ତ ଚଲାନ, ସୁମନପ୍ରଭା ଚଲାନ, ସନ୍ତୋସିନୀ ବାରିକ, ଗଗନବିହାରୀ ରାଉତ, ଆଲୋକ ବାରିକ ଓ ବିଜ୍ଞାବୈଶାଳୀ ପଣ୍ଡା ସହଯୋଗ କରିଥିଲେ। ବିଜ୍ଞାନ ମେଳାରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବିକା ସହଯୋଗ କରିଥିଲେ।

### ଶିଶୁ ମନ୍ଦିରରେ ବିଜ୍ଞ୍ୟାନମେଳା

ବୋଡେନ,୮।୮(ଟିକେଶ୍ୱର ନାଗ୍)

ନୂଆପଡ଼ା ଜିଲା ବୋଡେନ ବ୍ଲକ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ରୁଦ୍ରେଶ୍ୱର ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବୋଇରଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ରଣା, ଅଧ୍ୟପକ ଗ୍ୟାଧର ମହାନ୍ତି, ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମେଳାରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ୫୩ଟି ପ୍ରକଳ୍ପ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ୧୬ଟି ପ୍ରକଳ୍ପ ଏବଂ ଷଷ୍ଠ ଓ ସପ୍ତମ ଶ୍ରେଣୀର ୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ପରମାଣିକ, ବିଜୟକୃଷ୍ଣ ପ୍ରଧାନ, ସୋହେନ୍ଦ୍ର କୁମାର ଠାକୁର ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଅଚାର୍ଯ୍ୟ ମୁରାରିଲାଲ ହୋତା, ବିଜ୍ଞାନ ପ୍ରମୁଖ ନିଳାମ୍ବର ନାଏକ, ସମ୍ପାଦକ ରୋହିତ କୁମାର ଦଣ୍ଡସେନା, କିଟିର ସଭାପତି ଯୋଗେନ୍ଦ୍ରନାଥ ମାଝି ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଁ ସହଯୋଗ କରିଥିଲେ।

# ପାଣି ଅଭାବରୁ ରୁଆ ଧାନ ନଷ୍ଟ

- ଜିଲାପାଳଙ୍କଠାରେ ଚାଷୀଙ୍କ ଅଭିଯୋଗ
- କେନାଲ ଭାଙ୍ଗି ୬ ମାସ ବିତିଗଲା, ମରାମତି ହୋଇନି

କେସିଙ୍ଗା,୮।୮(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା କ୍ଷୁଦ୍ର ଜଳସେଚନ ଅନୁ ବିଭାଜନ ଅଧୀନ କର୍ଲାଖୁଣ୍ଟା ପାଣି ପଞ୍ଚାୟତ ଅନ୍ତର୍ଗତ କାଣ୍ଡେଲ ଗ୍ରାମର ବହୁ ଚାଷୀଙ୍କ ଚାଷ ଜମିରେ ତୁର୍ଲା କ୍ଷୁଦ୍ର ଜଳସେଚନ ପ୍ରୋଜେକ୍ଟରୁ ପାଣି ଛଡ଼ାଯାଇ ନାହିଁ। ଫଳରେ ରୁଆ ଧାନ ମରି ନଷ୍ଟ ହୋଇଯାଇଛି। ଏ ନେଇ ଚାଷୀମାନେ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।

ତୁର୍ଲା କ୍ଷୁଦ୍ର ଜଳସେଚନ ପ୍ରୋଜେକ୍ଟ ଅଧୀନରେ ତୁର୍ଲା, କର୍ଲାଖୁଣ୍ଟା, କାଣ୍ଡେଲ, ବ୍ରହ୍ମଣୀ ଅଞ୍ଚଳକୁ କେନାଲ ପାଣି ଚାଷ ଜମି ପାଇଁ ଚାଷୀଙ୍କୁ ପାଣି ଦିଆଯାଇ ଥାଏ। ଗତ ମାର୍ଚ୍ଚରେ କେନାଲ ୨/୩ ଜାଗାରେ ଭାଙ୍ଗି ଯାଇଛି। ଚାଷୀମାନେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଆଜକୁ ୬ ମାସ ହେଲା କେନାଲ ମରାମତି ହୋଇନାହିଁ। ଫଳରେ ରୁଆ ହୋଇଥିବା ଧାନ ଚାଷରେ ପାଣିର ଅଭାବ ଯୋଗୁ ଧାନ ଚାଷ ମରି



କର୍ଲାଖୁଣ୍ଟ ଗ୍ରାମରେ ଜଣେ ଚାଷୀଙ୍କ ଧାନ ଚାଷ ମରି ଯାଇଛି।

ନଷ୍ଟ ହୋଇଛି। କାଣ୍ଡେଲ ଗ୍ରାମର ଜଣେ ଚାଷୀ ଡ଼.ସଦାନନ୍ଦ ପୁଟେଲଙ୍କ ୩ ଏକର ଜମିରେ ଧାନ ରୁଆ ହୋଇଯାଇଛି। କ୍ଷୁଦ୍ର ଜଳସେଚନ ଅନୁ ବିଭାଜନ ପକ୍ଷରୁ କେନାଲକୁ ଆଜି ଯାଏ ମରାମତି କରି ନ ଥିବାରୁ ଧାନ ଚାଷ ମରି ନଷ୍ଟ ହେଇଛି। ରୁଆ, ବିହୁଡା ମଧ ହୋଇ ପାରୁନାହିଁ। ସ୍ୱଳ୍ପବର୍ଷା ଯୋଗୁ ଚାଷୀ ଚାଷ କାମରେ ଆଗେଇ ପାରୁନାହିଁ। ପାଣି ଅଭାବରୁ ବହୁ ଚାଷୀଙ୍କ ଧାନ ରୁଆ, ବିହୁଡା ହୋଇ ପାରୁନାହିଁ। କେସିଙ୍ଗା କ୍ଷୁଦ୍ର ଜଳସେଚନ ଅନୁ ବିଭାଜନ ପକ୍ଷରୁ ଜଣେ ଖଳାସିଙ୍କୁ ୨୩ ବର୍ଷ ହେଲା ଅଞ୍ଚଳରେ ନିୟୋଜିତ କରାଯାଇଛି। ମନମୁତାବକ କାମ କରୁଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ଠିକ ଭାବେ ଚାଷୀଙ୍କ କାମ କରୁ ନ ଥିବାରୁ ଖଳାସିଙ୍କୁ ବଦଳି କରିବା ପାଇଁ ଦାବି କରିଛନ୍ତି। ଯଦି ମୁଖ୍ୟ କେନାଲକୁ ତୁରନ୍ତ ମରାମତି କରା ନ ଗଲେ ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଧାରଣ ଦେବେ ବୋଲି ସଂଘ ସଭାପତି ଡ଼.ସଦାନନ୍ଦ ପୁଟେଲ ଚେତାବନୀ ଦେଇଛନ୍ତି। ନଷ୍ଟ ଧାନ ଚାଷର କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି। ଏ ନେଇ କର୍ଲାଖୁଣ୍ଟ ପାଣି ପଞ୍ଚାୟତ ସଭାପତି ଜଗବନ୍ଧୁ ନାଏକଙ୍କୁ ପଚାରିବାରୁ ଚାଷୀମାନେ ବୁଧବାର ଶ୍ରମଦାନ କରି କେନାଲ ମରାମତି କରି ପାଣି ଛାଡ଼ିବେ ବୋଲି ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ କେସିଙ୍ଗା କ୍ଷୁଦ୍ର ଜଳସେଚନ ଅନୁ ବିଭାଜନର ଯନ୍ତ୍ରୀ ଜଗନ୍ନାଥ ନାଏକଙ୍କୁ ପଚାରିବାରୁ ରାଜ୍ୟ ସରକାର କୌଣସି ମରାମତି ପାଇଁ ଅର୍ଥ ଦେଇ ନ ଥିବାରୁ କରାଯାଇ ନାହିଁ, ଚିଫ ଇଞ୍ଜିନିୟରଙ୍କୁ ଚିଠି କରାଯାଇଛି। କୌଣସି ଉତ୍ତର ଆସି ନାହି କି ଅର୍ଥ ମଧ ଆସିନାହିଁ, ଆସିଲେ ମରାମତି କରାଯିବ ବୋଲି ପ୍ରକାଶ କରିଥିଲେ।

## ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଏନ୍‌ଏଚ୍‌ଆର୍‌ସିର ନିର୍ଦ୍ଦେଶ

**ବିଦ୍ୟୁତ୍ ଆଘାତରେ ନାବାଳିକା ମୃତ୍ୟୁ ଘଟଣା**

ଭବାନୀପାଟଣା,୮।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ସିରଲିଗୁଡା ଗ୍ରାମର ପଦ୍ମିନୀ ମେହେର (୧୬) ନାମକ ଜଣେ ନାବାଳିକା ୨୦୨୨ରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ବରଣ କରିଥିଲେ। ଏହି ଘଟଣାରେ ନାବାଳିକାଙ୍କ ପରିବାରକୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡିଶା ମୁଖ୍ୟ ଶାସନ ସଚିବଙ୍କୁ ସୋମବାର ଜାତୀୟ ମାନବଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ଜୁନ ୯ ତାରିଖରେ ଏହି ଘଟଣାରେ ଏନଏଚ୍‌ଆରସି ମୁଖ୍ୟ ଶାସନ ସଚିବଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ୬ ସପ୍ତାହ ମଧ୍ୟରେ ରିର୍ପୋଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନୋଟିସର ଜବାବରେ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ଶକ୍ତି ବିଭାଗର ଅତିରିକ୍ତ ସଚିବ ଗତ ୧୧ ଜୁଲାଇରେ ଏନଏଚ୍‌ଆରସିଙ୍କ ନିକଟରେ ଜବାବ ଦାଖଲ କରିଥିଲେ। ଏଥିରେ ୨୦ ଅଗଷ୍ଟ ୨୦୨୨ରେ ଘଟିଥିବା ଏହି ଘଟଣା ଦୈବ ଦୁର୍ବିପାକ ଯୋଗୁ ଘଟିଥିଲା। ପ୍ରବଳ ବର୍ଷା ଓ ଝଡ ତୋଫାନ ଯୋଗୁ ନିକଟସ୍ଥ ମାଟିଘର ଭାଙ୍ଗି ଖୁଣ୍ଟ ଉପରେ ପଡିବାରୁ ବିଦ୍ୟୁତ ଖୁଣ୍ଟ ତାର ଝୁଲି ରହିଥିଲା। ମୃତା ନାବାଳିକା ଶୌଚ ହେବା ପାଇଁ ଯିବା ସମୟରେ ତାରରେ ଲାଗି ମୃତ୍ୟୁ ବରଣ କରିଥିଲେ। ଏଥିପାଇଁ ଟାଟା ପାୱାର କିମ୍ବା ଶକ୍ତି ବିଭାଗ ଦାୟୀ ନୁହନ୍ତି ବୋଲି ଜବାବ ରଖିଥିଲେ। ତେବେ ପୂର୍ବରୁ ଶକ୍ତି ବିଭାଗ ନିରୀକ୍ଷକ ତଥା ଅଧୀକ୍ଷଣ ଯନ୍ତ୍ରୀ ଦେଇଥିବା ରିର୍ପୋଟ ଅନୁଯାୟୀ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏପରି ଘଟଣା ଘଟିଥିଲା। ସତର୍କ ରହିଥିଲେ ଏପରି ଘଟଣାକୁ ଏଡାଇ ଦିଆଯାଇ ପାରିଥାନ୍ତା ବୋଲି କହିଥିଲେ। ଉଭୟ ରିର୍ପୋଟକୁ ତର୍ଜମା କରି ଏନ୍‌ଏଚଆରସି ଶକ୍ତି ବିଭାଗ ଅତିରିକ୍ତ ସଚିବଙ୍କ ରିର୍ପୋଟକୁ ଖାରଜ କରିବା ସହିତ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସରକାର ବାଧ ବୋଲି ଚୁଡାନ୍ତ ନିଷ୍ପତ୍ତି ଶୁଣାଇଛନ୍ତି। ଏହାସହ ଆସନ୍ତା ୪ ସପ୍ତାହ ମଧ୍ୟରେ ୩ ଲକ୍ଷ ଟଙ୍କା ମୃତକାଙ୍କ ପରିବାରକୁ ପ୍ରଦାନ କରି ସବିଶେଷ ରିର୍ପୋଟ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଖଃଦ ଘଟଣା ନେଇ ଭବାନୀପାଟଣାର ସାମାଜିକ କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବଧିକାର କମିଶନଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

## ବିଜ୍ଞାନ ଶିକ୍ଷକଙ୍କ ଆଶାଳୀନ ବ୍ୟବହାର ଅଭିଯୋଗ

**ଥାନାର ଦ୍ୱାରସ୍ଥ ହେଲେ ଛାତ୍ରୀ, ଅଭିଭାବକ**

ଭବାନୀପାଟଣା,୮।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କଲମପୁରର ଏକ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ପଣ୍ଡା ସ୍ଥାନୀୟ ଛାତ୍ରୀମାନଙ୍କୁ ଆଶାଳୀନ ବ୍ୟବହାର ଓ ଖରାପ ଇଙ୍ଗିତ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ଛାତ୍ରୀଙ୍କ ସହ ଅଭିଭାବକମାନେ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଅଭିଯୋଗ କରିଛନ୍ତି। ଏହି ଘଟଣା ନେଇ ସେମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଥାନା ଅଧିକାରୀ ଜୀତେନ୍ଦ୍ର କୁମାର ବିଶ୍ୱାଳଙ୍କଠାରେ ଛାତ୍ରୀମାନେ ସମସ୍ତ ବିଷୟ କହିଥିଲେ। ଖବର ପାଇ ସ୍କୁଲ ପ୍ରଧାନ ଶିକ୍ଷକ ଅଶ୍ୱିନ କୁମାର ମୁଣ୍ଡ ଓ କଲମପୁର ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ହେମନ୍ତ କୁମାର ପଣ୍ଡା ଥାନାକୁ ଯାଇ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ବିଜ୍ଞାନ ଶିକ୍ଷକ ପଣ୍ଡା ଅନେକ ଦିନରୁ ଛାତ୍ରୀମାନଙ୍କୁ ଆଶାଳୀନ ବ୍ୟବହାର, ଖରାପ ଇଙ୍ଗିତ କରିବା ଓ ସ୍କୁଲକୁ ମଦ୍ୟପାନ କରି ଆସିବା





ଛାତ୍ରୀମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଛାତ୍ରୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବିଜ୍ଞାନ ଶିକ୍ଷକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହ ଚାକିରିରୁ ନିଲମ୍ବିତ କରିବା ପାଇଁ ଛାତ୍ରୀମାନେ ଦାବି କରିଥିଲେ। ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପଣ୍ଡା ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବ ବୋଲି ଆଶ୍ୱାସନା ଦେଇଥିବା ଛାତ୍ରୀମାନେ ପ୍ରକାଶ କରିଛନ୍ତି। କିନ୍ତୁ ଶିକ୍ଷକଙ୍କ ବଦଳି ବିଷୟକୁକୁ ଛାତ୍ରୀମାନେ ଗ୍ରହଣ ନ କରି ଶିକ୍ଷକ ସ୍କୁଲରେ ଯେଉଁଭଳି ଦୁର୍ବ୍ୟବହାର କରିଛନ୍ତି ସେଥିପାଇଁ କଠୋର ଦଣ୍ଡ ଦେବା ସହ ଏ ବିଷୟରେ ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ ଧାରଣା ଦେବା ସହ ସ୍କୁଲରେ ତାଲା ପକାଇ ବନ୍ଦ କରିବା କଥା ମଧ ଛାତ୍ରୀମାନେ ପ୍ରକାଶ କରିଛନ୍ତି।

## ଗଣ୍ଡାମେର ପଞ୍ଚାୟତ ସରପଞ୍ଚ ପଦ ହରାଇଲେ

ନୂଆପଡ଼ା,୮।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ପଞ୍ଚାୟତରେ ସରପଞ୍ଚ ପଦ ହରାଇଲେ ପ୍ରହ୍ଲାଦ ଶବର। ସୂଚନା ଯେ, ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗଣ୍ଡାମେର ପଞ୍ଚାୟତ ଦାବ୍ରିପଡାର ଦୃଷ୍ଟିବାଧିତ ଶାନ୍ତିଲାଲ ଶବର ସରପଞ୍ଚ ପ୍ରାର୍ଥୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରାର୍ଥୀ ଦୃଷ୍ଟିବାଧିତ ବୋଲି ନିର୍ବାଚନ ଅଧିକାରୀ ପ୍ରାର୍ଥିପତ୍ର ଗ୍ରହଣ କରି ନ ଥିଲେ। ତାଙ୍କୁ ନିର୍ବାଚନ ଲଢି ପାରିବେ ନାହିଁ ବୋଲି ମନା କରି ଦେଇଥିଲେ ନିର୍ବାଚନ ଅଧିକାରୀ। ଏହାକୁ ନେଇ ଶାନ୍ତିଲାଲ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଜିଲା ସିଭିଲ କୋର୍ଟ ବିଚାର କରି ଗତ ୩୧ ତାରିଖରେ ଶାନ୍ତିଲାଲଙ୍କୁ ନ୍ୟାୟ ପ୍ରଦାନ କରିଥିଲେ। ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ସରପଞ୍ଚଙ୍କୁ ଅବୈଧ ଘୋଷଣା କରିବା ସହ ପୁନଃ ନିର୍ବାଚନ କରିବା ପାଇଁ ଜିଲାପାଳଙ୍କୁ ସିଭିଲ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ହେବା ପର୍ଯ୍ୟନ୍ତ ସରପଞ୍ଚ ପ୍ରହ୍ଲାଦ ଶବରଙ୍କୁ ପଦବୀରୁ ଅବୈଧ କରି ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ ଦେବା ପାଇଁ ପ୍ରଶାସନ ଯାଉଥିବା ବେଳେ ଶାନ୍ତିଲାଲ ସୋମବାର ଜିଲାପାଳଙ୍କ ଯୁଗ୍ମ ଶୁଣାଣିରେ ପୁଣି ଅଭିଯୋଗ କରିଥିଲେ। ଜିଲାପାଳ ହେମକାନ୍ତ ସାଏ ପଞ୍ଚାୟତିରାଜ ବିଭାଗକୁ ଶୀଘ୍ର ସରପଞ୍ଚ ପଦ ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ପଞ୍ଚାୟତିରାଜ ବିଭାଗ ଅର୍ଡର ନଂ-୧୧୭୨ ତା.୨୦୨୩ ଅଗଷ୍ଟ ୮ରେ ଅନୁଯାୟୀ ଗଣ୍ଡାମେର ସରପଞ୍ଚ ପ୍ରହ୍ଲାଦ ଶବରଙ୍କୁ ସରପଞ୍ଚ ପଦବୀରୁ ବହିଷ୍କାର କରାଯାଇଛି। ଗଣ୍ଡାମେର ପଞ୍ଚାୟତରେ ଶୀଘ୍ର ସାନି ନିର୍ବାଚନ କରିବା ପାଇଁ ଶାନ୍ତିଲାଲ ଶବର ଦାବି କରିଛନ୍ତି।

## ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ ଶିକ୍ଷା ଆରମ୍ଭ

ଖଡ଼ିଆଳ,୮।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ନାମ ଲେଖା ପରେ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଆରମ୍ଭ ହୋଇଛି। ଯୁକ୍ତ ୩ ଅଧ୍ୟକ୍ଷ ଡ଼. ତରୁଣ କୁମାର ପ୍ରଧାନ ନୂତନ ଶିକ୍ଷାର୍ଥୀଙ୍କୁ ସ୍ୱାଗତ କରିଥିବା ସ୍ଥଳେ ଯୁକ୍ତ ୨ ଅଧ୍ୟକ୍ଷ ପ୍ରାଧାପକ ପ୍ରଶାନ୍ତ କୁମାର ପଣ୍ଡା ଉକ୍ତ ମହାବିଦ୍ୟାଳୟର ଶିକ୍ଷାର ଗୁରୁତ୍ୱ, ଶୃଙ୍ଖଳା, ଉତ୍ତମ ବ୍ୟବହାର ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଏବଂ ଧନ୍ୟବାଦ



ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମବର୍ଷ ଛାତ୍ରୀଛାତ୍ର।

ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ସୁନୀଲ କୁମାର ପାଢୀ, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ହରିବନ୍ଧୁ ହଂସ, ଅଧ୍ୟାପକ ଗୁଣବନ୍ତ ସାହୁ, ଅଧ୍ୟାପକ ମାୟାଧର ପ୍ରଧାନ, ଅଧ୍ୟାପିକା ଶିଲା ତ୍ରିବେଦୀ, ଅଧ୍ୟାପିକା ଦେବଦର୍ଶନୀ ସ୍ୱାଇଁ, ଧବଳେଶ୍ୱର ନାୟକ, ବିଜୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟ ବୃଦ୍ଧାଙ୍କୁ ବ୍ଲକ ପ୍ରଶାସନର ସହାୟତା

**ଧରିତ୍ରୀ ପ୍ରଭାବ**

ନୂଆପଡ଼ା,୮।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ପଞ୍ଚାୟତ ଦିଆମୁଣ୍ଡା ଗାଁର ଅସହାୟ ବିଧବା ବୃଦ୍ଧା ଜୁଗରି ରାଉତ (୮୦)ଙ୍କ କେହି ନାହାନ୍ତି। ଅତି ଦୟନିୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି ବୋଲି ଧରିତ୍ରୀରେ ଖବର ପ୍ରକାଶ ହେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପର ଦେଖାଇ ବୃଦ୍ଧାଙ୍କ ଘରକୁ ଯାଇ ୨ ପକେଟ ଚାଉଳ ପ୍ରଦାନ କରିବା ସହ ପ୍ରତି ମାସରେ ୧୦ରୁ ୧୫ କିଗ୍ରା ଚାଉଳ ଦିଆଯିବା ସହ ଭତ୍ତା ଟଙ୍କା ହାତରେ ଦିଆଯିବ ବୋଲି କୋମନା ବିଡିଓ ସୁଶାନ୍ତ କୁମାର ରଣା କହିଛନ୍ତି। ପୁଅ ବୋହୁ ଥିବାବେଳେ ପରିବାର ହସଖୁସିରେ ଚାଲିଥିଲା। ପୁଅ ବୋହୁ ଆରପାରିକୁ ଚାଲି ଯିବା ପରେ ପରିଣତ ବୟସରେ ଘରେ ବସି ଖାଇବା ସମୟରେ ମଧ୍ୟ ପେଟ ପାଇଁ ସଂଗ୍ରାମ କରୁଛନ୍ତି। ତାଙ୍କର ବାର୍ଦ୍ଧକ୍ୟ ଭତାକୁ ଛାଡି ଅନ୍ୟ କୌଣସି ସୁବିଧାନାହିଁ। ୫ ଶହ ଟଙ୍କାରେ ଘର ଚଳିବା ବହୁତ କଷ୍ଟକର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅସହାୟ ବୃଦ୍ଧାଙ୍କ ଘର ତିଆରି କରିବା ପାଇଁ ଅସମର୍ଥ ଥିବାରୁ ଝାଟିମାଟି କୁଡିଆ ଘରେ ରହୁଛନ୍ତି। ଅସହାୟ ଗରିବ ବୃଦ୍ଧା ଏକାକି ଘରେ ରହି ବାର୍ଦ୍ଧକ୍ୟ ଭତା ସାହାଯ୍ୟରେ ଚଳୁଛନ୍ତି। ରାଶନ କାର୍ଡ ନ ଥିବାରୁ ଭତ୍ତା ଟଙ୍କାରେ ଦୋକାନରୁ ଚଢାଦରରେ ଚାଉଳ କିଣି ଖାଉଥିଲେ। ଗତ କିଛି ମାସ ହେବ ଆକାଉଣ୍ଟରେ ଭତ୍ତା ଟଙ୍କା ଦିଆ ଯାଉଥିବାରୁ ବୃଦ୍ଧା ଆଣି



ବୃଦ୍ଧାଙ୍କୁ ଚାଉଳ ପ୍ରଦାନ କରା ଯାଉଛି।

ଯାଇ ପାରୁନାହାନ୍ତି। ଭତ୍ତା ଟଙ୍କା ପାଇଁ ୧୦ କି.ମି. ଯିବାକୁ ପଡୁଛି। ଭତ୍ତା ଟଙ୍କା ଭରସାରେ ଚଳୁଥିବା ବୃଦ୍ଧା ଭୋକ ଉପଉସରେ କାଳାତିପାତ କରୁଥିବା ଦେଖି ଗ୍ରାମବାସୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଚାଉଳ କାର୍ଡ ଯୋଗାଇ ଦେବା ସହ ବାର୍ଦ୍ଧକ୍ୟ ଭତ୍ତା ଘରେ ଆସି ଦେବା ପାଇଁ ଦାବି କରିଥିଲେ।

## ଜାଲ୍ ସାର୍ଟିଫିକେଟ ମାମଲା: ୨ କୋର୍ଟ ଚାଲାଣ

କେସିଙ୍ଗା,୮।୮(ତୁମେଶ୍ୱର ସାହୁ)

ବଲାଙ୍ଗୀର ଜିଲାରେ ଗତ କିଛି ମାସ ତଳେ ଜାଲ ସାର୍ଟିଫିକେଟ ଦେଇ ଗ୍ରାମୀଣ ଡାକ ସେବକ ନିଯୁକ୍ତି ଘଟଣା ଓଡ଼ିଶାରେ ଚହଳ ପଡ଼ିଥିଲା। ପରେ କଳାହାଣ୍ଡି ଜିଲା ଡାକ ବିଭାଗ ପକ୍ଷରୁ ମଧ ଗ୍ରାମୀଣ ଡାକ ସେବକମାନଙ୍କ ସାର୍ଟିଫିକେଟ ଯାଞ୍ଚ



କେସିଙ୍ଗା ପୋଷ୍ଟ ଅଫିସ।

ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯାଞ୍ଚ ପରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୧ଜଣଙ୍କ ମାଟ୍ରିକ ମାର୍କ ଜାଲିଆତି ଥିବା ଜଣାପଡ଼ିଥିବା ବେଳେ କେସିଙ୍ଗା ଅଞ୍ଚଳରେ ମଧ ୨ଜଣ ନକଲି ସାର୍ଟିଫିକେଟ ଦେଇ ଗ୍ରାମୀଣ ଡାକ ସେବକ ନିଯୁକ୍ତି ପାଇଥିବା ଜଣାପଡ଼ିଛି। ଉଭୟଙ୍କୁ ଗିରଫ କରି କୋର୍ଟଚାଲଣ କରାଯାଇଛି। ସେ ହେଲେ କେଗାଁ ଥାନା କୁକୁଟି ଗ୍ରାମର ଛନକ ବାଗ। ସେ ୨୦୨୨ ଅଗଷ୍ଟ ୮ରେ ନିଯୁକ୍ତି ପାଇଁ କେସିଙ୍ଗା ବ୍ଲକ ବାଲସି ଗ୍ରାମରେ କାର୍ଯ୍ୟ ରତଥିଲେ। ଅନ୍ୟ ଜଣେ ହେଲେ ଗୋଲାମୁଣ୍ଡା ବ୍ଲକ ନୂଆଗାଁ ବଳଭଦ୍ରପିଟା ଗାଁର ବିରଞ୍ଚି ବାଗ। ସେ ୨୦୨୨ରୁ ଉକ୍ଲୋ ପୋଷ୍ଟ ଅଫିସ ଅଧୀନ ଛେଲିଆମାଲ ଗ୍ରାମରେ ଡାକ ସେବକ ଭାବେ କାର୍ଯ୍ୟରତ ଥିଲେ। ବାଲସି ପୋଷ୍ଟ ଅଫିସରେ ନିଯୁକ୍ତି ପାଇଥିବା ଛନକା ବାଗଙ୍କ ନାମରେ ଗତ ୬ ତାରିଖରେ କେସିଙ୍ଗା ଡାକ ବିଭାଗ ଇନ୍ସପେକଟର ରାଜେନ୍ଦ୍ର ସିଂ ଇନ୍ଦୋରା କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ଆଧାରରେ କେସିଙ୍ଗା ପୋଲିସ ଛନକାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଗତ ୭ ତାରିଖରେ ଛେଲିଆମାଲର ଡାକ ସେବକ ବିରଞ୍ଚିଙ୍କ ନାମରେ ଭବାନୀପାଟଣା ସଦର ଥାନାରେ ସିଂ ଲିଖିତ ଅଭିଯୋଗ କରିଛନ୍ତି। ନକଲି ସାର୍ଟିଫିକେଟ ଓ ମାର୍କ ସିଟ କେଉଁଠାରୁ ଆଣିଛନ୍ତି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ି ନ ଥିବା ବେଳେ ପୋଲିସ ତଦନ୍ତ କରୁଛି।

## ପ୍ରକଳ୍ପ ପାଣି ପାରିହୋଇ ଯାଉଛନ୍ତି କୁନି ପିଲା

**ବେଲଗାଁ ଅଙ୍ଗନୱାଡି କେନ୍ଦ୍ର**

ନୂଆପଡ଼ା,୮।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ବେଲଗାଁଠାରେ ଥିବା ୨ଟି ଅଙ୍ଗନୱାଡି କେନ୍ଦ୍ର ପାଣି ଘେରରେ ରହିଛି। ଗାଁଠାରୁ ୧ କି.ମି. ଦୂର କରୁଆପଡା ଓ କେତକିପଡାର ୨ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଲଘୁଚାପଜନିତ ଲଗାଣ ବର୍ଷାରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଜଳସ୍ତର ବୃଦ୍ଧି ପାଇବାରୁ ବେଲଗାଁ ପାଖକୁ ପ୍ରକଳ୍ପ ପାଣି ଲାଗି ରହିଛି। ୨ଟି ଅଙ୍ଗନୱାଡି ଗୋଟିଏ ସ୍ଥାନରେ ନିର୍ମାଣ ହୋଇଛି। ହେଲେ କରୁଆପଡାପଡା ଅଙ୍ଗନୱାଡି କେନ୍ଦ୍ର ବୁଡି ଜମି ଭିତରେ ନିର୍ମାଣ ହୋଇଥିବା ବେଳେ କେତକିପଡା ଅଙ୍ଗନୱାଡି କେନ୍ଦ୍ର ବିନା ବୁଡି ଜମିରେ ନିର୍ମାଣ କରାଯାଇଛି। ଅଙ୍ଗନୱାଡି କେନ୍ଦ୍ର ଚର୍ତୁଦିଗରେ ପାଣି ଘେରି ଯାଇଥିବା ଯୋଗୁ କୁନି ପିଲାମାନେ ପ୍ରକଳ୍ପ ପାଣି ପାରି ହୋଇ କେନ୍ଦ୍ରକୁ ଯାଉଛନ୍ତି। କରୁଆପଡା କେନ୍ଦ୍ରରେ ୨୩ଜଣ ଓ କେତକିପଡା କେନ୍ଦ୍ରରେ ୨୦ଜଣ ପିଲା ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି। ଛୋଟ ପିଲାମାନଙ୍କ ଭବିଷ୍ୟତ



ପ୍ରକଳ୍ପ ପାଣି ପାରିହୋଇ କୁନି ପିଲା କେନ୍ଦ୍ରକୁ ଯାଉଛନ୍ତି।

ଉପରେ ବିଭାଗୀୟ ଅଧିକାରୀମାନେ ଖେଳ ଖେଳୁଛି। ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇଥିବା ଜମି ବୁଡି ଅଞ୍ଚଳରେ ଯାଇଛି। ୧ ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ଭାଗରେ ଏଫଆର ଲାଇନ ଖୁଣ୍ଟ ମଧ୍ୟ ପୋତା ହୋଇଛି। ପ୍ରକଳ୍ପ ୨୦ ବର୍ଷରୁ ଉର୍ଦ୍ଧ୍ୱ ହୋଇ ଗଲାଣି। ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହେବାର ମାତ୍ର ୩ ବର୍ଷ ହୋଇଛି। ଜାଣି ଶୁଣି କିଏ ଜମି ଦେଖାଇଲା। ବୁଡି ଅଞ୍ଚଳ ଭିତରେ କେନ୍ଦ୍ର ନିର୍ମାଣ କରିବା ସମୟରେ କୌଣସି ଅଧିକାରୀ ଦେଖି ପାରିଲେ ନାହିଁ କି ବୋଲି ପ୍ରଶ୍ନ ହେଉଛି। ଅଙ୍ଗନୱାଡି କେନ୍ଦ୍ର ଗାଁଠାରୁ ୧ କି.ମି. ଦୂର ବିଜୁ ଏକ୍ସପ୍ରେସ ୱେକୁ ଲାଗି କରି ନିର୍ମାଣ ହୋଇଛି। ପାଚେରି ନ ଥିବାରୁ ଭବିଷ୍ୟତରେ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ବିଜୁ ଏକ୍ସପ୍ରେସ ୱେରେ କୁନି ପିଲାମାନେ ୧ କ.ମି. ଚାଲି ଯାଉଥିବାରୁ ସୁରକ୍ଷିତ ମଣୁନାହାନ୍ତି। ଏ ସଂକ୍ରାନ୍ତରେ କୋମନା ସମନ୍ୱିତ ଶିଶୁ ବିକାଶ ଅଧିକାରୀ ବିମଳିନୀ ପ୍ରଧାନଙ୍କୁ ପଚାରିବାରୁ କେନ୍ଦ୍ର ଭିତରକୁ ପାଣି ମାଡି ଯାଇଥିବା ପର୍ଯ୍ୟନ୍ତ ଅନ୍ୟତ୍ର ଭଡା ଘରେ ପଢାଇବା ପାଇଁ ଜଣାଇ ଦେଇଛୁ। କେନ୍ଦ୍ରକୁ ରାସ୍ତା ନିର୍ମାଣ ପାଇଁ ଜିଲା ପ୍ରଶାସନଙ୍କୁ ଜଣାଇବୁ ବୋଲି କହିଥିଲେ। ବୁଡି ଭିତରୁ କେନ୍ଦ୍ର ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ସହ ସରକାରୀ ଅର୍ଥ ସଦୁପଯୋଗ ନ କରି ଅଯଥା ସ୍ଥାନରେ ନିର୍ମାଣ କରିଥିବା ଅଧିକାରୀ କିମ୍ବା କର୍ମଚାରୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେବାଚନ ଶଗରିଆ, ଦୁର୍ବଳ ଶଗରିଆ, ପଦୁ ଲୋଚନ ମାଝି, ପୀତାମ୍ବର ମାଝି, ରବୀନ୍ଦ୍ର ଦଳ, ମିତ୍ରଭାନୁ କରୁଆ, ତହସିଲ ତିୱାରୀ, କୁବେର କରୁଆ, ଜଗବନ୍ଧୁ କେତକି, ଲଳିତ କରୁଆ, ପିଲାରାମ ଭୋଇ, ସନ୍ତୋଷ ଭୋଇ, ତ୍ରିଲୋଚନ ଭୋଇ, ଭଗତ ରାମ ମିର୍ଦ୍ଧା, ଡିଙ୍ଗ କଟା, ଘନଶ୍ୟାମ କେତକି, ମୁରଲିଧର ଶଗରିଆ, ପୁରୁଣ ଶଗରିଆ, ପାଷୁଲାଲ ବାଗ, ମାଧବ ବାଗ, ଲଳିତ ଶଗରିଆ, ରତନ ଶଗରିଆ ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ସଟ୍ଟା ଚଢ଼ାଉ, ୫ ଗିରଫ

ଝାରବନ୍ଧ,୮।୮(ଦେବେନ୍ଦ୍ର ସାହୁ)

ଝାରବନ୍ଧ ପୋଲିସ ସଟ୍ଟା ଖେଳ ଉପରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ନଗଦ ୯୮୯୦ ଟଙ୍କା, ୨ଟି ମୋବାଇଲ, ସଟା ସାମଗ୍ରୀ ଜବତ ହୋଇଛି। ଏ ନେଇ ଝାରବନ୍ଧ ଥାନାରେ ଏକ ମାମଲା (ନଂ.୧୧୩/୨୩) ରୁଜୁ ହୋଇଛି। ଥାନାଧିକାରୀ ସୁଚିସ୍ମିତା ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢାଉ କରାଯାଇଥିଲା।

### ସ୍ୱାଧୀନତା ଦିବସ ପାଇଁ ପ୍ରତିଯୋଗିତା

ପଦ୍ମପୁର,୮।୮(ପ୍ରଦୀପ୍ତ ଦାଶ)

ସ୍ୱାଧୀନତା ଦିବସ ଉପଲକ୍ଷେ ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ଗୋଷ୍ଠୀ ସାଧନ କେନ୍ଦ୍ରରେ ୪୦ଜଣ ଦିବ୍ୟାଙ୍ଗ ଶିଶୁଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଓ ଲୋକନାଥ ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ବିଆର୍‌ଟି ଭଗବାନ ତରିଆ ଓ ପ୍ରଭାତ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାମସିଂ ଭୋଇ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଆଶିଷ କୁମାର ବୈକାର, ପରମେଶ୍ୱର ନାଗ, ଶ୍ରୀକାନ୍ତ ପ୍ରଧାନ, ଜଗନ୍ନାଥ ବେହେରା ଏବଂ ସମସ୍ତ ଆଇଇଭି ପ୍ରମୁଖ ସହଯୋଗ କରିଥିଲେ।

### ସହଯୋଗ କେନ୍ଦ୍ର ଲୋକାର୍ପିତ



ବରଗଡ଼,୮।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଏସ୍. ଡୁମ୍ବେରପାଲିରେ ପଞ୍ଚାୟତସ୍ତରୀୟ ସହଯୋଗ କେନ୍ଦ୍ର ଲୋକାର୍ପିତ ହୋଇଛି। ସରପଞ୍ଚ ଯୋଗେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହଯୋଗ କେନ୍ଦ୍ର ଲୋକାର୍ପଣ କରିଥିଲେ। ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ଉପାଧ୍ୟକ୍ଷ ଉମେଶ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଅସହାୟ ବୃଦ୍ଧାଙ୍କୁ ସହାୟତା

ଅତାବିରା,୮।୮(ହୃଷିକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲୁରୁପାଲି ଗ୍ରାମରେ ଜଣେ ବୃଦ୍ଧାଙ୍କୁ ଜନକଲ୍ୟାଣ ସେବା ଟ୍ରଷ୍ଟ ସହଯୋଗର ହାତ ବଢ଼ାଇଛି। ଏହି କ୍ରମରେ ମଙ୍ଗଳବାର ଜନକଲ୍ୟାଣ ସେବା ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ, ସମ୍ବଲପୁର ମୁଖ୍ୟ ବିରେନ୍ଦ୍ର ପ୍ରତାପ ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ ଅସହାୟ ବୃଦ୍ଧାଙ୍କୁ ଗୋଟିଏ ପ୍ୟାକେଟ୍ ଚାଉଳ, ଲୁଣ, ଡାଲି, ପରିବା ଆଦି ଦେଇଥିଲେ। ଆସନ୍ତା ୬ ମାସ ପର୍ଯ୍ୟନ୍ତ ଟ୍ରଷ୍ଟ ଏହି ଅସହାୟ ବୃଦ୍ଧାଙ୍କୁ ଏଭଳି ସହଯୋଗ କରିବ ବୋଲି ଟ୍ରଷ୍ଟ ସଭାପତି ଦାଶ ସୂଚନା ଦେଇଛନ୍ତି।



ମଙ୍ଗଳବାର ନକଲି ଆଦିବାସୀ ହଟାଓ ଦାବିରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଶାଖା ପକ୍ଷରୁ ପାଇକମାଳ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ସଭା କରାଯାଉଛି।

# ନକଲି ଆଦିବାସୀ ହଟାଅ

ପାଇକମାଳ, ୮।୮(ବଡ ଶତପଥି)

**ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ବରଗଡ଼ ଜିଲାରେ ନକଲି ଆଦିବାସୀ ହଟାଓ ଅଭିଯାନ ଜୋର ଧରିଛି। ଏହି କ୍ରମରେ ମଙ୍ଗଳବାର ପଶ୍ଚିମ ଓଡିଶା ଆଦିବାସୀ ମହାସଂଘ ବରଗଡ଼ ଶାଖା ପକ୍ଷରୁ ଜିଲା ସଭାପତି ଗୋବିନ୍ଦ ବରିହାଙ୍କ ନେତୃତ୍ୱରେ ପାଇକମାଳରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ନୃସିଂହନାଥ ଧର୍ମଶାଳାରୁ ବାହାରି ପାଇକମାଳ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ହଜାର ହଜାର ଆଦିବାସୀ ମହିଳା ପୁରୁଷ ସ୍ଲୋଗାନ ଦେଇ ପାଇକମାଳ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ, ପାଇକମାଳ ବ୍ଲକ ସଭାପତି ଚେରୁ ବରିହା, ସୁରେନ୍ଦ୍ର ପ୍ରତାପ ସିଂ ବରିହା, ରୁକଧର ନାୟକ, ତ୍ରିପୁରା ବରିହା, ମଙ୍ଗନ ବରିହା, ପଦ୍ମପୁର ବ୍ଲକ ସଭାପତି ବାମନ ଧରୁଆ, ଝାରବନ୍ଧ ବ୍ଲକର ଯୋଗେନ୍ଦ୍ର ବରିହା, ତ୍ରିଲୋଚନ ଭୁଏ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଦେଇ ଆଦିବାସୀଙ୍କ ୧୩ ଦଫା ଦାବି ଉପସ୍ଥାପନ କରିଥିଲେ। ପରେ ମହାସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପାଇକମାଳ ତହସିଲଦାର ଅକ୍ଷୟ କୁମାର ବାଗ, ଏସ୍‌ଡିପିଓ ବିଭୁତି ଭୂଷଣ ଭୋଇ, ବିଡିଓ ସୁରେନ୍ଦ୍ର ନାଥ ସାହୁ, ଥାନାଧିକାରୀ ସୁଶାନ୍ତ କୁମାର ବଢେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ

ବରଗଡ଼,୮।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଫାଇଲେରିଆ ନିରାକରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା, ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସାଧୁଚରଣ ଦାଶ ଯୋଗଦାନ କରିଥିଲେ। ଫାଇଲେରିଆ ରୋଗର କାରଣ, ନିରାକରଣ ଉପରେ ସେମାନେ ସୂଚନା ଦେଇଥିଲେ। ୨ବର୍ଷରୁ ଅଧିକ ବୟସ୍କ (ଗର୍ଭବତୀ ମହିଳାଙ୍କ ବ୍ୟତୀତ) ଜନସାଧାରଣ ଫାଇଲେରିଆ ପ୍ରତିଷେଧକ ଔଷଧ ବର୍ଷକୁ ଥରେ ନେବା ପାଇଁ ସିଡ଼ିଏମ୍‌ଓ ପରାମର୍ଶ ଦେଇଥିଲେ। ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ତଥା ଘରକୁ ଘର ଯାଇ ଏହି ଔଷଧ ପ୍ରଦାନ କରାଯିବ ଏବଂ ଏଥିପାଇଁ ଆଶା, ଅଙ୍ଗନୱାଡ଼ି କର୍ମୀମାନଙ୍କୁ ତାଲିମ ଦିଆଯାଇଥିବା ସୂଚନା ଦିଆଯାଇଥିଲା। ଜିଲା ପରାମର୍ଶଦାତା ହେମ ସାଗର ସାହୁ, ବିଜୟ ଶଙ୍କର ବେହେରା, ବିମଳ ନାଏକ, ସୁଦନ ସେଠ ପ୍ରମୁଖ ଉପସ୍ଥିତ ଥିଲେ।



ଫାଇଲେରିଆ ସଚେତନତା ବୈଠକରେ ଉପସ୍ଥିତ ଅଧିକାରୀଗଣ ।

## ନବଜାତ ଶିଶୁକୁ ଏକ୍ସପାଏରି ଔଷଧ

- ଥାନାରେ ଏତଲା, ମାମଲା ରୁଜୁ
- ପୋଲିସ, ଡ୍ରଗ୍ସ ବିଭାଗର ତଦନ୍ତ

ବରଗଡ଼,୮।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ଏକ ନିର୍ଦ୍ଦିଷ୍ଟ ଦୋକାନରେ ନକଲି ଔଷଧ ବିକ୍ରି ହେଉଥିବା ଧରାପଡ଼ିଥିଲା। ଏହି ଘଟଣା ଲୋକଙ୍କ ମନରୁ ନ ଯାଉଣୁ ଅନ୍ୟ ଜଣେ ଦୋକାନୀ ଏକ୍ସପାଏରି ଔଷଧ ବିକ୍ରି କରିବା ଏବଂ ଅଜାଣତରେ ସେହି ଔଷଧକୁ ଜଣେ ନବଜାତ ଶିଶୁକୁ ଖୁଆଇବା ଘଟଣା ସାମ୍ନାକୁ ଆସିଛି । ଏ ନେଇ ଶିଶୁଙ୍କ ଅଭିଭାବକ ସରସରା ଗ୍ରାମର ଅତୁଲ୍ୟା କୁମାର ନାଗ ମଙ୍ଗଳବାର ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ମଙ୍ଗଳବାର ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ସେହି ଔଷଧ ଖାଇଥିବା ଶିଶୁର ସ୍ୱାସ୍ଥ୍ୟାବସ୍ଥା



ଔଷଧ ଦୋକାନରେ ପୋଲିସ, ଡ୍ରଗ୍ସ ବିଭାଗ ଅଧିକାରୀ ତଦନ୍ତ କରୁଛନ୍ତି।

ବର୍ତ୍ତମାନ ଠିକ୍ ଥିବା ଜଣାପଡ଼ିଛି । ପ୍ରକାଶ ଯେ, ସ୍ଥାନୀୟ ଏକ ଘରୋଇ ନର୍ସିଂହୋମ୍‌ରେ ଉକ୍ତ ନବଜାତ ଶିଶୁକୁ ବିଭିନ୍ନ ଔଷଧ ଖୁଆଇବା ପାଇଁ ଡାକ୍ତର ପରାମର୍ଶ ଦେବା ସହିତ ପ୍ରେସକ୍ରିପସନ୍ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଶିଶୁଙ୍କ ପରିବାର ଲୋକେ ସେହି ପ୍ରେସକ୍ରିପସନ ଧରି ନର୍ସିଂହୋମ ପାଖରେ ଥିବା ଏକ ଔଷଧ ଦୋକାନରୁ ଔଷଧ କିଣି ଶିଶୁକୁ ଦେଇଥିଲେ। ପରେ ତାହା ଏକ୍ସପାଏରି ଔଷଧ ବୋଲି ପରିବାର ଲୋକେ ଜାଣିବାକୁ ପାଇଥିଲେ। ଗତବର୍ଷ ଡିସେମ୍ବର ମାସରୁ ସେହି ଔଷଧ ବ୍ୟବହାର ଅବଧି ସରିଯାଇଥିବା ଜଣାପଡ଼ିଥିଲା। ପରେ ପରିବାର ଲୋକେ ପୋଲିସରେ ଏତଲା ଦେଇଥିଲେ। ଏତଲା ପାଇବା ପରେ ମଙ୍ଗଳବାର ପୋଲିସ ଏବଂ ଡ୍ରଗ୍ସ ଇନ୍ସପେକ୍ଟର ସମ୍ପୃକ୍ତ ଦୋକାନକୁ ଯାଇ ତନାଘନା ଚଳାଇଛନ୍ତି।

## ଶରତ ପୂଜାରୀଙ୍କ ଜୟନ୍ତୀ ପାଳନ

ଅତାବିରା,୮।୮(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା କଲେଜରେ କଲେଜର ପୂର୍ବତନ ଅଧ୍ୟକ୍ଷ ଶରତ ପୂଜାରୀଙ୍କ ଜୟନ୍ତୀ ପାଳିତ ହୋଇଛି। ଶରତ ପୂଜାରୀ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ପୂଜାରୀଙ୍କ ପୁଅ ତଥା ସିନେ ଅଭିନେତା ସୌମେନ ପୂଜାରୀ ମୁଖ୍ୟ ଅତିଥି, କଲେଜ ପରିଚାଳନା କମିଟିର ସଭାପତି ରବିନାରାୟଣ ପଣ୍ଡା, ପ୍ରଫେସର ଅଶୋକ କୁମାର ମହାନ୍ତି, ଡ. ଦିଗମ୍ବର ଚାନ୍ଦ, ଅଧ୍ୟାପକ ପବିତ୍ର କୁମାର ମାହାଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିବୃନ୍ଦ ସ୍ୱର୍ଗତ ପୂଜାରୀଙ୍କ ଶିକ୍ଷକତା, କଳା ଜୀବନ ତଥା ଲରମ୍ଭା କଲେଜରେ ସେ ଥିବାବେଳେ ବିଭିନ୍ନ ଅନୁଭୂତିକୁ ଆଲୋକପାତ କରିଥିଲେ। କଲେଜର ଅନ୍ୟ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଅସମ୍ପୂର୍ଣ୍ଣ ଆବାସ ଘର, ଅଡୁଆରେ ହିତାଧିକାରୀ

ଭେଡ଼େନ, ୮।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ କିସ୍ତି ଟଙ୍କା ପାଇଁ ଏବେ ଅଡୁଆରେ ପଡ଼ିଛନ୍ତି। ଘର କିପରି ଭାବେ ସମ୍ପୂର୍ଣ୍ଣ କରିବେ ସେମାନେ ନେଇ ଚିନ୍ତାରେ ପଡ଼ିଛନ୍ତି ।

୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ପାଇଁ ସରକାର କିସ୍ତି ଟଙ୍କା ଦେବାରେ ନୂତନ ନିୟମ ଲାଗୁ କରିଛନ୍ତି। ଯାହାକି ଗରିବ ଶ୍ରେଣୀର ଲୋକଙ୍କ ଘର ସମ୍ପୂର୍ଣ୍ଣ କରିବା ନେଇ ଆଶଙ୍କା ଦେଖାଦେଇଛି। ପ୍ରଥମ କିସ୍ତି କାର୍ଯ୍ୟାଦେଶ ସହିତ ୪୦ ହଜାର ଟଙ୍କା ଏବଂ ଦ୍ୱିତୀୟ କିସ୍ତି ଘର ଛାତ ସେଣ୍ଟ୍ରିଂ ଶେଷ ହେବା ପରେ ୬୫ ହଜାର ଟଙ୍କା ପ୍ରଦାନ କରାଯିବାକୁ ନିୟମ ହୋଇଛି। ବର୍ତ୍ତମାନ ଘର ନିର୍ମାଣ ପାଇଁ ଆବଶ୍ୟକ ଇଟା, ବାଲି, ସିମେଣ୍ଟ ଓ ଲୁହାଛଡ଼ର ଦର ଆକାଶଛୁଆଁ ରହିଛି। ମାତ୍ର ୪୦ ହଜାର ଟଙ୍କାରେ ଘର ଛାତସ୍ତର ପର୍ଯ୍ୟନ୍ତ କିଭଳି ଗଢାଯିବ ସେ ନେଇ ହିତାଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି। ସରକାରଙ୍କ ପ୍ରଦତ୍ତ ପ୍ରଥମ



ଭେଡେନ ଅଞ୍ଚଳର ଜଣେ ହିତାଧିକାରୀଙ୍କ ଘର ଅଧାପନ୍ତରିଆ ହୋଇ ପଡିଛି।

କିସ୍ତି ଟଙ୍କା ଇଟା, ବାଲି କିଣିବାକୁ ନିଅଣ୍ଟ ହେଉଥିବା ବେଳେ ବାକି ସରଞ୍ଜାମ କିଣିବା ପାଇଁ ହିତାଧିକାରୀ କାହା ପାଖରେ ହାତ ପତେଇବ ବୋଲି ମହୁଲପାଲି ସରପଞ୍ଚ ବିଜନ କୁମାର କର୍ମୀ କହିଛନ୍ତି। ଏ ସମ୍ପର୍କରେ ଭେଡ଼େନ ବିଡ଼ିଓ ରଘୁନାଥ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ, ସରକାରଙ୍କ ଯାହା ଗାଇଡଲାଇନ ରହିଛି ସେହି ଅନୁସାରେ କାମ ହେବ। ଏଥିରେ ଆମେ କୌଣସି ପ୍ରକାରେ ହସ୍ତକ୍ଷେପ କରିପାରିବୁ ନାହିଁ ବୋଲି ପାଣିଗ୍ରାହୀ କହିଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ ମୃତଦେହ ରଖି ରାସ୍ତା ଅବରୋଧ

ବରଗଡ଼,୮।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼-ଭେଡ଼େନ ରାସ୍ତାର ତୋରା ନିକଟ ପ୍ରଧାନଚିକ୍ରା ପାଖରେ ମଙ୍ଗଳବାର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତୋରା ଟାଙ୍ଗରପଡ଼ା ନିବାସୀ ଆଦି ଶିକା(୨୪)। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ବରଗଡ଼-ଭେଡ଼େନ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ବରଗଡ଼ ସଦର ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲା। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ସାଢେ ୯ଟା) ରାସ୍ତାରୋକୋ ହଟି ନ ଥିଲା। ଆଦି ଏକ ବାଇକ୍ ଯୋଗେ ଯାଉଥିବାବେଳେ ତାଙ୍କୁ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଡାକ୍ତର ନିଯୁକ୍ତି ଦାବିକଲା ଏଏପି

ଭେଡ଼େନ,୮।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ଡ଼ାକ୍ତର ପଦବୀ ପୂରଣ କରାଯିବାକୁ ଆମ୍ ଆଦମୀ ପାର୍ଟି (ଏଏପି) ଦାବି କରିଛି। ଏହି ପରିପ୍ରେକ୍ଷୀରେ ବ୍ଲକ ସଂଯୋଜକ ସରୋଜ ସାଗରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ମେଡ଼ିକାଲ ଅଫିସର ଡା. ଅମିତ ବରିହାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଦଳ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି।

ପ୍ରକାଶ ଯେ, ଭେଡେନ ବ୍ଲକ ମୁଖ୍ୟାଳୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲକ୍ଷାଧିକ ଲୋକ ନିର୍ଭର କରିଥାନ୍ତି। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବାରୁ ଲୋକେ ହଇରାଣ ହେଉଛନ୍ତି। ଏଠାରେ ନିୟମିତ ଭେଷଜ, ଶିଶୁରୋଗ, ସର୍ଜରୀ ଭଳି ଗୁରୁତ୍ୱପୂର୍ଣ୍ଣ ଡାକ୍ତର ପଦବୀ ଦୀର୍ଘଦିନରୁ ଖାଲି ପଡ଼ିଛି। ଏଠାକାର ମୁଖ୍ୟ ଡାକ୍ତରଙ୍କୁ ମଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦାୟିତ୍ୱ ଦିଆଯାଇଛି।



ମେଡ଼ିକାଲ ଅଫିସରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସେହିପରି ରୋଗୀମାନଙ୍କ ପରୀକ୍ଷା ପାଇଁ ଅଲଟ୍ରାସାଉଣ୍ଡ, ଏକ୍ସ ରେ, ଇସିଜି ମେଶିନ ନ ଥିବାରୁ ଚିକିତ୍ସାସେବା ବ୍ୟାହତ ହେଉଛି। ରୋଗୀମାନେ ଘରୋଇ ଏବଂ ବୁର୍ଲା ଡ଼ାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଅନେକ ଗରିବ ରୋଗୀ ବାହାରକୁ ଯାଇ ଚିକିତ୍ସିତ ହୋଇ ନ ପାରି ମୃତ୍ୟୁମୁଖରେ ପଡୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ୫-ଟି ଅଧୀନକୁ ଆସିଥିବାରୁ ଏଠାରେ ଚାଲିଥିବା ଉନ୍ନତିମୂଳକ କାମ ବିନା ତଦାରଖରେ କରାଯାଉଥିବା ଆପ୍ ଅଭିଯୋଗ କରିଛି ।

# ଠକେଇ ର୍‍ୟାକେଟ୍ ସକ୍ରିୟ

ବରଗଡ଼,୮।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଠକେଇ ମାମଲା ଥମିବା ନାଁ ନେଉନାହିଁ। ଚାକିରି, ବିଏଡ୍ ଆଡ୍‌ମିଶନ କରାଇଦେବା ଆଳରେ ବେକାର ଯୁବତୀଯୁବକଙ୍କୁ ଠକେଇ କରୁଥିବା ର୍‍ୟାକେଟ୍ ଜିଲାରେ ସକ୍ରିୟ ହୋଇପଡ଼ିଛି। ଜିଲାରେ ଭାରତ ଦୂର ସଞ୍ଚାର ନିଗମ (ବିଏସ୍ଏନ୍ଏଲ୍) ଲିଃ, ଜିଲା ଜଜ୍‌ଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ଆଳରେ ଠକେଇ ଧରାପଡ଼ିବା ଘଟଣାକୁ ନେଇ ଚର୍ଚ୍ଚା ଥମିନାହିଁ। ବର୍ତ୍ତମାନ ବେକାର ଯୁବତୀଯୁବକଙ୍କୁ ବିଏଡ୍ ଆଡ୍‌ମିଶନ କରାଇଦେବା ଆଳରେ ଲକ୍ଷାଧିକ ଟଙ୍କା ଠକେଇ କରି ଜଣେ ଫେରାର ହୋଇଯାଇଛନ୍ତି। ଠକାମୀର ଶିକାର ହୋଇଥିବା ସମ୍ବଲପୁର ଜିଲା ରାଶନପୁର ଗ୍ରାମର ସରୋଜ କୁମାର ପୂଜାରୀଙ୍କ ଏତଲାକ୍ରମେ ବରଗଡ଼ ଟାଉନ ଥାନା ପୋଲିସ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଗରାଜ ଗ୍ରାମର ଅଭିଯୁକ୍ତ ଶ୍ୟାମନ୍ତ କୁମାର ଭୋଇଙ୍କ ବିରୋଧରେ ଏକ ମାମଲା (ନଂ.୪୭୩।୨୩) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରି ନ ଥିବାରୁ ଠକେଇର ଶିକାର ହୋଇଥିବା





ବରଗଡ଼ ଏସପିଙ୍କୁ ଫେରାଦ ହୋଇଥିବା ଯୁବତୀମାନେ। ଅତିରିକ୍ତ ଏସ୍‌ପିଙ୍କଠାରେ ଅଭିଯୋଗ ଜଣାଉଛନ୍ତି ।

ଶତାଧିକ ବେକାର ଯୁବତୀଯୁବକ ମଙ୍ଗଳବାର ବରଗଡ଼ ଏସ୍‌ପି ପି.ଏସ୍ ମୀନାଙ୍କୁ ଫେରାଦ ହୋଇଥିଲେ। ଏସ୍‌ପି ମୀନାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତିଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏହାସହିତ ଅଭିଯୁକ୍ତ ସେମାନଙ୍କଠାରୁ ନେଇଥିବା ଟଙ୍କା, ଶିକ୍ଷାଗତ ପ୍ରମାଣପତ୍ର ଉଦ୍ଧାର କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିବେଦନ କରିଥିଲେ। ତେବେ ସେ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି ମହାନ୍ତି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

ପ୍ରକାଶ ଯେ, ଅଭିଯୁକ୍ତ ଗତବର୍ଷଠାରୁ ଶ୍ୟାମନ୍ତ ଆଚାର୍ଯ୍ୟ ନାଗାର୍ଜୁନ ୟୁନିଭର୍ସିଟି ଏବଂ ଆନ୍ଧ୍ର ୟୁନିଭର୍ସିଟିରେ ବିଏଡ୍ ଆଡ୍‌ମିଶନ କରାଇଦେବାକୁ କହି ଯୁବତୀଯୁବକଙ୍କଠାରୁ ଜଣ ପ୍ରତି ୩୫ ହଜାର ଟଙ୍କା ଲେଖାଏଁ ନେଇଥିଲେ। ଏହାସହିତ ସେମାନଙ୍କଠାରୁ କଲେଜ ଲିଭିଂ ସାର୍ଟିଫିକେଟ୍, ମାଇଗ୍ରେଶନ ସାର୍ଟିଫିକେଟ୍ ଏବଂ ଅନ୍ୟ ଶିକ୍ଷାଗତ କାଗଜାତ୍ ନେଇଥିଲେ। ଏଭଳି ଭାବେ ବରଗଡ଼ ସମେତ ପଡ଼ୋଶୀ ଜିଲାଗୁଡ଼ିକର ୨୨୮ ଯୁବତୀଯୁବକ ଅଭିଯୁକ୍ତଙ୍କ ଠକାମୀ ଜାଲରେ ପଡ଼ିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଉକ୍ତ ୟୁନିଭର୍ସିଟିରେ ସେମାନଙ୍କ ଆଡ୍‌ମିଶନ ହୋଇ ନ ଥିବା ଜାଣିପାରି ଯୁବତୀଯୁବକମାନେ ଅଭିଯୁକ୍ତ ଶ୍ୟାମନ୍ତଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ। ତେବେ ସେ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ଭୂଆଁ ବୁଲାଇ ଆସୁଥିବା ଯୁବତୀ ଯୁବକ ଅଭିଯୋଗ କରିଛନ୍ତି। ଏପରିକି ଗତ ମାସ ୧୬ତାରିଖରେ ଅଭିଯୁକ୍ତ ଜଣଙ୍କ ବରଗଡ଼ ରେଳ ଷ୍ଟେଶନକୁ ଯୁବତୀଯୁବକଙ୍କୁ ଡାକିଥିଲେ। ସେମାନେ ସେଠାକୁ ଯାଇଥିଲେ ସୁଦ୍ଧା ଅଭିଯୁକ୍ତ ଧରାଛୁଆଁ ଦେଇ ନ ଥିଲେ।

ଏହି ଘଟଣାକୁ ନେଇ ଗତ ମାସ ୧୮ତାରିଖରେ ଠକେଇର ଶିକାର ହୋଇଥିବା ଯୁବତୀଯୁବକ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ଏହାସହିତ ସେତେବେଳେ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ। ଏତଲା ପାଇବା ପରେ ପୋଲିସ ଉକ୍ତ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଥିଲା। ତେବେ ପୋଲିସ ଅଭିଯୁକ୍ତଙ୍କ ଘରକୁ ଯାଇ ଏପର୍ଯ୍ୟନ୍ତ ୫୧ ଯୁବତୀଯୁବକଙ୍କ କଲେଜ ଲିଭିଂ ସାର୍ଟିଫିକେଟ୍ ଏବଂ ମାଇଗ୍ରେଶନ ସାର୍ଟିଫିକେଟ୍ ଜବତ କରିଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ସେହିପରି ଅନ୍ୟ ଯୁବତୀଯୁବକଙ୍କ ସାର୍ଟିଫିକେଟ୍ ମଧ୍ୟ ମିଳିପାରିନାହିଁ । ଫଳରେ ସେମାନେ ଅନ୍ୟ କୌଣସି ପରୀକ୍ଷା କିମ୍ବା ବିଏଡ୍ ଆଡ୍‌ମିଶନ କରିବାରୁ ବଞ୍ଚିତ ହୋଇଥିବା ଯୁବତୀଯୁବକ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି, ବିଗତବର୍ଷେ ଏଭଳି ବିଏଡ୍ କରାଇଦେବା ଆଳରେ ଠକିଥିବା ଜଣେ ଅଭିଯୁକ୍ତଙ୍କୁ ବରଗଡ଼ ଟାଉନ ଥାନା ପୋଲିସ ଗିରଫ କରିଥିଲା।

**ବରଗଡ଼ ଜିଲା**

- ଠକାମି ଜାଲରେ ପଡ଼ିଛନ୍ତି ୨୨୮ ଜଣ
- ଜଣ ପ୍ରତି ୩୫ହଜାର ଟଙ୍କା ଠକେଇ
- ଅଭିଯୁକ୍ତଙ୍କୁ ଗିରଫ କରିପାରିନି ପୋଲିସ
- ଏସ୍‌ପିଙ୍କୁ ଫେରାଦ ହେଲେ ଯୁବତୀଯୁବକ



## ଆଜି କ'ଣ କେଉଁଠି

ରାଉରକେଲା

- କ୍ରାନ୍ତି ଦିବସ ପାଳନ, ସେକ୍ଟର-୧୪ କମ୍ୟୁନିଟି ସେଣ୍ଟର, ପୂର୍ବାହ୍ନ ସାଢେ ୧୦ଟା ।
- ଶ୍ରମ ମନ୍ତ୍ରୀଙ୍କ ଦ୍ୱାରାପ୍ରକଳ୍ପ ଉଦ୍‌ଘାଟନ, ଆର୍‌ଜିଏଚ୍, ପୂର୍ବାହ୍ନ ସାଢେ ୧୧ଟା ।

## ସଂକ୍ଷେପରେ

### ମୃତ ମିଟର ରିଡର କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୮।୮(ଦିନେଶ ମିଶ୍ର)

ଟାଟା ପାୱାର କମ୍ପାନୀରେ ଠିକା ଶ୍ରମିକ ଭାବେ କାମ କରୁଥିବା ଲକ୍ଷ୍ମୀନାରାୟଣ ତ୍ରିପାଠୀଙ୍କୁ ହତ୍ୟା କରାଯାଇଛି। ଏହି ପରିପ୍ରେକ୍ଷୀରେ ମୃତକଙ୍କୁ ଅଲ ଓଡିଶା ମିଟର ରିଡର ଆସୋସିଏଶନ ରାଉରକେଲା ଡିଭିଜନ ପକ୍ଷରୁ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ରାଉରକେଲା ଡିଭିଜନର ସମସ୍ତ ମିଟର ରିଡର କର୍ମଚାରୀ ଯୋଗଦେଇ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ବିଭିନ୍ନ ସମୟରେ ଜଣେ ମିଟର ରିଡର ବୁଲି ବୁଲି ମିଟର ରିଡିଂ ନେଉଥିବାବେଳେ ତାଙ୍କୁ ଏଭଳି ହତ୍ୟା କରାଯିବାକୁ ନେଇ ଆସୋସିଏଶନ ପକ୍ଷରୁ ନିନ୍ଦା କରାଯାଇଛି। ଏଥିରେ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ରାଉରକେଲା,୮।୮(ଦିନେଶ ମିଶ୍ର)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ସିଂଟୋଲା ବସ୍ତିରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତା ଯୁବତୀ ହେଲେ ପୂଜା ଲୋହାର(୨୩)। ବ୍ରାହ୍ମଣୀତରଙ୍ଗ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬୮।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୁବତୀଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ। ସୂଚନା ଅନୁସାରେ, ପୂଜା ସୋମବାର ରାତି ସାଢେ ୯ଟାରେ ଖାଇସାରି ଶୋଇବାକୁ ଯାଇଥିଲେ। ପରଦିନ ସକାଳେ ଘର ଲୋକେ ତାଙ୍କୁ ଆଜବେଷ୍ଟସ ଲୁହା ପାଇପ୍‌ରେ ଚୁନିରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେମାନେ ତାଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସାପ ଖେଳାଉଥିବା ବେଳେ ଗିରଫ

ରାଉରକେଲା, ୮।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବେଦବ୍ୟାସ ମନ୍ଦିର ନିକଟରେ ସାପ ଖେଳାଉଥିବା ବେଳେ ବନ ବିଭାଗ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶର ସାହୁର ଜିଲା ଗ୍ରାମବଜାରର ମାନ ସିଂ(୨୯)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୭୭/୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ବେଦବ୍ୟାସ ମନ୍ଦିରରେ ସାପ ଖେଳାଉଥିବା ବେଳେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ଏକ ସ୍ୱତନ୍ତ୍ର ଦଳ ଚଢାଉ କରି ଉକ୍ତ ଯୁବକଙ୍କୁ କାବୁ କରିଥିଲା।



ଯୁବ କଳୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

## ସଙ୍ଗୀତ, ନୃତ୍ୟ, ନାଟକରେ ଦର୍ଶକ ବିଭୋର

ରାଉରକେଲା,୮।୮(ବିପ୍ଳବ ରଞ୍ଜନ ଦାଶ)

**ଯୁବ କଳୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଆର୍‌ଏସ୍‌ପି ଆନୁକୂଲ୍ୟରେ ସେକ୍ଟର-୨୦ସ୍ଥିତ ସିଭିକ୍ ସେଣ୍ଟରରେ ଚାଲିଥିବା ଯୁବ କଳୋତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହାକୁ ପଦ୍ମଶ୍ରୀ କୁମକୁମ ମହାନ୍ତି ଉଦ୍‌ଘାଟନ କରିଥିଲେ। ମନ୍ମଥ ଶତପଥି, ସୁବୋଧ ପଟ୍ଟନାୟକ ଓ ଯୋଗେଶ ପାଣ୍ଡେ ପ୍ରମୁଖ ଅନ୍ୟତମ ଅତିଥି ଯୋଗ ଦେଇଥିଲେ। ଏକାଡେମୀର ସାଧାରଣ ସଦସ୍ୟ ଡ. ସଞ୍ଜୟ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ସିଭିକ ସେଣ୍ଟର କଳା ମଣ୍ଡପରେ ପ୍ରୟାଗରାଜ ଉତ୍ତରପ୍ରଦେଶର ପ୍ରିୟଙ୍କା ପାଣ୍ଡେ ଆଣ୍ଡ ଗ୍ରୁପ୍ ସଙ୍ଗୀତ ପରିବେଷଣ କରିଥିଲେ। ପରେ କଳା ମଣ୍ଡଳମ, ପ୍ରବୀନ, କୋଚି କେରଳର କଳାକାରମାନେ କଥକଳି ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ସନାତନ ଆଣ୍ଡ୍ ଗ୍ରୁପ୍ ଖରସୁଆଁର କଳାକାରମାନେ ଝାଡ଼ଖଣ୍ଡର ପ୍ରସିଦ୍ଧ ଲୋକନୃତ୍ୟ ବନ୍‌ସାଇ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଗଞ୍ଜାମ ଜିଲା ବ୍ରହ୍ମପୁରର କଳାକାରମାନେ ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଲୋକନୃତ୍ୟ ପ୍ରହ୍ଲାଦ ନାଟକ ଉପସ୍ଥାପନ କରିଥିଲେ। ସକାଳ ଅଧିବେଶନରେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପିଲାମାନଙ୍କର ଦ୍ୱାରା ଉତ୍ସାହପ୍ରଦ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଆଇଇଏମ୍‌ଏସ୍‌ର ଅଧ୍ୟକ୍ଷା ଡାକ୍ତର ସୁଶ୍ରୀତା ଦାସ କର୍ମଶାଳା ସଂଯୋଜନା କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ଓ କର୍ମଚାରୀଗଣ ଯୋଗ ଦେଇଥିଲେ।

## ଓଡ଼ିଆ ଭାଷା ଆନ୍ଦୋଳନ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୮।୮(ଦିନେଶ ମିଶ୍ର)

ରାଉରକେଲା ବ୍ୟାସଭବନରେ ସୁବର୍ଣ୍ଣରେଖା ଅନୁଷ୍ଠାନ ପକ୍ଷରୁ ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଓଡିଆ ଭାଷା ଆନ୍ଦୋଳନ ଉପରେ ଏକ ଆଲୋଚନାଚକ୍ର ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡିଆ ଭାଷା ଆନ୍ଦୋଳନର ଆବାହକ କାର୍ତ୍ତିକ ପରିଚ୍ଛା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷା ଆନ୍ଦୋଳନରେ ଫକୀର ମୋହନ ସେନାପତିଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଫକୀର ମୋହନଙ୍କ ଲେଖା କୃତି ଓ ତାର ସାମାଜିକ ଦିଗ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପରିଚ୍ଛା ବିଚ୍ଛିନାଞ୍ଚଳର ଓଡିଆ ଭାଷାଭାଷୀ ଲୋକ ଝାଡ଼ଖଣ୍ଡରେ କିପରି ଅସୁବିଧା ଭୋଗ କରନ୍ତି ସେ ବିଷୟରେ ଅବଗତ କରିଥିଲେ। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଡିଆ ଭାଷାକୁ ବଞ୍ଚାଇ ରଖିବା ସହ ଭାଷାର ମହତ୍ୱକୁ କିଭଳି ପ୍ରଚାର ପ୍ରସାର କରିହେବ ସେ ନେଇ ସାଙ୍ଗଠନିକ ସମ୍ପାଦକ କମଳାକାନ୍ତ ପ୍ରଧାନ ଆହ୍ୱାନ ଦେଇଥିଲେ।

## ୪ ପ୍ରତିଯୋଗୀ ବିଜୟୀ

ରାଉରକେଲା,୮।୮(ଦିନେଶ ମିଶ୍ର)

**ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ**

ଓଡିଶା ସଂସ୍କୃତି କଳା ଏକାଡେମୀ ଓ ସଙ୍ଗୀତ ମୂର୍ଚ୍ଛନା ଅନୁଷ୍ଠାନ ପକ୍ଷରୁ ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାରରେ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ଓ ସମ୍ବର୍ଦ୍ଧନା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ନିରୁପମା ଦାଶପତି ମୁଖ୍ୟ ଅତିଥି, ବରିଷ୍ଠ କବି ସୁଶାନ୍ତ କୁମାର ନାୟକ ସମ୍ମାନିତ ଅତିଥି ଓ ଶଶଧର ପଣ୍ଡା ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଜିଲାରୁ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ରାଉରକେଲାରୁ ବାଦ୍ୟଯନ୍ତ୍ର ଓ ସଙ୍ଗୀତ ପ୍ରତିଯୋଗିତାରେ ସୁବେନ୍ଦୁ ସାହୁଙ୍କ ମ୍ୟୁଜିକ ଟିମ୍ ପକ୍ଷରୁ ରାଜବୀର ଖଣ୍ଡୱାଲା, ବୈଭବ ଆଚାର୍ଯ୍ୟ, ରୂପଜ୍ୟୋତି ଓ ଦେବାଶିଷ ବିଜୟୀ ହୋଇଛନ୍ତି। ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସଭାପତି ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ବିଜୟୀ ପ୍ରତିଯୋଗୀଗଣ।

## ଆର୍‌ଜିଏଚ୍‌ରେ ଘରୋଇ ଆମ୍ବୁଲାନ୍ସ, ରୋଗୀ ଶୋଷିତ

ରାଉରକେଲା,୮।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ହସ୍ପିଟାଲ(ଆର୍‌ଜିଏଚ୍) କ୍ୟାମ୍ପସରେ ରହୁଥିବା ଘରୋଇ ଆମ୍ବୁଲାନ୍ସ ରୋଗୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ସୂଚନା ଅନୁସାରେ, ଆର୍‌ଜିଏଚ୍ ଉପରେ ରାଉରକେଲା ସହରାଞ୍ଚଳ ସମେତ ସୁନ୍ଦରଗଡ଼ ଜିଲାର ୪ଟି ବ୍ଲକ ଓ ପଡ଼ୋଶୀ ଝାଡ଼ଖଣ୍ଡ ଅଞ୍ଚଳର ଲକ୍ଷାଧିକ ରୋଗୀ ନିର୍ଭର କରୁଛନ୍ତି। ପ୍ରତିଦିନ ଏଠାକୁ ହଜାର ହଜାର ରୋଗୀ ଚିକିତ୍ସା ସେବା ପାଇବାକୁ ଆସୁଛନ୍ତି। ଆର୍‌ଜିଏଚ୍‌ରେ ୩ଟି ୧୦୮ ଆମ୍ବୁଲାନ୍ସ ଓ ୬ଟି ଡିଏମ୍‌ଏଫ୍ ଭ୍ୟାନ ମାଧ୍ୟମରେ ରୋଗୀଙ୍କୁ ଜରୁରୀକାଳୀନ ସେବା ପାଇଁ ନେବା ଆଣିବା ବ୍ୟବସ୍ଥା କରାଯାଇଛି। ରୋଗୀଙ୍କ ପାଇଁ ଏହି ଆମ୍ବୁଲାନ୍ସ ସେବା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଘରୋଇ ଆମ୍ବୁଲାନ୍ସ ଏହାର ଫାଇଦା ନେଉଛନ୍ତି। ବିଶେଷ କରି ଗରିବ ଏବଂ ମଧ୍ୟମ ବର୍ଗ ରୋଗୀମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି। ବିଶ୍ରା, ଲାଠିକଟା, କୁଆଁରମୁଣ୍ଡା ଓ ନୂଆଗାଁ ଆଦି ବ୍ଲକ ଅଞ୍ଚଳ ଗରିବ ଲୋକମାନେ ବସ୍‌ରେ ରୋଗୀଙ୍କୁ ନେଇ ଆର୍‌ଜିଏଚ୍‌କୁ ଆସନ୍ତି। ମାତ୍ର ଅନେକ ସମୟରେ ଚିକିତ୍ସାରେ ବିଳମ୍ବ ହେଲେ ରୋଗୀମାନଙ୍କୁ ନିଜ ଠିକଣା ସ୍ଥାନକୁ ନେବାରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଲୋକେ ଆର୍‌ଜିଏଚ୍ କ୍ୟାମ୍ପସ ଓପିଡି କେନ୍ଦ୍ର ସମ୍ମୁଖରେ ରହୁଥିବା ଘରୋଇ ଆମ୍ବୁଲାନ୍ସକୁ ସରକାରୀ ଭାବି ସେଥିରେ ରୋଗୀଙ୍କୁ ଘରକୁ ଆଣନ୍ତି। ଘରୋଇ ଆମ୍ବୁଲାନ୍ସ ଚାଳକ ମଧ୍ୟ ଲୋକଙ୍କଠାରୁ ମନଇଚ୍ଛା ଭଡା ଆଦାୟ କରନ୍ତି। ଅନ୍ୟପଟେ ବାରଣ ସତ୍ତ୍ୱେ ସରକାରୀ ହସ୍ପିଟାଲ କ୍ୟାମ୍ପସରେ ଘରୋଇ ଆମ୍ବୁଲାନ୍ସ ଗୁଡିକ ରହୁଛି। ଏ ନେଇ ଆର୍‌ଜିଏଚ୍ ନିର୍ଦ୍ଦେଶକ ସନ୍ତୋଷ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଜିଏଚ୍ କ୍ୟାମ୍ପସରେ ଘରୋଇ ଆମ୍ବୁଲାନ୍ସ ହଟାଇବା ପାଇଁ ରଘୁନାଥପାଲି ଥାନାରେ ଜଣାଇବା ସହ ପଦକ୍ଷେପ ନେବାକୁ କୁହାଯାଇଛି। ମାତ୍ର ଘରୋଇ ଆମ୍ବୁଲାନ୍ସ ମାଲିକମାନେ ମାନୁନାହାନ୍ତି। ଆଗକୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ଏହାସହ ଆର୍‌ଜିଏଚରେ ଆମ୍ବୁଲାନ୍ସ ସଂଖ୍ୟା ବୃଦ୍ଧି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ୱାଇଁ କହିଥିଲେ।




ଆର୍‌ଜିଏଚ୍ କ୍ୟାମ୍ପସରେ ଘରୋଇ ଆମ୍ବୁଲାନ୍ସ ରହିଛି।



କାର୍ଯ୍ୟକ୍ରମରେ ଉପସ୍ଥିତ କବିୟତ୍ରୀ ଓ କବିଗଣ।

## ନନ୍ଦିନୀଙ୍କ କୃତି ନାରୀ ଜାତି ପାଇ ଅନନ୍ୟ ଉଦାହରଣ

ରାଉରକେଲା,୮।୮(ବିପ୍ଳବ ରଞ୍ଜନ ଦାଶ)

**ଜିଲା ଲେଖକ ସାମ୍ମୁଖ୍ୟ ସମ୍ମିଳନୀ**

ରାଉରକେଲା ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାରରେ ଜିଲା ଲେଖକ ସାମ୍ମୁଖ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ କୁମାର ନାୟକ ଓ କନକଲତା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ଇଂ. ଅଭୟ କୁମାର ଦାଶ ମୁଖ୍ୟଅତିଥି, ଅଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି ଏବଂ ଶିକ୍ଷୟିତ୍ରୀ ନିରୁପମା ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଓଡିଶାର ବହ୍ନିକନ୍ୟା ନନ୍ଦିନୀ ଶତପଥିଙ୍କ ସ୍ମୃତିକୁ ମନେ ପକାଇ କହିଥିଲେ, ଯୁଗେ ଯୁଗେ ନାରୀ ନମସ୍ୟା। ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ପରିବେଶ ଓ ପରିସ୍ଥିତି ଦେଖି ନାରୀ କେବେ କଠୋର ହୋଇଥାଏ ତ ପୁଣି କେବେ ଦୟା, କ୍ଷମା, କରୁଣାର ଅବତାର ଗ୍ରହଣ କରେ। ସବୁକାଳେ ସବୁ ସ୍ଥଳେ ପୁରୁଷ ନାରୀ ବିନା ଅସମ୍ପୂର୍ଣ୍ଣ। ରାଜନୀତି, ସାହିତ୍ୟ, ସଂସ୍କୃତି, ସମାଜ ମଙ୍ଗଳ କ୍ଷେତ୍ରରେ ନାରୀର ଭୂମିକା ସ୍ପଷ୍ଟ ବାରି ହୋଇପଡେ। ଏହି ପରିପ୍ରେକ୍ଷୀରେ ମହିୟସୀ ମହିଳା ନନ୍ଦିନୀ ଶତପଥିଙ୍କ ଚିର ସ୍ମରଣୀୟ ଜୀବନାବଳୀର ଶ୍ରେଷ୍ଠତ୍ୱ ନାରୀ ସମାଜ ପାଇଁ ଅନନ୍ୟ ଉଦାହରଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ରଶ୍ମୀବାଳା ରାଉତରାୟଙ୍କ ସଭାପତିତ୍ୱରେ ଓଡିଆ ସାହିତ୍ୟ କବିତା ଓ ଗଳ୍ପ ଆସର ଅନୁଷ୍ଠିତ ହୋଇଥିଲା। ଗୀତାରାଣୀ ବେହେରା ଓ ସ୍ୱର୍ଣ୍ଣ ଦତ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ମହେଶ୍ୱତା ସାହୁ, ନିକୁଞ୍ଜ ବିହାରୀ ଦାଶ ଗଳ୍ପ ପାଠ କରିଥିବା ବେଳେ କବି ପ୍ରତାପ କୁମାର ପଣ୍ଡା, କରୁଣାକର ପାଟ୍ଟଶାଣୀ, ସ୍ନେହଲତା ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ପାର୍ଥ ସାହୁ, ଗୀତାରାଣୀ ବେହେରା, ନିରୁପମା ପତି ପ୍ରମୁଖ କବିତା ପାଠ କରିଥିଲେ। ବିଜୟ ବରାଳ ଓ ସୂର୍ଯ୍ୟ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କବି ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଅଗ୍ରସର ହେବାକୁ ଆହ୍ୱାନ

**ରାଉରକେଲା କଲେଜର ୫୮ତମ ପ୍ରତିଷ୍ଠା ଦିବସ**

ରାଉରକେଲା,୮।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୪ସ୍ଥିତ ରାଉରକେଲା କଲେଜର ୫୮ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା ପ୍ରଫେସର ସୁଜାତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସହର ସେବା ପ୍ରଶାସକ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ଆର୍‌ଏଣ୍ଡବି ମନୋଜ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ଜୀବନରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଅଗ୍ରସର ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପରିଚାଳନା କମିଟି ସଭାପତି ଡ. ପ୍ରଦୀପ କୁମାର ନନ୍ଦ ଓ ସଦସ୍ୟ ମନୋରଞ୍ଜନ ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀ ପୂଜାରାଣୀ ମହାପାତ୍ର, କେଶରୀ ବାଘ, ବିଜୟଲକ୍ଷ୍ମୀ ନାୟକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା କଲେଜ ମୁଖପାତ୍ର 'ପ୍ରଜ୍ଞାଲୋକ' ଉନ୍ମୋଚିତ ହୋଇଥିଲା। ପ୍ରଫେସର ଡା. ରବୀନ୍ଦ୍ର କୁମାର ଜେନା ସ୍ୱାଗତ ଭାଷଣ, ଇଂରାଜୀ ଅଧ୍ୟାପକ ରଶ୍ମୀ ରଞ୍ଜନ ରାଉତ କାର୍ଯ୍ୟକ୍ରମ ସଂଯୋଜନା ଏବଂ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ବନ୍ଦନା ସୋରେଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କରୁଣାକର ପାଟ୍ଟଶାଣୀ, ମନୋଜ ଦଲେଇ, ବନ ବିହାରୀ କିଷାନ, ତରଣୀ ନାୟକ, ରଶ୍ମୀପ୍ରଭା ମଥାନ, ତପସ୍ୱିନୀ ମିଶ୍ର, ବିକ୍ରମ ସାହୁ, ପ୍ରତିମା ପାଣିଗ୍ରାହୀ, ପ୍ରଭାତ ବଳ, ସ୍ୱାତୀ ସ୍ମିତା ସାହୁ, ରଚନା ମିଶ୍ର, ଶୁଚିସ୍ମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିଙ୍କ ଦ୍ୱାରା କଲେଜ ମୁଖପତ୍ର ଉନ୍ମୋଚିତ ହେଉଛି।

## ସଙ୍କୁଚିତ ରାସ୍ତାରେ ଯାଉଛି ଭାରିଯାନ

ରାଉରକେଲା,୮।୮(ବିପ୍ଳବ ରଞ୍ଜନ ଦାଶ)

**ରାଜପଥ କାମ ଅସମ୍ପୂର୍ଣ୍ଣ, ଓଭରବ୍ରିଜ୍ ରାସ୍ତା ବନ୍ଦ**

ବୀରମିତ୍ରପୁର-ବାରକୋଟ ୧୪୩ ନଂ. ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ। ସେପଟେ ବେଦବ୍ୟାସ ଓଭରବ୍ରିଜ୍ ନିର୍ମାଣ ହୋଇସାରିଥିଲେ ମଧ୍ୟ ଲୋକାର୍ପଣ କରାଯାଇ ନ ଥିବାରୁ ଏହି ରାସ୍ତା ବନ୍ଦ ରହିଛି। ଓଭରବ୍ରିଜ୍ ପାର୍ଶ୍ୱ ସଙ୍କୀର୍ଣ୍ଣ ରାସ୍ତାରେ ଭାରିଯାନ ଚଳାଚଳ କରୁଥିବାରୁ ନାନା ଅସୁବିଧା ହେଉଛି। ଏଥିପାଇଁ ଟ୍ରାଫିକ୍ ଜାମ୍ ହେଉଥିବା ବେଳେ ଏହାକୁ ହଟାଇବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡୁଛି। ଏଥିସହ ବେଦବ୍ୟାସ ଛକ ପାର୍ଶ୍ୱସ୍ଥ ଦୋକାନଗୁଡିକ ଧୂଳିଧୂଆଁରେ ପରିପୂର୍ଣ୍ଣ ହେଉଛି।

ସୂଚନା ଅନୁସାରେ, ବୀରମିତ୍ରପୁରରୁ ବ୍ରାହ୍ମଣୀ ନଦୀ ବାଇପାସ ପର୍ଯ୍ୟନ୍ତ ୨୪.୧ କି.ମି. ରାସ୍ତା ନିମନ୍ତେ ୩୨୫.୫ କୋଟି, ବ୍ରାହ୍ମଣୀ ବାଇପାସ୍ ରାଜାମୁଣ୍ଡା ପର୍ଯ୍ୟନ୍ତ ୪୬ କି.ମି ପାଇଁ ୩୦୮.୫୨କୋଟି ଓ ରାଜାମୁଣ୍ଡାରୁ ବାରକୋଟ ଯାଏ ୪୯.୯ କି.ମି ରାସ୍ତା ନିର୍ମାଣ ପାଇଁ ୩୯୪କୋଟି ଟଙ୍କା ମଞ୍ଜୁର ହୋଇଛି। ୨୦୧୭ ଜୁଲାଇ ୧୭ରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡକରୀ ୧୧୯.୧୦ କି.ମି ବୀରମିତ୍ରପୁର-ବାରକୋଟ ଜାତୀୟ ରାଜପଥ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ୨୦୨୦ ମାର୍ଚ୍ଚ ମାସ ମଧ୍ୟରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଥିଲା। ପରେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ୨୦୨୧ ଜୁନ ପର୍ଯ୍ୟନ୍ତ ନିର୍ମାଣ ଅବଧି ରହିଥିଲା। ତେବେ ବର୍ତ୍ତମାନ ସୁଦ୍ଧା ବାରକୋଟ ରାଜାମୁଣ୍ଡା ମଧ୍ୟରେ ହାତୀ କରିଡର (ହାତୀ ଚଲାପଥ) ପାଇଁ ବନ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଅନୁମୋଦନ ମିଳି ନ ଥିବାରୁ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଅନ୍ୟପକ୍ଷେ ବେଦବ୍ୟାସ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଲୋକାର୍ପିତ ହୋଇ ନ ଥିବାରୁ ବନ୍ଦ ରହିଛି। ଫଳରେ ଯାନବାହନ ଗୁଡିକ ସଙ୍କୁଚିତ ରାସ୍ତାରେ ଯାତାୟାତ କରିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଗାଜୀଙ୍କୁ ପଚାରିବାରୁ ସେ କହିଲେ, ତୃତୀୟ ପକ୍ଷ ଆଇଆଇଟି ଓ ଏନ୍‌ଆଇଟି ତରଫରୁ ଅଡିଟ ରିପୋର୍ଟ ଆସିଲା ପରେ ବେଦବ୍ୟାସ ଓଭରବ୍ରିଜ୍ ଲୋକାର୍ପଣ କରାଯିବ। ଏହାସହ ଜାତୀୟ ରାଜପଥ ବକେୟା କାମ କରାଯିବ ବୋଲି ଗାଜୀ କହିଥିଲେ।



ବେଦବ୍ୟାସ ଓଭରବ୍ରିଜ ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଧାରଣା, ଜିଲାପାଳଙ୍କ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା ।
- ଅଗଷ୍ଟ କ୍ରାନ୍ତି ଦିବସ, ଜିଏମ୍‌ୟୁ ଇତିହାସ ବିଭାଗ, ପୂର୍ବାହ୍ନ ୧୧ଟା
- ଓଷ୍ଟା ପକ୍ଷରୁ ରାଲି, ନେଲ୍‌ସନ ମଣ୍ଡେଲା ଛକ, ଅପରାହ୍ନ ୨ଟା

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

### ପ୍ରସ୍ତାବିତ କୋଇଲା ଖଣିକୁ ବିରୋଧ

### ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାମିଲ

ସମ୍ବଲପୁର,୮।୮(ଶୁଭାଶିଷ ପାଢ଼ୀ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁଡ଼ାଲୋଇ ନର୍ଥ-ଏ'ଠାରେ ପ୍ରସ୍ତାବିତ କୋଇଲା ଖଣିକୁ ବିରୋଧ ଜାରି ରହିଥିବା ବେଳେ ମଙ୍ଗଳବାର ଏହା ଉଗ୍ରରୂପ ନେଇଥିଲା । ହଜାର ସଂଖ୍ୟାରେ ଅଞ୍ଚଳବାସୀ ବେହେରାମାଲ କିଷାନ ଛକରୁ ପଦଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ । ସେମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ । ସେଠାରେ ପ୍ରାୟ ୪ଘଣ୍ଟା ଧରି ବିକ୍ଷୋଭ ସମାବେଶ ହୋଇଥିଲା । ବିସ୍ଥାପିତ ସଂଗ୍ରାମ ସମିତି, ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ଆହ୍ୱାନକ୍ରମେ ସମାବେଶରେ ବିଭିନ୍ନ ସଙ୍ଗଠନ, ରାଜନୈତିକ ବ୍ୟକ୍ତି, ବୁଦ୍ଧିଜୀବୀ, ପରିବେଶବିତ୍ ସାମିଲ ହୋଇଥିଲେ । ପରେ ଜିଲାପାଳ ଆବୋଲି ସୁନୀଲ ନରୱଣେ ସମାବେଶ ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ ।

ଆନ୍ଦୋଳନକାରୀ ଦର୍ଶାଇଥିଲେ, ବେଦାନ୍ତ କମ୍ପାନୀ କୋଇଲା ଖନନ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଗଷ୍ଟ ୧ରେ ଜନଶୁଣାଣି ହୋଇଥିଲା । ଏଥିରେ ଜିଲା ପ୍ରଶାସନ ଓ ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀମାନେ ଉପସ୍ଥିତ ଥିଲେ । ହେଲେ ଉକ୍ତ ଜନଶୁଣାଣିକୁ ବିସ୍ଥାପିତମାନଙ୍କୁ ପୂରାଇ ଦିଆଯାଇ ନ ଥିଲା । କମ୍ପାନୀକୁ ସୁହାଇଲା ଭଳି ଅଳ୍ପ କେତେଜଣ ଲୋକଙ୍କୁ ନେଇ ଶୁଣାଣି ହୋଇଥିଲା । ଏହାକୁ ସେତେବେଳେ ତୀବ୍ର ବିରୋଧ କରାଯାଇଥିଲା । ଏପରିକି ମାରପିଟ ହୋଇ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେଣୁ ଉକ୍ତ ଜନଶୁଣାଣି ବାତିଲକରି ପୁଣି ଥରେ କରିବାକୁ ଲୋକେ ଦାବି କରିଥିଲେ । ଅନ୍ୟପଟେ ଏହି କୋଇଲାଖଣିକୁ ନେଇ ପୂର୍ବରୁ ୨୦୨୧ରେ ଜନଶୁଣାଣି ହୋଇଥିଲା । ବିରୋଧ ହେବା ଫଳରେ ଆଜିପର୍ଯ୍ୟନ୍ତ ହୋଇପାରି ନ ଥିଲା । କୋଇଲା ଖଣି ହେବା ଫଳରେ ପିପିଲିମାଲ ପଞ୍ଚାୟତ, ବନଜାରି ପଞ୍ଚାୟତ, କୁଡାଲୋଇ, ବରତାପ ଗ୍ରାମ, ଧରାମୁଣ୍ଡା, ବେଲପାହାଡ଼ ମ୍ୟୁନିସିପାଲିଟିର ୧୭ନଂ. ୱାର୍ଡ ଲୁହୁରାପଡ଼ା ପରିସୀମା ପ୍ରଭାବିତ ହେବ । ପ୍ରଥମ ପର୍ଯ୍ୟାୟରେ ୨୪ ଏକରରେ ଏହି କୋଇଲା ଖନନ ପାଇଁ ଜଣଶୁଣାଣି ହୋଇଥିଲା । ସେଥିରେ ବହୁ ପରିବାରଙ୍କ ରୟତି ଜମି ରହିଛି । ୬ ହଜାର ଲୋକ ପ୍ରଭାବିତ ହେବା ଆଶଙ୍କା ରହିଛି । ଏହି ଅଞ୍ଚଳରେ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ସହ ଚାଷଜମି ମଧ୍ୟ ରହିଛି । ଏହା ଉପରେ ନିର୍ଭର କରି ଲୋକମାନେ ଜୀବିକା ନିର୍ବାହ କରୁଛନ୍ତି । ଏବେ ଜମି ନେବା ଫଳରେ ସେମାନେ ଜୀବିକା ହରାଇ ବସିବେ । ଝାରସୁଗୁଡ଼ା ଅତି ପ୍ରଦୂଷିତ ସହର ଭାବେ ପୂର୍ବରୁ ଏନ୍‌ଜିଟି ଚିଠି କରିଛି । ତେଣୁ ସହରକୁ ଆଉ ପ୍ରଦୂଷଣ କରା ନ ଯାଉ ବୋଲି ଦାବି କରିଥିଲେ । ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ସତ୍ୟନାରାୟଣ ରାଓଙ୍କ ସମେତ ବିରଞ୍ଚି ସାହୁ, ଗୋପୀନାଥ ମାଝି, ବିଜୟ କୁମାର ଦାସ, ତ୍ରିନାଥ ଗୁଆଲ, ସୁରେନ୍ଦ୍ର ସାହୁ, ରମେଶ ତ୍ରିପାଠୀ, ରତ୍ନାକର ପ୍ରଧାନ, ବୁଲୁ ସେନାପତି, ସିଆରାମ ଦାସ ପ୍ରମୁଖଙ୍କ ନେତୃତ୍ୱରେ ସମାବେଶ ହୋଇଥିଲା ।



କୋଇଲା ଖଣି ବିରୋଧରେ ବିଶାଳ ଶୋଭାଯାତ୍ରା ।

# ମହିଳାରେ ଉର୍ମିଳା, ପୁରୁଷରେ ଭାନୁ ପ୍ରତାପ ଚାମ୍ପିୟନ

ସମ୍ବଲପୁର,୮।୮(ବି.ଶଙ୍କର)- ବିଶ୍ୱମ୍ଭର ବହିଦାର ସ୍ମାରକୀ ରାଜ୍ୟସ୍ତରୀୟ ପାୱାର ଲିଫ୍ଟିଙ୍ଗ ଚାମ୍ପିୟନଶିପ-୨୦୨୩ ସମ୍ବଲପୁର ନାରୀ ସେବା ସଦନଠାରେ ଉଦ୍‌ଯାପିତ ହୋଇଯାଇଛି । ୟଙ୍ଗ ବୟେଜ ଆସୋସିଏଶନ ଓ ସମ୍ବଲପୁର ପାୱାର ଲିଫ୍ଟିଙ୍ଗ ଆସୋସିଏଶନ ମିଳିତ ଆୟୋଜନରେ ପ୍ରତିଯୋଗିତା ହୋଇଥିଲା । ମହିଳା ବର୍ଗରେ ଉର୍ମିଳା ବେହେରା ଓ ପୁରୁଷରେ ଭାନୁ ପ୍ରତାପ ସିଂ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଭାଜପା ରାଜ୍ୟ ସମ୍ପାଦକ ଇରାଶିଷ ଆଚାର୍ଯ୍ୟ, ଟଙ୍କଧର ତ୍ରିପାଠୀ, ଜିଲା ସଭାପତି ଗିରିଶ ପଟେଲ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବାଳିକାରେ ୩୭ ଓ ବାଳକ ବର୍ଗରେ ୫୫ଜଣ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ଉଦ୍‌ଯାପନୀ ଉତ୍ସବକୁ ସୁଧିର ରଞ୍ଜନ ବହିଦାର ଓ ସୋମନାଥ ପଟ୍ଟନାୟକ ପରିଚାଳନା କରିଥିଲେ ।

# ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ଅଫିସ ଘେରାଉ

**କୁଚିଣ୍ଡା,୮।୮(ବିରଞ୍ଚି ଦର୍ଲା):** ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ଶତାଧିକ ଉପଭୋକ୍ତା ମଙ୍ଗଳବାର କୁସୁମୀ ଗ୍ରୀଡ୍ ସବଷ୍ଟେଶନ ଅଫିସ ଘେରାଉ କରିଥିଲେ । ଗ୍ରୀଡ୍ ଦାୟିତ୍ୱରେ ଥିବା ସେକ୍ସନ ଅଧିକାରୀ ତଥା କନିଷ୍ଠ ଯନ୍ତ୍ରୀଙ୍କୁ ଆନ୍ଦୋଳନକାରୀ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସୋମବାର ସନ୍ଧ୍ୟା ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ କୁସୁମୀ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା । ରାତିରେ ବିଦ୍ୟୁତ ଚାର୍ଜ ହୋଇଥିଲେ ହେଁ ପୁଣି ଭୋରୁ ଲାଇନ ଚାଲିଯାଇଥିବା ଅଭିଯୋଗ କରି ଉପଭୋକ୍ତା ଆନ୍ଦୋଳନ କରିଥିବା କହିଥିଲେ । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜୟନ୍ତ ପଟେଲଙ୍କ ମତାମତ ନିଆଯିବାରେ ସୋମବାର ସନ୍ଧ୍ୟାରୁ ୩୩କେଭି ବିଦ୍ୟୁତ୍ ଲାଇନ ବ୍ରେକଡାଉନ ଥିବାରୁ ରାତି ୧୧ଟା ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହୋଇଥିବା କହିଛନ୍ତି ।

# ସ୍ୱାଧୀନତା ଦିବସ ଉପଲକ୍ଷେ ବିବିଧ ପ୍ରତିଯୋଗିତା



ବୁଢ଼ାରଜା ବାଳିକା ହାଇସ୍କୁଲରେ ରଚନା ଲିଖନ ପ୍ରତିଯୋଗିତା ।

ସମ୍ବଲପୁର,୮।୮(ବି.ଶଙ୍କର)

୭୭ତମ ସ୍ୱାଧୀନତା ଦିବସ ଉପଲକ୍ଷେ ମଙ୍ଗଳବାର ଦେହେରିପାଲିସ୍ଥିତ ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଚିତ୍ରାଙ୍କନରେ ବିକାଶ ସ୍କୁଲର ଅନତି ସାହୁ ପ୍ରଥମ, ଶାସା ପଟ୍ଟନାୟକ ଦ୍ୱିତୀୟ ଓ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରିତମ ସାନବଡ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବକ୍ତୃତା ପ୍ରତିଯୋଗିତାରେ ବାଲିବନ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସୁମା ଖତୁନ ପ୍ରଥମ, ଡିପିସି ସମ୍ବଲପୁରର ଷ୍ଟାରୱିନ ପଣ୍ଡା ଦ୍ୱିତୀୟ ଓ ରେଙ୍ଗାଲି ଏନ୍‌ଆର୍ ସରକାରୀ ଉଚ୍ଚବିଦ୍ୟାଳୟର ସିଦ୍ଧି ପଟ୍ଟନାୟକ ତୃତୀୟ ହୋଇଛନ୍ତି । ସେହିପରି ରଚନା ଲିଖନ ପ୍ରତିଯୋଗିତାରେ ଧନୁପାଲି ଶିଶୁ ମନ୍ଦିରର ପ୍ରଜ୍ଞାନ ପ୍ରିୟଦର୍ଶିନୀ ପ୍ରଧାନ ପ୍ରଥମ, ଅର୍ପିତା ସାହୁ ଦ୍ୱିତୀୟ ଓ ଧନକଉଡା ଓଡିଶା ଆଦର୍ଶ ବିଦ୍ୟାଳୟର ତନୁ ବିନଦ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଯୁକ୍ତଦୁଇ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ବିକାଶ ବିଦ୍ୟାଳୟର ଆୟୁଷ ଅମନ ବେହେରା ପ୍ରଥମ, ଜି. ଏମ୍ ସେକେଣ୍ଡାରୀ ହାଇସ୍କୁଲର ଆକାଂକ୍ଷା ନାୟକ ଦ୍ୱିତୀୟ ଓ ରେଙ୍ଗାଲି ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ଲାବନ କୁମାର ଚୌଧୁରୀ ତୃତୀୟ ହୋଇଛନ୍ତି । ରଚନା ଲିଖନରେ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲର ଦିବ୍ୟାଂଶୁ କୁମାର ସାହୁ ଦ୍ୱିତୀୟ ଓ ବୁର୍ଲା ଡିଏଭି ପବ୍ଲିକ ସ୍କୁଲର ଭୂମିକା ସାଇନି ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବିଚାରକ ଭାବେ ଚିନ୍ତାମଣି ଭୋଇ, ଅଶନୀଧର ସା, କ୍ଷୀରୋଦ କୁମାର ପ୍ରଧାନ, ଆହ୍ଲାଦିନୀ ନାଥ, ଶିବାଂଶୁ ପଣ୍ଡା ଏବଂ ଦୀପ୍ତିମୟୀ ମାହାଣା ଦାୟିତ୍ୱ ତୁଲାଇଥିଲେ । ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା, ବୁଢାରଜା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବ୍ରତା ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବନବାସ ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥଲେ ।

# ହୀରାକୁଦର ୧୪ ଗେଟ୍ ବନ୍ଦ ହେଲା

## ୬ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୮।୮(ଶୁଭାଶିଷ ପାଢୀ)

ହୀରାକୁଦ ଡ୍ୟାମ୍‌ର ୧୪ ଗେଟ୍ ମଙ୍ଗଳବାର ବନ୍ଦ କରି ଦିଆଯାଇଛି । ଫଳରେ ବାମ ପାର୍ଶ୍ୱର ୨ ଓ ଡାହାଣ ପାଖର ୪ ମୋଟ ୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି । ଜଳଭଣ୍ଡରକୁ ଜଳ ପ୍ରବେଶ ପରିମାଣ ହ୍ରାସ ପାଇଥିବାରୁ ବନ୍ଧ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି । ରାତି ୯ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଜଳଭଣ୍ଡାରରେ ଜଳସ୍ତର ୬୧୭.୧୭ ଫୁଟ୍ ରହିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୨୫ ହଜାର ୨୩୪ କ୍ୟୁସେକ ଜଳ ପ୍ରବେଶ କରୁଛି । ସେହିପରି ସ୍ପିଲ୍‌ୱେ, ଚାଷ, ଶିଳ୍ପ, କଳକାରଖାନାକୁ ମୋଟ ୧ ଲକ୍ଷ ୩୨ ହଜାର ୨୯୮ କ୍ୟୁସେକ ଜଳ ନିଷ୍କାସନ ହେଉଛି । ତଳମୁଣ୍ଡରେ ମଧ୍ୟ ଜଳ ପ୍ରବାହିତ ପରିମାଣ କମିଯାଇଛି । ପର୍ଥଲାରେ ୩୮ ହଜାର ୪୫୨, ଖଇରମାଲରେ ୪ ଲକ୍ଷ ୩୦ ହଜାର, ବରମୁଲାରେ ୪ ଲକ୍ଷ ୪୦ ହଜାର, ମୁଣ୍ଡୁଲିରେ ୪ ଲକ୍ଷ ୬୯ ହଜାର ୨୨୧ କ୍ୟୁସେକ ଜଳ ପ୍ରବାହିତ ହେଉଛି । ଉପର ଓ ତଳମୁଣ୍ଡରେ ବର୍ଷା ପରିମାଣ କମିଛି । ତେଣୁ ଏବେ ବନ୍ୟା ପରିସ୍ଥିତି ଉପୁଜିବାର ଭୟ ନାହିଁ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ବାଲ୍ୟବିବାହ ନିରାକରଣ ସଚେତନତା ସଭା




ସଚେତନତା ସଭାରେ ମଞ୍ଚାସୀନ ଅତିଥି ।

କୁଚିଣ୍ଡା,୮।୮(ବିରଞ୍ଚି ଦର୍ଲା)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଜୁନିୟର କଲେଜରେ ମଙ୍ଗଳବାର ବାଲବିବାହ ଓ ଫାଇଲେରିଆ ନିରାକରଣ ନିମନ୍ତେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । କଲେଜର ଯୁବ ରେଡ୍‌କ୍ରସ୍ ଓ କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ହୋଇଥିବା ସଭାରେ ଅଧକ୍ଷ ନୀଳାଞ୍ଚଳ ତିୱାରୀ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ ଏହାକୁ ପରିଚାଳନା କରିଥିଲେ । ଏଥିରେ ସମ୍ବଲପୁର ସିଏସ୍‌ଡବ୍ଲ୍ୟୁ ସଂଯୋଜକ ପୀତବାସ ଚାନ୍ଦ, କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ପିଙ୍କି ଉର୍ମା, ଅଙ୍ଗନୱାଡି କର୍ମୀ ଜୁବଲି ବାଗ, କଲେଜ ରେଡ୍‌କ୍ରସ୍ ଦାୟିତ୍ୱରେ ଥିବା ଅଧ୍ୟାପକ ସତ୍ୟନାରାରଣ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାଲ୍ୟବିବାହ ଏକ କୁସଂସ୍କାର ଓ ସାମାଜିକ ବ୍ୟାଧି । ଏହା ସମାଜରେ ଖରାପ ପ୍ରଭାବ ପକାଇଥାଏ ବୋଲି କହିଥିଲେ । ସେହିଭଳି ଫାଇଲେରିଆ ରୋଗର ଭୟାବହତା ସମ୍ପର୍କରେ ଆଲୋଚନାକରି ଏହା ଶରୀରର ଅଙ୍ଗକୁ ନଷ୍ଟ କରୁଥିବାରୁ ଏଥିପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ସଭାରେ ଅଧାପକ ସୁଧୀର କୁମାର ନାଏକ, ଗ୍ରନ୍ଥାଗାରିକ ଦେବାନନ୍ଦ ମହାପାତ୍ର, ଡିଇଓ ସମୀର ରଞ୍ଜନ ନାୟକ, କିରାଣି ଭେଷଜ ଗରଡିଆଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଶେଷରେ ଅଧାପିକା ଭାବନା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୃତ ଶିକ୍ଷକଙ୍କ ପରିବାରକୁ ଶିକ୍ଷକ ସଂଘର ସହାୟତା

କୁଚିଣ୍ଡା,୮।୮(ବିରଞ୍ଚି ଦର୍ଲା)

କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତର ଗୋପାଳପାଲି ୟୁଜିୟୁପି ସ୍କୁଲରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଅଜିତ ବାଡ଼ା କିଡ୍‌ନୀ ରୋଗରେ ଜୁଲାଇ ୨୯ରେ ମୃତ୍ୟୁବରଣ କରିଛନ୍ତି । ଏହି ଅବସରରେ କୁଚିଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ମଙ୍ଗଳବାର ବାମରା ବ୍ଲକ ଡମାମୁଣ୍ଡାସ୍ଥିତ ବାସଭବନକୁ ଯାଇ ତାଙ୍କ ସହଧର୍ମିଣୀ ମ୍ରିଦୁମ ଗୋରେତି ବାଡାଙ୍କୁ ୩୪ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨୧ହଜାର, ଗୋପାଳପାଲି ସ୍କୁଲରୁ୨୫ଶହ ଓ ଏକ୍ସ-କ୍ୟାଡର ଶିକ୍ଷକ ସଂଘ ତରଫରୁ ୧୦ ହଜାର ୫୦୦ ଏପରି ମୋଟ ୩୪ହଜାର ଟଙ୍କା ପ୍ରଦାନକରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ଦାଶ, ଦୁଃଖବନ୍ଧୁ ସାହୁ, ଅନିଲ କୁମାର ନାୟକ, ଭୋଜରାଜ କିଷାନ,ଏକ୍ସ-କ୍ୟାଡର ଶିକ୍ଷକ ସଂଘ ବ୍ଲକ ସଭାପତି ବିରଞ୍ଜିତ ପ୍ରଧାନ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର କିଷାନ ପ୍ରମୁଖ ଉପସ୍ଥିତ ଥିଲେ ।

# ରାସ୍ତା ଶୋଚନୀୟ, ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ



ବିଡିଓଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ ।

ଜମନକିରା,୮।୮(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଟିକିଲିପଡ଼ା ପଞ୍ଚାୟତ ଅନ୍ତର୍ଗତ ଜୁନାନି ଗାଁଠାରୁ ରେଙ୍ଗାଲବେଡ଼ା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଏହାକୁ ନେଇ ଗ୍ରାମବାସୀ ମଙ୍ଗଳବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଅନୁସାରେ, ଜୁନାନି ଗ୍ରାମରେ ୪୦ ପରିବାର ବାସ କରନ୍ତି । ଗାଁଠାରୁ ରେଙ୍ଗାଲବେଡ଼ା ପର୍ଯ୍ୟନ୍ତ ୨ କି.ମି. ମୋରମ ରାସ୍ତା ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି । ହେଲେ ଚଳିତ ଲଘୁଚାପଜନିତ ଲଗାଣବର୍ଷା କାରଣରୁ ମୋରମ ସବୁ ଧୋଇଯାଇ ଖଳିଆମାଟି ବାହାରିପଡ଼ିଛି । ଫଳରେ ରାସ୍ତାଟି କାଦୁଅ ହୋଇ ଯାତାୟାତରେ ବାଧା ସୃଷ୍ଟି କରୁଛି । ଗ୍ରାମବାସୀ ବହୁ କଷ୍ଟରେ ଏହି ରାସ୍ତାରେ ଯିବାଆସିବା କରୁଛନ୍ତି । ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବିଡିଓଙ୍କୁ ଗୁହାରି କରିଛନ୍ତି । ବିଡିଓ ପ୍ରସନ୍ନ ପଟେଲ ଏହାର ପ୍ରତିକାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଭୋଟର ସଂଶୋଧନ ସମ୍ପର୍କିତ ବୈଠକ

ସମ୍ବଲପୁର,୮।୮(ଶୁଭାଶିଷ ପାଢ଼ୀ)

ଜିଲାପାଳଙ୍କ ଅଫିସ ପରିସର ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଭୋଟର ସଂଶୋଧନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଉପସ୍ଥିତ ରହି କିଭଳି ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ହେବା ନେଇ ମତପ୍ରକାଶ କରିଥିଲେ । ବର୍ତ୍ତମାନ ବିଏଲ୍‌ଓମାନେ ସଂଶୋଧନ ତଥ୍ୟ ସଂଗ୍ରହ କରୁଛନ୍ତି । ରାଜନୈତିକ ଦଳର କର୍ମକର୍ତ୍ତା ବୁଥ୍ ଲେବୁଲ ଏଜେଣ୍ଟ ନିୟୋଜନ କରିବାକୁ ଜିଲାପାଳ ଅନୁରୋଧ କରିଥିଲେ । ବୈଠକରେ ଜୟକୃଷ୍ଣ ବେହେରା, ଭାଜପା ଜିଲା ସଭାପତି ଗିରିଶ ପଟେଲ, କାର୍ତ୍ତିକ ପ୍ରସାଦ ବହିଦାର, ଲବ ସୁନା ଉପସ୍ଥିତ ଥିଲେ ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ

ସମ୍ବଲପୁର,୮।୮(ବି.ଶଙ୍କର)

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅଞ୍ଚଳରେ ପାଳିତ ହୋଇଯାଇଛି । କମ୍ପାନୀର ସିଏସ୍‌ଆର୍ ଟିମ୍ ବ୍ଲକ ଅନ୍ତର୍ଗତ ୩ ପଞ୍ଚାୟତର ୮ ଅଙ୍ଗନୱାଡି କେନ୍ଦ୍ର ସହଯୋଗରେ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା', ସେମାନଙ୍କ ମାତାପିତାଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରିଥିଲେ । ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶ୍ୱେତା ଉପାଧ୍ୟାୟ, କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ମନୋରଞ୍ଜନ ବେହେରା ଶିଶୁଙ୍କ ପାଇଁ ସ୍ତନ୍ୟପାନର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ପୁଷ୍ଟିକର ଖାଦ୍ୟର ମହତ୍ତ୍ୱ, ଗର୍ଭାବସ୍ଥା ଓ ପ୍ରସବ ସମୟରେ ମାଆର ଯତ୍ନ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ଏହିକ୍ରମରେ ଅଗଷ୍ଟ ୩, ୫ ଓ ୭ରେ ଡରୋପାଣି, ପୋଣ୍ଡଲୋଇ, ଘିଚାମୁର, କତରବାଗା ଗ୍ରାମପଞ୍ଚାୟତର ୧୪୦ ଗର୍ଭବତୀ ଓ ପ୍ରସୂତି ମା'ଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅନ୍ତିମ ଦିନରେ ଗର୍ଭବତୀ ମହିଳା ଓ ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଇଥିଲା ।



ରେଙ୍ଗାଲି ବ୍ଲକ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ।

# ସଙ୍ଗୀତଜ୍ଞ ଫକୀର ପଟ୍ଟନାୟକଙ୍କୁ ପଦ୍ମଶ୍ରୀ ଦିଆଯାଉ

ସମ୍ବଲପୁର,୮।୮(ଶୁଭାଶିଷ ପାଢୀ)

ସଙ୍ଗୀତଜ୍ଞ, ଲେଖକ ତଥା ଗୀତିକାର ଫକିର ପଟ୍ଟନାୟକଙ୍କୁ ପଦ୍ମଶ୍ରୀ ସମ୍ମାନ ଦେବାକୁ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ଦାବି ହୋଇଛି । ମଞ୍ଚ କର୍ମକର୍ତ୍ତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନେ ଦର୍ଶାଇଥିଲେ, ଫକିର ପଟ୍ଟନାୟକ ସମ୍ବଲପୁରୀ ଓଡିଆ ଚଳଚ୍ଚିତ୍ର ସହିତ ପ୍ରାୟ ୧ ହଜାରରୁ ଅଧିକ ଲୋକଗୀତ ଗାଇଥିଲେ । ସେ ଶତାଧିକ ବହି ମଧ୍ୟ ଲେଖିଥିଲେ । ତେଣୁ ଲୋକଗୀତ କ୍ଷେତ୍ରରେ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ । ଏକତା ମଞ୍ଚର ଡା.ସଞ୍ଜିବ କୁମାର ମିଶ୍ର, ରାଜିବ କିଶୋର ସାହୁ, ରାମ ଶଙ୍କର ମିଶ୍ର, ସ୍ୱୟଂଜିତ ପଟ୍ଟନାୟକ ଉପସ୍ଥିତ ଥିଲେ ।

# ପ୍ରଭାବିତ ଗ୍ରାମବାସୀଙ୍କୁ ଭେଟିଲେ ରୋହିତ

ନାକଟିଦେଉଳ,୮।୮(ବୈକୁଣ୍ଠ ନାଥ ସାହୁ)

ଲଘୁଚାପ ଜନିତ ଲଗାଣ ବର୍ଷାରେ ସ୍ଥାନୀୟ ଚମ୍ପାଳୀ ନଦୀରେ ବନ୍ୟା ଆସି କୂଳରେ ଥିବା ଖମଣମୁଣ୍ଡା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା । ବନ୍ୟାଜଳରେ ଘର ଭାଙ୍ଗିବା ସହ ଲୋକଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ନଷ୍ଟ ହୋଇଯାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ଚାଉଳ, ଚୁଡ଼ା, ଗୁଡ଼, ଔଷଧ, ପାଣି ଆଦି ଯୋଗାଇ ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବତନ ମନ୍ତ୍ରୀ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଗ୍ରାମରେ ପହଞ୍ଚି ଲୋକଙ୍କ ଅଭାବ ଅସୁବିଧା ପଚାରି ବୁଝିଥିଲେ । ଗ୍ରାମବାସୀ ସବୁଦିନିଆ ଯାତାୟାତ ପାଇଁ ଚମ୍ପାଳି ନଦୀ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ । ଏ ନେଇ ସେ ସରକାରଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ସମୟରେ ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ତହସିଲଦାର ଅମର ଡୁଙ୍ଗଡୁଙ୍ଗ, ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ଯୋଗାଣ ନିରୀକ୍ଷକ ତନୁରଞ୍ଜନ ସିଂଙ୍କ ସମେତ ବ୍ଲକ ବିଜେଡ଼ି ସଭାପତି ମୁଳିଆ ରାଉଳ, ବ୍ଲକ ବିଜେଡ଼ି ଯୁବ ସଭାପତି ଧୀରେନ କୁମାର ସାହୁ, ପିଣ୍ଟୁ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।



ଲୋକଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ ।

# ଶତପ୍ରତିଶତ ଫାଇଲେରିଆ ଟିକାକରଣ ଲକ୍ଷ୍ୟ

### ୧୫୯ ଜଣଙ୍କ ଲକ୍ଷଣ ଥିବା ଚିହ୍ନଟ

ସମ୍ବଲପୁର,୮।୮(ଶୁଭାଶିଷ ପାଢୀ)

ସମ୍ବଲପୁର ଜିଲାରେ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ରୋଗ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଅଭିଯାନ ଆରମ୍ଭ ହେବ । ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମଙ୍ଗଳବାର ଏ ନେଇ ସଚେତନତା ରଥ ବାହାରିଥିଲା । ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଓ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାଶ ଏହାର ଶୁଭାରମ୍ଭ କରିଥିଲେ । ଏହି ରଥ ସାମୂହିକ ଔଷଧ ସେବନ ନେଇ ଜନଜାଗରଣ ସୃଷ୍ଟି କରିବ । ସମ୍ବଲପୁର ମହାନଗର ନିଗମ ସମେତ ଜିଲାର ୯ ଗୋଟି ବ୍ଲକରେ ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ ହେବ । ଚଳିତବର୍ଷ ଏହି ଅଭିଯାନରେ ଜିଲାରେ ୧୦୦ ପ୍ରତିଶତ ଔଷଧ ସେବନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏଥର ୧୧,୧୪,୪୪୬ ଜଣଙ୍କୁ ଏହି ଅଭିଯାନରେ ସାମିଲ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏ ସମ୍ପର୍କରେ ଡାକ୍ତର ଦାସ କହିଛନ୍ତି, ଫାଇଲେରିଆ ରୋଗର ବାହକ ମଶା ଦାଉରୁ ରକ୍ଷା ପାଇବା ପାଇଁ ମଶାରୀ ବ୍ୟବହାର ସହ ଘର ଚାରିପଟେ ନାଳ ନର୍ଦ୍ଦମା ସଫା ରଖିବା ଆବଶ୍ୟକ । ବର୍ତ୍ତମାନ ସୁଦ୍ଧା ୧୫୯ ଜଣଙ୍କଠାରେ ଲକ୍ଷଣ ଦେଖାଦେଇଛି । ସେମାନଙ୍କର ଚିକିତ୍ସା ମଧ୍ୟ ଚାଲିଛି । ଲୋକମାନେ ଟିକା ନେଇ ସୁରକ୍ଷିତ ରହନ୍ତୁ ବୋଲି ସେ କହିଥିଲେ ।




ଜିଲାପାଳଙ୍କ ଅଫିସରୁ ବାହାରିଥିବା ସଚେତନତା ରଥ ।

**ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା**

ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ): ଲାଞ୍ଜିଗଡ ବ୍ଲକ ଧର୍ମାଭଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଖିରେଶ୍ୱର ପଧାନଙ୍କ ତତ୍ତ୍ୱାବଧାନରେ ବିଶ୍ୱନାଥପୁର ସିଏଚସି ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷାରେ ବିଦ୍ୟାଳୟର ୩୪୨ ଛାତ୍ରୀଛାତ୍ର ଓ ୧୫ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ହେମୋଗ୍ଲୋବିନ, ରକ୍ତଚାପ ମେଲେରିଆ, ଚକ୍ଷୁ ଇତ୍ୟାଦି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସିଏଚସି ପକ୍ଷରୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ବିଶ୍ୱନାଥପୁର ସିଏଚସି ପକ୍ଷରୁ ନିହାର ଗହୀର, ଦିଲୀପ ମାଝି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ସଂକ୍ଷେପରେ

### ଉପ ଜିଲାପାଳ, ଜିଲା କଂଗ୍ରେସ କମିଟି ଆଲୋଚନା



ଦେବଗଡ଼,୮।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାର ନୂତନ ଉପ ଜିଲାପାଳଭାବେ ସୋମବାର ପରୀକ୍ଷିତ ସାହୁ ଯୋଗଦାନ କରିଥିବାବେଳେ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ ଦଳୀୟ ନେତା ଓ କର୍ମୀଙ୍କ ସହିତ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉପ ଜିଲାପାଳ ସାହୁଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହ ଜିଲାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ ମଧ୍ୟ ଆଲୋଚନା କରିଥିଲେ। ବିଶେଷଭାବେ ଜିଲାର କୃଷି ଓ କୃଷକଙ୍କ ସମସ୍ୟାର ସମାଧାନ ଓ ଚାଷ ଜମିକୁ ଜଳ ସେଚନର ବ୍ୟବସ୍ଥା ଉପରେ ଆଲୋଚନା କରିଥିବା ଜଣାପଡିଛି।

### ବେଆଇନ କୋଇଲା ଚାଲାଣ, ଜଣେ ଅଟକ

ସଇଁତଳା, ୮।୮ (ରାଖାଲ ପ୍ରସାଦ ଶତପଥୀ)

ସଇଁତଳା ଥାନା ବେଲଗାଁ ଫାଣ୍ଡି ୨୬ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏକ ଢ଼ାବା ପାଖରେ ବେଆଇନଭାବେ କୋଇଲା ଚାଲାଣ କରାଯାଉଥିଲା। ଖବର ପାଇ ପୋଲିସ ସେଠାରେ ଚଢାଉ କରି ରାୟପୁର ଅଞ୍ଚଳର ସଞ୍ଜୟ ବାଗୱାନୀଙ୍କୁ ଅଟକ ରଖିଛି। ସଞ୍ଜୟ କେତେକ ଟ୍ରକ ଡ୍ରାଇଭରଙ୍କୁ ହାତ କରି ଚୋରାରେ କୋଇଲା କିଣି ଢାବା ନିକଟରେ ରଖୁଥିଲେ ଏବଂ ପରେ ସେ ଅନ୍ୟ ଟ୍ରକରେ ଅନ୍ୟତ୍ର ଚାଲାଣ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନରେ ରାୟପୁର ଅଞ୍ଚଳର ସାଗର ଶର୍ମାଙ୍କ ଏକ ଟ୍ରକରେ କୋଇଲା ଚାଲାନ କରିବାକୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଯୋଜନା କରିଥିଲେ। ଖବର ପାଇ ଟ୍ରକ ମାଲିକ ସେଠାରେ ପହଞ୍ଚିଥିଲେ। ଏହାପରେ ଟ୍ରକ ମାଲିକ ଓ ଚୋରାଚାଲାଣକାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଟ୍ରକକୁ ଧରି ଡ୍ରାଇଭର ଫେରାର ହୋଇଯାଇଥିଲେ।

# କରଙ୍ଗାକଟା ବନ୍ଧର ପୁନରୁଦ୍ଧାର ଦାବିରେ ଜଳ ସତ୍ୟାଗ୍ରହ

ବଲାଙ୍ଗୀର,୮।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ଏକ ପ୍ରମୁଖ ଜଳାଶୟ ଭାବେ ପରିଚିତ କରଙ୍ଗାକଟା ବନ୍ଧର ପୁନରୁଦ୍ଧାର ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜଳ ସତ୍ୟାଗ୍ରହ କରାଯାଇଥିଲା। ଏହି ବନ୍ଧ ଏବେ ଅଳିଆଗଦାରେ ପରିଣତ ହୋଇଛି। ଏହାର ପାଣି ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୮ ଅନ୍ତର୍ଗତ କରଙ୍ଗାକଟା ବନ୍ଧର ପୁନରୁଦ୍ଧାର ପାଇଁ ବାରମ୍ବାର ଜିଲାପାଳ ଏବଂ ପୌରାଧ୍ୟକ୍ଷାଙ୍କ ଠାରେ ଅଭିଯୋଗ ହୋଇଛି। ହେଲେ କିଛି ଲାଭ ହୋଇନାହିଁ। କିଛି ଦିନ ପୂର୍ବରୁ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅଞ୍ଚଳବାସୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳ ଓ ପୌରାଧ୍ୟକ୍ଷାଙ୍କୁ ଲିଖିତ ଭାବେ ଜଣାଇଥିଲେ। ରାଜ୍ୟ ସରକାର ବନ୍ଧକଟାର ଉନ୍ନତିକରଣ ପାଇଁ କୋଟି ଟଙ୍କାର ଅନୁଦାନ ଦେଇଥିଲେ ମଧ୍ୟ କାହିଁକି ଜଳାଶୟ ସଫା ହେଉନାହିଁ ବୋଲି ପ୍ରଶ୍ନ କରିଥିଲେ। ମାତ୍ର ପ୍ରଶାସନ କିଛି ପଦକ୍ଷେପ ନନେବା ପରେ ମଙ୍ଗଳବାର ଏହି ୱାର୍ଡରେ କ୍ରିୟାନୁଷ୍ଠାନ କମିଟି ସଭାପତି ହିମାଂଶୁ ନାଏକଙ୍କ ନେତୃତ୍ୱରେ ଏବଂ ୱାର୍ଡ ନମ୍ବର ୭ର କ୍ରିୟାନୁଷ୍ଠାନ କମିଟି ସଭାପତି ଟୁନା ମିଶ୍ର, ୧୧ ନମ୍ବର ୱାର୍ଡର କମିଟି ସଭାପତି ଗୁଣ୍ଡୁ ଦାଶ, ୱାର୍ଡନମ୍ବର ୧୨ର କମିଟି ସଭାପତି ଜୁଲୁ ପଟ୍ଟନାୟକଙ୍କ ଉପସ୍ଥିତିରେ ପ୍ରଶାନ୍ତ ପ୍ରଧାନ, ମନୋଜ ଶତପଥି, ରବି ସ୍ୱାଇଁ, ପରୀ ସ୍ୱାଇଁ, କଳ୍ପନା ଭାଟି, ଶାନ୍ତି ବାଗ, କାନ୍ତି ମହାକୁର, ଭରତ ରାଉତ, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲା ସେବାଦଳ ମୁଖ୍ୟ ଅସିତ ମିଶ୍ର, ଜିଲା କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଜୟ ନାରାୟଣ ବହିଦାର, ସଞ୍ଜୀବ ମିଶ୍ର, ଅବଦୁଲ ରଜାକ, ଅଜିତ ମହାନନ୍ଦ ଉପସ୍ଥିତ ଥିଲେ।




କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କରଙ୍ଗାକଟା ବନ୍ଧରେ ଜଳ ସତ୍ୟାଗ୍ରହ କରାଯାଉଛି।

## ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ: ଜୋରାବନ୍ଦ ବିଜୟୀ

ଖଡ଼ିଆଳ,୮।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ରାଜା ଏଟି ହାଇସ୍କୁଲ ପଡିଆଠାରେ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଡ଼ିଆଳ ଯୁବରାଜ ଦେଦେବ ସିଂଦେଓ ଯୋଗଦେଇ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବଲାଙ୍ଗୀର ଜିଲା ଜୋରାବନ୍ଦ ଏବଂ କୁରସୁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଖେଳର ଦ୍ୱିତୀୟାରର୍ଦ୍ଧରେ ଜୋରାବନ୍ଦ ଏକ ଗୋଲ ଦେବାରେ ସକ୍ଷମ ହୋଇଥିଲା। ଜୋରାବନ୍ଦ ଦଳ ୧ ଗୋଲରେ ବିଜୟୀ ହୋଇଥିଲା। ରେଫରୀ ଭାବେ ତାପସ କୁମାର ପତି ଖେଳ ପରିଚାଳନା କରୁଥିବା ବେଳେ ଅମୁଲ୍ୟ ବାରିକ ଏବଂ ସୌରଭ ପଣ୍ଡା ସହଯୋଗ କରିଥିଲେ। ପ୍ରକାଶ ଯେ, ଉକ୍ତ ଟୁର୍ନାମେଣ୍ଟ ଚଳିତ ବର୍ଷ ୧୪ରେ ପଦାର୍ପଣ କରିଛି। ରାଜା ଅନୁପ ସିଂ ଦେଓଙ୍କ ସ୍ମୃତି ଉଦ୍ଦେଶ୍ୟ ତଥା ସ୍ଥାନୀୟ ଅଞ୍ଚଳର ଫୁଟବଲ ବିକାଶ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଗତ ୧୪ ବର୍ଷ ହେଲା ନିୟମିତ ଭାବେ ରାଜା ଅନୁପ ସିଂ ଦେଓଙ୍କ ନାତି କୁମାର ଅଙ୍କିତ ସିଂ ଦେଓ ଆୟୋଜନ କରିଆସୁଛନ୍ତି। ଟୁର୍ନାମେଣ୍ଟ ଆୟୋଜନରେ ଜିତେନ୍ଦ୍ର ନାୟକ, ବିବେକ ଯାଦବ, ପ୍ରଭୁଦତ୍ତ ଗୌଡ଼, ପ୍ରଶାନ୍ତ ପଟନାୟକ, ଦୀପକ ମହାପାତ୍ର, ନିରଞ୍ଜନ ପୋଦ୍ଦ, ମହମ୍ମଦ ଅକିବ ରାଜା. ପୂର୍ଣ୍ଣତୋଷ ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ପୁରୁଷ ବନ୍ଧୁ ଫେରାର

ବଲାଙ୍ଗୀର, ୪।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ୍ ଥାନା ଚଟିଆପାଲିର ଜଣେ ବିଧବା ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇ ତାଙ୍କ ପୁରୁଷ ବନ୍ଧୁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ମୀନତି ସାହୁ ଜଣେ ଡ୍ୟାନ୍ସର ଭାବେ ପରିଚିତ। ତାଙ୍କ ସ୍ୱାମୀ କରୋନା ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ତାଙ୍କର ଦୁଇ ସନ୍ତାନ ଅଛନ୍ତି। ସେ ଏକାକୀ ରହୁଥିବା ଜାଣି ତାଙ୍କ ସ୍ୱାମୀଙ୍କର ଜଣେ ସାଙ୍ଗ ସମ୍ବଲପୁର ଅଞ୍ଚଳର ବିଭୂଷଣ ପ୍ରଧାନ ତାଙ୍କ ନିକଟତର ହୋଇଥିଲେ। ଉଭୟେ ବନ୍ଧୁ ଭାବେ ଏକାଠି ରହିବା ଆରମ୍ଭ କରିଥିଲେ। ଏହାରି ସୁଯୋଗ ନେଇ ବିଭୂଷଣ ମୀନତିଙ୍କଠାରୁ କୁଆଡେ ଲକ୍ଷାଧିକ ଟଙ୍କା ନେବା ପରେ କନ୍ଧମାଳ ଅଞ୍ଚଳରେ ତାଙ୍କ କାମ ଚାଲଯାଇଥିଲେ। ଏହାପରେ ସେ ଆଉ ଆସୁନଥିବା ମୀନତି ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (୩୯୫/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବିଦ୍ୟୁତ୍ କର୍ମଚାରୀଙ୍କ ପ୍ରତିବାଦ



ଜୁନାଗଡ଼ ସବ୍‌ଡିଭିଜନ ଅଫିସଠାରେ ବିଦ୍ୟୁତ୍ କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି।

**ମିଟର ରିଡରଙ୍କୁ ହତ୍ୟା ଘଟଣା**

■ ନିର୍ବାହୀ ଯନ୍ତ୍ରୀ, ଏସ୍‌ଡିଓଙ୍କୁ ୧୦ ଦଫା ଦାବିପତ୍ର

ଭବାନୀପାଟଣା,୮।୮(ଉତ୍ତମ କୁମାର ଦାଶ)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ କୁପାଟି ଗ୍ରାମରେ ସୋମବାର ବିଦ୍ୟୁତ୍ ବିଲ୍ ଅଧିକ ଆସିବାରୁ ମିଟର ରିଡର ଲକ୍ଷ୍ମୀ ନାରାୟଣ ତ୍ରିପାଠୀଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାକୁ ନେଇ ମଙ୍ଗଳବାର କଳାହାଣ୍ଡି ଜିଲାରେ ବିଦ୍ୟୁତ କର୍ମଚାରୀମାନେ ପ୍ରତିବାଦ କରିଛନ୍ତି। ହତ୍ୟାକାରୀଙ୍କୁ ଫାଶିଦଣ୍ଡ ଦେବା ସହ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି। ଜୁନାଗଡ (ଟିପିଡବ୍ଲୁଓଡିଏଲ) ସବଡିଭିଜନ ଅଫିସଠାରେ ବିଦ୍ୟୁତ କର୍ମଚାରୀମାନେ ଏକ ପ୍ରତିବାଦ ସଭା କରିବା ସହ ବିଭାଗୀୟ ଏସ୍‌ଡିଓ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ୧୦ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଦ୍ୟୁତ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇଦେବା, କର୍ମ କ୍ଷେତ୍ରରେ ମୃତ୍ୟୁବରଣ କରୁଥିବା କର୍ମଚାରୀଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା, ଠିକା ଶ୍ରମିକ ବ୍ୟବସ୍ଥା ଉଚ୍ଛେଦ, ସବ୍‌ଡିଭିଜନସ୍ତରରେ ବିଦ୍ୟୁତ ଥାନା ଖୋଲିବା ଆଦି ପ୍ରମୁଖ ଦାବି ରହିଛି। ଉପରୋକ୍ତ ଦାବିଗୁଡିକର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜୁନାଗଡ (ଟିପିଡବ୍ଲୁଓଡିଏଲ) ସବଡିଭିଜନ ଅଫିସଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘ ଉପସଭାପତି ପରମେଶ୍ୱର ବେହେରା, ଡିଭିଜନ ସମ୍ପାଦକ ଅଜୟ କୁମାର ସିଂ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eTender-Optg-KUR-4-2023

**କାର୍ଯ୍ୟର ନାମ :** 02 (ଦୁଇ) ବର୍ଷ ଏବଂ 214 ଦିନ ସମୟାବଧି ନିମନ୍ତେ ପରିଚାଳନା ବିଭାଗର ଜୋନ୍-A ଅଧୀନରେ ନିର୍ଦ୍ଦିଷ୍ଟ (Assigned) ପୁରୀ (PUI), ଖୋର୍ଦ୍ଧା ରୋଡ୍ (KUR) ଏବଂ ଭୁବନେଶ୍ୱର (BBS) (ମୋଟ 03 ଗୋଟି ସ୍ଥାନ) ଠାରେ ଦୈନିକ ଭିତ୍ତିରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଡିଭିଜନାଲ କଣନ ଅର୍ଡର(DCO)ର ମୁଦ୍ରଣ, ଫଟୋକପି (Xerox) ଏବଂ ଯୋଗାଣ ନିମନ୍ତେ ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ (₹):** 20,77,744.00, EMD (₹): 41,600.00, ଶେଷ ହେବା ଅବଧି : 944 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.09.08.2023ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.08.2023 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ମଣ୍ଡଳ ପରିଚାଳନା ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-427/O/23-24

## ଯୁବା ସମ୍ବାଦ-ଭାରତ ୨୦୪୭ ଶୀର୍ଷକ କର୍ମଶାଳା




ଦେବଗଡ଼,୮।୮(ଶଶାଙ୍କ ଶେଖର ଝାଙ୍କର): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ଦେବଗଡ ନେହେରୁ ଯୁବକେନ୍ଦ୍ର ସହାୟତାରେ କଣ୍ଢେଇସ୍ଥିତ ସେବକ ଏଜୁକେଶନ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ସୁଗୁଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବା ସମ୍ବାଦ-ଭାରତ ୨୦୪୭ ଶୀର୍ଷକ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ମମତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଅତିଥିଭାବେ ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ସୁଗୁଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ଦେବତା, ମହାତ୍ମା ଗାନ୍ଧୀ ଜାତୀୟ ଫେଲୋ ମେଘା ଅଗ୍ରୱାଲ, ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ ଓ ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ କୁମୁଦ ଚନ୍ଦ୍ର ଶତପଥି ଯୋଗଦେଇ ଆଲୋଚ୍ୟ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ସୁସ୍ଥ ଓ ସମୃଦ୍ଧ ଦେଶ ଗଠନରେ ଯୁବ ସମାଜର ଭୂମିକା ଉପରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଛାତ୍ରୀ ରୁଚିତା ପ୍ରଧାନ ପ୍ରଥମ, ସୁଭଦ୍ରା ପ୍ରଧାନ ଦ୍ୱିତୀୟ ଏବଂ ଯସ୍ମିନ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କମଳ ଲୋଚନ ନାୟକ ଓ ରଣଜିତ ପ୍ରଧାନ ସକ୍ରୀୟ ସହଯୋଗ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ସୁଇଟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଆଇଆର୍‌ଡିଏ ଲାଇସେନ୍ସ ନଂ. 129 — ସର୍ବସାଧାରଣ ବିଜ୍ଞପ୍ତି

STAR Health Insurance — Personal & Caring — The Health Insurance Specialist
ବୀମା ଆଗ୍ରହର ବିଷୟବସ୍ତୁ ଅଟେ।

**ଷ୍ଟାର୍ ହେଲ୍‌ଥ ଆଣ୍ଡ ଆଲାଏଡ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍**
**ଏରିଆ ଅଫିସ୍ @ ଭୁବନେଶ୍ୱର ଜୋନାଲ ଅଫିସ୍‌କୁ ରୂପାନ୍ତରିତ**

ଆମେ ହର୍ଷର ସହିତ ସୂଚିତ କରୁଛୁ ଯେ, ଆମର ଏରିଆ ଅଫିସ୍ @ ଭୁବନେଶ୍ୱର ଯାହା ସମ୍ପ୍ରତି ନିମ୍ନଲିଖିତ ଠିକଣାରେ କାର୍ଯ୍ୟ କରୁଅଛି
ପ୍ଲଟ୍ ନଂ. 23 (ଇ), ଦ୍ୱିତୀୟ ମହଲା, ଜନପଥ, ଅଶୋକ ନଗର, ଭୁବନେଶ୍ୱର – 751009
ବର୍ତ୍ତମାନ ତାହାକୁ 7 ଅଗଷ୍ଟ, 2023ଠାରୁ ଜୋନାଲ ଅଫିସ୍‌ରେ ରୂପାନ୍ତରିତ କରିଦିଆଯାଇଛି।

| ଫୋନ୍ ନମ୍ବର: | ଇ-ମେଲ୍ ଆଇଡି: |
|---|---|
| (0674) 2531370, 2531430 2531260, 2531420, 2531440 | bhubaneswar.zo @starhealth.in |

CAREER APPOINTMENT — ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**REQUIRED**
LADY OFFICE ASSISTANT FOR AN OFFICE AT CUTTACK AREA
FREE ACCOMMODATION
FREE FOODING
10000/- to 15000/-
7809525452

**ଆବଶ୍ୟକ**
ନିମାପଡ଼ା କାରଖାନାରେ ରହି କାମ କରିବା ପାଇଁ ପୁରୁଷ, ମହିଳା ଓ ରୋଷେଇଆ ଆବଶ୍ୟକ। ଦରମା ₹୮୦୦୦/- ରୁ ₹୧୫୦୦୦/-। ରହିବା, ଖାଇବା ସୁବିଧା ଅଛି। ଯୋଗାଯୋଗ:
7978550684

**REQUIRED**
- MARKETING BOY (Plumbing and Sanitary)
- Boys for Showroom & General work

HR Trading, 57, Budha Nagar, Kalpana Square, Bhubaneswar - 6.
Ph (0674) 2310921 , Email : hrtrading.co.in@gmail.com

See Career Appointment on every Wednesday & Saturday

**WANTED**
Guest faculties are wanted preferably freshers in Com,History, Philosophy, Home Science & Botany.
Walk-in-Interview on 06.08.2023 (Sunday),
Reporting time 9 AM to 10 AM.
Cuttack College, Bidyadharpur Nayabazar, Cuttack-4

## କୃମି ନାଶକ ସଚେତନତା ରଥ ଶୁଭାରମ୍ଭ



ପତାକା ଦେଖାଇ ରଥର ଶୁଭାରମ୍ଭ କରାଯାଉଛି।

ଦେବଗଡ଼,୮।୮(ଶଶାଙ୍କ ଶେଖର ଝାଙ୍କର): ଜାତୀୟ କୃମିନାଶକ ଦିବସ ଉପଲକ୍ଷେ ଦେବଗଡ ଜିଲାର ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୃମି ନାଶକ ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଆସନ୍ତା୧୦ରେ ଏହା ପାଳିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଉକ୍ତ ସଚେତନତା ରଥ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପିଏଚ୍‌ଇଓ ରୂପକ କୁମାର ବେହେରାଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ମହିଳାଓ ପୁରୁଷ କର୍ମଚାରୀ ଉପସ୍ଥିତ ରହି ସକ୍ରୀୟ ସହଯୋଗ କରିଥିଲେ।

## ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ସଚେତନତା ଶୋଭାଯାତ୍ରା




ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ସଚେତନତା ଶୋଭାଯାତ୍ରାରେ ବାହାରିଥିବା ପିଲାମାନେ।

ଲୋଇସିଂହା, ୮।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଜଗନ୍ନାଥ ଯୁବ ପରିଷଦ ଆନୁକୂଲ୍ୟରେ ଗ୍ରାମରେ ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରାଜକିଶୋର ସେଠ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସନତ ପଟେଲ ଓ ନାରାୟଣ ବାରିକ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ଆମ ଶରୀର ଉପରେ ପଡୁଥିବା କୁପ୍ରଭାବ ଉପରେ ଆଲୋକପାତ କରିଥିଲେ। ଘରୁ ବାହାରୁ ଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିବେଶକୁ ଅସନ୍ତୁଳିତ କରି ପକାଉଛି। ଏଣେତେଣେ ପଡି ଥିବା ପଲିଥିନ ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ଖାଇ ଗୋରୁ ଏବଂ ଜୀବଜନ୍ତୁ ବିପଦ ମୁହଁରେ ପଡୁଛନ୍ତି। ଘରର ମହିଳାମାନେ ସଚେତନ ହେଲେ ପ୍ଲାଷ୍ଟିକ ବ୍ୟବହାରକୁ ରୋକା ଯାଇ ପାରିବ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ସତ୍ୟଭାମା ପଧାନ, ଜ୍ୟୋତିର୍ମୟୀ ସାଏ, ଟିକେଶ୍ୱରୀ ପଧାନ, କ୍ରିଷ୍ଣା ବେହେରା, ସୁଭଦ୍ରା ପୋଢ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ନାରାୟଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

No.DSPL-175
**ସମ୍ବଲପୁରୀ ବସ୍ତ୍ରାଳୟ**

ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ
ବିଶେଷ ସରକାରୀ ରିହାତି
**୧୦%+୨୦%**
ତା୦୭।୦୮।୨୦୨୩ରୁ ତା୧୫।୦୮।୨୦୨୩ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31040/13/0003/2324

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited (OCPL)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 /2300664

**NOTICE INVITING TENDER**

NIT No: OCPL/SUP-161/2023 — Date: 09/08/2023

Sealed bids in prescribed format are invited from Companies / agencies / firms for the following work:

| Sl. No. | Name of the work | Cost of tender paper | Bid security | Issue of tender document | Last date of sale fo tender document | Last date of submission / opening of bid |
|---|---|---|---|---|---|---|
| 1 | Supply, Installation, Testing & Commissioning of Outdoor CCTV Surveillance Camera System at Samanwaya Bhawan and CHP Main Gate of OCPL, Manoharpur Coal Mines, Sundargarh, Odisha | Rs.1,180/- (Rupees One Thousand One Hundred and Eighty only) including GST. | Rs.30,000/- (Rupees Thirty Thousand Only) | 09.08.2023 | 22.08.2023 | 03:00 P.M. / 03:30 P.M. on 28.08.2023 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- General Manager (C & CA)

**DISTRICT PROJECT OFFICE, SAMAGRA SHIKSHA, MAYURBHANJ**
Baripada, Pin- 757002, Ph. No.- 06792-260865, Fax- 06792-260007
Email- dpcmayurssa.opepa@nic.in
No.: 2775/ Date: 05.08.23

**TENDER CALL NOTICE FOR SUPPLY OF MAINTENANCE ITEMS TO 26 No. OF TYPE-III KGBV HOSTEL & 19 No. OF TYPE-IV KGBV HOSTEL**

Sealed quotations/ tenders have been invited from intending suppliers for supply of (A) Grocery & Consumable items, (B) Milk Sweet & Paneer, (C) Non-Veg items, (D) Reading writing materials, (E) Stationery & Sanitary items, (F) Dress & Garments items etc. for 26 Nos. of Type-III KGBV Hostel located in Govt. UP Schools / Secondary Schools & 19 Nos. of Type-IV KGBV Hostel located inside Odisha Adarsha Vidyalaya (OAV) of Mayurbhanj District, Odisha. The tender papers containing the detailed terms and conditions along with the list of articles to be supplied are available at www.osepa.odisha.gov.in & www.mayurbhanj.nic.in & at the concern KGBV School @ Rs.200/- as tender application. The interested party / parties will have to submit the tender papers at the concerned KGBV (list of KGBV Hostels enclosed). The detail process i.e. opening & finalization tenders and issue of supply order etc. will be done at concern KGBV level. The date of selling, last date & opening of tender paper will be available at concen KGBV hostels.

Sd./- District Education Officer & DPC, Samagra Shiksha, Mayurbhanj

**INTEGRATED TRIBAL DEVELOPMENT AGENCY, MALKANGIRI**
**(ST & SC Dev. Deptt., Govt. of Odisha)**
Email ID: itdamkn@nic.in
L.No.1614/XI-11-2023 — Date 07.08.2023

**Expression of Interest (EIO) Notice**

Expression of Interest (EIO) is invited by the Integrated Tribal Development Agency, Malkangiri from FNGOs of this district to cooperate on implementation of the State Scheme 'Mo Jungle Jami Yojana' under Forest Right Act-2006.

EOI should be submitted latest by 13.08.2023 during office hours through Registered Post / Speed Post only, which will be finalized on 14.08.2023 at 11.00 A.M. in the office chamber of Project Administrator, ITDA, Malkangiri. The undersigned / District Administration reserve the right to select / reject the EIOs of NGOs.

**DOCUMENTS TO BE SUBMITTED BY THE APPLICANT NGOs**

1. Photocopy of NGOs Registration Certificate with current renewal.
2. Memorandum of association and by laws of the organization.
3. List of present activities of the organization.
4. List of present Managing Committee with full details of functioning authority.
5. Experience documents for similar works along with names / list of earlier beneficiaries.
6. Bank details with present statement of accounts for at least last six months or one year.

Sd./- Project Administrator
ITDA, Malkangiri

## ମଲ୍ଲୀ ଗଛ ପାଇଁ ମନ୍ଦା ପ୍ରସ୍ତୁତି

**ମ**ଲ୍ଲୀଗଛର ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ଏଗୁଡ଼ିକ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।





## ଲେମ୍ବୁରେ ଶଢ଼ା ରୋଗର ପ୍ରତିକାର

**ବ**ର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ। ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟାଜାଗାରେ ପ୍ରଲେପ ଦିଅନ୍ତୁ । ମାସେ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ଏକଭାଗ ବୋର୍ଡୋକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ । ପିଜୁଳି ଓ ଲେମ୍ବୁର ପାଣି କୁଆଁ ସବୁ କାଟି ଦିଅନ୍ତୁ। ଏହାବ୍ୟତୀତ ଅମୃତଭଣ୍ଡା ଗଛର ମୂଳଶଢ଼ାରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍ + ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛମୂଳରେ ମାଟି ଭିଜା କରନ୍ତୁ।

# ବନ୍ୟା ପରେ ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା

**ବ**ର୍ତ୍ତମାନ ଆମ ରାଜ୍ୟର କେତେକ ଜିଲାରେ ବନ୍ୟାଜନିତ ସମସ୍ୟା ଦେଖାଦେଇଛି। ତା'ସହ ବର୍ଷା ମଧ୍ୟ ଚାଲିଛି। ତେବେ ଏହି ସମୟରେ ନିଜର ଯତ୍ନନେବା ସହ ପ୍ରାଣୀଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବା ଦରକାର। ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ପିଇବାପାଣି, ଖାଦ୍ୟ, ବାୟୁ, ମଶା, ମାଛି, ଡାଆଁଶ ମାଧ୍ୟମରେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ଯଥା - ସାହାଣା, ଆନ୍ଥ୍ରାକ୍ସ, ବଜବଜିଆ, ଫାଟୁଆ, ଅଢ଼େଇଆ ଇତ୍ୟାଦି ହେବା ଯଥେଷ୍ଟ ଆଶଙ୍କା ରହିଛି। ତା' ସହ କେତେକ ସାଧାରଣ ରୋଗ ଯଥା- ସର୍ଦ୍ଦି ଓ କାଶ, ନାଳରକ୍ତ ଝାଡ଼ା, ଫିମ୍ପିଲଗା ନଡ଼ା ଓ ଖାଦ୍ୟ ଦ୍ୱାରା ବିଷାକ୍ତ, ପେଟଫମ୍ପା, ପାଦପଚା ରୋଗ, ଆଖିଫୁଲା ବା ଆଖିଝରା ରୋଗ, ପହ୍ନା ଫୁଲା ରୋଗ ଓ ଅନ୍ୟାନ୍ୟ କେତେକ ରୋଗ ଯଥା ଥେଲେରିଆସିସ୍, ବେବିସିଓସିସ୍, ଟ୍ରିପାନୋସୋମିଆସିସ୍ (ସରା) ଆଦି ଦେଖା ଦେଇଥାଏ। ଚାଷୀଭାଇମାନଙ୍କର ପ୍ରାଣୀ ସମ୍ପଦର ବିକାଶରେ ଅପୂରଣୀୟ କ୍ଷତି ଘଟାଇଥାଏ। ବନ୍ୟା ପରେ ଅନେକ ପ୍ରାଣୀଙ୍କର ଖାଇବାର ଅଭାବ ଓ ଅନ୍ୟାନ୍ୟ କାରଣରୁ ମଧ୍ୟ ରୋଗାକ୍ରାନ୍ତ ହୋଇ ମରିଯାଇଥାନ୍ତି। ଯେଉଁ ପ୍ରାଣୀ ପାଣି ଘେରରେ ରହି ପୀଡ଼ିତ ହୋଇଥାନ୍ତି, ସେମାନଙ୍କୁ ପ୍ରଥମେ ଉଚ୍ଚ ଜାଗାକୁ ସ୍ଥାନାନ୍ତରିତକରି ବିଭିନ୍ନ ରୋଗର ଲକ୍ଷଣ ଦେଖି ଚିକିତ୍ସା କରାଯିବା ଦରକାର। ତା'ସହ ସୁଷମ ଖାଦ୍ୟପେୟର ବ୍ୟବସ୍ଥା କରିବା ଦରକାର। ବନ୍ୟାବିହୀନ ଓ ଯେଉଁ ଅଞ୍ଚଳରେ ବହୁ ପରିମାଣରେ ଗୋଖାଦ୍ୟ ମିଳୁଥାଏ, ସେ ସ୍ଥାନରୁ ଗୋଖାଦ୍ୟ ସଂଗ୍ରହକରି ବିଭିନ୍ନ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ସଂଗଠନ ସଂସ୍ଥା ଆଦି ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ପଠାଇବା ପାଇଁ ସକ୍ରିୟ ଅଂଶଗ୍ରହଣ କରିବା ଉଚିତ । ଆମ ରାଜ୍ୟର ପ୍ରାଣୀସମ୍ପଦ ବିଭାଗର ବିଭିନ୍ନ ଜିଲାରେ ପ୍ରତିଷ୍ଠିତ ଘାସ ଫାର୍ମରୁ ସବୁଜ ଘାସ ଓ ଅନ୍ୟାନ୍ୟ ସ୍ଥାନରୁ ନଡ଼ା ସଂଗ୍ରହ କରି ଗୋରୁଙ୍କ ପେଟ ଭରିବା ପାଇଁ ଯୋଗାଇ ଦିଆଯିବା ଦରକାର । ସବୁଜ ଘାସର ଅଭାବ ଥିଲେ ବିଭିନ୍ନ କିସମର ଗଛର ପତ୍ରମାନ ମଧ୍ୟ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଇଥାଏ । ଏତଦ୍‌ବ୍ୟତୀତ, ଆମ ଗୋପାଳକମାନେ ନିମ୍ନଲିଖିତ କେତୋଟି ଦିଗ ପ୍ରତି ସତର୍କତାମୂଳକ ସଜାଗ ରହିଲେ ବନ୍ୟାକ୍ଲିଷ୍ଟ ପ୍ରାଣୀଙ୍କୁ ଉପରୋକ୍ତ ରୋଗଗୁଡ଼ିକ ଦମନକରି ସେମାନଙ୍କୁ ସୁସ୍ଥ ସବଳ ରଖିପାରିବେ ।

> "ବନ୍ୟାଞ୍ଚଳରେ ଅଧିକାଂଶ ସ୍ଥାନର କୂଅ, ନଳକୂପରେ ବନ୍ୟା ବା ବର୍ଷା ଗୋଳିଆ ପାଣି ପଶି ପାଣି ଦୂଷିତ ହୁଏ। ତେଣୁ ପ୍ରତି କୂପରେ ୨ ଦିଆସିଲି ପରିମାଣର ବ୍ଲିଚିଂ ପାଉଡରକୁ କୂପ ପାଣିରେ ୮-୧୦ ଥର ଝାଙ୍କି ଭଲଭାବରେ ମିଶାଇ ଦେବା ଦରକାର। କୂଅର ପାଣି ଗୋଳିଆ ଥିଲେ ୪ଟି ହାଲୋଜେନ୍ ବଟିକା ୧ ମାଠିଆ ପାଣିରେ କିମ୍ବା ୧ଟି ହାଲୋଜେନ୍ ବଟିକା ୧ ଲିଟର ପାଣିରେ ପକାଇ ତହିଁ ଆରଦିନ ପ୍ରାଣୀଙ୍କୁ ପିଇବାକୁ ଦିଅନ୍ତୁ।"



**ପିଇବା ପାଣି :** ବନ୍ୟାଞ୍ଚଳରେ ଅଧିକାଂଶ ସ୍ଥାନର କୂଅ, ନଳକୂପରେ ବନ୍ୟା ବା ବର୍ଷା ଗୋଳିଆ ପାଣି ପଶି ପାଣି ଦୂଷିତ ହୁଏ। ତେଣୁ ପ୍ରତି କୂପରେ ୨ ଦିଆସିଲି ପରିମାଣର ବ୍ଲିଚିଂ ପାଉଡରକୁ କୂପ ପାଣିରେ ୮-୧୦ ଥର ଝାଙ୍କି ଭଲଭାବରେ ମିଶାଇଦେବା ଦରକାର । କୂଅର ପାଣି ଗୋଳିଆ ଥିଲେ ୪ଟି ହାଲୋଜେନ୍ ବଟିକା ୧ ମାଠିଆ ପାଣିରେ କିମ୍ବା ୧ଟି ହାଲୋଜେନ୍ ବଟିକା ୧ ଲିଟର ପାଣିରେ ପକାଇ ତହିଁ ଆରଦିନ ପ୍ରାଣୀଙ୍କୁ ପିଇବାକୁ ଦିଅନ୍ତୁ। ଯଦି ପାରୁଛନ୍ତି ବା ସୁବିଧା ଥାଏ ତା'ହେଲେ ପାଣି ଫୁଟାଇ ଥଣ୍ଡାକରି ପ୍ରାଣୀଙ୍କୁ ପିଇବାକୁ ଦିଅନ୍ତୁ । ପ୍ରାଣୀଙ୍କୁ ବାହାରେ ଗୋଳିଆ ନାଳନର୍ଦ୍ଦମା ପାଣି ପିଇବାକୁ ବାରଣ କରନ୍ତୁ । ସର୍ବଦା ସ୍ୱଚ୍ଛ ବିଶୁଦ୍ଧ ନଳକୂପର ପରିଷ୍କାର ପାଣି ବ୍ୟବହାର କରନ୍ତୁ ।

**ଖାଦ୍ୟ :** ଫିମ୍ପି ମାରିଥିବା ବା ପଚା ନଡ଼ା ଓ ଦାନା ବା କୁଣ୍ଡାକୁ ଖାଇବାକୁ ଦିଅନ୍ତୁ ନାହିଁ। ନଡ଼ା ବା କୁଟାକୁ ଭଲଭାବରେ ଖରାରେ ଶୁଖାଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ। ଦାନା ଫିମ୍ପି ମାରିଥିଲେ ଏହାକୁ ଭଲ ଭାବେ ଶୁଖାଇ ଦିଅନ୍ତୁ ଏବଂ ତା'ପରେ ଖାଇବାକୁ ଦିଅନ୍ତୁ । କେତେକ କ୍ଷେତ୍ରରେ ମକା, ପିଡ଼ିଆ, ଚୋକଡ଼ ବା ଦାନାକୁ ଏହି ଫିମ୍ପିରୁ ରକ୍ଷା ପାଇବା ପାଇଁ ରାନ୍ଧି ବା ସିଝାଇ କରି ଖାଇବାକୁ ଦିଆଯାଇଥାଏ। ପଚିଯାଇଥିବା ପନିପରିବା, ଫଳମୂଳ, ଗଛପତ୍ର ଓ ଘାସ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ବିଷାକ୍ତ ଗଛର ପତ୍ର (ଲାଣ୍ଟେନା କାମେରା) ଠାରୁ ଗୋରୁଙ୍କୁ ଦୂରରେ ରଖନ୍ତୁ। ସବୁଜଘାସ କିମ୍ବା ବିଭିନ୍ନ କିସମର ଗଛର ପତ୍ର ଯଥା - ବରପତ୍ର, ଓସ୍ତପତ୍ର, ବରକୋଳି ପତ୍ର, ସୁବାବୁଲ ପତ୍ର, କଦଳୀପତ୍ର, ବାଉଁଶପତ୍ର, ଆକାଶିଆ ପତ୍ର, ଆମ୍ବପତ୍ର, ଶାଳପତ୍ର ଆଦି ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ। ବନ୍ୟାଞ୍ଚଳର ଗାଈ, ବଳଦ ଓ ବାଛୁରୀମାନଙ୍କୁ ନିମ୍ନ ପ୍ରକାର ଭରଣପୋଷଣ ବା ନିର୍ବାହୀ ଖାଦ୍ୟ ରୂପେ ଦିଆଯାଇପାରେ । ଘରେ କିମ୍ବା ରିଲିଫ୍ ଓ ଅନ୍ୟାନ୍ୟ ଭୋଜିର ନଷ୍ଟହୋଇ ଗନ୍ଧାଉଥିବା ବାସି ଭାତ, ଖିରି, ତରକାରି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ସର୍ବଦା ତଟକା ମକା, ଚୋକଡ଼, ପିଡ଼ିଆ, ବିରିଚୂନି ଇତ୍ୟାଦି ଦାନା ସହ ସବୁଜ ଘାସ ବା ପତ୍ର ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ । ଖାଦ୍ୟରେ ସବୁଜ ଘାସର ଅଭାବ ଥିଲେ ଧାତବ ଲବଣ ଓ ଲୁଣ ମିଶାଇ ଖାଇବାକୁ ଦିଅନ୍ତୁ। ଚାଷୀଭାଇମାନେ ନିଜ ରୋଷେଇ ଘରୁ ବ୍ୟବହାର ଅନୁପଯୋଗୀ ପଦାର୍ଥ ଯଥା ପରିବା ଚୋପା, ଅକାଣ୍ଡିଆ ଖୁଦ, ପେଜ, ଶାଗର କାଣ୍ଡ ଓ ଅନ୍ୟାନ୍ୟ ପଦାର୍ଥକୁ ଗୋଖାଦ୍ୟ ରୂପେ ବ୍ୟବହାର କରିବା ଉଚିତ। ବନ୍ୟା ସମୟରେ ପଟୁ ବସିଥିବା ଘାସ ଖାଇବାକୁ ଦିଅନ୍ତୁ ନାହିଁ । ଅଳ୍ପ ପଟୁ ବସିଥିଲେ ଏହାକୁ ଭଲଭାବେ ପାଣିରେ ଧୋଇ ଖାଇବାକୁ ଦିଅନ୍ତୁ। (କ୍ରମଶଃ..)

-ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ,
ମୋ : ୯୪୩୭୬୦୭୩୧୨

## ଅଳ୍ପରେ...



- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।
- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।
- ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।
- ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।
- ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

## କାଜୁ ବିହନ ଚୟନ



**କା**ଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବି.ପି.ପି,ଭୁବନେଶ୍ୱର-୧,ଭି.ଆର.ଇ-୨,ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। କାରଣ ଏଭଳି କିସମ ବ୍ୟବହାର କଲେ ସେଥିରୁ ଭଲ ଅମଳ ମିଳିଥାଏ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବର କ୍ଷୟ ପ୍ରାପ୍ତ ଜମି ପାଇଁ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ ୮୦ଟି ଗଛ ଏବଂ ନୀରୋଗୀ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ ସାର ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲ ୩ ସପ୍ତାହର ହୋଇଥିଲେ..



**ମୁ**ଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ। ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡୋକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ। ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

## ମିଶ୍ରିତ ଯାଆଁଳ

**ସ**ଘନ ମାଛଚାଷ ପାଇଁ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଅଗଷ୍ଟ ମାସର ପ୍ରଥମ ସପ୍ତାହ ମଧ୍ୟରେ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

## ଡିପଜମି ଧାନରେ ସାର ପ୍ରୟୋଗ

**ଡି**ପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୫ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ବୁଣାଧାନରେ ବୁଣିବା ସମୟରେ ସାର ପ୍ରୟୋଗ କରି ନ ଥିଲେ ବେଉଷଣ ପରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ମୂଳସାର ହିସାବରେ ଅନୁମୋଦିତ ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରିଥିଲେ, ବେଉଷଣ ପରେ ୧୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା- ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁପି (୩ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ ।



# ସର୍ବୋଚ୍ଚ ସ୍ତରରେ ଗହମ ଦର

■ ୬ ମାସର ଉଚ୍ଚତମ ମୂଲ୍ୟ
■ ୪ ମାସରେ ୧୮% ଦର ବୃଦ୍ଧି



ଭୁବନେଶ୍ୱର,୮।୮(ଅଭୟ ଦାଶ)

ଗତ କିଛି ମାସ ହେବ ଘରୋଇ ବଜାରରେ ଗହମ ଦର ବୃଦ୍ଧି ପାଇଚାଲିଛି। ଫଳରେ ଗହମରୁ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଦର ମଧ୍ୟ ସେହି ପରିମାଣରେ ବଢ଼ି ଚାଲିଛି। ଏପରିକି ଗହମ ଦର ଗତ ୬ ମାସର ଉଚ୍ଚତମ ସ୍ତରକୁ ପହଞ୍ଚିଛି। ସେହିଭଳି ମଧ୍ୟପ୍ରଦେଶର ଇନ୍ଦୋରଠାରେ ଗହମ ମୂଲ୍ୟ ୧.୫% ବୃଦ୍ଧି ଘଟି ପ୍ରତି ମେଟ୍ରିକ ଟନ୍‌ର ମୂଲ୍ୟ ୨୫,୪୪୬ ଟଙ୍କାରେ ପହଞ୍ଚିଛି। ୨୦୨୩ ଫେବୃୟାରୀ ୧୦ ପରେ ଗହମର ଏହା ସର୍ବାଧିକ ଦର ବୋଲି କୁହାଯାଉଛି। ଏପରିକି ଗତ ୪ମାସ ମଧ୍ୟରେ ଗହମ ମୂଲ୍ୟ ୧୮% ବୃଦ୍ଧି ପାଇଛି। ସେହିଭଳି ୨୦୨୩ ଅଗଷ୍ଟ ୧ ସୁଦ୍ଧା ସରକାରଙ୍କ ଗୋଦାମଗୁଡ଼ିକରେ ୨୮.୩ ନିୟୁତ ମେଟ୍ରିକ ଟନ୍ ଗହମ ଗଚ୍ଛିତ ଥିଲାବେଳେ ୨୦୨୨ ଅଗଷ୍ଟ ପହିଲାରେ ଏହାର ପରିମାଣ ୨୬.୬ ନିୟୁତ ଟନ୍ ଗହମ ସରକାରଙ୍କ ଷ୍ଟକ୍‌ରେ ଥିଲା। ବିଶେଷ କରି ଆଗକୁ ପାର୍ବଣ ଋତୁ ଥିବାରୁ ବଜାର ଚାହିଦା ଓ ଖାଉଟିଙ୍କ ଆବଶ୍ୟକତା ଦୃଷ୍ଟିରୁ ଅଟା ଦର ବଢ଼ିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ସେହିପରି ବର୍ତ୍ତମାନ ଉପୁଜିଥିବା ପରିସ୍ଥିତିରେ ସରକାର ଷ୍ଟକ୍‌ରୁ ଖୋଲାବଜାରକୁ ଗହମ ଛାଡ଼ିବା ଦରକାର ବୋଲି ଟ୍ରେଡରମାନେ ଆବେଦନ କରିଛନ୍ତି। ଏପରିକି ସରକାର ମଧ୍ୟ ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ୧୫ ଲକ୍ଷ ମେଟ୍ରିକ ଟନ୍ ଗହମ ସରକାରୀ ଖାତାରୁ ବିଭିନ୍ନ କ୍ଷେତ୍ର ଯଥା ଡିଲର, ଟ୍ରେଡର, ଖୋଲାବଜାରକୁ ଛାଡ଼ିଥିବା କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହା ପୂର୍ବରୁ ଗତ ସପ୍ତାହରେ ସରକାର ଗହମ ଆମଦାନୀ ଉପରେ ଲାଗୁ ହେଉଥିବା ୪୦% ଶୁଳ୍କ ହ୍ରାସ କରିବା ନେଇ ଆଲୋଚନା ହୋଇଥିଲା। ଅପରପକ୍ଷରେ ଗହମର ଦରବୃଦ୍ଧି ଜାରି ରହିଲେ ଅଟା ଉତ୍ପାଦଗୁଡ଼ିକର ଦର ମଧ୍ୟ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ବିସ୍କୁଟରୁ ଆରମ୍ଭ କରି ବ୍ରେଡ୍ ପର୍ଯ୍ୟନ୍ତ ସବୁ ମହଙ୍ଗା ହୋଇପାରେ ବୋଲି ବଜାର ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ସୂଚନାଯୋଗ୍ୟ, ନିକଟରେ ଖାଇବାତେଲ, ଡାଲି, ଟମାଟୋ ଏବଂ ପିଆଜର ଦର ବୃଦ୍ଧି ଯୋଗୁ ଖାଉଟି ମହଙ୍ଗା ମାଡ଼ରେ ଶିକାର ହୋଇଥିବାବେଳେ ସରକାରଙ୍କ ଉପରେ ଦରବୃଦ୍ଧି ଆକ୍ରୋଶ ପରିପ୍ରକାଶ କରିଛନ୍ତି।

## ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୮।୮

ଦିନକ ପରେ ପୁଣି ଥରେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହାଇରଛନ୍ତି। ମଙ୍ଗଳବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୭ (୧୦୬.୯୮) ପଏଣ୍ଟ କମି ୬୫,୮୪୬ (୬୫,୮୪୬.୫୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୬ (୨୬.୪୫) ପଏଣ୍ଟ ହ୍ରାସ ଘଟି ୧୯,୫୭୧ (୧୯,୫୭୦.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛି ଦିନ ହେବ ଭାରତୀୟ ଶେୟାର ବଜାରର କାରବାରରେ ପରିବର୍ତ୍ତନ ଦେଖାଦେଇଛି।

## ବଜାଜ ଫାଇନାନ୍ସ ସହ ହୋଣ୍ଡାର ସହଭାଗିତା




ଭୁବନେଶ୍ୱର,୮।୮

ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ଏବଂ ବଜାଜ୍ ଫାଇନାନ୍ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉଭୟ ସଂସ୍ଥାର କାରବାର ବୃଦ୍ଧି ଏବଂ ଗ୍ରାହକଙ୍କ ଆବଶ୍ୟକତା ପୂରଣକୁ ଆଖି ଆଗରେ ରଖି ଏଭଳି ଏକ ସହଭାଗିତା କରାଯାଇଛି। ଏପରିକି କମ୍ପାନୀ ଗ୍ରାହକଙ୍କୁ ସରଳ ଓ ସୁବିଧାର ସହକାରେ ଫାଇନାନ୍ସ ଯୋଗାଇବା ଏବଂ ବାଧାମୁକ୍ତ ସେବା ଯୋଗାଇଦେବାକୁ ଗୁରୁତ୍ୱ ଦିଆଯାଇଛି। ଫଳରେ ଉଭୟ ସଂସ୍ଥାର କାର୍ ବୃଦ୍ଧି ସହ ଗ୍ରାହକଙ୍କ ଆବଶ୍ୟକତା ପୂରଣ ହୋଇପାରିବ। ଏ ସମ୍ପର୍କରେ ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍‌ର ଭାଇସ ପ୍ରେସିଡେଣ୍ଟ ( ବିକ୍ରି ଓ ବିପଣନ) କୁନାଲ ବେହି କହିଛନ୍ତି, ଗ୍ରାହକଙ୍କ ଆବଶ୍ୟକତା ପୂରଣ ସହ କାରବାର ବୃଦ୍ଧି ପାଇଁ ବଜାଜ ଫାଇନାନ୍ସ ସହି ଏହି ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ବଜାଜ ଫାଇନାନ୍ସ (ଅଟୋ) ର ସିଇଓ ସିଦ୍ଧାର୍ଥ ଭଟ୍ଟ କହିଛନ୍ତି, ହୋଣ୍ଡା ସହ ସହଭାଗିତା କରି ଆମେ ବେଶ୍ ଆନନ୍ଦିତ ଥିବାବେଳେ ଗ୍ରାହକଙ୍କୁ ଏକ ବାଧାମୁକ୍ତ ସେବା ଯୋଗାଇବା ସହ କାରବାର ବୃଦ୍ଧିକୁ ବିଶେଷ ଗୁରୁତ୍ୱ ଦିଆଯିବ।

## ବିଓବିର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୮।୮

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର ତ୍ରୈମାସିକ ଫଳାଫଳ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଏପରିକି ୨୦୨୩-୨୪ ପ୍ରଥମ ତ୍ରୈ ମାସିକ (ଏପ୍ରିଲରୁ ଜୁନ୍) ଶେଷ ସୁଦ୍ଧା ବ୍ୟାଙ୍କର ନେଟ୍ ଲାଭ ୪୦୭୦ କୋଟି ଟଙ୍କା ହୋଇଛି। ଏହା ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ୮୭.୭% ବୃଦ୍ଧି ହୋଇ ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧିରେ ୪୦୭୦ କୋଟି ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ବିଓବି ୧%ରୁ ଅଧିକ ଆର୍‌ଓଏ ଏବଂ ପ୍ରାୟ ୨୦% ଆର୍‌ଓଇକୁ କ୍ରମାଗତ ଭାବରେ ୪ଟି ତ୍ରୈମାସିକରେ ପ୍ରଦାନ କରିଛି। ଲାଭରେ ଏହି ଉଲ୍ଲେଖନୀୟ ବିକାଶ କ୍ୟୁ୧ଏଫ୍‌ୱାଇ୨୪ରେ ପୂର୍ବ ବର୍ଷ ତୁଳନାରେ ସୁସ୍ଥ ଅପରେଟିଂ ଆୟରେ ୪୨.୯% ବୃଦ୍ଧି କାରଣରୁ ହୋଇପାରିଛି। ଅପରେଟିଂ ଆୟର ବୃଦ୍ଧି ଦୃଢ଼ ନେଟ୍ ଇଣ୍ଟ୍ରେଷ୍ଟ ଇନ୍‌କମ୍ (ଏନ୍‌ଆଇଆଇ) ରେ ବୃଦ୍ଧି କାରଣରୁ ହୋଇପାରିଛି, ଯାହାକି ପୂର୍ବ ବର୍ଷ ତୁଳନାରେ କ୍ୟୁ୧ଏଫ୍‌ୱାଇ ୨୪ରେ ୨୪.୪%ର ବୃଦ୍ଧି ଓ ଏହା ସହ ଅଣ ସୁଧ ଆୟରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି; ଯାହାକି ପୂର୍ବ ବର୍ଷ ତୁଳନାରେ ୨.୮ ଗୁଣା ବୃଦ୍ଧି ହୋଇଛି। ସ୍ଥାନୀୟ ଏନ୍‌ଆଇଆଇ ବିକାଶ ପୂର୍ବ ବର୍ଷ ତୁଳନାରେ ୧୮.୦% ବୃଦ୍ଧି କାରଣରୁ ହୋଇପାରିଛି। ଏହା ସହ ନେଟ୍ ଇଣ୍ଟ୍ରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍)ରେ ବୃଦ୍ଧି ହୋଇଛି ଯାହାକି ପୂର୍ବ ବର୍ଷ ତୁଳନାରେ ୨୫ ବିପିଏସ୍ ବା ୩.୨୭% ବୃଦ୍ଧି ହୋଇଛି। ଆୟରେ ଦୃଢ଼ ବୃଦ୍ଧି ସହଣ୍ ଓପେକ୍ସରେ ନିୟମିତ ବୃଦ୍ଧି ହେତୁ ପୂର୍ବ ବର୍ଷ ତୁଳନାରେ କ୍ୟୁ୧ଏଫ୍‌ୱାଇ୨୪ ରେ ଉଲ୍ଲେଖନୀୟ ଭାବରେ ଅପରେଟିଂ ଲାଭରେ ୭୩% ବୃଦ୍ଧି ହୋଇଛି। ବ୍ୟାଙ୍କ କଷ୍ଟ ଟୁ ଇନ୍‌କମ୍ ଅନୁପାତ (ନିବେଶର ପୁନଃ ମୂଲ୍ୟାୟନକୁ ବାଦ୍ ଦେଇ) କୁ ପୂର୍ବ ବର୍ଷ ତୁଳନାରେ ୧୬୬ ବିପିଏସ୍ ହ୍ରାସ କରି କ୍ୟୁ୧ଏଫ୍‌ୱାଇ ୨୪ରେ ୪୭.୪୩% ହ୍ରାସ କରିଛି।

## ହୋଣ୍ଡାର ନ୍ୟୁ ଏସ୍‌ପି ୧୬୦ ଉନ୍ମୋଚିତ

ଭୁବନେଶ୍ୱର,୮।୮



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ଏସ୍‌ପି୧୬୦କୁ ମଙ୍ଗଳବାର ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରାଯାଇଛି। ବିଶେଷକରି କମ୍ପାନୀର ଏସ୍‌ପି ବ୍ରାଣ୍ଡକୁ ଆଉ ଏକ ସୋପାନରେ ପହଞ୍ଚାଇବା ପାଇଁ ଉକ୍ତ ମଡେଲର ପ୍ରସ୍ତୁତ କରାଯାଇଛି। ଏପରିକି ଉକ୍ତ ମଡେଲକୁ ସ୍ପୋର୍ଟି, ଆକର୍ଷଣୀୟ ଓ ଷ୍ଟାଇଲିଶ୍ କରାଯାଇଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ ତଥା ସଭାପତି ଏବଂ ସିଇଓ ସୁତ୍ସୁମୁ ଓଟାନି କହିଛନ୍ତି, ବର୍ତ୍ତମାନ ଆମେ ବିଶ୍ୱାସର ସହ ଭବିଷ୍ୟତକୁ ଅଗ୍ରସର ହେଉଛି। ଏପରିକି ଏସ୍‌ପି ବ୍ରାଣ୍ଡକୁ ଆଉ ଏକ ସୋପାନ ଉପରକୁ ନେବା ସହ ନ୍ୟୁ ଏସ୍‌ପି ୧୬୦କୁ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଏସ୍‌ପି ବ୍ରାଣ୍ଡର ଶୁଭାରମ୍ଭ ପର ଠା ରୁ ଏସ୍‌ପି ବ୍ରାଣ୍ଡ ୧୨୫ ସିସି ମୋଟରସାଇକେଲ ବର୍ଗରେ ବିପ୍ଳବ ଆଣିବା ସହ ପ୍ରଯୁକ୍ତି, ଷ୍ଟାଇଲ ଓ ପ୍ରଦର୍ଶନରେ ଅତୁଳନୀୟ ମାନଦଣ୍ଡ ନିର୍ଦ୍ଧାରଣ କରିଛି। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ସେଲ୍‌ସ ଓ ମାର୍କେଟିଂ ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି, ସ୍ପୋର୍ଟିନେସ୍ ଓ ୟୁଟିଲିଟିର ଉପଯୁକ୍ତ ମିଶ୍ରଣ ଚାହୁଁଥିବା ଯୁବ ମୋଟରସାଇକେଲ୍ ଉତ୍ସାହୀଙ୍କ ଅଭିଳାଷରୁ ନୂଆ ଏସ୍‌ପି ୧୬୦ ଅନୁପ୍ରାଣିତ କରିବ। ସେହିପରି ସିଙ୍ଗଲ ଡିସ୍କ ଓ ଡୁଆଲ୍ ଡିସ୍କ ବିକଳ୍ପରେ ଉପଲବ୍ଧ ଏସ୍‌ପି ୧୬୦ର ଏକ୍ସ ଶୋ'ରୁମ୍ (ନୂଆଦିଲ୍ଲୀ) ମୂଲ୍ୟ ଯଥାକ୍ରମେ ୧,୧୭,୫୦୦ ଟଙ୍କା ଏବଂ ୧,୨୧,୯୦୦ ଟଙ୍କା ରହିଛି। ଉକ୍ତ ମଡେଲ ମ୍ୟାଟ୍ ମାର୍ଭେଲ୍ ବ୍ଲୁ ମେଟାଲିକ୍, ମ୍ୟାଟ୍ ଆକ୍ସିସ୍ ଗ୍ରେ ମେଟାଲିକ୍ୱା, ମ୍ୟାଟ୍ ଡାର୍କ ବ୍ଲୁ ମେଟାଲିକ୍, ପର୍ଲ ସ୍ପାର୍ଟାନ୍ ରେଡ୍, ପର୍ଲ ଇଗ୍ନିଅସ୍ ବ୍ଲାକ୍ ଏବଂ ପର୍ଲ ଡିପ୍ ଗ୍ରାଉଣ୍ଡ ଗ୍ରେ ରଙ୍ଗରେ ଉପଲବ୍ଧ।

## କ୍ୟୁସିଆଇ ର୍‍ୟାଙ୍କିଙ୍ଗ୍‌ରେ ଡ୍ରିମ୍‌ସ ପଲିଟେକ୍‌ନିକ

ଭୁବନେଶ୍ୱର,୮।୮

**୨ୟ ସ୍ଥାନର ମାନ୍ୟତା ହାସଲ**




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ସମୂହର ପ୍ରମୁଖ ଶିକ୍ଷାନୁଷ୍ଠାନ 'ଡ୍ରିମ୍‌ସ ପଲିଟେକ୍‌ନିକ୍'କୁ ନିକଟରେ ଆଉ ଏକ ସଫଳତା ସହ ମାନ୍ୟତା ମଧ୍ୟ ମିଳିଛି। ବିଶେଷକରି ଅନୁଷ୍ଠାନର ଶିକ୍ଷାଦାନ, ଭିତ୍ତିଭୂମି, ଗବେଷଣା, ପରୀକ୍ଷା ନିୟନ୍ତ୍ରଣ, ଆର୍ଥିକ ପରିଚାଳନା, ଉତ୍ତୀର୍ଣ୍ଣ ହାର,ପ୍ଲେସ୍‌ମେଣ୍ଟ ଭଳି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଉତ୍କୃଷ୍ଟ ପ୍ରଦର୍ଶନ ସହ ଗୁଣବତ୍ତା ନିମନ୍ତେ ଡ୍ରିମ୍‌ସ ପଲିଟେକ୍‌ନିକ୍ କ୍ୟୁସିଆଇ ର୍‍ୟାଙ୍କିଙ୍ଗ୍‌ରେ ୨ୟ ସ୍ଥାନ ଅଧିକାର କରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ରାଜ୍ୟ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ଏହି ମାନ୍ୟତା ଦିଆଯାଇଛି। ଏପରିକି ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ପଲିଟେକ୍‌ନିକ୍‌କୁ ନେଇ ନିକଟରେ ହୋଇଥିବା ଉପରୋକ୍ତ ଆକଳନ ଆଧାରରେ ଡ୍ରିମ୍‌ସ ପଲିଟେକ୍‌ନିକକୁ ଉକ୍ତ ସଫଳତା ମିଳିଛି। ଏହି ପରିପ୍ରେକ୍ଷୀରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରୀଛାତ୍ର,ଅଧ୍ୟାପକ, ଅଧ୍ୟାପିକା, ଅଧ୍ୟକ୍ଷ, ନିର୍ଦ୍ଦେଶକ ଏବଂ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ଫୁର୍‌ସତ୍**

## ସୀମା-ସଚିନଙ୍କୁ ନେଇ ଫିଲ୍ମ 'କରାଚିରୁ ନଏଡା'

ମୁମ୍ବାଇ



ନିକଟରେ ସାମ୍ନାକୁ ଆସିଥିବା ସଚିନ-ସୀମାଙ୍କ ପ୍ରେମ କାହାଣୀ ବେଶ୍ ଚର୍ଚ୍ଚାରେ ରହିଛି। ଦୁହିଁଙ୍କ ପ୍ରେମ କାହାଣୀ ଏବେ ଘରେ ଘରେ ପରିଚିତ। ପ୍ରେମ ପାଇଁ ପାକିସ୍ତାନ କରାଚିର ସୀମା ସ୍ୱାମୀଙ୍କୁ ଛାଡ଼ି ୪ ପିଲାଙ୍କୁ ଧରି ବେଆଇନ ଭାବେ ସୀମା ପାର କରି ଭାରତରେ ପ୍ରବେଶ କରିଥିଲେ। ନିକଟରେ ସେ ଫିଲ୍ମରେ ଅଭିନୟ କରିବେ ବୋଲି ଖବର ପ୍ରକାଶ ପାଇଥିଲାବେଳେ ଏବେ ତାଙ୍କ ଉପରେ ଏକ ଚଳଚ୍ଚିତ୍ର ନିର୍ମାଣ ହେବାକୁ ଯାଉଛି। ଯାହାର ନାମ ରହିବ 'କରାଚିରୁ ନଏଡ଼ା'। ପ୍ରଯୋଜକ ଅମିତ ଯାନୀ ଆଗାମୀ ସପ୍ତାହରେ ଫିଲ୍ମର ଥିମ୍ ସଙ୍ଗ ରିଲିଜ୍ କରିବେ। ପୂର୍ବରୁ ମଧ୍ୟ ପ୍ରଯୋଜକ ଯାନୀ ସୀମାଙ୍କୁ ଏକ ସିନେମା ପାଇଁ ଅଫର କରିଥିଲେ। ଯେଉଁଥିପାଇଁ ସୀମା ପ୍ରସ୍ତୁତ ହୋଇଯାଇଥିଲେ । ରାଜସ୍ଥାନ ଉଦୟପୁରର କହ୍ନେୟା ଲାଲ୍ ହତ୍ୟାକାଣ୍ଡ ଉପରେ ନିର୍ମିତ ଏକ ଫିଲ୍ମ 'ଏ ଟେଲର ମର୍ଡର ଷ୍ଟୋରି'ରେ ସୀମାଙ୍କୁ 'ର' ଏଜେଣ୍ଟର ଅଭିନୟ ପାଇଁ ଅଫର ମିଳିଥିଲା। ଏଥିପାଇଁ ସୀମା ହଁ କହିଛନ୍ତି। ତେବେ ଫିଲ୍ମ ପ୍ରଯୋଜକ ଯାନୀଙ୍କୁ ମଧ୍ୟ ଏଥିପାଇଁ ଅନେକ ଧମକ ମିଳିଛି। ଏନେଇ ସେ ଟୁଇଟ କରି ଜଣାଇଛନ୍ତି। ଏହି ଧମକ ବାବଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପୋଲିସକୁ ଅନୁରୋଧ ମଧ୍ୟ କରିଛନ୍ତି।

## 'ଡନ୍-୩'ରେ ରଣବୀରଙ୍କ ଏଣ୍ଟ୍ରିକୁ ନେଇ ଚର୍ଚ୍ଚା



ମୁମ୍ବାଇ: ସିନେ ନିର୍ଦ୍ଦେଶକ ଫରହାନ ଅଖତର ଫିଲ୍ମ 'ଡନ୍-୩'କୁ ନେଇ ସୋସିଆଲ ମିଡିଆରେ କିଛି ତଥ୍ୟ ଘୋଷଣା କରିଛନ୍ତି, ଯାହାକୁ ନେଇ ଅନେକ ବିବାଦ ଦେଖାଦେଇଛି। ସିନେମାରେ ଶାହରୁଖ ଖାନ୍‌ଙ୍କ ସ୍ଥାନରେ ରଣବୀର ସିଂ ଅଭିନୟ କରିବେ ବୋଲି ଚର୍ଚ୍ଚା ହେଉଛି। ଫଳରେ ପ୍ରଶଂସକମାନେ ଏବେ 'ନୋ ଶାହରୁଖ୍, ନୋ 'ଡନ୍' ଲେଖି ବିରୋଧ ଜାରି ରଖିଛନ୍ତି। 'ଡନ୍', 'ଡନ୍-୨'ରେ ଶାହାରୁଖଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଏବେ 'ଡନ୍-୩'ରେ ତାଙ୍କ ବ୍ୟତୀତ ଅନ୍ୟ କାହାକୁ ଦେଖିବାକୁ ଚାହାନ୍ତିନି ବୋଲି ପ୍ରଶଂସକ କମେଣ୍ଟରେ କହିଛନ୍ତି। 'ଡନ୍-୩'ରେ ରଣବୀରଙ୍କ ପ୍ରବେଶ ଶାହାରୁଖଙ୍କ ପ୍ରଶଂସକଙ୍କୁ ନିରାଶ କରିଛି। ଫରହାନଙ୍କ ନିର୍ଦ୍ଦେଶିତ 'ଡନ୍', ଡନ୍-୨'ରେ ପ୍ରିୟଙ୍କା ଚୋପ୍ରା, ବୋମାନ ଇରାନୀଙ୍କ ସହ ଶାହରୁଖ ଟାଇଟଲ ଭୂମିକାରେ ଅଭିନୟ କରିଥିଲେ। ଯାହା ବେଶ୍ ହିଟ୍ ହୋଇଥିଲା। ପରେ ପ୍ରଶଂସକଙ୍କ ଡିମାଣ୍ଡକୁ ଦେଖି ନିର୍ଦ୍ଦେଶକ ଫରହାନ 'ଡନ୍-୩' କରିବାକୁ ନିଷ୍ପତ୍ତି ନେଇଥିଲେ। କୁହାଯାଉଛି ଯେ, ଫରହାନ ଫିଲ୍ମରେ ଶାହାରୁଖଙ୍କୁ ନେବାକୁ ଚାହୁଁଥିଲେ, ହେଲେ ଶାହାରୁଖ ତାଙ୍କର ଅନ୍ୟ ଏକ ପ୍ରୋଜେକ୍ଟରେ ବ୍ୟସ୍ତ ଥିବାରୁ ସେ ତାଙ୍କ ବଦଳରେ ରଣବୀରଙ୍କୁ ବାଛିଛନ୍ତି। କିନ୍ତୁ ଫରହାନ୍ ଏବଂ ଶାହାରୁଖଙ୍କଠାରୁ ଏନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ତେବେ ନିକଟରେ ରିଲିଜ୍ ହୋଇଥିବା ରଣବୀରଙ୍କ ଫିଲ୍ମ 'ରକି ଅର୍ ରାନୀ କି ପ୍ରେମ୍ କାହାନୀ' ବକ୍ସ ଅଫିସରେ ୧୦୦ କୋଟି ଆୟ କରିଛି।

## ପୁଣି ଅଡୁଆରେ 'ଓଏମ୍‌ଜି ୨'




ମୁମ୍ବାଇ

ରିଲିଜ୍ ପୂର୍ବରୁ ପୁଣି ଅଡୁଆରେ ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ଓଏମ୍‌ଜି ୨'। ପ୍ରଥମେ ସେନ୍‌ସର ବୋର୍ଡ ଫିଲ୍ମରେ ଥିବା ଆପତ୍ତିଜନକ ଦୃଶ୍ୟକୁ ହଟାଇବାକୁ କହି 'ଏ' ସାର୍ଟିଫିକେଟ୍ ଦେଇଥିଲା, ଯାହାକୁ କେବଳ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ହିଁ ଦେଖିପାରିବେ। ଏବେ ଉଜ୍ଜୟିନୀ ମହାକାଳ ମନ୍ଦିରର

**ଆପତ୍ତିଜନକ ଦୃଶ୍ୟ ହଟାଇବାକୁ ମନ୍ଦିର ପୂଜକଙ୍କ ଲିଗାଲ ନୋଟିସ**

ପୂଜକମାନେ ଫିଲ୍ମ ବିରୋଧରେ ସିନେମା ନିର୍ଦ୍ଦେଶକ ଅମିତ୍ ରାୟଙ୍କୁ ଲିଗାଲ ନୋଟିସ ପଠାଇଛନ୍ତି। ନୋଟିସରେ ସେମାନେ କଥିତ ଭାବେ ଦେଖାଯାଇଥିବା ଅପମାନଜନକ ଦୃଶ୍ୟ ହଟାଇବାକୁ ଦାବି କରିଛନ୍ତି। ପୂଜକମାନଙ୍କ କହିବା କଥା, ସିନେମାରେ ଭଗବାନ୍ ଶିବଙ୍କ ଅବତାରକୁ ଭୁଲ୍ ଭାବରେ ଦର୍ଶାଯାଇଛି। ଶିବ ଫିଲ୍ମରେ କଚୁଡ଼ି ଖାଉଥିବା ଦେଖିବାକୁ ମିଳିଛି, ଯାହା ଭକ୍ତଙ୍କ ଭାବାବେଗକୁ ଆଘାତ କରୁଛି। ଏଣୁ ଭଗବାନ୍ ଶିବ ଏବଂ ମହାକାଳ ସମ୍ବନ୍ଧୀୟ ଯେଉଁ ଦୃଶ୍ୟ ରହିଛି, ତାକୁ ବାଦ୍ ଦିଆଯାଉ ବୋଲି ମନ୍ଦିରର ପୂଜାରୀମାନେ ଦାବି କରିଛନ୍ତି।

## ମହଙ୍ଗା ଗୋଲାପ

ବ୍ରୁସେଲ୍‌ସ

ଦୁନିଆରେ ଅନେକ ପ୍ରକାର ଗୋଲାପ ଫୁଲ ରହିଛି। ତା' ଭିତରୁ ଆମ ମନ ପସନ୍ଦର ଗୋଲାପକୁ ଆମେ କିଣିଥାଉ। ହେଲେ ଏପରି ଏକ ଗୋଲାପ ରହିଛି,



ଯାହାକୁ କିଣିବାକୁ ହେଲେ କୋଟିପତି ହେବା ଜରୁରୀ। କାରଣ ଏହି ଗୋଲାପର ମୂଲ୍ୟ ବହୁତ ଅଧିକ, ଯାହାକୁ କେବଳ କୋଟିପତି ଲୋକ ହିଁ କିଣିପାରିବେ। ତାହା ହେଉଛି, ଜୁଲିଏଟ୍ ରୋଜ୍। ଏହି ଗୋଲାପ ବହୁତ ଖାସ୍ । ରିପୋର୍ଟ ମୁତାବକ, ଜୁଲିଏଟ୍ ରୋଜ୍‌ର ମୂଲ୍ୟ ୧୩୦ କୋଟି ଟଙ୍କା। ଏହା ମହଙ୍ଗା ହେବାର କାରଣ ରହିଛି। ପ୍ରଥମ ଥର ପାଇଁ ଏହି ଗୋଲାପ ୨୦୦୬ରେ ଫୁଟିଥିଲା। ୟୁରୋପର ଡେଭିଡ୍ ଅଷ୍ଟିନ ଅନେକ ପରୀକ୍ଷା ନିରୀକ୍ଷା ପରେ ଏହି ଗୋଲାପର ଉଦ୍ଭାବନ କରିଥିଲେ। ଏହି ଗୋଲାପକୁ ଫୁଟିବାକୁ ୧୫ ବର୍ଷ ସମୟ ଲାଗିଥାଏ। ଏହା ଦୁନିଆର ସବୁଠାରୁ ମହଙ୍ଗା ଗୋଲାପ। ଏତେ ବର୍ଷ ପର୍ଯ୍ୟନ୍ତ ଏହି ଗଛର ଯତ୍ନ ନେବା ପରେ ଯାଇ ତାହା ଫୁଟିଥାଏ। ସେଥିପାଇଁ ଏହା ଅତ୍ୟନ୍ତ ମହଙ୍ଗା। ୨୦୦୬ରେ ଏହାର ମୂଲ୍ୟ ୯୦ କୋଟି ଥିଲା। ହେଲେ ଏବେ ଏହାର ମୂଲ୍ୟ ୧୩୦ କୋଟିରେ ପହଞ୍ଚିଛି।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

ଜଟଣୀ ମହାବିଦ୍ୟାଳୟ, ଜଟଣୀ

# ‘ଯୁବପିଢ଼ି ପଥଭ୍ରଷ୍ଟ ନ ହୋଇ ଆଗକୁ ବଢ଼ନ୍ତୁ’





ଜଟଣୀ ମହାବିଦ୍ୟାଳୟରେ ମଙ୍ଗଳବାର ‘ଧରିତ୍ରୀ’ ପକ୍ଷରୁ ଆୟୋଜିତ ‘ଗଣମାଧ୍ୟମ,ଗଣତନ୍ତ୍ର ଓ ଯୁବପିଢ଼ି’ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ଓ ବିଚାରକ ମଣ୍ଡଳୀ। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

ଖୋର୍ଦ୍ଧା/ଜଟଣୀ ୮।୮
(ପ୍ରଭାତ ପାଣିଗ୍ରାହୀ/ରବୀନ୍ଦ୍ରନାଥ ମହାକୁଡ଼)

ଭାରତ ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣମାଧ୍ୟମ ହେଉଛି ଜନତାଙ୍କ ସ୍ୱର। ୪ର୍ଥସ୍ତମ୍ଭଭାବେ ପରିଚିତ ଗଣମାଧ୍ୟମ। ଜନତା ଓ ସରକାରଙ୍କ ମଧ୍ୟରେ ଏହା ସେତୁଭାବେ କାର୍ଯ୍ୟ କରିଥାଏ। ଯୁବସମାଜ ଦେଶର ଭବିଷ୍ୟତ। ଜାଗ୍ରତ, ସଚେତନ ତଥା ନିଜ ଦାୟିତ୍ୱ ପ୍ରତି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ରହିବ। ଯୁବପିଢ଼ି ପଥଭ୍ରଷ୍ଟ ନ ହୋଇ ଆଗକୁ ବଢ଼ିଲେ ଦେଶର ବିକାଶ ହୋଇପାରିବ ବୋଲି ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ଜଟଣୀ ମହାବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ‘‘ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି’’ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କଲେଜ ଅଧ୍ୟକ୍ଷ ଡ. ରାଜୀବ କର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକଭାବେ ଜାତୀୟ ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ(ନାଇଜର) କୁଳସଚିବ ଡ. ଅଭୟ ନାୟକ ଯୋଗଦେଇ କହିଥିଲେ, ଧରିତ୍ରୀର ୫୦ବର୍ଷ ଅର୍ଦ୍ଧଶତାବ୍ଦୀର ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଧରିତ୍ରୀ ଶବ୍ଦ ମାତୃତ୍ୱର ଭାବ ସହିତ ଜଡିତ। ବିଶ୍ୱରେ ଭାରତ ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଯୁବପିଢ଼ି ହେଉଛନ୍ତି ଏ ଦେଶର ମେରୁଦଣ୍ଡ। ସଫଳତା ପାଇବା ପାଇଁ ପରିଶ୍ରମ କର। ମୋବାଇଲ ପରିବର୍ତ୍ତେ ପୁସ୍ତକ ଓ ଖବରକାଗଜକୁ ମାଧ୍ୟମ କଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ମୁଖ୍ୟ ଅତିଥିଭାବେ ଜଟଣୀ ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି କହିଥିଲେ, ଆଧୁନିକ ଭାରତରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବା ବେଳେ ଦେଶର ବିକାଶ ଦିଗରେ ମଧ୍ୟ ଯୁବପିଢ଼ିଙ୍କ ଗୁରୁ ଦାୟିତ୍ୱ ରହିଛି। ଗଣମାଧ୍ୟମ ଗଣଚେତନା, ଜନ ଜାଗରଣ, ସଚେତନତା ଏକ ମାଧ୍ୟମ ହେଲେ ଯୁବପିଢ଼ିଙ୍କ ଉପରେ ଦେଶର ପ୍ରଗତି, ସମୃଦ୍ଧି ନିର୍ଭର କରେ ବୋଲି କହିଥିଲେ। ଏହି ବକ୍ତୃତା ପ୍ରତିଯୋଗିତାରେ ୧୫ଜଣ ଛାତ୍ରୀଛାତ୍ର ଭାଗ ନେଇ ସେମାନଙ୍କ ଓଜସ୍ୱିନୀ ଭାଷଣ ମାଧ୍ୟମରେ ବିଷୟବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ। ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ। ଆଜିର ଯୁବସମାଜ ନିଶା କବଳରେ ପଥଭ୍ରଷ୍ଟ ହେଉଛନ୍ତି। ନିଜ ଦାୟିତ୍ୱଠାରୁ ଦୂରେଇ ଯାଉଛନ୍ତି। ଅନ୍ୟର କଥାରେ ପ୍ରଲୋଭିତ ହୋଇ ଭୁଲ ରାସ୍ତାକୁ ଯାଉଛନ୍ତି। ଏ ସବୁରୁ ନିବୃତ୍ତ ରହି ଦେଶର ଜନହିତକର କାର୍ଯ୍ୟରେ ନିୟୋଜିତ ହେଲେ ରାଷ୍ଟ୍ର ପ୍ରଗତି ପଥରେ ଆଗେଇପାରିବ ବୋଲି ପ୍ରତିଯୋଗୀମାନେ କହିଥିଲେ। ଅନୁଶ୍ରୀ ଜେନା ପ୍ରଥମ, ଅଭୀପ୍ସା ବେହେରା ଦ୍ୱିତୀୟ ଏବଂ ମୋନାଲିସା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକଭାବେ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପିକା ଝୁନୁରାଣୀ ମହାପାତ୍ର କହିଥିଲେ, ଦେଶକୁ ସଫଳତା ଆଣିବାରେ ଖବରକାଗଜର ପ୍ରମୁଖ ଭୂମିକା ରହିଛି। ନିର୍ଭୀକ, ନିରପେକ୍ଷ ଭାବେ ଖବର ପରିବେଷଣ ଦିଗରେ ଏହା ନିଜର ପ୍ରତିବଦ୍ଧତା ବଜାୟ ରଖିଛି। ଯୁବପିଢ଼ି ସମାଜରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ କ’ଣ ବୁଝିବା ଆବଶ୍ୟକ। ଏକ୍ଷେତ୍ରରେ ଧରିତ୍ରୀ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି କରିଛି। ଅନ୍ୟତମ ବିଚାରକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଅଭୟ କୁମାର ବାରିକ କହିଥିଲେ, ଛାତ୍ର ଜୀବନରେ ଖବରକାଗଜ ଅଧ୍ୟୟନ ବିଶେଷ ପ୍ରଭାବ ପକାଇଥାଏ। ଖବରକାଗଜ ଭାଷା, ସାହିତ୍ୟ, ସଂସ୍କୃତିର ଏକ ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଗଣମାଧ୍ୟମ ଓ ଯୁବପିଢ଼ି ନିଜ ଦାୟିତ୍ୱ ପ୍ରତି ସଚେତନ ହେଲେ ଗଣତନ୍ତ୍ରକୁ ବଞ୍ଚାଇପାରିବେ। ବକ୍ତୃତା ପ୍ରତିଯୋଗିତାର ସଞ୍ଚାଳକ ମହାବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ତପନ ମିଶ୍ର କହିଥିଲେ, ଯୁବପିଢ଼ି ଜାଗ୍ରତ ହେଲେ ଗଣମାଧ୍ୟମ ଏବଂ ଗଣତନ୍ତ୍ରକୁ ନୂତନ ଦିଶା ଦେଇପାରିବେ। ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ପ୍ରତିଯୋଗିତାର ଆଭିମୁଖ୍ୟ ତଥା ଧରିତ୍ରୀ ୫୦ବର୍ଷର ଯାତ୍ରା, ଯୁବପିଢ଼ିଙ୍କ ଦାୟିତ୍ୱବୋଧ ଉପରେ କହିଥିଲେ। ଧରିତ୍ରୀର ଜଟଣୀ ପ୍ରତିନିଧି ରବୀନ୍ଦ୍ରନାଥ ମହାକୁଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସହସମ୍ପାଦକ ସୁଶାନ୍ତ ସାହୁ, ପ୍ରସାରଣ ବିଭାଗର ଅରବିନ୍ଦ ପାଢୀ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ଦାସ, ଅଧ୍ୟାପିକା ପରିମିତା ପ୍ରହରାଜ, ଅଧ୍ୟାପକ ଅନିଲ କୁମାର ନନ୍ଦ, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପ୍ରାଧ୍ୟାପକ ସମରେନ୍ଦ୍ର ମହାପାତ୍ର, ଅଧ୍ୟାପିକା କଳ୍ପନା କୁମାର ନାୟକ, ଅଧ୍ୟାପିକା ସୁପ୍ରଭା ସାହୁଙ୍କ ସମେତ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ବିଜେତାଙ୍କ ମୁଖରୁ...



ଗଣମାଧ୍ୟମ ଜନଗଣମାନଙ୍କ କଥା କହିଥାଏ। ସମାଜର ଜାଗ୍ରତ ପ୍ରହରୀଭାବେ ନିର୍ଭୀକ, ନିରପେକ୍ଷ ଖବର ଦେଇଥାଏ। ସାମ୍ପ୍ରତିକ ଯୁଗରେ ଗଣତନ୍ତ୍ର ପ୍ରତି ବହୁ ଆହ୍ୱାନ ରହିଛି। ଏହି ଆହ୍ୱାନକୁ ଆଜିର ଯୁବପିଢ଼ି ନିଜର ବଳିଷ୍ଠ ନେତୃତ୍ୱ ବଳରେ ଆଗକୁ ନେଇପାରିବେ। ଗଣମାଧ୍ୟମ ଓ ଯୁବପିଢ଼ି ଦାୟିତ୍ୱ ସମ୍ପନ୍ନ ହେଲେ ଗଣତନ୍ତ୍ର ସୁରକ୍ଷିତ ରହିପାରିବ। ଦେଶର ପ୍ରଗତିର ମାର୍ଗ ପ୍ରଶସ୍ତ ହୋଇପାରିବ।

**–ଅନୁଶ୍ରୀ ଜେନା, ପ୍ରଥମ**



ଭବିଷ୍ୟତର ଭାରତର ଏକ ପ୍ରମୁଖ ଶକ୍ତିଶାଳୀ ମାଧ୍ୟମ ହେଉଛନ୍ତି ଯୁବପିଢ଼ି। ଯିଏକି ନିଜର ଗଠନମୂଳକ ଚିନ୍ତାଧାରା ଦ୍ୱାରା ଦେଶକୁ ଉନ୍ନତି ପଥରେ ଆଗେଇ ନେବା ସହ ବଳିଷ୍ଠ ନେତୃତ୍ୱ ଦେଇପାରିବ। ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ସହ ଦେଶକୁ ପ୍ରଗତି ପଥରେ ଆଗେଇ ନେଇ ବିଶ୍ୱ ଗୁରୁ ଆସନରେ ବସାଇପାରିବ।

**–ଅଭୀପ୍‌ସା ବେହେରା, ଦ୍ୱିତୀୟ**



ଗଣତନ୍ତ୍ରର ଏକ ପ୍ରମୁଖ ଆଧାର ହେଉଛି ଭୋଟ। ଯୁବପିଢ଼ି ପ୍ରଲୋଭିତ ନ ହୋଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛନ୍ତୁ। କଷ୍ଟଲବ୍ଧ ଗଣତନ୍ତ୍ର ପ୍ରତି ଯୁବପିଢ଼ିଙ୍କ ଯଥେଷ୍ଟ ଦାୟିତ୍ୱ ରହିଛି। ଏଭଳି ପ୍ରତିନିଧିଙ୍କୁ ବାଛନ୍ତୁ, ଯିଏକି ସମାଜର ପ୍ରଗତିର ଏକ ଅଂଶ ହୋଇପାରିବ। ଜନଚେତନତାର ଏକ ବଳିଷ୍ଠ ମାଧ୍ୟମ ଗଣମାଧ୍ୟମ।

**–ମୋନାଲିସା ଦାସ, ତୃତୀୟ**


ରାଜଲକ୍ଷ୍ମୀ ମହାରଣା


ଲିପ୍ସାରାଣୀ ସାହୁ


ଶର୍ମିଷ୍ଠା ପାତ୍ର


ସ୍ୱର୍ଣ୍ଣମୟୀ ରାଉତରାୟ


ଅନୁପମା ସାମନ୍ତରାୟ


ସୌମ୍ୟାରାଣୀ ପଟ୍ଟନାୟକ


ସତ୍ୟସନ୍ଧାନ ପରିଡ଼ା


ପ୍ରିୟଦର୍ଶିନୀ ସାହାଣୀ


ପୁଷ୍ପଲତା ଦାସ


ଶର୍ମିଷ୍ଠା ମହାରଣା


ଲକ୍ଷ୍ମୀ କୁମାରୀ ଖ୍ୟାତିକ୍


ଶ୍ରାବଣୀ ବେହେରା

# ୩୫୦ କୋଟି ଟଙ୍କା ଖର୍ଚ୍ଚକରି ୨.୫ ଲକ୍ଷ ପ୍ରାର୍ଥୀଙ୍କୁ କୁଶଳୀ କରାଯିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୮।୮(ସୁଜିତ୍ ମିଶ୍ର)

ଦକ୍ଷତା ବିକାଶ ଓ ଉଦ୍ୟମିତା କ୍ଷେତ୍ରରେ ଉତ୍ତର-ପୂର୍ବ ରାଜ୍ୟ ସମୂହର ଯୁବତୀଯୁବକଙ୍କ ଜୀବନଶୈଳୀ ପରିବର୍ତ୍ତନ ଏବଂ ଭବିଷ୍ୟତ ଗଠନ ପାଇଁ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ସ୍ୱତନ୍ତ୍ର ଯୋଜନାର ଶୁଭାରମ୍ଭ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଏହି ଯୋଜନାରେ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୩୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨.୫ ଲକ୍ଷ ପ୍ରାର୍ଥୀଙ୍କୁ କୁଶଳୀ କରାଯିବ। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା(ପିଏମ୍‌କେଭିୱାଇ)ରେ ମଧ୍ୟ ୨ ଲକ୍ଷ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆଗାମୀ ଦିନରେ ୧ ହଜାର କୋଟି ଟଙ୍କା ଖର୍ଚ୍ଚକରି ଏହି ରାଜ୍ୟର ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧିକରି ସେମାନଙ୍କୁ ଉଦ୍ୟୋଗୀ କରିବା ସହ ନିଯୁକ୍ତି ଦିଆଯିବାର ଯୋଜନା ହେବ। ସମସ୍ତଙ୍କୁ ଅପ୍ ସ୍କିଲ୍, ରି-ସ୍କିଲ୍ ଓ ଜୀବନବ୍ୟାପୀ ଶିକ୍ଷାରେ ଯୋଡିବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଉପସାଗରୀୟ ଦେଶ ସମେତ ଅନେକ ବିକଶିତ ରାଷ୍ଟ୍ରରେ ଭାରତର ନେଟ୍‌ୱାର୍କ ବ୍ୟାପକ ହେବାରେ ଲାଗିଛି। ସ୍ୱାସ୍ଥ୍ୟସେବା ଓ ପାରାମେଡିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ଆମ ଦେଶର ଛାତ୍ରୀଛାତ୍ରଙ୍କୁ ସେହି ସ୍ଥାନକୁ ପଠାଯାଇ ସେମାନଙ୍କୁ କୁଶଳୀ କରାଯାଉଛି। ଆମ ଦେଶର ପ୍ରତିଭା ଭାରତ ଓ ବିଶ୍ୱର ଆବଶ୍ୟକତାରେ ଉପଯୋଗ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏଭଳି ଯୋଜନା କରାଯାଉଛି। ଆଗାମୀ ଦିନରେ ଭାରତ ବିଶ୍ୱର ଦକ୍ଷତା କ୍ଷେତ୍ରର ରାଜଧାନୀ ହେବ। ଦେଶରେ ବେରୋଜଗାରିକୁ ହଟାଇବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ସହ ସମସ୍ତଙ୍କୁ ଆତ୍ମନିର୍ଭର କରିବାକୁ ପଡ଼ିବ। ଦକ୍ଷତା ବିକାଶ ଦ୍ୱାରା ଏହି ଲକ୍ଷ୍ୟ ପୂରଣ କରିବା ଅସମ୍ଭବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ, ରାଜୀବ ଚନ୍ଦ୍ରଶେଖର ଉପସ୍ଥିତ ଥିଲେ।



# ୩ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ସୁରଟରେ ସଡ଼କ ଦୁର୍ଘଟଣା**

ଆସିକା(ସୁରେନ୍ଦ୍ର ନାଥ ସାହୁ)/ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢ଼ୀ),୮।୮

ଗୁଜରାଟ ସୁରଟର ଆମ୍ରୋଲି ଥାନା ଅଞ୍ଚଳରେ ଗତ ରବିବାର ହୋଇଥିବା ଏକ ସଡ଼କ ଦୁର୍ଘଟଣାରେ ୩ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ମିଥୁନ ଡାକୁଆ, ମାମୁଡିହ ଗ୍ରାମର ଶରତ ନାୟକ ଓ ରିଷିପୁର ଗ୍ରାମର ଅକ୍ଷୟ ସ୍ୱାଇଁ। ଗୁରୁତର ଆହତ କମାଗଡ ଗ୍ରାମର ଦିନେଶ ବେହେରା ସେଠାକାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ପ୍ରକାଶ ଯେ, ୪ ଯୁବକ ସୁରଟ କୋସାଡ଼ର ଆବାସ କଲୋନୀରେ ରହୁଥିଲେ। ସମସ୍ତେ ସୂତାକଳରେ କାମ କରୁଥିଲେ। ଗତ ରବିବାର ବନ୍ଧୁତ୍ୱ ଦିବସ ଅବସରରେ ସମସ୍ତେ ଏକ ଅଟୋରିକ୍ସାରେ ଅଞ୍ଜଳି ଶିଳ୍ପାଞ୍ଚଳକୁ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଫେରୁଥିବା ବେଳେ ଅଟୋରିକ୍ସାଟି ଭାରସାମ୍ୟ ହରାଇ ସମ୍ମୁଖ ପଟୁ ଆସୁଥିବା ଅନ୍ୟ ଏକ ଗାଡ଼ି ସହିତ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ମିଥୁନଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅକ୍ଷୟ ଏବଂ ଶରତଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୃତକଙ୍କ ପରିବାରବର୍ଗ ଭାଙ୍ଗି ପଡ଼ିଛନ୍ତି। ସେଠାରେ ରହୁଥିବା ପରିବାର ଓ ସମ୍ପର୍କୀୟଙ୍କ ଉପସ୍ଥିତିରେ ୩ ଜଣଙ୍କ ମୃତଦେହ ସତ୍କାର କରାଯାଇଛି। ଆମ୍ରୋଲି ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

**Government of Odisha**
**Higher Education Department**

**Revised Timeline for e-Admission into U.G. Courses under SAMS in the Higher Education Institutions for the Academic Session 2023-24**

**No.N-51:** Revised timeline for e-Admission in all (+3) Degree Colleges including Self Financing (Degree) Colleges/ Sanskrit (Shastri) of the State under Student Academic Management System (SAMS) is given below. Any changes in the timeline will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) for the below mentioned activities.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats **(for Third Round Selection)** | **12-Aug-2023 (02:00 PM)** |
| 2 | Selection of **Slide/ Freeze/ Float Option** and **Online payment** of admission fees by the selected students through SAMS **[Student's Account]** portal | **12-Aug-2023 (7:00 PM) to 16-Aug-2023 (11-.45PM)** |
| 3 | Reporting of applicants at allotted institutions for taking admission **(for Third Round Selection)** | **14-Aug-2023 (9:00 AM) to 17-Aug-2023 (5:00 PM) (Except Holiday)** |
| 4 | Data updation of admitted students in the e-space by the respective Institutions **(for Third Round Admission)** | **14-Aug-2023 (9:00 AM) to 1 7-Aug-2023 (7:00 PM) (Except Holiday)** |
| 5 | Publication of Provisional Allotment of Seats **(for Fourth Round Selection)** | **24-Aug-2023 (02:00 PM)** |
| 6 | Selection of **Freeze Option** and **Online payment** of admission fees by the selected students through SAMS **[Student's Account]** portal | **24-Aug-2023 (7:00PM) to 27-Aug-2023 (11:45PM)** |
| 7 | Reporting of applicants at allotted institutions for taking admission **(for Fourth Round Selection)** | **25-Aug-2023 (9:00 AM) to 28-Aug-2023 (5:00 PM) (Except Holiday)** |
| 8 | Data updation of admitted students in the e-space by the respective Institutions **(for Fourth Round Admission)** | **25-Aug-2023 (9:00 AM) to 28-Aug-2023 (7:00PM) (Except Holiday)** |
| 9 | Commencement of 1st year U.G. Classes **(for freshly admitted students)** | **21-Aug-2023** |

**Important Notice**

- 4th Round of Selection will be treated as the last round of selection process for Phase-I admission. No Slide/Float option will be provided in the last (4th) round of selection.
- Applicants, who have chosen the Slide & Float option will be automatically freezed in the 4th round. Such applicants are advised to click on the “Freeze” option and report at their selected HEIs after downloading the Intimation Letter otherwise they will be out of the Phase-I admission process.

**For More details Please Contact:e-Admission Helpline (Toll Free) Number 155335/1800-345-6770**

**Sd./- Deputy Director, PTC Section**

**Government of Odisha**
**Higher Education Department**

**Revised Timeline for e-admission into P.G. Courses under SAMS in the State Public Universities and Colleges for the Academic Session 2023-24**

The revised timeline for e-Admission into P.G. Courses for the session 2023-24 in the State Public Universities and Colleges with P.G. Courses under project ‘Student Academic Management System (SAMS)’ is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for admission into P.G. Courses is available in the said website. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats **(for Second Round Selection)** | 09-Aug-2023 (06:00 PM) |
| 2 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 10-Aug-2023(10:00AM) to 14-Aug-2023(11:45PM) |
| 3 | Reporting of applicants at allotted institutions for taking admission **(for Second Round Selection)** | 11 -Aug-2023 (09:00 AM) to 16-Aug-2023 (05:00 PM) (Except Holiday) |
| 4 | Data updation of admitted students in the e-space **(for Second Round Admission)** by the respective Institutions | 11 -Aug-2023 (09:00 AM) to 16-Aug-2023 (07:00 PM) (Except Holiday) |
| 5 | Publication of Provisional Allotment of Seats **(for Third Round Selection)** | 22-Aug-2023 (02:00 PM) |
| 6 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 22-Aug-2023 (07:00 PM) to 24-Aug-2023(11:45PM) |
| 7 | Reporting of applicants at allotted institutions for taking admission **(for Third Round Selection)** | 23-Aug-2023 (09:00 AM) to 25-Aug-2023 (05:00 PM) |
| 8 | Data updation of admitted students in the e-space **(for Third Round Admission)** by the respective Institutions | 23-Aug-2023 (09:00 AM) to 25-Aug-2023 (07:00 PM) |
| 9 | Publication of Provisional Allotment of Seats **(for Fourth Round Selection)** | 31 -Aug-2023 (02:00 PM) |
| 10 | Selection of **Slide-up/ Freeze/ Float Option** and **Online payment** of admission fees by students through SAMS **[Student's Account]** portal | 31 -Aug-2023 (07:00 PM) to 03-Sept-2023(11:45PM) |
| 11 | Reporting of applicants at allotted institutions for taking admission (for Fourth Round Selection) | 01-Sep-2023(09:00 AM) to 04-Sep-2023 (05:00 PM) (Except Holiday) |
| 12 | Data updation of admitted students in the e-space (for Fourth Round Admission) by the respective Institutions | 01-Sep-2023(09:00 AM) to 04-Sep-2023 (07:00 PM) (Except Holiday) |
| 13 | Commencement of 1st year P.G. Classes (for freshly admitted students) | 21-Aug-2023 |

**For more details please contact: e-Admission Helpline (Toll Free) Number 155335/1800-345-6770**

**Important Notice**

- The candidates, who have chosen the **“Freeze”** option are only required to visit the selected HEIs to complete the admission process.
- The candidates, who have chosen the **Slide/Float** option are not required to visit the selected HEIs as they will not get the **Intimation letter**. **Once the applicant has chosen the Slide/Float option, it will be continued for the further round of selections**. In each round the **“Slide/Float”** option will not be shown to such applicants.
- **4th Round of Selection** will be treated as the last round of admission process for Phase-I admission process. No Slide/Float option will be provided in the last(4th) round of selection.
- Applicants, **who have chosen the Slide & Float option** will be **automatically freezed** in the 4th round. Such applicants are advised to click on the “ Freeze” option and report at their selected HEIs after downloading the Intimation Letter **otherwise they will be out of the Phase-I Admission process.**

OIPR-11001/11/0016/2324

**Sd./- Deputy Director, PTC Section**

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ

**ଚାଇନାର ଚେଙ୍ଗଡୁଠାରେ ସୋମବାର ଶେଷ ହୋଇଛି ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୩୧ତମ ସଂସ୍କରଣ। ଏଥିରେ ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୨୬ଟି ପଦକ ହାସଲ କରିଛି। ପୂର୍ବରୁ କୌଣସି ଗୋଟିଏ ସଂସ୍କରଣରେ ଯେ କେବଳ ଭାରତ ଏତେ ସଂଖ୍ୟକ ପଦକ ପାଇ ନ ଥିଲା ତା ନୁହେଁ ୨୦୨୨ ପର୍ଯ୍ୟନ୍ତ ସବୁ ସଂସ୍କରଣକୁ ମିଶାଇଲେ ମଧ୍ୟ ପଦକ ସଂଖ୍ୟା ୨୧ରେ ସୀମିତ ଥିଲା।**

## ଭାରତର ପଦକ ବିଜେତା

| ଆଥଲେଟ୍ | ସ୍ପୋର୍ଟ | ଇଭେଣ୍ଟ | ପଦକ |
|---|---|---|---|
| ମନୁ ଭାକର | ଶୁଟିଂ | ମହିଳା ୧୦ ମିଟର ଏୟାର ପିସ୍ତଲ | ସ୍ୱର୍ଣ୍ଣ |
| ଇଲାଭେନିଲ ଭାଲାରିଭାନ | ଶୁଟିଂ | ମହିଳା ୧୦ ମିଟର ଏୟାର ରାଇଫଲ | ସ୍ୱର୍ଣ୍ଣ |
| ମନୁଭାକର, ଅଭିଦନ୍ୟା ଅଶୋକ ପାଟିଲ ଓ ଯଶସ୍ୱିନୀ ସିଂ ଦେସୱାଲ | ଶୁଟିଂ | ମହିଳା ୧୦ ମିଟର ଏୟାର ପିସ୍ତଲ ଟିମ୍ | ସ୍ୱର୍ଣ୍ଣ |
| ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର | ଶୁଟିଂ | ପୁରୁଷ ୫୦ ମିଟର ରାଇଫଏ ୩ପି | ସ୍ୱର୍ଣ୍ଣ |
| ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର | ଶୁଟିଂ | ପୁରୁଷ ୧୦ ମିଟର ଏୟାର ରାଇଫଲ | ସ୍ୱର୍ଣ୍ଣ |
| ଅର୍ଜ୍ଜୁନ ବବୁତା, ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ଓ ଦିବ୍ୟାଂଶ ସିଂ ପନୱାର | ଶୁଟିଂ | ପୁରୁଷ ୧୦ ମିଟର ଏୟାର ରାଇଫଲ ଟିମ୍ | ସ୍ୱର୍ଣ୍ଣ |
| ଆଶି ଚୌକସେ, ମାନିନି କୌଶିକ ଓ ସିଫ୍ଟ କୁମାର ଶର୍ମା | ଶୁଟିଂ | ମହିଳା ୫୦ ମିଟର ରାଇଫଲ ୩ପି ଟିମ୍ | ସ୍ୱର୍ଣ୍ଣ |
| ସିଫ୍ଟ କୁମାର ଶର୍ମା | ଶୁଟିଂ | ମହିଳା ୫୦ ମିଟର ରାଇଫଲ ୩ପି | ସ୍ୱର୍ଣ୍ଣ |
| ଅମନ ସଇନି ଓ ପ୍ରଗତି | ଆର୍ଚେରୀ | ମିକ୍ସଡ କମ୍ପାଉଣ୍ଡ ଟିମ୍ | ସ୍ୱର୍ଣ୍ଣ |
| ଅଭନିତ କୌର | ଆର୍ଚେରୀ | ମହିଳା କମ୍ପାଉଣ୍ଡ | ସ୍ୱର୍ଣ୍ଣ |
| ସଙ୍ଗମପ୍ରୀତ ସିଂ ବିସ୍‌ଲା | ଆର୍ଚେରୀ | ପୁରୁଷ କମ୍ପାଉଣ୍ଡ | ସ୍ୱର୍ଣ୍ଣ |
| ଅଭନିତ କୌର, ପୂର୍ବାଶା ଓ ପ୍ରଗତି | ଆର୍ଚେରୀ | ମହିଳା କମ୍ପାଉଣ୍ଡ ଟିମ୍ | ରୌପ୍ୟ |
| ବିଜୟବୀର ସିଦ୍ଧୁ, ଉଦୟବୀର ସିଦ୍ଧୁ ଓ ଆଦର୍ଶ ସିଂ | ଶୁଟିଂ | ପୁରୁଷ ୨୫ ମିଟର ପିସ୍ତଲ ରାପିଡ ଫାୟାର ଟିମ୍ | ରୌପ୍ୟ |
| ଦିବ୍ୟାଂଶ ସିଂ ପନୱାର | ଶୁଟିଂ | ପୁରୁଷ ୧୦ ମିଟର ଏୟାର ରାଇଫଲ | ରୌପ୍ୟ |
| ଇଲାଭେନିଲ ଭାଲାରିଭାନ ଓ ଦିବ୍ୟାଂଶ ସିଂ ପନୱର | ଶୁଟିଂ | ମିକ୍ସଡ ୧୦ ମିଟର ଏୟାର ରାଇଫଲ ଟିମ୍ | ରୌପ୍ୟ |
| ଆଶି ଚୌକସେ | ଶୁଟିଂ | ମହିଳା ୫୦ ମିଟର ରାଇଫଲ ୩ପି | ରୌପ୍ୟ |
| ଅମନ ସଇନୀ, ରିଶବ ଯାଦବ ଓ ସଙ୍ଗମପ୍ରୀତ ସିଂ ବିସ୍‌ଲା | ଆର୍ଚେରୀ | ପୁରୁଷ କମ୍ପାଉଣ୍ଡ ଟିମ୍ | ବ୍ରୋଞ୍ଜ |
| ରୀତା ସାୱାୟାନ, ସଙ୍ଗୀତା ଓ ତନିଶା ବର୍ମା | ଆର୍ଚେରୀ | ମହିଳା ରିକର୍ଭ ଟିମ୍ | ବ୍ରୋଞ୍ଜ |
| ଅମନ ସଇନୀ | ଆର୍ଚେରୀ | ପୁରୁଷ କମ୍ପାଉଣ୍ଡ | ବ୍ରୋଞ୍ଜ |
| ସର୍ତାଜ ସିଂ ତିୱାନା, ସୂର୍ଯ୍ୟ ପ୍ରତାପ ସିଂ ଓ ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର | ଶୁଟିଂ | ପୁରୁଷ ୫୦ ମିଟର ରାଇଫଲ ୩ପି ଟିମ୍ | ବ୍ରୋଞ୍ଜ |
| ବରୁଣ ତୋମାର, ଅର୍ଜ୍ଜୁନ ସିଂ ଚିମା ଓ ଅନମୋଲ ଜୈନ | ଶୁଟିଂ | ପୁରୁଷ ୧୦ ମିଟର ଏୟାର ପିସ୍ତଲ ଟିମ୍ | ବ୍ରୋଞ୍ଜ |
| ଯାମିନି ମୌର୍ଯ୍ୟ | ଜୁଡୋ | ମହିଳା ୫୭ କେଜି | ବ୍ରୋଞ୍ଜ |
| ଭବାନୀ ଯାଦବ | ଆଥଲେଟିକ୍ସ | ମହିଳା ଲଙ୍ଗଜମ୍ପ | ବ୍ରୋଞ୍ଜ |
| ଜ୍ୟୋତି ଆରାଜି | ଆଥଲେଟିକ୍ସ | ମହିଳା ୧୦୦ ମିଟର ହର୍ଡଲ୍ସ | ବ୍ରୋଞ୍ଜ |
| ଅମ୍ଲାନ ବୋରଗୋହେନ | ଆଥଲେଟିକ୍ସ | ପୁରୁଷ ୨୦୦ ମିଟର ରେସ୍ | ବ୍ରୋଞ୍ଜ |
| ପ୍ରିୟଙ୍କା ଗୌସ୍ୱାମୀ, ମାନସି ନେଗି ନିକିତା ଲାମ୍ବା ଓ ପୂଜା କୁମାୱତ | ଆଥଲେଟିକ୍ସ | ମହିଳା ୨୦୦ ମିଟର ରେସ୍ ୱାକ୍ ଟିମ୍ | ବ୍ରୋଞ୍ଜ |


ମନୁ ଭାକର



ଜ୍ୟୋତି ୟାରାଜି

ଚାଇନାର ଚେଙ୍ଗଡୁଠାରେ ସୋମବାର ଶେଷ ହୋଇଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୨୬ଟି ପଦକ ହାସଲ କରିଛି। ପୂର୍ବରୁ କୌଣସି ଗୋଟିଏ ସଂସ୍କରଣରେ ଯେ କେବଳ ଭାରତ ଏତେ ସଂଖ୍ୟକ ପଦକ ପାଇ ନ ଥିଲା ତା ନୁହେଁ ୨୦୨୨ ପର୍ଯ୍ୟନ୍ତ ସବୁ ସଂସ୍କରଣକୁ ମିଶାଇଲେ ମଧ୍ୟ ପଦକ ସଂଖ୍ୟା ୨୧ରେ ସୀମିତ ଥିଲା। ଏହା ମଧ୍ୟରେ ୬ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୯ ବ୍ରୋଞ୍ଜ ସାମିଲ ଥିଲା। ମାତ୍ର ଏଥର ଭାରତୀୟ ପ୍ରତିଯୋଗୀମାନେ ୧୧ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୦ ବ୍ରୋଞ୍ଜ ପଦକ ହାସଲ କରି ଐତିହାସିକ ସଫଳତା ପାଇଛନ୍ତି। ୨୦୨୩ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସକୁ ଭାରତ ୨୫୬ ଆଥଲେଟ୍ ପଠାଇଥିଲା। ଇଭେଣ୍ଟ ଦୃଷ୍ଟିରୁ ଦେଖିବାକୁଗଲେ ଭାରତର ସବୁଠାରୁ ନିମ୍ନ ପ୍ରଦର୍ଶନ ଆଥଲେଟିକ୍ସ ଇଭେଣ୍ଟରେ ହୋଇଛି। ଭାରତୀୟ ପ୍ରତିନିଧି ଦଳର ସର୍ବାଧିକ ୮୨ ପ୍ରତିଯୋଗୀ ଆଥଲେଟିକ୍ସ ଇଭେଣ୍ଟରେ ଭାଗ ନେଇଥିଲେ। ମାତ୍ର ଦଳକୁ ମାତ୍ର ୪ଟି ବ୍ରୋଞ୍ଜ ପଦକ ମିଳିଥିଲା। ୨୧ ସଦସ୍ୟ ବିଶିଷ୍ଟ ଶୁଟିଂ ଦଳ ସବୁଠାରୁ ଭଲ ପ୍ରଦର୍ଶନ କରି ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେହିପରି ତୀରନ୍ଦାଜମାନେ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ଜିତି ଦେଶକୁ ଗର୍ବିତ କରିଥିଲେ। ଜୁଡୋରୁ ଗୋଟିଏ ବ୍ରୋଞ୍ଜ ପଦକ ମିଳିଥିଲା। ଚାଇନା ୧୭୮ ପଦକ ପାଇ ତାଲିକାର ଶୀର୍ଷରେ ରହିଛି। ଏହା ମଧ୍ୟରେ ୧୦୩ ସ୍ୱର୍ଣ୍ଣ, ୪୦ ରୌପ୍ୟ ଓ ୩୫ ବ୍ରୋଞ୍ଜ ପଦକ ସାମିଲ। ଜାପାନ ୯୩ (୨୧ ସ୍ୱର୍ଣ୍ଣ, ୨୯ ରୌପ୍ୟ, ୪୩ ବ୍ରୋଞ୍ଜ) ଓ ଦକ୍ଷିଣ କୋରିଆ ୫୮ (୧୭ ସ୍ୱର୍ଣ୍ଣ, ୧୮ ରୌପ୍ୟ, ୨୩ ବ୍ରୋଞ୍ଜ) ପଦକ ସହ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି।

ଭାରତୀୟ ଦଳରେ ଜ୍ୟୋତି ୟାରାଜି, ମନୁ ଭାକର ଓ ତେଜସ୍ୱିନୀ ଶଙ୍କର, ଅମ୍ଲାନ ବୋରଗୋହେନ, ପ୍ରିୟଙ୍କା ଗୋସ୍ୱାମୀ, ଶ୍ରୀହରି ନଟରାଜଙ୍କପରି ତାରକା ଆଥଲେଟ୍ ସାମିଲ ଥିଲେ। ୧୮ ବର୍ଷୀୟା ବ୍ୟାଡ୍‌ମିଣ୍ଟନ ଖେଳାଳି ତନିଶା ସିଂ ପ୍ରତିନିଧି ଦଳର ସର୍ବକନିଷ୍ଠ ସଦସ୍ୟା ରହିଥିଲେ। ୨୦୨୩ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୧୮ଟି ଭିନ୍ନ କ୍ରୀଡ଼ାର ୨୬୯ଟି ପଦକ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଭାରତୀୟ ପ୍ରତିଯୋଗୀମାନେ ୧୧ଟି କ୍ରୀଡ଼ାରେ ଭାଗ ନେଇଥିଲେ। ଏହି କ୍ରୀଡ଼ା ଗୁଡ଼ିକ ହେଲା ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଫେନ୍‌ସିଂ, ଜୁଡୋ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ଟାଏକୋଣ୍ଡୋ, ଟେନିସ ଓ ଭଲିବଲ। ଜୁଲାଇ ୨୮ରେ ଆରମ୍ଭ ହୋଇଥିବା ଏହି ଗେମ୍ସଥିଲା ପ୍ରତିଯୋଗିତାର ୩୧ତମ ସଂସ୍କରଣ। କୋଭିଡ-୧୯ ମହାମାରୀ ପାଇଁ ୨୦୨୧ ସଂସ୍କରଣ ସ୍ଥଗିତ ରହିଥିଲା। ୨୦୧୯ରେ ପ୍ରତିଯୋଗିତାର ପୂର୍ବ ସଂସ୍କରଣ ଇଟାଲିର ନାପ୍ଲେସରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ ବ୍ରୋଞ୍ଜ ଏହିପରି ମୋଟ ୪ ପଦକ ପାଇଥିଲା। ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ମହିଳା ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଅନ୍ୟ ୩ଟି ପଦକ ଶୁଟିଂରୁ ଆସିଥିଲା। ପ୍ରଥମ ସଂସ୍କରଣ ଅର୍ଥାତ୍ ୧୯୫୯ରୁ ଭାରତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଆସୁଛି।

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

**ପ୍ରସ୍ତୁତି: ତପନ ସ୍ୱାଇଁ**

## ପଦକ ତାଲିକା (ଟପ୍ ୧୦)

| ର୍ୟାଙ୍କ୍ | ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|---|
| ୧ | ଚାଇନା | ୧୦୩ | ୪୦ | ୩୫ | ୧୭୮ |
| ୨ | ଜାପାନ | ୨୧ | ୨୯ | ୪୩ | ୯୩ |
| ୩ | କୋରିଆ | ୧୭ | ୧୮ | ୨୩ | ୫୮ |
| ୪ | ଇଟାଲି | ୧୭ | ୧୮ | ୨୧ | ୫୬ |
| ୫ | ପୋଲାଣ୍ଡ | ୧୫ | ୧୬ | ୧୨ | ୪୩ |
| ୬ | ତୁର୍କୀ | ୧୧ | ୧୨ | ୧୨ | ୩୫ |
| ୭ | ଭାରତ | ୧୧ | ୫ | ୧୦ | ୨୬ |
| ୮ | ଚାଇନିଜ ତାଇପେ | ୧୦ | ୧୭ | ୧୯ | ୪୬ |
| ୯ | ଲିଥୁଆନିଆ | ୬ | ୪ | ୨ | ୧୨ |
| ୧୦ | ଫ୍ରାନ୍ସ | ୫ | ୮ | ୧୦ | ୨୩ |

## ହର୍ମାନ ଭାରତୀୟ ଜୁନିୟର ହକି କୋଚ୍

**ନୂଆଦିଲ୍ଲୀ, ୮।୮ (ପି.ଟି.):** ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ଓ ମହିଳା ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହାକୁ ନଜରରେ ରଖି ହକି ଇଣ୍ଡିଆ ମଙ୍ଗଳବାର ନେଦରଲାଣ୍ଡର ହର୍ମାନ କ୍ରୁଇଜ୍‌ଙ୍କୁ ଉଭୟ ଜାତୀୟ ଜୁନିୟର ପୁରୁଷ ଓ ମହିଳା ଦଳର କୋଚ୍ ଭାବେ ନିଯୁକ୍ତି ଦେଇଛି। କ୍ରୁଇଜ୍ ହେଉଛନ୍ତି ଜଣେ ସଫଳ କୋଚ୍। ଡଚ୍ କ୍ଲବ ଡେନ୍ ବୋସକ୍ ଲେଡିଜ୍‌କୁ ସେ ଟ୍ରେନିଂ ଦେଇଛନ୍ତି। ଏହାଛଡ଼ା ସେ ୨୦୦୬-୦୮ ମଧ୍ୟରେ ନେଦରଲାଣ୍ଡ ମହିଳା ଇନ୍‌ଡୋର ହକି ଟିମ୍ ଏବଂ ୨୦୦୮-୧୦ ମଧ୍ୟରେ ଡଚ୍ ଆଉଟଡୋର ଟିମ୍‌କୁ କୋଚିଂ ଦେଇଛନ୍ତି। ନିକଟରେ ସେ ୨୦୧୬-୨୩ ମଧ୍ୟରେ ବେଲାରୁଷ ଇନ୍‌ଡୋର ଓ ଆଉଟଡୋର୍ କୋଚ୍ ଦାୟିତ୍ୱ ତୁଲାଇଛନ୍ତି। ସେ ହେଉଛନ୍ତି ଜଣେ ଏଫଆଇଏଚ୍ ସାର୍ଟିଫିକେଟଧାରୀ ଏଜୁକେଟର। ତାଙ୍କର ଏହି ନିଯୁକ୍ତକୁ ନେଇ ସେ ଖୁସି ବ୍ୟକ୍ତ କରିଛନ୍ତି। ଭାରତର ଉଭୟ ଜୁନିୟର ଓ ସିନିୟର ଦଳରେ କିଛି ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ବିଶ୍ୱକପ୍ ପର୍ଯ୍ୟନ୍ତ ୪ ମାସ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି କ୍ରୁଇଜ୍‌ଙ୍କ ଅଭିଜ୍ଞତା ଭାରତୀୟ ଜୁନିୟର ଦଳ ପାଇଁ ଉପଯୋଗୀ ହେବ।

## ଶୋଆନ, ଅନୁପ୍ରିୟାଙ୍କୁ ପଦକ

**ନୂଆଦିଲ୍ଲୀ, ୮।୮ (ପି.ଟି.):** ତ୍ରିନବାଗୋଠାରେ ଚାଲିଥିବା ୟୁଥ୍ କମନୱେଲ୍‌ଥ ଗେମ୍ସରେ ଭାରତର ଶୋଆନ ଗାଙ୍ଗୁଲି ଓ ଅନୁପ୍ରିୟା ଭାଲିୟତ ସାସି ଯଥାକ୍ରମେ ବାଳକ ୪୦୦ମିଟର ବ୍ୟକ୍ତିଗତ ମିଡ୍‌ଲେ ସୁଇମିଂ ଇଭେଣ୍ଟ ଏବଂ ବାଳିକା ଶଟ୍‌ପୁଟ୍‌ରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଗାଙ୍ଗୁଲି ଶ୍ରେଷ୍ଠ ଭାରତୀୟ ଟାଇମିଂ ୪:୨୫.୪୭ ସହ ଇଂଲଣ୍ଡର ରିସି ଗ୍ରାଡି (୪:୨୪:୧୬)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବାଳିକା ଶଟ୍‌ପୁଟ୍‌ରେ ଅନୁପ୍ରିୟା ତାଙ୍କ ତୃତୀୟ ପ୍ରୟାସରେ ଆଇରନ ବଲ୍‌କୁ ୧୫.୬୨ମିଟର ଦୂର ଫିଙ୍ଗି ତୃତୀୟ ସ୍ଥାନ ଅଧିକାର କରିଥିଲେ।


# Classified Everyday

**0674-2580101, 2549949**




**GROOM WANTED**

60 ବୟସ୍କା Govt. ଚାକିରିଆ Retd. ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। (Urgent required). 9040735426. D-0979

47 ବର୍ଷର ମହିଳା Govt. Hospitalରେ Nurse ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ନିମନ୍ତେ ଯୋଗାଯୋଗ କରନ୍ତୁ। 7656973285. D-0980




**SALE**

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

Duplex sale at Bhubaneswar @57 Lakhs only. Contact-9777433701. D-74898

ତୁରନ୍ତ ଘର କରିବା ନିମନ୍ତେ ପୁରୀ ମାଳତୀପାଟପୁର, ଭୁବନେଶ୍ୱର ବାଲିଅନ୍ତା, କଟକ ୪୨ ମୌଜାରେ ପ୍ଲଟ୍ ମିଳୁଅଛି। ବିଦ୍ୟୁତ୍ ସହିତ ପଥର ପାଚେରି, ଷ୍ଟ୍ରିଟ୍ ଲାଇଟ୍, କଂକ୍ରିଟ୍ ରାସ୍ତାର ସୁବିଧା ଅଛି। **7326085483.** D-1010

**Residential cum commercial plot 6KM. from Phulnakhara, from Bhubaneswar 11KM. 3500sqft. 7809525452.** D-75022

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

ଭୁବନେଶ୍ୱର-ଖୋର୍ଦ୍ଧା। ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ **30' ରୋଡ୍,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

ଭୁବନେଶ୍ୱର ହଂସପାଳ ଛକରୁ 8K.M. ଦୂରତାରେ ଭିଙ୍ଗାରପୁର ପାଖରେ ଘରବାରି ବାଉଣ୍ଡାରୀ ପ୍ଲଟ୍ ମିଳୁଛି। 8093465134, 9668194157. D-75201

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Spa Kerala body massage only best Therapist @699/- Bhubaneswar. 9337672475. D-0965

All types of professional body massage by professional therapy, contact 7077933109/ 9556924059/ 8658803018. D-1000

Newly open SPA positively health benefits with expert therapist. 7849011931. D-75141

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75017

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Newly Healthcare benefited SPA experience therapist in Bhubaneswar. Please visit this SPA. 7749034655. D-75132

Newly opened (One8 Spa)/(Salon Service) with expert therapist, 9938843929. D-75137

**AFFIDAVIT**

By virtue of an affidavit (No- 443, dtd. 31/07/2023) before the Notary Public, Kendrapara, That I, Soltana Begum, W/o- Noor Mohammad Khan, R/o At- Baulapada, Po- Palasingha, Ps- Pattamundai, Dist- Kendrapara, Pin-754222, Odisha. I have changed my name from Sultana Bibi and Soltana khanam to Soltana Begum for all future purposes. D-71686

By virtue of an affidavit (No- 442, dtd. 31/07/2023) before the Notary Public, Kendrapara, That I, Noor Mohammad Khan, S/o-Late Gulab Khan R/o At- Baulapada, Po- Palasingha, Ps- Pattamundai, Dist- Kendrapara, Pin-754222, Odisha. I have changed my name from Noor Mohammad and Noor Mohammed Khan to Noor Mohammad Khan for all future purposes. D-71687

I, Simanchal Panda, S/o- Late Udayanath Panda, resident of No. 55-A, Kharvel Nagar, Behind Ram Mandir, Bhubaneswar, 751001, Odisha declare by this affidavit61AA795628 dated 08/08/23 that now onwards I shall be known as SIMANCHALA PANDA for all future purposes. D-71688

By virtue of an affidavit sworn before the Executive Magistrate, Panposh Uditnagar, Rourkela, I Gorachand Pati at present residing at Qrs. No.-HIG-B/151, Phase-II, Kalinga Vihar, Chhend P.O.- Rourkela-15, Dist.- Sundargarh declare that my recorded name is Gorachand Pati and my nick name is Gangadhar Pati. In postal Kisan Vikas Patra vide KVP No.-35 CE 179502 and SL. No.-2020 dtd. 16.01.2015, Regd. No.-2454 my name has been entered as Gangadhar Pati. That both the names belongs to one and same person. D-1012

**Email** ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Subrat Mohapatra, S/o- Late Satyabadi Mohapatra, At/P.O.- Khalari, P.S.- Angul Sadar, Dist.- Angul, Odisha, PIN- 759132 declare by this affidavit No.-3278 dt. 08.08.2023 that now onwards I shall be known as Subrat Kumar Mohapatra for all future purposes. D-1009

My Self Smaranika Priyadarshini Nayak Aged 24 Years, D/o- Kabiraj Nayak DDL-1048, 2nd Phase, Dumduma, Bhubaneswar-751019. By Virtue of Affidavit No-59AA879706, Date-07.08.2023. I Want to Change My Name of Spelling Priyadarsini to Priyadarshini. Henceforth, I Shall be Known as Smaranika Priyadarshini Nayak for all Purposes. D-1007

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I Sri Pradeep Kumar Moharana, Son of Sri Jayakrushna Moharana, resident of Plot No.1754, Lingipur, P.O.- Sisupalgarh, P.S.-Dhauli, Dist.- Khordha, Odisha, Pin-751002, declare by affidavit No.120, dated 07.08.2023, that onwards my Father's surname is changed as "Moharana" instead of "Maharana" for all future purposes. So from to-day my father's name is Sri Jayakrushna Moharana. D-74561

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପାଗଳ କୁକୁର କାମୁଡାରେ ୧୨ଆହତ**

ଟିଟିଲାଗଡ଼,(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡ ନିକଟ ବାଞ୍ଜିପଦର ପଞ୍ଚାୟତ ରିକଡୁଲ ଗ୍ରାମର ସ୍କୁଲ ପାଖରେ ମଙ୍ଗଳବାର ଏକ ପାଗଳ କୁକୁର କାମୁଡାରେ ୧୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଟିଟିଲାଗଡ ସରକାରୀ ଡାକ୍ତରଖାନାରେ ପ୍ରାରମ୍ଭିକ ଚିକିତ୍ସା ପରେ ଆହତମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ନାବାଳକ ପର୍ବିନ ବେନିଆଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି।

## ସଂକ୍ଷେପରେ

### ରେଲଷ୍ଟେଶନରୁ ୧୩କେଜି ଗଞ୍ଜେଇ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି, ୮।୮(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅବକାରୀ ବିଭାଗ ମଙ୍ଗଳବାର ସ୍ଥାନୀୟ ରେଲବାଇ ଷ୍ଟେଶନ ପ୍ଲାଟଫର୍ମ ନଂ.୧ରୁ ଜଣେ ବ୍ୟକ୍ତିଠାରୁ ୧୩କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଚାଲାଣ କରିବା ଅଭିଯୋଗରେ ଗୁଜରାଟ ରାଜ୍ୟ ଆନନ୍ଦ ସହରର ଫର୍ଦ୍ଦିନଭାଇ ଭୋହରା (୨୨)। କଣ୍ଟାବାଞ୍ଜି ଅଞ୍ଚଳରୁ ଗିରଫ ବ୍ୟକ୍ତି ଜଣକ ନିୟମିତ ଭାବେ ଗୁଜରାଟକୁ ଗଞ୍ଜେଇ ଚାଲାଣ କରୁଥିବା ବିଭାଗ ପାଖରେ ଖବର ଥିଲା। ମଙ୍ଗଳବାର କଣ୍ଟାବାଞ୍ଜିରୁ ଅଜମେର ଅଭିମୁଖେ ଯାଉଥିବା ସୁପରଫାଷ୍ଟ ଟ୍ରେନରେ ଯିବା ପାଇଁ ପ୍ଲାଟଫର୍ମ ନଂ.୧ରେ ଫର୍ଦ୍ଦିନଭାଇ ଅପେକ୍ଷା କରିଥିଲେ। ସ୍ଥାନୀୟ ଅବକାରୀ ବିଭାଗ କର୍ମଚାରୀ ଏବଂ ରେଲବାଇ ପୋଲିସ ମିଳିତ ଭାବେ ଚଢଉ କରି ଏକ ବସ୍ତାରେ ସେ ରଖିଥିବା ଗଞ୍ଜେଇକୁ ଜବତ କରିଥିଲା। ଏ ନେଇ ଅବକାରୀ ଥାନାରେ ଏକ ମାମଲା(୨୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ବିଚାର ବିଭାଗୀୟ ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି । କଣ୍ଟାବାଞ୍ଜି ଅବକାରୀ ରେଞ୍ଜ ଅଫିସର ସଚିନ ବେହେରାଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

### ବନାଞ୍ଚଳ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଖପ୍ରାଖୋଲ, ୮।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ବିଦାୟୀ ହରିଶଙ୍କର ବାନାଞ୍ଚଳ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଆଦିବାସୀ କଲ୍ୟାଣ ସଂଘ ତରଫରୁ ମଙ୍ଗଳବାର ଦିଆଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସଂଘ ସଭାପତି ବିପ୍ର ବିଶି ଅଧକ୍ଷତା କରିଥିଲେ। ବିଦାୟୀ ବାନାଞ୍ଚଳ ଅଧିକାରୀ ଗିରିଧାରୀ ନାଗଙ୍କୁ ଉପଢ଼ୌକନ ଓ ପ୍ରଶସ୍ତିପତ୍ର ଏହି ଅବସରରେ ପ୍ରଦାନ କରାଯାଇଥିଲା। ସେହିପରି ନୂତନ ବନାଞ୍ଚଳ ଅଧିକାରୀ ସୁନିଲ କୁମାର ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଧରମ ସିଂ ଧରୁଆ ସଭା ପରିଚାଳନା କରିଥିଲେ। ଡ଼ା ଅକ୍ଷୟ କୁମାର ଧରୁଆ, ଚିକେଶ୍ୱର୍ ଧରୁଆ, ବୃନ୍ଦାବନ ଧରୁଆ, ତନ୍ତ୍ର ଧରୁଆ, ଗୋଲାପ ବିଶି, ତୀର୍ଥରାଜ ଧରୁଆ, ଜଳଧର ତାଣ୍ଡି, ସତ୍ୟବାନ କୁମୁରା, ସତ୍ୟବାନ ବରିହା, କମଳ ବରିହା ପ୍ରମୁଖ ଆଦିବାସୀ କଲ୍ୟାଣ ସଂଘ ସଦସ୍ୟ, ଆଦିବାସୀ ସରକାରୀ କର୍ମଚାରୀ ସଂଘ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ବନାଞ୍ଚଳ ଅଧିକାରୀ ନାଗ ପଦୋନ୍ନତି ପାଇ ଏନ୍‌ସିଏଫ ଭାବେ ସୋନପୁରକୁ ବଦଳି ହୋଇଛି।

# ବିସ୍ଥାପିତ ଅସ୍ଥାୟୀ କଲୋନୀରେ ନାହିଁ ସର୍ବନିମ୍ନ ସୁବିଧା

ବଲାଙ୍ଗୀର, ୮।୮
(ବୀରେନ୍ଦ୍ର କୁମାର ଝାଙ୍କର)

**ଅସ୍ଥାୟୀ ଶିବିର ପରିଦର୍ଶନ କଲେ ଲୋଇସିଂହା ବିଧାୟକ**

- ବଳିଦାନ ଦେଇ ବିସ୍ଥାପିତମାନେ କଷ୍ଟ ଭୋଗୁଛନ୍ତି
- ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ବହୁ ବିସ୍ଥାପିତ ଅସୁସ୍ଥ

ବଲାଙ୍ଗୀର ଜିଲାର ବିକାଶ ପାଇଁ ଭିଟାମାଟି ଛାଡିଥିବା ଲୋକେ ଏବେ ବହୁକଷ୍ଟରେ ଅସ୍ଥାୟୀ କଲୋନୀରେ ଦିନ କାଟୁଛନ୍ତି। ସେମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦିଆଯାଇ ନାହିଁ। ସେମାନଙ୍କ କଷ୍ଟକର ଜୀବନ ଜୀଇଁବା ଦେଖିଲେ ସହି ହେଉନାହିଁ। ପ୍ରଶାସନ ସେମାନଙ୍କୁ ତୁରନ୍ତ ସର୍ବନିମ୍ନ ସୁବିଧା ଯୋଗାଇ ଦେଉ ବୋଲି ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି।

ଲୋୟର ସୁକ୍‌ତେଲ ପ୍ରକଳ୍ପରେ ଚଳିତବର୍ଷ ପ୍ରଥମ ବର୍ଷାଜଳ ସଂରକ୍ଷଣ କରାଯାଇଛି। ଫଳରେ ଡ୍ୟାମ୍ ପ୍ରଭାବିତ ବିଭିନ୍ନ ଗାଁର ଲୋକେ ସେମାନଙ୍କ ଭିଟାମାଟି ଛାଡିଛନ୍ତି। ପ୍ରଶାସନ ସେମାନଙ୍କୁ ତରବରିଆ ଭାବେ ବିସ୍ଥାପିତ କରିଛି। ବିସ୍ଥାପିତ କଲୋନୀରେ ସର୍ବନିମ୍ନ ସୁବିଧା ନଥିଲେ ମଧ୍ୟ ସେଠାରେ ସେମାନେ ରହିବାକୁ ବାଧ ହୋଇଛନ୍ତି। ବହୁ କଷ୍ଟରେ ବିସ୍ଥାପିତମାନେ ରହୁଥିବା ଖବର ପାଇ ମଙ୍ଗଳବାର ଲୋଇସିଂହା ବିଧାୟକ ଡ ମହଲିଙ୍ଗ ପ୍ରଥମେ କୁସ୍‌ମେଲ, ଗେଡାବାଞ୍ଜି ଏବଂ ଝାଙ୍କରପାଲି ଥଇଥାନ କଲୋନୀ ପରିଦର୍ଶନ କରିଥିଲେ। କୁସ୍‌ମେଲ ବିସ୍ଥାପିତ କଲୋନୀରେ ପହଞ୍ଚିଲା ପରେ ବିଧାୟକଙ୍କୁ ଭିଟାମାଟି ଛାଡିଥିବା ବନ୍‌ଛୋରପାଲି, ବିଜାପାଟି ଗ୍ରାମର ଲୋକେ ସେମାନଙ୍କ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଟିଣ ଘରେ ସେମାନେ ବିନା ବିଦ୍ୟୁତ୍ ଯୋଗାଣରେ ରହୁଥିବା କହିଥିଲେ। ପ୍ରଶାସନ ଏହି ଅସ୍ଥାୟୀ ଥଇଥାନ ଶିବିର ଗୁଡିକରେ ଷ୍ଟ୍ରିଟ୍‌ଲାଇଟ୍ ଜାଳିବା ବ୍ୟବସ୍ଥା କରିଥିଲେ ମଧ୍ୟ ବିସ୍ଥାପିତଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ କରିନାହିଁ। ଫଳରେ ଲୋକେ ବର୍ଷା ଦିନରେ ବହୁ କଷ୍ଟରେ ରହୁଛନ୍ତି। ରାତିରେ ସେମାନଙ୍କ ଅବସ୍ଥା ଦ୍ୱିଗୁଣିତ ହୋଇଯାଉଛି। ବିଦ୍ୟୁତ୍ ଯୋଗାଣ ପାଇଁ କହିଲେ ଟାଟା ପାୱାର ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଉଛି। ଲୋକେ ସେହି ଅଧିକାରୀମାନଙ୍କୁ କହିଲେ ସେମାନଙ୍କ ଗାଁରେ ଥିବାବେଳେ ପୂର୍ବର ବିଦ୍ୟୁତ୍ ଏରିଅର ଦେୟ ଦେବା ପରେ ଯାଇ ବିଜୁଳି ଦିଆଯିବ ବୋଲି କହୁଥିବା ଲୋୟକ ଅଭିଯୋଗ କରିଥିଲେ। ଏବେ ଲୋକଙ୍କ ପାଖରେ ପୂର୍ବରୁ ବିଦ୍ୟୁତ୍ ଦେୟ କେତେ ଥିଲା ସେନେଇ କୌଣସି ବିଲ କି କାଜଗଜପତ୍ର ନାହିଁ। ଏହାବାଦ୍ ଅସ୍ଥାୟୀ କଲୋନୀରେ ପିଇବା ପାଣି ବ୍ୟବସ୍ଥା ନାହିଁ। ସେମାନଙ୍କୁ ଟ୍ୟାଙ୍କର ଯୋଗେ ଦିନକୁ ଥରେ ପାଣି ଯୋଗାଣ କରାଯାଉଛି। ଲୋକଙ୍କ ପାଖରେ ପର୍ଯ୍ୟାପ୍ତ ଜିନିଷ ନଥିବାରୁ ପିଇବା ପାଣି ବି ସଂରକ୍ଷିତ ରଖିପାରୁ ନାହାନ୍ତି। ଏହା ସହିତ ଲୋକଙ୍କ ପାଇଁ ଆବଶ୍ୟକ ଲାଟ୍ରିନ୍ ବି ନାହିଁ। ଯେଉଁ ଦୁଇ କି ତିନୋଟି ସାମୂହିକ ଲାଟ୍ରିନ୍ ତିଆରି କରାଯାଇଛି ପାଣି ଅଭାବରୁ ତାହା ବନ୍ଦ ପଡିଛି। ଅନେକ ଲୋକ ନିଜ ଗାଁ ଛାଡି ଅସ୍ୱାସ୍ଥ୍ୟକର ପରିବେଶରେ ରହିବା ଫଳରେ ଅସୁସ୍ଥ ହୋଇପଡିଛନ୍ତି। ମାତ୍ର ସେମାନଙ୍କ ଚିକିତ୍ସା କରିବାକୁ କେହି ନାହିଁ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଚିକିତ୍ସା ବ୍ୟବସ୍ଥା କରାଯିବା କଥା। ସ୍କୁଲ ଛାତ୍ରୀଛାତ୍ରମାନେ ଏବେ ବଡ ଅସୁବିଧାରେ ପଡିଛନ୍ତି। ଅସ୍ଥାୟୀ କଲୋନୀରେ ସ୍କୁଲ ନାହିଁ। ବିଭିନ୍ନ ଛୋଟ ଛୁଆଙ୍କ ନାମ ବିଭିନ୍ନ ସ୍କୁଲରେ ଲେଖା ଯାଇଥିଲେ ମଧ୍ୟ ସେମାନେ ପଢ଼ି ଯାଇପାରୁନାହାନ୍ତି। ଏହାକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଅସ୍ଥାୟୀ ଘର ଗୁଡିକ ନିମ୍ନମାନର ଏବଂ ମନଇଚ୍ଛା ତିଆରି କରାଯାଇଥିବାରୁ ସାମାନ୍ୟ ବର୍ଷା ହେଲେ ଘର ଭିତରକୁ ପାଣି ପଶିଯାଉଛି। ଏହି ଅସ୍ଥାୟୀ ଘର ତିଆରିରେ ଏକ ବଡଧରଣ ଦୁର୍ନୀତି ହୋଇଥିବା ଲୋକେ ଅଭିଯୋଗ କରିଥିଲେ। ବିଧାୟକ ମହାଲିଙ୍ଗ କୁସ୍‌ମେଲ ଶିବିର ପରିଦର୍ଶନ କରି ଗେଡାବାଞ୍ଜି ଏବଂ ଝାଙ୍କରପାଲି ଥଇଥାନ କଲୋନୀକୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। ଏଠାରେ ମଧ୍ୟ ଲୋକେ ସମାନ ସମସ୍ୟା ଦୋହରାଇଥିଲେ। ବିଧାୟକ ମହାଲିଙ୍ଗ ବିସ୍ଥାପିତମାନେ ନିଜ ଭିଟାମାଟି ଛାଡି କଷ୍ଟକର ଜୀବନ ଜୀଉଁଛନ୍ତି ବୋଲି କହିବା ସହ ତୁରନ୍ତ ମୁଖ୍ୟମନ୍ତ୍ରୀ ଏଦିଗରେ ଧ୍ୟାନ ଦିଅନ୍ତୁ ବୋଲି ଦାବି କରିଛନ୍ତି।



ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ କୁସ୍‌ମେଲ ଅସ୍ଥାୟୀ କଲୋନୀରେ ବିସ୍ଥାପିତଙ୍କ ସହ ଆଲୋଚନା କରୁଛନ୍ତି।

# ମଣିପୁର ହିଂସା ପ୍ରତିବାଦରେ ଗଣଧାରଣା



ସାବିତ୍ରୀ ବାଇ ଫୁଲେ ସଙ୍ଗଠନ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର, ୮।୮
(ବୀରେନ୍ଦ୍ର କୁମାର ଝାଙ୍କର)

ମଣିପୁର ଜାତିଆଣ ଦଙ୍ଗା ପ୍ରତିବାଦରେ ବଲାଙ୍ଗୀର ଜିଲା ଜନଜ୍ୟୋତି ସାବିତ୍ରୀ ବାଇ ଫୁଲେ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗଣଧାରଣା ଦିଆଯାଇଥିଲା। ସଙ୍ଗଠନର ମହିଳାମାନେ ସ୍ଥାନୀୟ ସିଭିଲ କୋର୍ଟ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ଆସି ସେଠାରେ ଥିବା ଭାରତରତ୍ନ ବାବାସାହେବ ଡ. ବିଆର ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ ସଭା କରିଥିଲେ। ସଙ୍ଗଠନର ରୂପାଲୀ ମହାନନ୍ଦଙ୍କ ସଭାପତିତ୍ୱରେ ଏବଂ ବବି ନନ୍ଦଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ପ୍ରତିବାଦ ସଭାରେ ମମତା ନାଗ, ଚିତ୍ରଲେଖା ତାଣ୍ଡି, ଐଶ୍ୱର୍ଯ୍ୟା ହରିପାଲ, କୌଶଲ୍ୟା କୁମ୍ଭାର, ରୁକ୍ମିଣୀ ବାଗ ଓ ଉମା ଦୀପ ଉଦ୍‌ବୋଧନ ଦେଇ ମଣିପୁର ଘଟଣା ଲଜ୍ଜାଜନକ ବୋଲି କହିଥିଲେ। ମଣିପୁର ଜାତିଆଣ ଦଙ୍ଗାର ଏକ ଭିଡିଓ ଭାଇରାଲ ହେବା ପରେ ସରକାରଙ୍କ ଚେତା ପଶିଥିଲା। ଏହାପରେ କେତେକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ମଣିପୁର ଦଙ୍ଗା ଦେଶର ଛବିକୁ ବିଦେଶରେ ମଧ୍ୟ ମଳିନ କରିଦେଇଛି ବୋଲି ସେମାନେ କହିଥିଲେ। ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ପ୍ରତିବାଦ ସଭାରେ ଦାବି କରାଯାଇଥିଲା। କେବଳ ମଣିପୁରରେ ନୁହେଁ ସମଗ୍ର ଦେଶରେ ନାରୀମାନଙ୍କ ଉପରେ ଅତ୍ୟାଚାର ବଢିବାରେ ଲାଗିଛି। ସରକାର ଏହା ଉପରେ ଲଗାମ ଲଗାନ୍ତୁ ବୋଲି ବକ୍ତାମାନେ ଦାବି କରିଥିଲେ। ଏହାପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ସଙ୍ଗଠନ ଦାବିପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ଲଳିତା ଦୀପ, କଳ୍ପନା ବିହାରୀ, ଜୟଶ୍ରୀ ନାଗ, ଲକ୍ଷ୍ମୀ କୁମ୍ଭାର, ରାଜଶ୍ରୀ ବାଗ, ନମିତା ନାଗ ଓ ସୁନୀତା ବିଭାର ବିଶେଷ ସହଯୋଗ କରିଥିଲେ।

### ବେଲପଡ଼ା ବ୍ଲକର ୪ କଲେଜକୁ ମିଳିଲା ଅନୁଦାନ

ବେଲପଡା, ୮।୮ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକର ୪ଟି କଲେଜକୁ ୫-ଟିରେ ସାମିଲ କରିଛନ୍ତି। ଜଗନ୍ନାଥ ଦେବ ମହାବିଦ୍ୟାଳୟକୁ ୫୦ଲକ୍ଷ, ଧୁମାଭଟା ବୀଣାପାଣି କଲେଜକୁ ୫୦ ଲକ୍ଷ, ସୁଲେକେଲା କଲେଜକୁ ୨୫ ଲକ୍ଷ ଏବଂ ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟକୁ ୧ କୋଟି ୨୫ ଲକ୍ଷ ଟଙ୍କା ଅନୁମୋଦନ ରାଶି ମଞ୍ଜୁର ହୋଇଛି। ପ୍ରତ୍ୟେକ କଲେଜକୁ ରୂପାନ୍ତରିତ କରି ସ୍ମାର୍ଟ କ୍ଲାସରୁମ, ଇ-ଲାଇବେରୀ, ଶୌଚାଳୟ, ଷ୍ଟଡିରୁମ୍, ପାନୀୟ ଜଳ, ଖେଳପଡିଆର ଉନ୍ନତିକରଣ କରାଯିବ। ଆସନ୍ତା ଡିସେମ୍ବର ମାସରେ ରୂପାନ୍ତରିତ କାର୍ଯ୍ୟ ଶେଷ ହେବ ବୋଲି ଜଣାପଡିଛି।

# ରାସ୍ତା, ଡ୍ରେନ ଅବ୍ୟବସ୍ଥା ବୁଲି ଦେଖିଲେ ବିଧାୟକ

ବଲାଙ୍ଗୀର, ୮।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଙ୍ଗଳବାର ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନମ୍ବର ୩ ଓ ୪ର ବିଭିନ୍ନପଡାର ରାସ୍ତା ଓ ଡ୍ରେନ ସମସ୍ୟା ବୁଲି ଦେଖିଥିଲେ। ମ୍ୟୁନିସିପାଲିଟି ଅଧିକାରୀଙ୍କୁ ଧରି ବିଭିନ୍ନ ପଡା ବୁଲିବା ସହ ଡ୍ରେନ୍ ଓ ରାସ୍ତା ସମସ୍ୟାର ତୁରନ୍ତ ସମାଧାନ କରିବାକୁ କହିଥିଲେ। ଉଭୟ ୱାର୍ଡର ବିଭିନ୍ନ ଅଞ୍ଚଳରେ ରାସ୍ତା ଓ ଡ୍ରେନ ଅବ୍ୟବସ୍ଥା ଲାଗି ରହିଛି। ଦୀର୍ଘ ଦିନରୁ ସରକାରୀ ଦଳ ଅଧିନରେ ଥିବା ମ୍ୟୁନିସିପାଲିଟିର ଦାୟିତ୍ୱହୀନତା ଓ ଅଦୂରଦର୍ଶିତା ଯୋଗୁଁ ଉଭୟ ୱାର୍ଡର ଲୋକେ କିଭଳି କଷ୍ଟ ଭୋଗୁଛନ୍ତି ତାହା ଲୋକମାନେ ବିଧାୟକଙ୍କୁ ଜଣାଇଥିଲେ। ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଭଳି କେହି ଶୁଣୁ ନାହାନ୍ତି ତାହା ଲୋକେ ଅଭିଯୋଗ କରିଥିଲେ। ବିଭିନ୍ନ ପଡାରେ ରାସ୍ତା ଓ ଡ୍ରେନ ସମସ୍ୟାର ସମାଧାନ ହୋଇନାହିଁ। ବର୍ଷା ପାଣି ଜମି ରହିଲେ ଶସ୍ତା ରାଜନୀତି କରିବାକୁ ସରକାରୀ ଦଳ ନେତାମାନେ ପହଞ୍ଚି ଯାଉଛନ୍ତି ଓ ତା ପରେ ସେଭଳି ଅବସ୍ଥା ଲାଗି ରହୁଛି ବୋଲି ଲୋକେ ଅଭିଯୋଗ କରିଥିଲେ। ଲୋକଙ୍କ ଅଭିଯୋଗ ଶୁଣିବା ପରେ ଏସବୁ ସମସ୍ୟାର ସ୍ଥାୟୀ ସମାଧାନ କରିବାରେ କ'ଣ ଅସୁବିଧା ଅଛି ବୋଲି ଉପସ୍ଥିତ ମ୍ୟୁନିସିପାଲିଟିଇ ଅଧିକାରୀଙ୍କୁ ପଚାରିଥିଲେ। ଏସବୁ ସମସ୍ୟାର ସମାଧାନ ପାଇଁ ପୌର ଅଧିକାରୀଙ୍କୁ ରାସ୍ତା ଓ ଡ୍ରେନ ସଂଲଗ୍ନ ଅଞ୍ଚଳର ଭଲ ଭାବେ ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଳି ଅଞ୍ଚଳରୁ କେମିତି ପାଣି ସଠିକ୍ ଭାବେ ନିଷ୍କାସନ ହୋଇପାରିବ ଏବଂ ମଇଳା ପାଣି ବନ୍ଧ, ପୋଖରୀକୁ ନ ପଶିବ ସେ ଉପରେ ଦକ୍ଷ ଯନ୍ତ୍ରୀମାନଙ୍କୁ ନେଇ ଏହି ସମସ୍ୟାର ବାଟ ଶୀଘ୍ର ବାହାର କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପୌର ପରିଷଦ ପକ୍ଷରୁ ଦିଆଯାଉଥିବା ଷ୍ଟ୍ରିଟ ଲାଇଟ ଜଳୁ ନ ଥିବାରୁ ଅନେକ ସମୟରେ ଆଇନ ଶୃଙ୍ଖଳ ପରିସ୍ଥିତି, ଲୁଟ୍‌ପାଟ୍ ହେଉଥିବା ଲୋକେ ଅଭିଯୋଗ କରିଥିଲେ। ଉପସ୍ଥିତ ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ଯେତେ ଶୀଘ୍ର ହେବ ଷ୍ଟ୍ରିଟ ଲାଇଟ ସମସ୍ୟା ଦୂର କରିବା ପାଇଁ ବିଧାୟକ ମିଶ୍ର କହିଥିଲେ। ବିଧାୟକ ମିଶ୍ରଙ୍କ ଗସ୍ତ ସମୟରେ ଉଭୟ ୱାର୍ଡର କାଉନସିଲର ରଜନୀ ବନଛୋର ଓ ଅରବିନ୍ଦ ପରୁଆଙ୍କ ସହ କଂଗ୍ରେସ ନେତା ବୁଲୁ ଦାନି, ବଜରଙ୍ଗ ବନଛୋର, ଅଜୟ ବାଲି, ଅଙ୍କିତ ସାହୁ, ମନୋରଞ୍ଜନ ବିଶ୍ୱାଲ, ସାନୁ ମନହୀରା, ଚନ୍ଦନ ସାହୁ, ରୂପେଶ ନାଗ, ଚିନ୍ମୟ ସାହୁ, ରୋସନ ଭୋଇ ଉପସ୍ଥିତ ଥିଲେ ।



ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୩ ଓ ୪ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ସୁଧିର



@ ରମେଶ



@ ପ୍ରକାଶ



@ ଦେବଦତ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



### ପାଗଳା କୁକୁର କାମୁଡ଼ାରେ ୧୨ଆହତ

ଟିଟିଲାଗଡ଼,(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡ ନିକଟ ବାଞ୍ଜିପଦର ପଞ୍ଚାୟତ ରିକତୁଲ ଗ୍ରାମର ସ୍କୁଲ ପାଖରେ ମଙ୍ଗଳବାର ଏକ ପାଗଳ କୁକୁର କାମୁଡାରେ ୧୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଟିଟିଲାଗଡ ସରକାରୀ ଡାକ୍ତରଖାନାରେ ପ୍ରାରମ୍ଭିକ ଚିକିତ୍ସା ପରେ ଆହତମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ନାବାଳକ ପର୍ବିନ ବେନିଆଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି।

## ସଂକ୍ଷେପରେ

### ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ



ବୌଦ୍ଧ,୮।୮
(ଅଜିତ୍ କୁମାର ବାରିକ)

ବୌଦ୍ଧ ଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ମଙ୍ଗଳବାର ଦିନ ସହରର ଟାଉନହଲଠାରେ ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲ , ଅନ୍ୟତମ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ, ୪ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ବରିଷ୍ଠ ନେତା ସୁଶାନ୍ତ ପ୍ରଧାନ ଯୋଗ ଦେଇଥିଲେ । ଦେଶ ମାତୃକାର ସେବା କରିବା, ବୀର ଜବାନ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଗ୍ରାମରୁ ମାଟି ଆଣି ଦିଲ୍ଲୀ ପଠାଇବା ତଥା କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇବା, ବିଗତ ବର୍ଷ ପରି ଚଳିତବର୍ଷ ମଧ୍ୟ ପ୍ରତି ଘରେ ତ୍ରିରଙ୍ଗା ପତାକା ଲଗାଇବା ଓ ତ୍ରିରଙ୍ଗା ପତାକା ଧରି ସବୁ ବର୍ଗର ଲୋକଙ୍କୁ ଯୋଡି ଯାତ୍ରା ଅନୁଷ୍ଠିତ କରାଇବା,ସମସ୍ତ ସ୍ୱାଧୀନତା ସଂଗ୍ରମୀଙ୍କ ଉତ୍ତରାଧିକାରୀମାନଙ୍କୁ ସମ୍ମାନିତ କରାଇବା, ଚଳିତ ମାସରେ ପ୍ରତି ପଞ୍ଚାୟତ ଆଗରେ ଆନ୍ଦୋଳନ କରିବା ଆଦି ଉପରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଶ୍ୟାମ ସୁନ୍ଦର ପୁରୋହିତ, ସୁଶାନ୍ତ ବାଘ,ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ଶିଶିର ଘୋଷ, ମନୋରଞ୍ଜନ ଦାସ, ନମିତା ରାଣୀ ଦାସ, ରଶ୍ମିତା ହୋତା, ରବୀନ୍ଦ୍ର ହୋତା, ଅଟଳ ପ୍ରଧାନ, ଯୁଗଳ କିଶୋର ସାମଲ, ମାଗୁଣି ଗାଇଗୌରିଆ ପ୍ରମୁଖ ଯୋଗ ଦେଇଥିଲେ ।

### ବନାଞ୍ଚଳ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଖପ୍ରାଖୋଲ, ୮।୮
(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ବିଦାୟୀ ହରିଶଙ୍କର ବାନାଞ୍ଚଳ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଆଦିବାସୀ କଲ୍ୟାଣ ସଂଘ ତରଫରୁ ମଙ୍ଗଳବାର ଦିଆଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସଂଘ ସଭାପତି ବିପ୍ର ବିଶି ଅଧକ୍ଷତା କରିଥିଲେ। ବିଦାୟୀ ବାନାଞ୍ଚଳ ଅଧିକାରୀ ଗିରିଧାରୀ ନାଗଙ୍କୁ ଉପଢ଼ୌକନ ଓ ପ୍ରଶସ୍ତିପତ୍ର ଏହି ଅବସରରେ ପ୍ରଦାନ କରାଯାଇଥିଲା। ସେହିପରି ନୂତନ ବନାଞ୍ଚଳ ଅଧିକାରୀ ସୁନିଲ କୁମାର ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା।

# ହାଇଦ୍ରାବାଦରେ ଆଇଆଇଟି ଛାତ୍ରୀଙ୍କ ମୃତଦେହ ଜବତ

ଅମରପାଲି,୮।୮(ପୀତାମ୍ବର ସାହୁ)

ହାଇଦ୍ରାବାଦ ଆଇଆଇଟିରେ ଏମ୍‌ଟେକ୍ ପଢୁଥିବା ବୀରମହାରାଜପୁର ଅଞ୍ଚଳର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ କରାଯାଇଛି। ମୃତ ଛାତ୍ରୀ ହେଲେ ମମିତା ନାଏକ (୨୧)। ପରିବାର ଲୋକେ ଏହା ଆତ୍ମହତ୍ୟା ନୁହେଁ, ରାଗିଂ କରି ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂହା ପଞ୍ଚାୟତ ଡୁଙ୍ଗୁରୀ ଗ୍ରାମର ଦୁଃଖୀଶ୍ୟାମ ନାଏକଙ୍କ ଝିଅ ମମିତା ଚଳିତବର୍ଷ ହାଇଦ୍ରାବାଦ ଆଇଆଇଟିରେ ଅଧ୍ୟୟନ କରୁଥିଲେ। ଗତ ୨୬ ତାରିଖରେ ସେ ଘରୁ ତାଙ୍କ କାକା ପ୍ରସାଦଙ୍କ ସହିତ ଯାଇଥିଲେ। ହେଲେ ସୋମବାର ମମିତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ଏନେଇ ପରିବାରବର୍ଗଙ୍କୁ ସୂଚନା ଦିଆଯାଇଥିଲା। ମୃତଦେହ ନିକଟରୁ ଓଡିଆରେ ଲେଖାଯାଇଥିବା ଏକ ସୁଇସାଇଡ୍ ନୋଟ ଜବତ କରାଯାଇଛି। ସେଥିରେ ପାଠ ଚାପ ଓ ଆର୍ଥିକ ଅସୁବିଧା ଯୋଗୁ ଆତ୍ମହତ୍ୟା କରିଥିବା ଲେଖାଥିବା ସେଠାକାର ପୋଲିସ ସୂଚନା ଦେଇଛି। ମାତ୍ର ପରିବାର ଲୋକେ ଏହାକୁ ଖଣ୍ଡନ କରିଛନ୍ତି।



ଶୋକାକୁଳ ପରିବାର ଲୋକେ।

ଛାତ୍ରୀ ଜଣକ ମେଧାବୀ ଥିବା ବେଳେ ପରିବାରର ଆର୍ଥିକ ଅବସ୍ଥା ମଧ୍ୟ ସ୍ୱଚ୍ଛଳ। ତେଣୁ ଏହା ଆତ୍ମହତ୍ୟା ର କାରଣ ନୁହେଁ ବୋଲି କହିବା ସହିତ ଯୋଜନାବଦ୍ଧ ହତ୍ୟା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ମମିତା ବୀରମହାରାଜପୁର ଗଣପତି ଆଦର୍ଶ ଶିକ୍ଷା ନିକେତନରୁ ମାଟ୍ରିକ ପାସ୍ କରିବା ପରେ ସୋନପୁରସ୍ଥିତ ସୁକାନ୍ତି କଲେଜରୁ ଯୁକ୍ତ ଦୁଇ ବିଜ୍ଞାନରେ ଭଲ ମାର୍କ ରଖି ପାସ କରିଥିଲେ। ପରେ ସେ ବୁର୍ଲାସ୍ଥିତ ଭିସୁଟରୁ ବି ଟେକ୍ ପାସ କରି ଚଳିତବର୍ଷ ହାଇଦ୍ରାବାଦ ଆଇଆଇଟିରେ ଏମ୍ ଟେକ୍‌ରେ ନାମ ଲେଖାଇଥିଲେ। ସେ ଆତ୍ମହତ୍ୟା କରିବା ପିଲା ନୁହେଁ, ବରଂ



ମମିତା ନାଏକ (ଫାଇଲ ଫଟୋ)।

ପରିସ୍ଥିତି ସହିତ ସଂଘର୍ଷ କରିଥାଏ ବୋଲି ମୃତକଙ୍କ ବାପା ପ୍ରକାଶ କରିଛନ୍ତି। ଚାରି ଭଉଣୀଭାଇ ମଧ୍ୟରୁ ମମିତା ଏକମାତ୍ର ଝିଅ। ତାଙ୍କ ମୃତ୍ୟୁ ଖବର ପାଇ ସାଙ୍ଗସାଥୀ ତଥା

**ରାଗିଂ କରି ହତ୍ୟା କରାଯାଇଥିବା ଅଭିଯୋଗ ଆଣିଲେ ପରିବାର ଲୋକେ**

ବୀରମହାରାଜପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ତାଙ୍କ କାକା ପ୍ରସାଦ ନାଏକ ମୃତଦେହ ଆଣିବା ପାଇଁ ହାଇଦ୍ରାବାଦ ଯାଇଛନ୍ତି। ଏପଟେ ତାଙ୍କ ଘର କାନ୍ଦ ବୋବାଳିରେ ଫାଟିପଡୁଛି। ମୃତଦେହ ନେବାକୁ ଯାଇଥିବା ତାଙ୍କ କାକାଙ୍କ କହିବା ଅନୁଯାୟୀ, ଯେଉଁଠାରେ ଛାତ୍ରୀ ଜଣକ ଆତ୍ମହତ୍ୟା କରିଛନ୍ତି, ସେ ଟେବୁଲ ଉପରେ ଚୌକି ପକାଇଲେ ମଧ୍ୟ ହାତ ପହଞ୍ଚିବ ନାହିଁ ତେଣୁ ଏହା ଆତ୍ମହତ୍ୟା ନୁହେଁ, ରାଗିଂ କରି ହତ୍ୟା ପରେ ଝୁଲାଇ ଦେଇ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଏପଟେ ସୁବଳୟା ଥାନାରେ ଏ ସମ୍ପର୍କରେ କୌଣସି ସୂଚନା ନାହିଁ ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

# ସୋନପୁର, ବିନିକା, ତରଭା ସିଡିପିଓଙ୍କୁ କାରଣ ଦର୍ଶାଅ ନୋଟିସ

ସୋନପୁର,୮।୮(ମୃତ୍ୟୁଞ୍ଜୟ ଶତପଥୀ)

ଛତୁଆ ପ୍ରସ୍ତୁତ ନ ହୋଇ ହିତାଧିକାରୀଙ୍କୁ ବଣ୍ଟନ ହୋଇଥିବା ଦର୍ଶା ଯାଇଥିଲା। ଏଭଳି ଭୁଲ ତଥ୍ୟ ସରକାରଙ୍କ ପୋଷଣ ଟ୍ରାକର ପୋର୍ଟାଲରେ ଜୁନ୍ ଓ ଜୁଲାଇ ମାସରେ ଅପ୍‌ଲୋଡ ହୋଇଥିଲା। ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ଏହି ଘଟଣାରେ ଜିଲାର ସୋନପୁର, ବିନିକା ଓ ତରଭା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ)ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଜିଲାପାଳ ସୋମବାର ଚିଠି ନଂ ୧୮୮୬/୭।୮।୨୩ ମୂଳେ ସମ୍ପୃକ୍ତ ୩ ସିଡିପିଓଙ୍କୁ ନୋଟିସ କରିବା ସହ ଅନିୟମିତତା ଓ ମିଥ୍ୟା ରିପୋର୍ଟ ସମ୍ପର୍କରେ ୩ ଦିନ ମଧ୍ୟରେ ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଛତୁଆ ପ୍ରସ୍ତୁତ କରୁଥିବା ଜିଲାର ୧୧ଟି ଏସଏଚଜିଙ୍କୁ ସରକାର ଠିକ୍ ସମୟରେ ଗହମ ଯୋଗାଣ କରି ପାରି ନ ଥିଲେ। ଛତୁଆର ମୁଖ୍ୟ ଉପାଦାନ ଗହମ ନ ଥିବାରୁ ଜିଲାରେ ଛତୁଆ ପ୍ରସ୍ତୁତି ହୋଇ ନ ଥିଲା। ଜୁନ୍ ଓ ଜୁଲାଇ ମାସରେ ଜିଲାର ହିତାଧିକାରୀଙ୍କୁ ଛତୁଆ

**ଛତୁଆ ପ୍ରସ୍ତୁତ ନ ହୋଇ ବଣ୍ଟନ ଦର୍ଶାଇବା ଘଟଣା**

- ବୀରମହାରାଜପୁର, ଡୁଙ୍ଗୁରିପାଲି ଓ ଉଲୁଣ୍ଡା ସିଡିପିଓଙ୍କୁ ମାଫ୍

ବଣ୍ଟନ ହୋଇ ପାରି ନ ଥିଲା। ଜୁଲାଇ ଶେଷ ସପ୍ତାହରେ ଛତୁଆ ପ୍ରସ୍ତୁତକାରୀ ସଂସ୍ଥାଗୁଡିକୁ ଗହମ ଯୋଗାଣ ହୋଇଥିଲା। କିନ୍ତୁ ଜୁନ୍ ଓ ଜୁଲାଇ ମାସରେ ଜିଲାର ୮ ହଜାରରୁ ଉର୍ଦ୍ଧ୍ୱ ଶିଶୁ, ଗର୍ଭବତୀ ମହିଳା ଓ ପ୍ରସୂତିଙ୍କୁ ଛତୁଆ ବଣ୍ଟନ ହୋଇଥିବା ଭୁଲ ତଥ୍ୟ ସରକାରଙ୍କ ପୋଷଣ ଟ୍ରାକର ପୋର୍ଟାଲରେ ଅପ୍‌ଲୋଡ ହୋଇଥିଲା। ଉପରିସ୍ଥ ଅଧିକାରୀଙ୍କ ମୌଖିକ ନିର୍ଦ୍ଦେଶରେ କେତେଜଣ ଅଙ୍ଗନୱାଡି କର୍ମୀ ଛତୁଆ ପ୍ୟାକେଟ୍ ଗ୍ରହଣ ନ କରି କିମ୍ବା ହିତାଧିକାରୀଙ୍କୁ ନ ବାଣ୍ଟି ଟିଏଚଆର(ଟେକ୍ ହୋମ୍ ରାସନ୍) ପୋଷଣ ଟ୍ରାକରରେ ଅପ୍‌ଲୋଡ କରିଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର ଉପଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ତଦନ୍ତ କରିଥିଲେ। ପ୍ରକାଶିତ ଖବରରେ ସତ୍ୟତା ଥିବା ଜଣା ପଡିଥିଲା। ଜିଲାର ସମସ୍ତ ୬ଟି ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପରେ ଏଭଳି ମିଥ୍ୟା ରିପୋର୍ଟ ଦିଆଯାଇଥିଲା। ଜୁଲାଇ ମାସରେ ଜିଲାର ୧୩୧ ଜଣ ଗର୍ଭବତୀ ମହିଳା, ୮୦ ଜଣ ପ୍ରସୂତି ମହିଳା ଓ ୬ ମାସରୁ ୩ ବର୍ଷ ମଧ୍ୟରେ ୪୬୮ ଜଣ ଶିଶୁଙ୍କୁ ପୋଷଣ ପୋର୍ଟାଲରେ ବଣ୍ଟନ ହୋଇଥିବା ସେହି ମାସ ୨୮ ତାରିଖ ରିପୋର୍ଟରୁ ଜଣା ପଡିଥିଲା। ଜୁନ୍ ୩୦ ତାରିଖ ସୁଦ୍ଧା ସେହି ମାସରେ ୧୦୨୭ ଜଣ ଗର୍ଭବତୀ ମହିଳା, ୧୦୧୩ ଜଣ ପ୍ରସୂତି ମହିଳା ଓ ୬ ମାସରୁ ୩ ବର୍ଷ ମଧ୍ୟରେ ୪୮୨୬ ଜଣ ଶିଶୁଙ୍କୁ ଛତୁଆ ବଣ୍ଟନ ସରିଥିବା ପୋଷଣ ପୋର୍ଟାଲରେ ଦର୍ଶାଯାଇଥିଲା। ତେବେ ୩ ଜଣ ସିଡିପିଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରା ଯାଇଥିବା ବେଳେ ସମାନ ଭୁଲ କରିଥିବା ବୀରମହାରାଜପୁର, ଉଲୁଣ୍ଡା ଓ ଡୁଙ୍ଗୁରିପାଲି ସିଡିପିଓଙ୍କୁ ମାଫ୍ କରା ଯାଇଥିବା ଆଲୋଚନା ହେଉଛି।

### ରେଳଷ୍ଟେଶନରୁ ୧୩କେଜି ଗଞ୍ଜେଇ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି, ୮।୮(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅବକାରୀ ବିଭାଗ ମଙ୍ଗଳବାର ସ୍ଥାନୀୟ ରେଳବାଇ ଷ୍ଟେଶନ ପ୍ଲାଟଫର୍ମ ନଂ.୧ରୁ ଜଣେ ବ୍ୟକ୍ତିଠାରୁ ୧୩କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଚାଲାଣ କରିବା ଅଭିଯୋଗରେ ଗୁଜରାଟ ରାଜ୍ୟ ଆନନ୍ଦ ସହରର ଫର୍ଦ୍ଦିନଭାଇ ଭୋହରା (୨୨)। କଣ୍ଟାବାଞ୍ଜି ଅଞ୍ଚଳରୁ ଗିରଫ ବ୍ୟକ୍ତି ଜଣକ ନିୟମିତ ଭାବେ ଗୁଜରାଟକୁ ଗଞ୍ଜେଇ ଚାଲାଣ କରୁଥିବା ବିଭାଗ ପାଖରେ ଖବର ଥିଲା। ମଙ୍ଗଳବାର କଣ୍ଟାବାଞ୍ଜିରୁ ଅଜମେର ଅଭିମୁଖେ ଯାଉଥିବା ସୁପରଫାଷ୍ଟ ଟ୍ରେନରେ ଯିବା ପାଇଁ ପ୍ଲାଟଫର୍ମ ନଂ.୧ରେ ଫର୍ଦ୍ଦିନଭାଇ ଅପେକ୍ଷା କରିଥିଲେ। ସ୍ଥାନୀୟ ଅବକାରୀ ବିଭାଗ କର୍ମଚାରୀ ଏବଂ ରେଳବାଇ ପୋଲିସ ମିଳିତ ଭାବେ ଚଢଉ କରି ଏକ ବସ୍ତାରେ ସେ ରଖିଥିବା ଗଞ୍ଜେଇକୁ ଜବତ କରିଥିଲା। ଏ ନେଇ ଅବକାରୀ ଥାନାରେ ଏକ ମାମଲା(୨୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟ ଚାଲାଣ କରାଯାଇଥିଲା।

# ବର୍ଷେ ନ ପୂରୁଣୁ ଭାଙ୍ଗିଲା ପାଚେରି



ଭାଙ୍ଗି ଯାଇଥିବା ପାଚେରି।

ବିନିକା,୮।୮(ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ କଇଁତରା ନିୟନ୍ତ୍ରିତ ବଜାର କମିଟି ଡୁଙ୍ଗୁରିପାଲି ଆନୁକୂଲ୍ୟରେ ନିର୍ମାଣ କରାଯାଇଥିବା ଉପବଜାର ପ୍ରାଙ୍ଗଣର ପାଚେରି ଗତ ଲଗାଣ ବର୍ଷାରେ ଭାଙ୍ଗିଯାଇଛି। ନିମ୍ନମାନର କାମ ଯୋଗୁ ଏହା ଭାଙ୍ଗିଯାଇଥିବା ଲୋକେ ଅଭିଯୋଗ

**ନିମ୍ନମାନର କାମ ଅଭିଯୋଗ**

କରିଛନ୍ତି। ଅଞ୍ଚଳର ଚାଷୀମାନଙ୍କ ଉପାର୍ଜିତ ଧାନ ବିକ୍ରୟ କରିବା ନିମନ୍ତେ ନିର୍ମାଣ କରାଯାଇଥିବା ଉକ୍ତ ବଜାର ପ୍ରାଙ୍ଗଣକୁ ତତ୍କାଳୀନ ସୁବର୍ଣ୍ଣପୁର ଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଡୁଙ୍ଗୁରିପାଲି ଅଧ୍ୟକ୍ଷା ଅବୋଲି ସୁନିଲ ନରୱଣେ ତା ୭।୧୨।୨୦୨୨ ରିଖରେ ଉଦ୍‌ଘାଟନ କରିଥିଲେ। ହେଲେ ଏହା ନିର୍ମାଣ ହେବାର ବର୍ଷେ ନ ପୂରୁଣୁ ବର୍ଷାରେ ପାଚେରି ଭାଙ୍ଗିପଡିଛି। ଏଥିନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହାର ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ବେଆଇନ ଜମିପଟ୍ଟାକୁ ରଦ୍ଦ କରିବାକୁ ଦାବି

ଅମରପାଲି,୮।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ଲୁତୁରପଙ୍କ ଗ୍ରାମ ପଞ୍ଚାୟତର ଘିଚାପାଲି ଗ୍ରାମବାସୀ ମଙ୍ଗଳବାର ଦିନ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲ ଜମିର ବେଆଇନ ଭାବେ ଦିଆଯାଇଥିବା ଜମି ପଟ୍ଟାକୁ ରଦ୍ଦ କରିବାକୁ ଦାବି କରିଛନ୍ତି। ଏନେଇ ଗ୍ରାମର ଶତାଧିକ ମହିଳା ପୁରୁଷ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ଓ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଆସି ବୀରମହାରାଜପୁର ତହସିଲଦାର ବିବୁଧ ଗଣନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମତେ ଭାଲୁଡୁଙ୍ଗୁରୀ ଜଙ୍ଗଲ ଜମିର ଖାତା ନମ୍ବର ୩୮କୁ ବନ ବିଭାଗର ଅନୁମୋଦନ ପରେ ଘିଚାପାଲି ଗ୍ରାମବାସୀ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରି ବିଭିନ୍ନ କିସମର ବୃକ୍ଷରୋପଣ କରିଥିଲେ। ଏବେ ଉକ୍ତ ଜଙ୍ଗଲ ଜମି ଉପରେ ଘିଚାପାଲି ଗ୍ରାମବାସୀ ନିର୍ଭର କରୁଛନ୍ତି। ଦୀର୍ଘ ୫୦ରୁ ୬୦ ବର୍ଷ ହେବ ଏହି ଜଙ୍ଗଲ ଜମି ଉକ୍ତ ଗ୍ରାମବାସୀ ବ୍ୟବହାର କରି ଆସୁଛନ୍ତି।

ମାତ୍ର ଭାଲୁଡୁଙ୍ଗୁରୀ ଜଙ୍ଗଲର ଖାତା ନଂ ୩୮ରୁ ଏନକ୍ରୋଜମେଣ୍ଟ କେସ ନଂ ୬୬୬/୨୦୦୦ ଆଦେଶମତେ ଖାତା ନଂ





ତହସିଲ ଅଫିସ୍ ସମ୍ମୁଖରେ ଦାବିପତ୍ର ଦେବା ପାଇଁ ଆସିଥିବା ଘିଚାପାଲି ଗ୍ରାମବାସୀ ।

୩୫/୧୨୭କୁ ଅର୍ଜୁନ ପଧାନଙ୍କ ସ୍ତ୍ରୀ ସୁଭଦ୍ରା ପଧାନ,ଖାତା ନଂ ୩୫/୧୨୮କୁ ଅର୍ଜୁନ ପଧାନଙ୍କ ପୁଅ ଉମାକାନ୍ତ ପଧାନ, ଖାତା ନଂ ୩୫/୧୨୬କୁ ଅର୍ଜୁନ ପଧାନଙ୍କ ପୁଅ ରମାକାନ୍ତ ପଧାନ, ଖାତା ନଂ ୩୫/୭୭କୁ ମଙ୍ଗୁଲୁ ବେହେରାଙ୍କ ପୁଅ ପ୍ରହଲ୍ଲାଦ ବେହେରା, ଏନକ୍ରୋଜମେଣ୍ଟ କେସ ନଂ ୯୮/୨୦୦୫ ଖାତା ନଂ ୩୫/୩୮କୁ ମଙ୍ଗୁଲୁ ବେହେରାଙ୍କୁ ଏନକ୍ରୋଜମେଣ୍ଟ କେସ ନଂ ୯୯/୨୦୦୫ରେ ଜମି ପଟ୍ଟା ପ୍ରଦାନ କରାଯାଇଛି। ଏପରିକି ଜମି ପଟ୍ଟା ପ୍ରଦାନ ସମୟରେ ଗୋଟିଏ ପରିବାରର ଜଣେ ନାବାଳକଙ୍କ ନାମରେ ମଧ୍ୟ ପଟ୍ଟା ପ୍ରଦାନ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ସଂପୂର୍ଣ୍ଣ ବେଆଇନ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ବେଆଇନ ଭାବେ ପଟ୍ଟା ପ୍ରଦାନ ଦ୍ୱାରା ବିଭିନ୍ନ ସମସ୍ୟା ହେଉଛି। ଉକ୍ତ ସମସ୍ୟା ନେଇ ଅନେକ

- ଘିଚାପାଲି ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର
- ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ: ତହସିଲଦାର

ସମୟରେ ଅଭିଯୋଗ କରାଯାଇଛି। ମାତ୍ର ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ବେଆଇନ ଭାବେ ଦିଆଯାଇଥିବା ଉକ୍ତ ଜମି ପଟ୍ଟାକୁ ରଦ୍ଦ କରିବାକୁ ଘିଚାପାଲି ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ରାଜକୁମାର ସାହୁ, ଶ୍ୟାମ ସୁନ୍ଦର ନନ୍ଦ, ପ୍ରଶାନ୍ତ ସାହୁ, ରାମଚନ୍ଦ୍ର କଳତା, ରତନ ନାଏକ, ବାବୁଲାଲ ସାହୁ, ନରସିଂହ ଚୌଧୁରୀ, ଲୋକନାଥ ଗୁରୁ, ସବଦିଲାଲ ବିଶ୍ୱାଳ, ଶଙ୍କର୍ଷଣ ନାଏକ, କୃଷ୍ଣଚନ୍ଦ୍ର ନନ୍ଦଙ୍କ ସମେତ ଅନେକ ଲୋକଙ୍କ ଦସ୍ତଖତ ଥିବା ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ବୀରମହାରାଜପୁର ତହସିଲଦାର ବିବୁଧ ଗଣନାୟକଙ୍କୁ ପଚାରିବାରୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ସୁଧୀର



@ ରମେଶ



@ ପ୍ରକାଶ



@ ଦେବଦତ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



**ପାଗଳା କୁକୁର କାମୁଡାରେ ୧୨ଆହତ**

ଟିଟିଲାଗଡ଼,(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡ ନିକଟ ବାଞ୍ଜିପଦର ପଞ୍ଚାୟତ ରିକଡୁଲ ଗ୍ରାମର ସ୍କୁଲ ପାଖରେ ମଙ୍ଗଳବାର ଏକ ପାଗଳ କୁକୁର କାମୁଡାରେ ୧୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଟିଟିଲାଗଡ ସରକାରୀ ଡାକ୍ତରଖାନାରେ ପ୍ରାରମ୍ଭିକ ଚିକିତ୍ସା ପରେ ଆହତମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ନାବାଳକ ପର୍ବିନ ବେନିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

## ସଂକ୍ଷେପରେ

### ନୂତନ ଥାନା ନିର୍ମାଣ ନେଇ ଦାବି ଜଣାଇଲେ ବିଧାୟିକା କୁସୁମ

ସୁନ୍ଦରଗଡ,୮।୮(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମଙ୍ଗଳବାର ଗୃହ ବିଭାଗର ଅତିରିକ୍ତ ସଚିବ ଦେଓରଞ୍ଜନ କୁମାର ସିଂଙ୍କୁ ଭେଟି ବିଲେଇମୁଣ୍ଡାଠାରେ ନୂତନ ଥାନା ନିର୍ମାଣ ପାଇଁ ଦାବି ଜଣାଇଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଏ ନେଇ ଚିଠି ଲେଖି ଦାବି ଜଣାଇଛନ୍ତି। ଏଥିରେ ଦର୍ଶାଇଛନ୍ତି ଯେ, ଜିଲାର ଗୋପାଳପୁରଠାରୁ ଟପରିଆ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳ ରହିଛି। ଏଠାରେ ବର୍ତ୍ତମାନ ନୂତନ କୋଇଲା ଖଣି ଆରମ୍ଭ ହେବାରେ ଲାଗିଛି। ଗତ କିଛି ଦିନ ହେଲା ଏହି ସବୁ ପାଶ୍ୱର୍ବର୍ତ୍ତୀ ଗ୍ରାମ ଗୁଡିକରେ ଲଗାତାର ଚୋରି ବୃଦ୍ଧି ହେବାରେ ଲାଗିଛି। ଯେହେତୁ ଏହି ଗ୍ରାମ ଗୁଡିକ ସୀମାନ୍ତ ଛତିଶଗଡ ରାଜ୍ୟକୁ ଲାଗିଛି, ଚୋରି, ଡକାୟତି ଭଳି ଅପରାଧ କରିବା ପରେ ଅପରାଧୀମାନେ ଅନାୟସରେ ବାହାର ରାଜ୍ୟକୁ ଚାଲି ଯିବାରେ ସଫଳ ହେଉଛନ୍ତି। ତେଣୁ ବିଲେଇମୁଣ୍ଡା ଲୁହାବାହାଲଠାରେ ଏକ ଥାନା ନିର୍ମାଣ କରିବାକୁ ବିଧାୟିକା ଟେଟେ ଦାବି କରିଛନ୍ତି। ଗତ କିଛିଦିନ ପୂର୍ବରୁ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ହେମଗିରି ବ୍ଲକ ଅଧକ୍ଷଙ୍କ ଘରେ ସଶସ୍ତ୍ର ଡକାୟତି ଘଟଣା ପରେ ବିଭିନ୍ନ ଗଣମାଧ୍ୟମରେ ବିଲେଇମୁଣ୍ଡାଠାରେ ଥାନା ପ୍ରତିଷ୍ଠା ନେଇ ଦାବି ଉଠିଥିଲା।

# ଅପହୃତ ଶିକ୍ଷକ ଉଦ୍ଧାର, ୩ ଗିରଫ

- ସ୍କର୍ପିଓ, ଗୁଳି, ଦେଶୀ ପିସ୍ତଲ, ନଗଦ ୫୦ ହଜାର ଟଙ୍କା ଜବତ
- ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ତନାଘନା
- ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ବଢ଼ୁଛି ଆପରାଧିକ କାର୍ଯ୍ୟ

ସୁନ୍ଦରଗଡ଼,୮।୮(ଜୟ ନାରାୟଣ ମେଣ୍ଡୁଲି)


ଗିରଫ ୩ ଅଭିଯୁକ୍ତ।

ସୁନ୍ଦରଗଡ଼ ଜିଲା ଓଡ଼ିଶା-ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳରେ ଏବେ ଆପରାଧିକ କାର୍ଯ୍ୟ କଳାପ ବୃଦ୍ଧି ପାଇବାରେ ଲାଗିଛି। ହେମଗିର ଥାନା ଅନ୍ତର୍ଗତ ବିଲେଇମୁଣ୍ଡାରେ ପୂର୍ବତନ ବ୍ଲକ ଅଧକ୍ଷଙ୍କ ଘରେ ସଶସ୍ତ୍ର ଡକାୟତି ଘଟଣା ମନରୁ ଲିଭି ନ ଥିବାବେଳେ ମଙ୍ଗଳବାର ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ପୁରୁଣ୍ଟି କିଞ୍ଜିରିକେଲା ଥାନା ବ୍ରାହ୍ମଣମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିବା ଘଟଣା ଏବେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପ୍ରଧାନଶିକ୍ଷକ ହେଲେ ସର୍ବେଶ୍ୱର ଦାସ। କିଞ୍ଜିରିକେଲା ଥାନା ପୋଲିସ ସର୍ବେଶ୍ୱରଙ୍କୁ ଉଦ୍ଧାର କରିବା ସହ କେଶ ନଂ ୧୨୫/୨୦୨୩ରେ ୩୬୪(ଏ), ୩୪ଆଇପିସି ଏବଂ ୨୫/୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାଜ୍ୟ ଯଶପୁର ଜିଲା ତୁମଲା ଥାନା କୋନପରାର ଶଙ୍କର ସାହୁ(୪୪), ଟିଙ୍କିଲିପଡା ଗ୍ରାମର ସଞ୍ଜୟ କୁମାର ପ୍ରଧାନ(୩୦) ଓ ଅଶୋକ ଅପାଟ(୪୩)। ପୋଲିସ ସେମାନଙ୍କ ନିକଟରୁ ଅପହରଣ ଘଟଣାରେ ବ୍ୟବହୃତ ଗୋଟିଏ ସ୍କର୍ପିଓ, ୨ ରାଉଣ୍ଡ ଗୁଳି, ଦେଶୀ ପିସ୍ତଲ, ନଗଦ ୫୦ ହଜାର ଟଙ୍କା, ଶିକ୍ଷକଙ୍କ ଆଧାର କାର୍ଡ ଓ ସ୍କୁଟି ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ସର୍ବେଶ୍ୱର ସ୍କୁଲ ସାରି ବାଲିଶଙ୍କରାସ୍ଥିତ ତାଙ୍କ ଭଡା ଘରକୁ ଫେରୁଥିଲେ। ବ୍ରାହ୍ମଣମରା ଏକ ରାଶନ ଦୋକାନରୁ ସାମଗ୍ରୀ କିଣିବା ବେଳେ ସେଠାରେ ଜଣେ ଯୁବକ ତାଙ୍କ ସହିତ ଯିବାକୁ ଲିଫ୍ଟ ମାଗିଥିଲେ। ସର୍ବେଶ୍ୱର ତାଙ୍କୁ ସ୍କୁଟିରେ ବସାଇ ନେଇଥିଲେ। ଏହା ପରେ ଯୁବକ ଜଣକ ବ୍ରାହ୍ମଣମରା ବ୍ରିଜ ପାଖରେ ତାଙ୍କୁ ଓହ୍ଲାଇ ଦେବାକୁ କହିଥିଲେ। ଯୁବକଙ୍କୁ ଓହ୍ଲାଇବା ସମୟରେ ରାସ୍ତା ପାର୍ଶ୍ୱ ଜଙ୍ଗଲରୁ ପ୍ରଥମେ ୨ଜଣ ବାହାରି ଆସି ଶିକ୍ଷକଙ୍କ ଗାଡି ଚାବି ଛଡାଇ ନେଇଥିଲେ। ଏହାପରେ ତାଙ୍କୁ ଏକ ସ୍କର୍ପିଓ ଗାଡିରେ ୬ ଅଭିଯୁକ୍ତ ସ୍ଥାନୀୟ ଜଙ୍ଗଲକୁ ନେଇ ନିସ୍ତୁକ ବାଡେଇବା ସହ ଫୋନ ପେ' ପାସୱାର୍ଡ ମାଗିଥିଲେ। ହେଲେ ସେଥିରେ ଟଙ୍କା ନ ଥିବା କହିବାରୁ ପୁଣି ତାଙ୍କୁ ମାଡ ମାରିଥିଲେ। ଏହାପରେ ଶିକ୍ଷକଙ୍କ ମୋବାଇଲ ଫୋନରେ ତାଙ୍କ ସ୍ତ୍ରୀଙ୍କୁ ୫ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିଲେ। ଏତେ ଟଙ୍କା ଦେବାକୁ ସ୍ତ୍ରୀ ଅକ୍ଷମ କହିବାରୁ ୧ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ପ୍ରଥମେ ୫୦ ହଜାର ଏବଂ ପରେ ଆଉ ୫୦ ହଜାର ଦେବାକୁ ଅଭିଯୁକ୍ତମାନେ କହିଥିଲେ। ନଚେତ ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାପରେ ୬ ଅପହରଣକାରୀ ଶିକ୍ଷକଙ୍କୁ ଛତିଶଗଡ ଜଙ୍ଗଲ ଆଡକୁ ନେଇଯାଇଥିଲେ। ଏ ସମ୍ପର୍କରେ ସ୍ତ୍ରୀ କିଞ୍ଜିରିକେଲା ଥାନାକୁ ଜଣାଇଥିଲେ। ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ହିମାଂଶୁ ବେହେରାଙ୍କ ତତ୍ତ୍ୱାବଧାନରେ ଥାନା ଆଇଆଇସି ଜଗଦୀଶ ବାରାଙ୍କ ନେତୃତ୍ୱରେ ୨ଟି ଟିମ୍ ଗଠିତ ହୋଇଥିଲା। ଯୋଜନା ମୁତାବକ ଅପହରଣକାରୀମାନେ ଶିକ୍ଷକଙ୍କ ସ୍ତ୍ରୀଙ୍କଠାରୁ ଭ୍ୟାନିଟି ବ୍ୟାଗରେ ୫୦ହଜାର ଟଙ୍କା ନେଇ ଫେରାର ହେଉଥିବା ବେଳେ ପୋଲିସ ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଛତିଶଗଡ଼ ତୁମଲା ଜଙ୍ଗଲରୁ ଧରିଥିଲା। ଅନ୍ୟ ୩ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ପ୍ରକାଶ ଥାଉକି, ଗତ ମାସରେ ଏହି ଥାନା ଅନ୍ତର୍ଗତ ଛତିଶଗଡ଼ ସୀମାବର୍ତ୍ତୀ ହୁର୍ମେଇ ଗ୍ରାମରେ ଏକ ଜନସେବା କେନ୍ଦ୍ରର ମାଲିକଙ୍କୁ ମାଡ ମାରି ଲୁଟେରାମାନେ ଟଙ୍କା ଲୁଟି ନେଇଥିଲେ।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ସୁଧିର


@ ରମେଶ


@ ପ୍ରକାଶ


@ ଦେବଦତ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଲ୍ୟାଣ ବିଭାଗ କମିଶନରଙ୍କୁ ସାକ୍ଷାତ, ୧୫ ଦଫା ଦାବି ଉପସ୍ଥାପନ



ସୁନ୍ଦରଗଡ଼,୮।୮( ଜୟ ନାରାୟଣ ମେଣ୍ଡୁଲୀ)

ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର କାର୍ଯ୍ୟକାରୀ କମିଟିର ସଭ୍ୟାସଭ୍ୟମାନେ ସୋମବାର ବିଭାଗୀୟ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁଙ୍କୁ ଭୁବନେଶ୍ୱରଠାରେ ସାକ୍ଷାତ କରିଥିଲେ। ସଂଘ ତରଫରୁ ୧୫ଦଫା ଦାବି ଉପସ୍ଥାପନା କରି ଶାସନ ସଚିବଙ୍କ ସହ ଆଲୋଚନା କରିଥିଲେ। ସଂଘର ରାଜ୍ୟ ସଭାପତି ତଥା ସୁନ୍ଦରଗଡ ଜିଲା ଅଲେଇକେରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ତାଜନଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଏହାପରେ ବିଭାଗର ଅନ୍ୟ ପଦାଧିକାରୀଙ୍କ ସହ ମଧ୍ୟ ସାକ୍ଷାତ କରିଥିଲେ। ଶିକ୍ଷକଙ୍କ ବିଭିନ୍ନ ଦାବି ସମ୍ପର୍କରେ ବିଚାର କରି ସେପ୍ଟେମ୍ବର ମାସରେ ସଂଘ କର୍ମକର୍ତ୍ତାଙ୍କ ସହିତ ବିସ୍ତୃତ ଆଲୋଚନା କରିବେ ବୋଲି ଶାସନ ସଚିବ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ ଆଲୋଚନା ବେଳେ ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ରଥ, ମହିଳା ପ୍ରତିନିଧି ସରାମଣି ଦେଇ, କୋଷାଧ୍ୟକ୍ଷ କାଳୀକିଙ୍କର ପଟ୍ଟନାୟକ, ଉପସଭାପତି ଦୈତାରୀ ଦିଗାଲ, ସଂଘ ମୁଖପାତ୍ର ରାଜେନ୍ଦ୍ର କୁମାର ଜଗତ, ମଣ୍ଡଳ ସ୍ତରୀୟ ସମ୍ପାଦକ ପ୍ରଫୁଲ୍ଲ ଜଗତ, ତୀର୍ଥ ରାଜା ନାୟକ, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଖାଲଖମାରେ ଭର୍ତ୍ତି ରାସ୍ତା, ବର୍ଷାଦିନେ ବଢୁଛି ଦୁର୍ଦ୍ଦଶା

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**



ନୂଆଗାଁ,୮।୮(ବିଜୟ ତ୍ରିପାଠୀ)

ରାସ୍ତା ଉନ୍ନତିକରଣ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତଥାପି ରାସ୍ତାର ରୂପରେଖ ବଦଳୁ ନାହିଁ। ଅନେକ ଗାଁରେ ଏବେ ବି ଗମନାଗମନ ପାଇଁ ଭଲ ରାସ୍ତାଟିଏ ନାହିଁ। ଲୋକେ ବିପଦ ସଙ୍କୁଳ ଅବସ୍ଥାରେ ଯା' ଆସ କରୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅଙ୍କୁରପାଲି ପଞ୍ଚାୟତ ଲାନକୋଇ ଗ୍ରାମଠାରୁ କେମାଙ୍ଗ କୁମ୍ଭାର ବସ୍ତି ପର୍ଯ୍ୟନ୍ତ ଥିବା ରାସ୍ତାରେ। ରାସ୍ତାଟି ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷା ଦିନେ ଦୁର୍ଦ୍ଦଶା ବଢ଼ିଯାଉଛି। ଯାନବାହାନ ତ ଦୂରର କଥା ପାଦରେ ଚାଲିକି ଯିବା ବି କଷ୍ଟକର ହୋଇପଡୁଛି। ଛାତ୍ରୀଛାତ୍ର ସ୍କୁଲ, କଲେଜ ଯିବାକୁ ସମସ୍ୟା ଭୋଗୁଛନ୍ତି। ଏପରିକି ଆମ୍ବୁଲାନ୍ସ ମଧ୍ୟ ଗାଁ ଭିତରକୁ ଯାଇପାରୁନାହିଁ। ଦୀର୍ଘ ଦିନ ଧରି ରାସ୍ତା ଏଭଳି ପଡି ରହିଛି। ଏହି ସମସ୍ୟାକୁ ନେଇ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳୁନଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗୋ ଚମଡ଼ା, ହାଡ଼ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍ ଜବତ, ୩ ଅଟକ

ଲହୁଣୀପଡ଼ା,୮।୮(ଦାଶରଥି ପଣ୍ଡା)

ଏକ ପିକ୍‌ଅପ ଭ୍ୟାନ ଯୋଗେ ଗୋ ଚମଡ଼ା ଓ ହାଡ ଭର୍ତ୍ତି ହୋଇ କୁତ୍ରା ବ୍ଲକ ଅଞ୍ଚଳରୁ ପଶ୍ଚିମବଙ୍ଗକୁ ବେନିୟମଭାବେ ଚୋରା ଚାଲାଣ ହେଉଥିବା ବେଳେ ଦର୍ଜାଂସ୍ଥିତ ଟୋଲ ଗେଟ୍ ନିକଟରେ ଧରାପଡ଼ିଛି। ଲହୁଣୀପଡ଼ା ପୋଲିସ ପିକ୍‌ଅପ ଭ୍ୟାନ ଜବତ କରିବା ସହ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏଥିସହ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଲହୁଣୀପଡ଼ା ବ୍ଲକ ୧୪୩ ନମ୍ବର ଜାତୀୟ ରାଜପଥ ଦର୍ଜାଂସ୍ଥିତ ଟୋଲ ପ୍ଲାଜାଠାରେ ଗାଡିର ଟୋଲ ଟ୍ୟାକ୍ସ ପଇଠ କରୁଥିବା ସମୟରେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। କ'ଣ ଯାଉଛି ବୋଲି ସ୍ଥାନୀୟ ଲୋକେ ପଚାରିବାରୁ ପିକ୍‌ଅପ ଭ୍ୟାନରେ ଥିବା ମହିଳା ସମେତ ଅନ୍ୟ ୨ଜଣ କହିଥିଲେ କୁକୁଡ଼ା ଖାଦ୍ୟ ଯାଉଛି। ଏନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏ ସଂକ୍ରାନ୍ତରେ ଲହୁଣୀପଡ଼ା ପୋଲିସ ଓ ବଜରଙ୍ଗ ଦଳ, ଗୋ ରକ୍ଷକ ଦଳ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସ ଗୋ ଚମଡା, ହାଡ଼ ବୋଝେଇ ଡବ୍ଲ୍ୟୁବି – ୩୫– ୪୬୩୭ ନମ୍ବର ପିକପ୍ ଭ୍ୟାନ ଜବତ କରିବା ସହ ୩ ଜଣଙ୍କୁ ଥାନାକୁ ଆଣିଥିଲେ। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି, କୁତ୍ରା ବ୍ଲକ ଖତକୁରୀ ବାହାଲ ଗ୍ରାମରୁ ଉକ୍ତ ପିକ୍‌ଅପ ଭ୍ୟାନ ଯୋଗେ ପ୍ରାୟ ୨୫ ବସ୍ତାରୁ ଊର୍ଦ୍ଧ୍ୱ ଗୋ ଚମଡା ହାଡ଼ ସିଙ୍ଘ ବେନିୟମ ଭାବେ ପଶ୍ଚିମବଙ୍ଗ ଖଡ଼ଗପୁର ଅଞ୍ଚଳକୁ ଚାଲାଣ କରାଯାଉଥିଲା। ମାଜିଷ୍ଟ୍ରେଟଭାବେ ଲହୁଣୀପଡ଼ା ତହସିଲଦାର ସୌଦାମିନୀ ନାଏକଙ୍କ ଉପସ୍ଥିତରେ ଲହୁଣୀପଡ଼ା ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଅନିକେଶ ମହାନ୍ତି, ଖୁଣ୍ଟୁଗାଁ ପ୍ରାଣୀ ଚିକିତ୍ସକ ଚନ୍ଦ୍ରକାନ୍ତ ଜେନା ଓ ସହଯୋଗୀ ଜଗନ୍ନାଥ ମାହାନ୍ତ ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱରକୁ ପଠାଇବେ ବୋଲି ସୂଚନା ଦେଇଥିଲେ।

## ଟପରିଆଠାରେ ଥାନା ପ୍ରତିଷ୍ଠା ପାଇଁ ଏସ୍‌ପିଙ୍କୁ ଭେଟିଲେ ଯୋଗେଶ

ସୁନ୍ଦରଗଡ,୮।୮(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀର ହେମଗିର ବ୍ଲକ ଅନ୍ତର୍ଗତ ଓଡିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ଟପରିଆଠାରେ ଏକ ଥାନା ପ୍ରତିଷ୍ଠା ଦାବି କରି ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂହ ମଙ୍ଗଳବାର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ସାକ୍ଷାତ କରିଥିଲେ। ଓଡିଶା ପୋଲିସ ବିଭାଗର ଉପମହା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ସାକ୍ଷାତ ସମୟରେ ସଦର ବ୍ଲକ କ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ସୁନ୍ଦରଗଡ ଜିଲା ବିଜୁ ଜନତା ଦଳର ଉପ ସଭାପତି ଜିତେନ୍ଦ୍ର କର, ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ସୟଦ ସେହବାଜ ହୁସେନ, ସାଲେପାଲି ସରପଞ୍ଚ ସ୍ୱର୍ଣ୍ଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ପ୍ରସ୍ତାବିତ କୋଇଲା ଖଣିକୁ ବିରୋଧ**
ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ସାମିଲ


କୋଇଲା ଖଣି ବିରୋଧରେ ବିଶାଳ ଶୋଭାଯାତ୍ରା।

ସମ୍ବଲପୁର/ବ୍ରଜରାଜନଗର,୮।୮
(ଶୁଭାଶିଷ ପାଢ଼ୀ/ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁଡ଼ାଲୋଇ ନର୍ଥ-ଏ'ଠାରେ ପ୍ରସ୍ତାବିତ କୋଇଲା ଖଣିକୁ ବିରୋଧ ଜାରି ରହିଥିବା ବେଳେ ମଙ୍ଗଳବାର ଏହା ଉଗ୍ରରୂପ ନେଇଥିଲା। ହଜାର ସଂଖ୍ୟାରେ ଅଞ୍ଚଳବାସୀ ବେହେରାମାଲ କିଷାନ ଛକରୁ ପଦଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ସେଠାରେ ପ୍ରାୟ ୪ଘଣ୍ଟା ଧରି ବିକ୍ଷୋଭ ସମାବେଶ ହୋଇଥିଲା। ବିସ୍ଥାପିତ ସଂଗ୍ରାମ ସମିତି, ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ଆହ୍ୱାନକ୍ରମେ ସମାବେଶରେ ବିଭିନ୍ନ ସଙ୍ଗଠନ, ରାଜନୈତିକ ବ୍ୟକ୍ତି, ବୁଦ୍ଧିଜୀବୀ, ପରିବେଶବିତ୍ ସାମିଲ ହୋଇଥିଲେ। ପରେ ଜିଲାପାଳ ଆବୋଲି ସୁନୀଲ ନରୱଣେ ସମାବେଶ ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ।

ଆନ୍ଦୋଳନକାରୀ ଦର୍ଶାଇଥିଲେ, ବେଦାନ୍ତ କମ୍ପାନୀ କୋଇଲା ଖନନ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଗଷ୍ଟ ୧ରେ ଜନଶୁଣାଣି ହୋଇଥିଲା। ଏଥିରେ ଜିଲା ପ୍ରଶାସନ ଓ ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀମାନେ ଉପସ୍ଥିତ ଥିଲେ। ହେଲେ ଉକ୍ତ ଜନଶୁଣାଣିକୁ ବିସ୍ଥାପିତମାନଙ୍କୁ ପୂରାଇ ଦିଆଯାଇ ନ ଥିଲା। କମ୍ପାନୀକୁ ସୁହାଇଲା ଭଳି ଅଳ୍ପ କେତେଜଣ ଲୋକଙ୍କୁ ନେଇ ଶୁଣାଣି ହୋଇଥିଲା। ଏହାକୁ ସେତେବେଳେ ତୀବ୍ର ବିରୋଧ କରାଯାଇଥିଲା। ଏପରି କି ମାରପିଟ ହୋଇ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ ଉକ୍ତ ଜନଶୁଣାଣି ବାତିଲକରି ପୁଣି ଥରେ କରିବାକୁ ଲୋକେ ଦାବି କରିଥିଲେ। ଅନ୍ୟପଟେ ଏହି କୋଇଲାଖଣିକୁ ନେଇ ପୂର୍ବରୁ ୨୦୨୧ରେ ଜନଶୁଣାଣି ହୋଇଥିଲା। ବିରୋଧ ହେବା ଫଳରେ ଆଜିପର୍ଯ୍ୟନ୍ତ ହୋଇପାରି ନ ଥିଲା। କୋଇଲା ଖଣି ହେବା ଫଳରେ ପିପିଲିମାଲ ପଞ୍ଚାୟତ, ବନଜାରି ପଞ୍ଚାୟତ, କୁଡାଲୋଇ, ବରତାପ ଗ୍ରାମ, ଧରାମୁଣ୍ଡା, ବେଲପାହାଡ଼ ମ୍ୟୁନିସିପାଲିଟିର ୧୭ନଂ. ୱାର୍ଡ ଲୁହୁରାପଡ଼ା ପରିସୀମା ପ୍ରଭାବିତ ହେବ। ପ୍ରଥମ ପର୍ଯ୍ୟାୟରେ ୨୪ ଏକରରେ ଏହି କୋଇଲା ଖନନ ପାଇଁ ଜଣଶୁଣାଣି ହୋଇଥିଲା। ସେଥିରେ ବହୁ ପରିବାରଙ୍କ ରୟତି ଜମି ରହିଛି। ୬ ହଜାର ଲୋକ ପ୍ରଭାବିତ ହେବା ଆଶଙ୍କା ରହିଛି। ଏହି ଅଞ୍ଚଳରେ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ସହ ଚାଷଜମି ମଧ୍ୟ ରହିଛି। ଏହା ଉପରେ ନିର୍ଭର କରି ଲୋକମାନେ ଜୀବିକା ନିର୍ବାହ କରୁଛନ୍ତି। ଏବେ ଜମି ନେବା ଫଳରେ ସେମାନେ ଜୀବିକା ହରାଇ ବସିବେ। ଝାରସୁଗୁଡ଼ା ଅତି ପ୍ରଦୂଷିତ ସହର ଭାବେ ପୂର୍ବରୁ ଏନ୍‌ଜିଟି ଚିଠି କରିଛି। ତେଣୁ ସହରକୁ ଆଉ ପ୍ରଦୂଷଣ କରା ନ ଯାଉ ବୋଲି ଦାବି କରିଥିଲେ। ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ସତ୍ୟନାରାୟଣ ରାଓଙ୍କ ସମେତ ବିରଞ୍ଚି ସାହୁ, ଗୋପୀନାଥ ମାଝି, ବିଜୟ କୁମାର ଦାସ, ତ୍ରିନାଥ ଗୁଆଲ, ସୁରେନ୍ଦ୍ର ସାହୁ, ରମେଶ ତ୍ରିପାଠୀ, ରତ୍ନାକର ପ୍ରଧାନ, ବୁଲୁ ସେନାପତି, ସିଆରାମ ଦାସ ପ୍ରମୁଖଙ୍କ ନେତୃତ୍ୱରେ ସମାବେଶ ହୋଇଥିଲା।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୯/୨୦୨୩ Bhubaneswar, Wednesday, August 9/ 2023

# କୁଲଦୀପଙ୍କ ପ୍ରଭାବୀ ବୋଲିଂ


କୁଲଦୀପ ଯାଦବ

ଗୁଏନା,୮।୮(ପି.ଟି.)

ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ସିରିଜର ତୃତୀୟ ଟି୨୦ ମ୍ୟାଚରେ ଭାରତୀୟ ସ୍ପିନରଙ୍କ ଦୃଢ ପ୍ରଦର୍ଶନ। କୁଲଦୀପ ଯାଦବ ପ୍ରଭାବୀ ବୋଲିଂ କରିବା ସହିତ ୩ ଉଇକେଟ ନେଇଥିବା ବେଳେ ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୫ ଉଇକେଟ ହରାଇ ୧୫୯ ରନ୍ ସ୍କୋର କରିଛି। ଦଳ ପକ୍ଷରୁ ବ୍ରାଣ୍ଡନ କିଙ୍ଗ ସର୍ବାଧିକ ୪୨ ରନ୍ କରିଥିବା ବେଳେ ଭାରତ ପକ୍ଷରୁ କୁଲଦୀପ ଯାଦବ ୩ ଉଇକେଟ ନେଇଥିଲେ।

## ତୃତୀୟ ଟି୨୦

ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରିଥିବା ବେଳେ ଦୁଇ ଓପନର ପ୍ରଥମ ଉଇକେଟରେ ୫୫ ରନ୍ ଯୋଡିଥିଲେ। ବ୍ରାଣ୍ଡନ୍ କିଙ୍ଗ ସର୍ବାଧିକ ୪୨ ରନ୍ ସ୍କୋର କରିଥିବା ବେଳେ ଅନ୍ୟତମ ଓପନର କାଇଲ ମେୟର୍ସ ୨୫ ରନ୍ କରିଥିଲେ। ଅକ୍ଷର ପଟେଲଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ମେୟର୍ସ ଆଉଟ ହୋଇଥିଲେ। ଏହାର ଦୁଇ ଓଭର ପରେ ୧୨ ରନ୍ କରି ଜନସନ୍ ଚାର୍ଲ୍ସ ଆଉଟ ହୋଇଥିଲେ। ଗତ ମ୍ୟାଚ୍ର ପ୍ଲେୟର ଅଫ୍ ଦ ମ୍ୟାଚ୍ ନିକୋଲାସ ପୁରନ(୨୦) ଓ ବ୍ରାଣ୍ଡନ କିଙ୍ଗ ତୃତୀୟ ଉଇକେଟରେ ୩୦ ରନ୍ ଯୋଡିଥିଲେ। ୧୫ ତମ ଓଭରରେ ୪ ବଲ ବ୍ୟବଧାନରେ କୁଲଦୀପ ଯାଦବ ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ। ପୁରନ୍ ୧୨ ବଲ୍ ଖେଳି ୨ ଚୌକା ଓ ୧ ଛକା ସହ ୨୦ ରନ୍ କରିଥିଲେ। ଅନ୍ୟ ପକ୍ଷରେ କିଙ୍ଗ ୪୨ ବଲ୍ ଖେଳି ୫ଚୌକା ଓ ୧ ଛକା ମାରିଥିଲେ। ଶେଷ ଆଡକୁ ଅଧିନାୟକ ରୋଭମାନ ପାୱେଲଙ୍କ ଦ୍ରୁତ ୪୦ ରନ୍ ବଳରେ ଘରୋଇ ଦଳ ୧୫୯ ରନରେ ପହଞ୍ଚିଥିଲା। ପାୱେଲ ୧୯ ବଲ୍ ଖେଳି ୪୦ ରନ୍ ସ୍କୋର କରିଥିଲେ। ଏହି ଇନିଂସରେ ୧ ଚୌକା ଓ ୩ ଛକା ସାମିଲ ଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷର ପଟେଲ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୫୯/୫ (ବ୍ରାଣ୍ଡନ୍ କିଙ୍ଗ-୪୨, ରୋଭମାନ ପାୱେଲ-୪୦*, କାଇଲ ମେୟର୍ସ-୨୫, କୁଲଦୀପ ଯାଦବ-୩/୨୮, ମୁକେଶ କୁମାର-୧/୧୯, ଅକ୍ଷର ପଟେଲ-୧/୨୪)।

# ଗୋଟିଏ ଗ୍ରୁପ୍‌ରେ ଭାରତ, ପାକିସ୍ତାନ

ନୂଆଦିଲ୍ଲୀ,୮।୮(ପି.ଟି.)

ଚାଇନାର ହାଙ୍ଗଝୌରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ୍ ଗେମ୍ସ ୨୦୨୩ର ହକି କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ପୁରୁଷ ବର୍ଗରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଉଭୟ ଦଳ ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ବେଳେ ଜାପାନ, ବାଂଲାଦେଶ, ସିଙ୍ଗାପୁର ଓ ଉଜବେକିସ୍ତାନ ମଧ୍ୟ ସମାନ ଗ୍ରୁପ୍‌ରେ ସାମିଲ ଅଛନ୍ତି। ଭାରତ ସେପ୍ଟେମ୍ବର ୨୪ ତାରିଖରେ ଉଜ୍‌ବେକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଅନ୍ୟପକ୍ଷରେ ସେପ୍ଟେମ୍ବର ୩୦ ତାରିଖରେ ବହୁ ପ୍ରତୀକ୍ଷିତ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯିବ। ମହିଳା ହକି ଦଳ ମଧ୍ୟ ପୁଲ୍ ଏ'ରେ ସ୍ଥାନ ପାଇଛି। ହଂକଂ, ସିଙ୍ଗାପୁର, ଦକ୍ଷିଣ କୋରିଆ ଓ ମାଲେସିଆ ଏହି ଗ୍ରୁପ୍‌ରେ ସାମିଲ ଅଛନ୍ତି। ମହିଳା ଦଳ ସେପ୍ଟେମ୍ବର ୨୭ ତାରିଖରେ ସିଙ୍ଗାପୁର ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।

୨୦୧୮ର ଜାକାର୍ତ୍ତା ଏସିଆନ୍ ଗେମ୍ସ ପରି ଆମେ ଏକ ଶକ୍ତିଶାଳୀ ଗ୍ରୁପ୍‌ରେ ସ୍ଥାନ ପାଇଛୁ ବୋଲି ଭାରତୀୟ ପୁରୁଷ ଦଳ ଅଧିନାୟକ ହରମନ୍‌ପ୍ରୀତ ସିଂ କହିଛନ୍ତି। ଉକ୍ତ ସଂସ୍କରଣର ସ୍ୱର୍ଣ୍ଣ ବିଜେତା ଜାପାନ ଏହି ଗ୍ରୁପ୍‌ରେ ରହିଛି। ତେବେ ସମସ୍ତ ଦଳକୁ ଆମେ ସମାନ ଢଙ୍ଗରେ ଦେଖୁଛୁ। କୌଣସି ମୁକାବିଲାକୁ ଆମେ ହାଲୁକା ଭାବରେ ନେଉନାହୁଁ ବୋଲି ହରମନପ୍ରୀତ କହିଛନ୍ତି। ବର୍ତ୍ତମାନ ଏହି ଦଳଗୁଡ଼ିକ ମଧ୍ୟରୁ କିଛି ଦଳଙ୍କ ସହିତ ଆମେ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ କରୁଛୁ। ଏହି ଅଭିଜ୍ଞତା ଏସିଆନ୍ ଗେମ୍ସରେ ଆମକୁ ଫାଇଦାରେ ରଖିବ ବୋଲି ହରମନ୍‌ପ୍ରୀତ୍ କହିଛନ୍ତି। ସମସ୍ତ ବିପକ୍ଷ ଦଳର ଶକ୍ତି ଓ ସାମର୍ଥ୍ୟ ଅନୁସାରେ ରଣନୀତି ପ୍ରସ୍ତୁତ କରିବୁ ବୋଲି ସେ କହିଛନ୍ତି। ପୁରୁଷ ଗ୍ରୁପ୍ ବି'ରେ ଦକ୍ଷିଣ କୋରିଆ, ମାଲେସିଆ, ଚାଇନା, ଓମାନ, ଥାଇଲାଣ୍ଡ ଓ ଇଣ୍ଡୋନେସିଆ ସ୍ଥାନ ପାଇଛନ୍ତି। ମହିଳା ବର୍ଗର ଗ୍ରୁପ୍ ବି'ରେ ଜାପାନ, ଚାଇନା, ଥାଇଲାଣ୍ଡ, କାଜାଖସ୍ତାନ ଓ ଇଣ୍ଡୋନେସିଆ ସହ ସ୍ଥାନ ପାଇଛନ୍ତି।

## ଏସିଆନ୍ ଗେମ୍ସ ହକି

ପୁରୁଷ ଦଳ ଉଜବେକିସ୍ତାନ ସହ ପ୍ରଥମ ମ୍ୟାଚ୍ ଖେଳିବା ପରେ ସେପ୍ଟେମ୍ବର ୨୬ରେ ସିଙ୍ଗାପୁର, ୨୮ରେ ଜାପାନ ଓ ପାକିସ୍ତାନ ଏବଂ ବାଂଲାଦେଶ ସହିତ ଯଥାକ୍ରମେ ସେପ୍ଟେମ୍ବର ୩୦ ଓ ଅକ୍ଟୋବର ୨ ତାରିଖରେ ମ୍ୟାଚ୍ ଖେଳିବ। ୨୦୧୮ରେ ରୌପ୍ୟ ଜିତିଥିବା ଭାରତୀୟ ମହିଳା ଦଳ ଚଳିତ ସଂସ୍କରଣରେ ସ୍ୱର୍ଣ୍ଣ ଜିତିବାକୁ ପ୍ରୟାସ କରିବ ବୋଲି କହିଛନ୍ତି ଅଧିନାୟିକା ସବିତା ପୁନିଆ। ଦଳର କ୍ୟାମ୍ପ ଓ ପ୍ରସ୍ତୁତି ଶିବିର ଚମତ୍କାର ରହିଥିବା ବେଳେ ଏଥିରୁ ଭଲ ଫଳ ମିଳିବ ବୋଲି ସେ ଆଶା ରଖିଛନ୍ତି। ଗୋଙ୍ଗସୁ କାନାଲ ସ୍ପୋର୍ଟ୍ସ ପାର୍କ ଷ୍ଟାଡିୟମରେ ସମସ୍ତ ହକି ମ୍ୟାଚ ଖେଳାଯିବ। ଅକ୍ଟୋବର ୬ ତାରିଖରେ ପୁରୁଷ ଓ ଏହାର ଗୋଟିଏ ଦିନ ପରେ ମହିଳା ବର୍ଗର ଫାଇନାଲ ମ୍ୟାଚ୍ ଖେଳାଯିବ।

# ବିମାନରୁ ମନିକାଙ୍କ ବ୍ୟାଗ୍ ଉଭାନ

**ନୂଆଦିଲ୍ଲୀ,୮।୮(ପି.ଟି.):** ଭାରତୀୟ ଟେବୁଲ ଟେନିସ୍ ତାରକା ମନିକା ବାତ୍ରାଙ୍କ ସ୍ପୋର୍ଟିଙ୍ଗ କିଟ୍ ଥିବା ବ୍ୟାଗ୍ ବିମାନ ଯାତ୍ରା ସମୟରେ ଉଭାନ ହୋଇଯାଇଛି। ପେରୁରୁ କେଏଲ୍ଏମ୍ ଏୟାର ଲାଇନ୍ସର ବିମାନ ଜରିଆରେ ଏକ ଟୁର୍ନାମେଣ୍ଟ ପରେ ଫେରୁଥିବା ସମୟରେ ଏଭଳି ଘଟଣା ଘଟିଛି। ଏହି ଘଟଣାରେ ସେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଉକ୍ତ ବ୍ୟାଗରେ ମୋର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଓ କ୍ରୀଡା ଉପକରଣ ରହିଥିଲା ବୋଲି ମନିକା ଟୁଇଟ୍ କରିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ